୩୫ ସ୍ୱନକ୍ଷତ୍ର

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-156 ◆BHUBANESWAR ◆FRIDAY ◆1 DECEMBER 2023 ◆PAGE-16+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬+୮ ◆ଟ.୬.୦୦

obcc

ପ୍ରଗତି ପଥେ ଓବିସିସି

ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ

- ଶ୍ରୀ ମନ୍ଦିର ମେଘନାଦ ପାଚେରୀ ଚାରିପାଖରେ ୭୫ମିଟର ଓସାର କରିଡର
- ବଫର ଜୋନ୍ , ଅନ୍ତଃ ପ୍ରଦକ୍ଷିଣା, ସବୁଜ ଜୋନ୍, ବାହ୍ୟ ପ୍ରଦକ୍ଷିଣା
- ତୀର୍ଥଯାତ୍ରୀଙ୍କ ପାଇଁ ସୁବିଧା ବ୍ୟବସ୍ଥା ସେବା
- ୨୦ ମିଟର ଚଉଡା ବାହ୍ୟ ରାସ୍ତା

ମା ସମଲେଶ୍ୱରୀ ମନ୍ଦିର ପୁନଃବିକାଶ

- ନଦୀ ସମ୍ମୁଖ ବିକାଶ ସହିତ ଆଇକନିକ ପାଦଚଲା ବ୍ରିଜ୍ ଏବଂ ମନ୍ଦିର ଚାରିପାଖରେ ଐତିହାସିକ କରିଡର ସହ ଖଣ୍ଡୋଲାଇଟ୍ ଚଟାଣ
- ଧାଡ଼ି ଦର୍ଶନ୍, ୭୬ଟି ଦୋକାନ, ୬ଟି ଶୌଚାଳୟ ବ୍ଲକ୍ ଭୋଜନାଳୟ ଏବଂ ଶିଶୁ ଯତ୍ନ କୋଠରୀ ଇତ୍ୟାଦିର ସୁବିଧା
- ୨୧ ମିଟର ଉଚ୍ଚ ଘଣ୍ଟା ସ୍ତମ୍ଭ
- ୧୮ ଶବଦାହ ଏବଂ ୨ ଗ୍ୟାସ୍ ଫର୍ନେସ ସହ ଶ୍ମଶାନ

ଏସ୍.ସି.ବି ମେଡିକାଲ କଲେଜ ଓ ହସ୍ପିଟାଲ୍

- ୨୦୫୮ ବେଡ୍ ଥିବା ୪ଟି ଅତି ଉନ୍ନତମାନର କ୍ଲିନିକାଲ ବ୍ଲକ
- ୯୧୨ ରୁମ୍ ବିଶିଷ୍ଟ ୨ଟି ମହିଳା ହଷ୍ଟେଲ ଏବଂ ୨ଟି ପୁରୁଷ ହଷ୍ଟେଲ ସହିତ ଗୋଟିଏ ୪୨୦ କୋଠରୀ ବିଶିଷ୍ଟ ବରିଷ୍ଠ ରେସିଡେଣ୍ଟ ହଷ୍ଟେଲ
- ଡାକ୍ତରମାନଙ୍କ ରହିବା ପାଇଁ ମୋଟ ୬୭୨ ୟୁନିଟ୍ ସହ ୮ ମହଲା ବିଶିଷ୍ଟ କୋଠା

ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର

- ୧୪୦୦ କାର ପାଇଁ ରଖିବା ଜାଗା
- ଯେ କୌଣସି ସମୟରେ ୩୦୦୦ ବ୍ୟକ୍ତିଙ୍କ ବସିବା କ୍ଷମତା ରଖୁଥିବା ଓଡ଼ିଶାର ସର୍ବବୃହତ ବହୁମୁଖୀ ପ୍ରଶସ୍ତ କକ୍ଷ
- ଅତ୍ୟାଧୁନିକ ସୁବିଧା ଥିବା ୧୮୪ଟି ଦୋକାନଗୃହ



@obcc_odisha
OBCC_Odisha
OBCC Odisha

ଓଡ଼ିଶା ବ୍ରିଜ୍ ଏବଂ କନଷ୍ଟ୍ରକସନ୍ ନିଗମ ଲିମିଟେଡ୍
(ପୂର୍ତ୍ତ ବିଭାଗ ଅଧିନସ୍ଥ ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର
www.obcc.in

ଶନିବାର ସ୍ପେଶାଲ

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-156 ◆BHUBANESWAR ◆FRIDAY ◆1 DECEMBER 2023 ◆PAGE-16+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬+୮ ◆ଟ.୬.୦୦

ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୧୧୪୦ କୋଟି

୧୪୦ କୋଟିରେ ୧୦୩ ନୂତନ ପ୍ରକଳ୍ପ ଲୋକାର୍ପିତ ● ୧ ହଜାର କୋଟିରେ ୩୭୨ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ

■ ଭୁବନେଶ୍ୱର, ୩୦।୧୧ (ସମିସ): ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟ ନେଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୧୧୪୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଆଭାସୀ ମାଧ୍ୟମରେ ଶ୍ରୀ ପଟ୍ଟନାୟକ ୧୪୦ କୋଟି ଟଙ୍କାର ୧୦୩ଟି ପ୍ରକଳ୍ପ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବା ସହିତ ୧୦୦୦ କୋଟି ଟଙ୍କା ମୂଲ୍ୟର ୩୭୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ରାଜ୍ୟବାହାରେ ରହୁଥିବା ଓଡ଼ିଆ ବିଏସ୍‌କେୱାଇ ହିତାଧିକାରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ୧୮୦୦୧୨୦୧୨୦୧୦୪ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଏକ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଗଠନ ଆମର ଲକ୍ଷ୍ୟ। ଏହି ମନ୍ତ୍ରକୁ ଆଗରେ ରଖି କାମ କରୁଛୁ ଓ ଆଗକୁ ମଧ୍ୟ କରି ଚାଲିବୁ। ଦିନକୁ ଦିନ ସରକାରୀ ସ୍ୱାସ୍ଥ୍ୟ ସେବା ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ବୃଦ୍ଧି ପାଉଛି। ସରକାରୀ ଡାକ୍ତରଖାନା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିଛି। ରାଜ୍ୟର ସବୁ ଲୋକ ଯେପରି ସୁବିଧାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବେ ସେ ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଜରିଆରେ ସରକାରୀ ଡାକ୍ତରଖାନାରେ ସମ୍ଭବ ହୋଇଥିବା ରୂପାନ୍ତରଣ ଯୋଗୁଁ ସାଧାରଣ ଲୋକଙ୍କ ବିଶ୍ୱାସ ଜିଣିବାରେ ଆମେ ସଫଳ ହୋଇଛୁ। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନରେ ଭିତ୍ତିଭୂମି ବିକାଶ କାମ ଜାରି ରହିଛି। ଗତ ୫ ବର୍ଷରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ସରକାର ▶ପୃଷ୍ଠା-୯

- ୫ ବର୍ଷରେ ସ୍ୱାସ୍ଥ୍ୟ ସେବାରେ ଖର୍ଚ୍ଚ ୧୨ ହଜାର କୋଟି
- ସରକାରୀ ଡାକ୍ତରଖାନା ଉପରେ ବଢ଼ୁଛି ବିଶ୍ୱସନିୟତା
- ପ୍ରବାସୀ ବିଏସ୍‌କେୱାଇ ହିତାଧିକାରୀଙ୍କୁ ସ୍ୱତନ୍ତ୍ର ସହାୟତା
- ଜାରୀହେଲା ଟୋଲ୍ ଫ୍ରି ନମ୍ବର ୧୮୦୦୧୨୦୧୨୦୧୦୪

ବିଏସ୍‌କେୱାଇ ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହୋଇଛି। ସ୍ୱାସ୍ଥ୍ୟ ସେବାରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ ରୋଲ୍ ମଡେଲ ପାଲଟିଛି। 'ପ୍ରତିଟି ଜୀବନ ମୂଲ୍ୟବାନ୍' ମନ୍ତ୍ରକୁ ଆଗରେ ରଖି ଆମେ କାମ କରୁଛୁ ଆଉ ଆଗକୁ ମଧ୍ୟ କରିବୁ: ମୁଖ୍ୟମନ୍ତ୍ରୀ

୫ ରାଜ୍ୟ ବିଧାନସଭା ନିର୍ବାଚନ ବୁଥ୍ ବାହୁଡ଼ା ମତ

କଡ଼ା ଟକ୍କର

■ ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି): ୨୦୨୩ରେ ହେବାକୁ ଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହୋଇଛି। ପୂର୍ବରୁ ମିଜୋରାମ,ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ପାଇଁ ନିର୍ବାଚନ ଶେଷ ହୋଇସାରିଥିଲା ବେଳେ ଗୁରୁବାର ତେଲଙ୍ଗାନାରେ ମତଦାନ ଶେଷ ହୋଇଛି। ଡିସେମ୍ବର ୩ ତାରିଖରେ ଏହିସବୁ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଥିବାରୁ ଏହାକୁ ନେଇ ସବୁ ମହଲରେ ଉତ୍କଣ୍ଠା ଦେଖାଯାଇଛି। କିନ୍ତୁ ଏହାପୂର୍ବରୁ ବିଭିନ୍ନ ସଂସ୍ଥାଙ୍କ ପକ୍ଷରୁ ବୁଥ୍‌ବାହୁଡ଼ା ସର୍ଭେ ରିପୋର୍ଟ (ଏକଜିଟ୍ ପୋଲ୍) ପ୍ରକାଶ କରାଯିବା ପରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜନୀତିକ ମହଲ ସରଗରମ ହୋଇପଡ଼ିଛି। ଏହି ରିପୋର୍ଟ ଅନୁସାରେ ରାଜସ୍ଥାନରେ କଂଗ୍ରେସର ପରାଜୟ ସହିତ ବିଜେପି କ୍ଷମତା ଦଖଲ କରିବାର ସମ୍ଭାବନା ଅଧିକ ରହିଛି। ରାଜସ୍ଥାନରେ ଏଥର ୧୯୯ ଆସନ ପାଇଁ ମତଦାନ ହୋଇଥିଲା ବେଳେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୦୦ ରହିଛି। ଟାଇମ୍ସ ନାଓ ରିପୋର୍ଟ ଅନୁସାରେ ଏଠାରେ ବିଜେପିକୁ ୧୦୦ ରୁ ୧୦୮ ଆସନ ମିଳିବା ନେଇ ଆକଳନ କରାଯିବା ସହିତ କଂଗ୍ରେସକୁ ୮୫ ରୁ ୯୨ ଆସନ ମିଳିପାରେ ବୋଲି କୁହାଯାଇଛି। ସେହିପରି ଜନ୍ କି ବାତ୍ ରିପୋର୍ଟ ଅନୁସାରେ ଏଠାରେ ବିଜେପିକୁ ୧୨୨ ଏବଂ କଂଗ୍ରେସକୁ ୭୮ ▶ପୃଷ୍ଠା-୯

ଛତିଶଗଡ଼, ମିଜୋରାମରେ ଶାସକ ଦଳ ସପକ୍ଷରେ ସ୍ଥିତି

ତେଲଙ୍ଗାନାରେ ବିଆର୍‌ଏସ୍-କଂଗ୍ରେସ ଏବଂ ମଧ୍ୟପ୍ରଦେଶ, ରାଜସ୍ଥାନରେ ବିଜେପି-କଂଗ୍ରେସ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା

ଛତିଶଗଡ଼ ୯୦

ଇଣ୍ଡିଆ ଟୁଡେ	୫୦	୪୦
ଇଣ୍ଡିଆ ଟିଭି	୫୬	୩୪
ସି ଭୋଟର୍	୪୨	୪୮
୨୦୧୮ ରସ୍ଥିତି	୬୮	୧୫

ରାଜସ୍ଥାନ ୧୯୯

ଟାଇମ୍ସ ନାଓ	୮୫-୯୨	୧୦୦-୧୦୮
ଜନ୍ କି ବାତ୍	୭୮	୧୧୨
ଆକ୍ସିସ୍-ମାଇ ଇଣ୍ଡିଆ	୮୦-୧୦୬	୮୦-୧୦୦
୨୦୧୮ ରସ୍ଥିତି	୯୯	୭୩

ମଧ୍ୟପ୍ରଦେଶ ୨୩୦

ଦୈନିକ ଭାସ୍କର	୧୦୦-୧୦୫	୯୦-୯୫
ଜନ୍ କି ବାତ୍	୧୦୨	୧୦୦
୨୦୧୮ ରସ୍ଥିତି	୧୧୪	୧୦୯

ତେଲଙ୍ଗାନା ୧୧୯

ଟୁଡେଜ୍ ଚାଣକ୍ୟ	୬୦-୭୧	୩୩-୪୨
ରିପବ୍ଲିକ୍-ମେଟ୍ରିଜ୍	୫୮-୬୮	୪୬-୫୬
୨୦୧୮ ରସ୍ଥିତି	୨୧	୮୮

ମିଜୋରାମ ୪୦

ସି ଭୋଟର୍	୧୫-୨୧	୭୨-୧୮
ଟାଇମ୍ସ ନାଓ	୧୪-୧୮	...
୨୦୧୮ ରସ୍ଥିତି	୨୭	...

ପୌର ଉପନିର୍ବାଚନ

ବିଜେଡିର ବାଜିମାତ୍

■ ଭୁବନେଶ୍ୱର, ୩୦।୧୧(ସମିସ): ରାଜ୍ୟର ଚାରିଟି ପୌରାଞ୍ଚଳରେ ଅନୁଷ୍ଠିତ ଉପ ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ବିଜୟ ମିଳିଛି। ଆଜି ଘୋଷଣା ହୋଇଥିବା ଫଳାଫଳ ଅନୁସାରେ ଜି ଉଦୟଗିରି ଅଧକ୍ଷ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦେବସ୍ମିତା ଶତପଥୀ ୩୧୧୧ ଭୋଟ ପାଇ ବିଜେପିର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୩୫୫ ଭୋଟରେ ପରାସ୍ତ କରିଛନ୍ତି। ଏଠାରେ ବିଜେପିକୁ ୭୫୬, କଂଗ୍ରେସକୁ ୬୧୪ ଭୋଟ ମିଳିଛି। ନୋଟାରେ ୩୮ଟି ଭୋଟ ପଡ଼ିଛି। ଚିକିଟି ଏନ୍‌ଏସି ୱାର୍ଡ ନଂ-୩ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀ ୪୬୯ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ବିଜେଡି ପ୍ରାର୍ଥୀ ହରପ୍ରସାଦ ଚୌଧୁରୀଙ୍କୁ ୪୮୪ ଭୋଟ ମିଳିଥିବା ବେଳେ ବିଜେପି ପ୍ରାର୍ଥୀଙ୍କୁ ମାତ୍ର ୧୫ ଭୋଟ ମିଳିଛି। ଜଗତସିଂହପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ-୬ରେ ଅନୁଷ୍ଠିତ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୋଜାଲିନ୍ ଦାଶ ୪୦୭ ଭୋଟ ପାଇ ବିଜୟଲାଭ କରିଛନ୍ତି। ଏଠାରେ କଂଗ୍ରେସ୍ ପ୍ରାର୍ଥୀଙ୍କ ସପକ୍ଷରେ ୪୦୬ ଭୋଟ ପଡ଼ିଥିବା ବେଳେ ବିଜେପିକୁ ୨୧ଟି ଭୋଟ ମିଳିଛି। ନୋଟାରେ ଗୋଟିଏ ଭୋଟ ପଡ଼ିଥିଲା। ଅପରପକ୍ଷେ ଯୋଡ଼ା ମ୍ୟୁନିସିପାଲିଟି ୱାର୍ଡ ନଂ-୮ରେ ଅନୁଷ୍ଠିତ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଶୁଭମ ନାଏକ ୫୭୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଏଠାରେ ବିଜେଡିକୁ ୮୦୬, ବିଜେପିକୁ ୨୨୯, କଂଗ୍ରେସ୍‌କୁ ୨୧ ଖଣ୍ଡ ଭୋଟ ମିଳିଛି।

ଟ୍ରକ୍-କାର୍ ଧକ୍କା, ଯାତ୍ରୀ ସୁରକ୍ଷିତ

ପାଣିକୋଇଲି, ୩୦।୧୧(ସମିସ): ୨୦ନଂ ଜାତୀୟ ରାଜପଥର ପାଣିକୋଇଲି-ଯାଜପୁରରୋଡ ରାସ୍ତା ବଜାରର ଅନତି ଦୂରରେ ଯାଜପୁରରୋଡ ପଟୁ ଆସୁଥିବା ଏକ ଟ୍ରକ୍ ସହ କାର୍ ଧକ୍କା ହୋଇଛି । ଏଥିରେ ଯାତ୍ରୀଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି । ବୁଧବାର ରାତିରେ ଯାଜପୁରରୋଡ ପଟୁ ଏକ ଲୁହାପଥର ବୋଝେଇ ଟ୍ରକ୍ ଆସୁଥିବାବେଳେ ହଠାତ୍ ଡାହାଣକୁ କାଟି ଦେବାରୁ ପଛରେ ଆସିଥିବା କାର୍ ଧକ୍କା ହୋଇଥିଲା । ଫଳରେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିଲା । ପାଣିକୋଇଲି ପୁଲିସ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିଥିଲା ।

ଦୈନିକ ଖବରକାଗଜ 'ସକାଳ'ର
୩ୟ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଦାନଗଦି
ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ
ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଅର୍ଚ୍ଚନା ଦାସ
ବ୍ଲକ୍ ଅଧ୍ୟକ୍ଷା, ଦାନଗଦି ପଞ୍ଚାୟତ ସମିତି

ଦୈନିକ ଖବରକାଗଜ 'ସକାଳ'ର
୩ୟ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ
କଳିଙ୍ଗନଗରର ସମସ୍ତ ଜନସାଧାରଣଙ୍କୁ
ଅଶେଷ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ।

NRI INTERNATIONAL SCHOOL
(A Co-Educational Senior Secondary English Medium School)
Affiliated to CBSE, New Delhi, Aff. No. 1530264
Aradi Chhak, Bhadrak - 756181
ADMISSIONS OPEN FOR NURSERY TO STD-IX & XI-2023-24

CONTACT - 7855979906, 7978499509, 7978916565
Website: www.nriis.org, E-mail: nrischool72@gmail.com

ଯାଜପୁରରୋଡ- ଧାମରା ରେଳପଥ

ଚୂଡ଼ାନ୍ତ ସର୍ଭେ ପାଇଁ ପ୍ରାଥମିକ ଆକଳନ ଆରମ୍ଭ

ଯାଜପୁର, ୩୦।୧୧(ସମିସ):

ପ୍ରସ୍ତାବିତ ଯାଜପୁରରୋଡ-ଧାମରା ରେଳପଥର ଚୂଡ଼ାନ୍ତ ସର୍ଭେ ପାଇଁ ମେସର୍ସ ଏସ୍‌ଏମ୍ କନସଲଟାନ୍ସିକୁ ଗତ ଅକ୍ଟୋବର ୨୭ ତାରିଖ ନିର୍ଦ୍ଦେଶ ଦେଇଛି ପୂର୍ବତଟ ରେଳପଥ । ଏହି ନିର୍ଦ୍ଦେଶ ପାଇବା ପରେ ସମ୍ପୃକ୍ତ କମ୍ପାନୀ ତା'ର ପ୍ରାଥମିକ ଆକଳନ କାର୍ଯ୍ୟ ଆରମ୍ଭ କରିଛି । ଏଥିପାଇଁ ଦୁଇଟି ରୁଟ୍ ସ୍ଥିର ହୋଇଛି । ଦୁଇଟି ରୁଟ୍ ମଧ୍ୟରୁ ଯେଉଁ ରୁଟ୍‌କୁ ପୂର୍ବତଟ ରେଳପଥ ସ୍ଥିର କରିବ, ସେହି ରୁଟ୍‌ର ଚୂଡ଼ାନ୍ତ ସର୍ଭେ ହେବ ବୋଲି ଜଣାପଡ଼ିଛି ।

ପ୍ରଥମ ପ୍ରସ୍ତାବିତ ରୁଟ୍‌ଟି ଯାଜପୁର-କେନ୍ଦୁଝରରୋଡ ରେଳ ଷ୍ଟେସନରୁ ଆରମ୍ଭ ହୋଇ ରାମପୁର, ଶଗଡ଼ି, ବାହାବଳପୁର, ଜଳେଶ୍ୱରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ଚାନ୍ଦବାଲି, ଭିତରକନିକା ଷ୍ଟେସନ ଦେଇ ଧାମରାରେ ପହଞ୍ଚିବ । ଏହି ରୁଟ୍‌ର ମୋଟ ଦୂରତା ୯୨.୫ କିଲୋମିଟର ରହିଛି । ସେହିପରି ଦ୍ୱିତୀୟ ପ୍ରସ୍ତାବିତ ରୁଟ୍‌ଟି ଯାଜପୁର-କେନ୍ଦୁଝରରୋଡ ଷ୍ଟେସନଠାରୁ ଛୋଟରାୟପୁର ଜଙ୍କସନ, ବାହାବଳପୁର, ଯାଜପୁର, ଜଳେଶ୍ୱରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ଚାନ୍ଦବାଲି, ଭିତରକନିକା ଷ୍ଟେସନ ହୋଇ ଧାମରାରେ ପହଞ୍ଚିବ । ଏହି ପ୍ରସ୍ତାବିତ ରୁଟ୍‌ର ଦୂରତା ୯୬ କିଲୋମିଟର ରହିଛି । ପ୍ରଥମ ପ୍ରସ୍ତାବିତ ରୁଟ୍ ମଧ୍ୟରୁ ଯାଜପୁର ଜିଲ୍ଲାରେ ୫୯.୫ କିଲୋମିଟର ରେଳଲାଇନ ଥିବାବେଳେ ଭଦ୍ରକ ଜିଲ୍ଲାରେ ୩୫.୬୨୮ କିଲୋମିଟର ରେଳପଥ ରହିଛି । ଯେଉଁଥିରେ ମୋଟ ୩୨ ମୋଡଣି ରହିଛି । ଏହି ରୁଟ୍‌ରେ ଟ୍ରେନ ସର୍ବାଧିକ ୧୩୦ କିଲୋମିଟର ପ୍ରତି ଘଣ୍ଟାକୁ ଯାଇପାରିବ । ଏଥିପାଇଁ ବୈତରଣୀ ଓ ସାଳନ୍ଦୀ ନଦୀରେ ଦୁଇଟି ପୋଲ ନିର୍ମାଣ ହେବାକୁ ଥିବାବେଳେ ୭୦ଟି ଛୋଟ ଓ ୩୪ଟି ବଡ଼ ପୋଲ ହେବ । ଏଥିସହିତ ୩ଟି ରେଲୱେ

ଓଭରବ୍ରିଜ ଓ ୯ଟି ଗଳି ପୋଲ ଏବଂ ୨ଟି ଲେଭେଲ କ୍ରସିଂ ରହିବ ।

ସେହିପରି ପ୍ରସ୍ତାବିତ ଦ୍ୱିତୀୟ ରୁଟ୍‌ଟି ମୋଟ ୯୬.୫୯୮ କିଲୋମିଟର ରହିଛି । ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ୬୧.୩ କିଲୋମିଟର ଓ ଭଦ୍ରକ ଜିଲ୍ଲାର ୩୫.୨୫୯ କିଲୋମିଟର ରହିଛି । ଏହି ପ୍ରସ୍ତାବିତ ପଥରେ ମୋଟ ୨୭ଟି ମୋଡ଼ ରହିଥିବାବେଳେ ଏହି ପଥରେ ୧୩୦ କିଲୋମିଟର ସ୍ପିଡରେ ଟ୍ରେନ ଯାତାୟତ କରିବ । ଏହି ପଥରେ ମଧ୍ୟ ବୈତରଣୀ ଓ ଶାଳନ୍ଦୀ ନଦୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପୋଲ ରହିଥିବାବେଳେ ୮୫ଟି ଛୋଟ ପୋଲ ରହିଛି । ସେହିପରି ୩୯ଟି ପ୍ରମୁଖ ପୋଲ ରହିଥିବାବେଳେ ୬ଟି ଓଭରବ୍ରିଜ ଓ ୭୩ଟି ଗଳିପୋଲ ରହିଛି । ଏହି ରୁଟରେ ମଧ୍ୟ ଦୁଇଟି ଲେଭେଲ କ୍ରସିଂ ରହିଥିବା ଜଣାପଡ଼ିଛି । ପ୍ରସ୍ତାବିତ ଦୁଇଟି ରୁଟ୍ ମଧ୍ୟରୁ ପ୍ରଥମ ରୁଟ୍‌କୁ ପ୍ରାଥମିକତା ଦିଆଯାଇଛି । କାରଣ ଏହି ପ୍ରସ୍ତାବିତ ରୁଟ୍ ନିକଟବର୍ତ୍ତୀ ଅଞ୍ଚଳରେ ସହର, ମନ୍ଦିର ଓ ଧାର୍ମୀକ ସ୍ଥଳୀ ରହିବା ସହିତ ଏହା ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ସହିତ ସଂଯୋଗ ରହିବ ।

ଅନ୍ୟପକ୍ଷରେ ଦ୍ୱିତୀୟ ପ୍ରସ୍ତାବିତ ରୁଟ୍ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଅଧିକ ରହିବ ବୋଲି ଜଣାପଡ଼ିଛି । ସେଥିପାଇଁ ପ୍ରଥମ ରୁଟ୍‌କୁ ପ୍ରାଥମିକତା ଦିଆଯିବ ଓ ଏହାକୁ ପୂର୍ବତଟ ରେଳପଥ ସ୍ୱୀକୃତି ଦେବ ବୋଲି ଆଶା କରାଯାଉଛି । ଏହି ପ୍ରସ୍ତାବିତ ଯାଜପୁରରୋଡ-ଧାମରା ରେଳପଥ ପ୍ରକଳ୍ପକୁ ମଞ୍ଜୁରି ଦେବା ପାଇଁ ଦୀର୍ଘଦିନ ଧରି ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନ ଜାରି ରହିବା ପରେ କେନ୍ଦ୍ର ସରକାର ଏହାର ଚୂଡ଼ାନ୍ତ ସର୍ଭେ କରୁଛି । ତେଣୁ ଏହି ଚୂଡ଼ାନ୍ତ ସର୍ଭେ ପାଇଁ ୪ ମାସ ସମୟ ଦିଆଯାଇଛି । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚୂଡ଼ାନ୍ତ ସର୍ଭେ ସାରି ଆଗାମୀ ରେଳ ବଜେଟରେ ଏହି ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରିବାକୁ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କର୍ଯ୍ୟାଁଗୋଲା, ୩୦।୧୧(ସମିସ): ଦଶରଥପୁର ବ୍ଲକ କର୍ଯ୍ୟାଁ ପଞ୍ଚାୟତସ୍ଥ ମଲ୍ଲିପୁର ଗ୍ରାମର ମଲ୍ଲିକେଶ୍ୱର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଯେନା ଆଜି ଅବସର ଗ୍ରହଣ କରିଥିବାବେଳେ ବିଦ୍ୟାଳୟ ଶିକ୍ଷା କମିଟି ଓ ମଲ୍ଲିପୁର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ସଭାକୁ ଉଦ୍‌ଘାଟନ କରିଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଦୀପ୍ତ କୁମାର ନାୟକ ଓ ଅଶୋକ ନାୟକ ଅବସରକାଳୀନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଖିଳ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କର୍ଯ୍ୟାଁ ପଞ୍ଚାୟତର ସମିତିସଭ୍ୟ ରୋଶନ ଦାସ, ମୁଖ୍ୟବକ୍ତା ଭାବେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ଯେନା, କେଳାଙ୍ଗ ୟୁଜିଏମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ମ୍ବାଇ ପାଇ, ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଷାନ ଟୁଡୁ, ଧରମପୁର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ମଲ୍ଲିକ, ଦରବା ୟୁଜି ଏମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗୀରଥି ପୃଷ୍ଟି, ଗରବନ୍ଧ ପ୍ରୋଜେକ୍ଟ ବିଦ୍ୟାଳୟର ସହକାରୀ ଶିକ୍ଷକ ପରୀକ୍ଷିତ ସାହୁ, ମଙ୍ଗଳପୁର ପାକ୍ସ ସଭାପତି କେଶବ ଚନ୍ଦ୍ର ସେଠୀ, ସମାଜସେବୀ ଦିଗାମ୍ବର ଦାସ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ସୁରେନ୍ଦ୍ର ଜେନାଙ୍କ ଶିକ୍ଷକତା ଜୀବନ, ନୀତି, ଆଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସିଆରସିସି ଖଗେଶ୍ୱର ସାହୁ ଅତିଥି ପରିଚୟପ୍ରଦାନ କରିଥିବାବେଳେ ରଞ୍ଜନ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ କର୍ଯ୍ୟାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ

ପ୍ରଶେଷ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷା କମିଟି ସଭ୍ୟ ରମେଶ ବାରିକ, ଅମର ରଣା, ପ୍ରଦୀପ ପଣ୍ଡା, ତୁଷାର ନାୟକ, ଅମୂଲ୍ୟ ମଲ୍ଲିକ, ଗୌରୀ ସୂତାର, ଅଞ୍ଜଳି ଦଳେଇ, ମିନାକ୍ଷୀ ମଲ୍ଲିକଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଏବଂ ଅଙ୍ଗନବାଡି ଓ ଆଶା କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଯେନାଙ୍କୁ ଉତ୍ତରୀୟ, ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଗ୍ରାମର ଅନେକ ପୂର୍ବତନ ଛାତ୍ରଛାତ୍ରୀ ଶ୍ରୀ ଯେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

ପାଣିକୋଇଲି, ୩୦।୧୧(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ଥାନା ଅନ୍ତର୍ଗତ ଡାହାଣୀହତା ଗ୍ରାମର ଭିକାରୀ ଜେନା ଥାନାରେ ଅଭିଯୋଗ ପରେ କୌଣସି ନ୍ୟାୟ ନ ପାଇବାରୁ ଆଜି ପାଣିକୋଇଲିସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି । ଡାହାଣୀହତା ଗ୍ରାମର ଭିକାରୀ ଜେନାଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର ବୁଲେଇ ଜେନା ପ୍ରଥମେ ଭିକାରୀଙ୍କ ଜାଗାରେ ବାଡ ବସାଇଥିଲେ । ଏହି ବିବାଦ କୋର୍ଟକୁ ଯାଇ ୧୪୪ ଧାରା ଲାଗୁ କରାଯାଇଥିଲା । ମାତ୍ର ବୁଲେଇ ଏହାକୁ ଭ୍ରୁକ୍ଷେପ ନ କରି ସେଠାରେ ଘର ନିର୍ମାଣ ପାଇଁ ଗାତ ଖୋଳିଥିଲେ । ଏ ନେଇ ଭିକାରୀ ଦଶରଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ସେ ବାଧ୍ୟ ହୋଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଗୋବରଘାଟି ଚୋରି ଘଟଣାରେ ୪ ଗିରଫ

ସୁକିନ୍ଦା/ଦାନଗଦି, ୩୦।୧୧(ସମିସ): ଗୋବରଘାଟି ଗ୍ରାମର ସାବିତ୍ରୀ ବାନରାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟ ଘଟଣାରେ କଳିଙ୍ଗନଗର ପୁଲିସ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । କଳିଙ୍ଗନଗରସ୍ଥ ଗୋବରଘାଟି ଗ୍ରାମର ସାବିତ୍ରୀ ବାନରାଙ୍କ ଘରୁ ସୁନା ଗହଣା, ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ସାବିତ୍ରୀ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । କଳିଙ୍ଗନଗର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ଚୋରି ଘଟଣାରେ ପୁଲିସ କଳିଙ୍ଗନଗର ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର କେଶବ ଜେନାଙ୍କ ପୁଅ ବବୁଲ ଜେନା (୨୦), ରଣାଗୁଣ୍ଡି ଗ୍ରାମର ଅଭିମନ୍ୟୁ ପେରେଇଙ୍କ ପୁଅ ବାପିନ ପେରେଇ (୨୨), ଡୁବୁରି ଗ୍ରାମର ନରହରି ବେହେରାଙ୍କ ପୁଅ ସିଦ୍ଧାନ୍ତ ବେହେରା (୨୪) ଓ ରଗଡ଼ା ଗ୍ରାମର ରମେଶ ଜେନାଙ୍କ ପୁଅ ବଣ୍ଟି ଜେନା (୨୦) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

ଆତ୍ମହତ୍ୟା ଉଦ୍ୟମ କରୁଥିବା ବୃଦ୍ଧ ଉଦ୍ଧାର

ପାଣିକୋଇଲି, ୩୦।୧୧(ସମିସ): ପାଣିକୋଇଲି ରାଜପଥ ପାଟ୍ରୋଲିଂ ଗାଡି ଦ୍ୱାରା ରାଜପଥରୁ ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ଗ୍ରାମର ହୃଦାନନ୍ଦ ସାହୁ (୭୦) ପାରିବାରିକ କଳହରୁ ଘରୁ ଚାଲିଆସି ରାଜପଥର ମଝି ରାସ୍ତାରେ ଗାଡି ଆଗରେ ଚାଲି ଆତ୍ମହତ୍ୟା ଉଦ୍ୟମ କରିବାକୁ ଉଦ୍ୟମ ବେଳେ କୋରେଇ ଅଞ୍ଚଳର ହରିହର ନାଥ ଅଟକାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଜିମା ଦେଇଥିଲେ । ଶ୍ରୀ ବଳ ତାଙ୍କୁ ଉଦ୍ଧାର କରି ପାଣିକୋଇଲି ଥାନା ଜିମା ଦେଇଥିଲେ । ତାଙ୍କ ପୁଅ ସୁବତ୍ର ସାହୁଙ୍କୁ ଥାନାକୁ ଡକାଯାଇ ହୃଦାନନ୍ଦଙ୍କୁ ପୁଲିସ ଜିମାଦେଇଛି ।

୨ୟ ଜନ୍ମଦିନର ଶୁଭେଚ୍ଛା

ଅନ୍ୱେଷା ଆଦର୍ଶିନୀ
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ନିରୋଗ, ଦୀର୍ଘାୟୁ ଏବଂ ଯଶସ୍ୱୀ କରନ୍ତୁ । ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ।
ଶୁଭେଚ୍ଛା ସହ
ଜେଜେ-ଜେଜେମା, ଅଜା-ଆଈ, ବାବା-ମାମା, ପିଉସା-ପିଉସୀ, ମାଉସୀ, ବୁଲବୁଲ, ବାବୁ, ପିଚୁ, ସିଦ୍ଧି, ବନ୍ଧୁ ଓ ପରିବାରବର୍ଗ

'ସକାଳ' ଖବରକାଗଜର
୩ୟ ବାର୍ଷିକ ଉତ୍ସବ ଅବସରରେ
ଆନ୍ତରିକ ଅଭିନନ୍ଦନ ।

ଯାଜପୁର ସହରରେ
ପ୍ରଥମଥର ପାଇଁ
24 x 7 ଖୋଲା ରୁହେ
ଏବଂ କାର୍ ଚାଳକଙ୍କୁ
ଖବରକାଗଜ ଦିଆଯାଏ ।

Agasti Mahavir Filling station
Gokhana chhaka, Jajpur Town

Ph.D. Degree

ଗବେଷିକା ପାୟଲ ପଟ୍ଟନାୟକ ଫକିରମୋହନ ବିଶ୍ୱ ବିଦ୍ୟାଳୟରୁ ମ୍ୟାନେଜମେଣ୍ଟରେ ପି.ଏଚ୍.ଡି ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Impact of Capital Structure on Profitability of Selected Pharamaceutical companies in India" ଡକ୍ଟର ପାୟଲ ପଟ୍ଟନାୟକ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର OSD ପ୍ରଫେସର ଦେବୀ ପ୍ରସାଦ ମିଶ୍ରଙ୍କର ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କର ସନ୍ଦର୍ଭଟି କଲିକତା ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗ ପ୍ରଫେସର ଆନନ୍ଦ ମୋହନ ପାଲ୍‌ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି । ଡକ୍ଟର ପାୟଲ ପଟ୍ଟନାୟକ ହେଉଛନ୍ତି ବାଲେଶ୍ୱରର ଭାରତୀୟ ସେନାରୁ ସେବା ନିବୃତ ନାଏବ୍ ସୁଭେଦାର ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ଶ୍ରୀମତୀ ବିନତାରାଣୀ ପଟ୍ଟନାୟକଙ୍କ ଜ୍ୟେଷ୍ଠା କନ୍ୟା । ଏହି ସଫଳତାର ଶ୍ରେୟ ସେ ତାଙ୍କ ସ୍ୱାମୀ ରାଜୀବ ପ୍ରସାଦ ସିଂ ଏବଂ ସମସ୍ତ ବନ୍ଧୁ ବାନ୍ଧବ, ଶୁଭେଚ୍ଛୁ ବର୍ଗ ଓ ସର୍ବୋପରି ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

ଦୈନିକ ଖବରକାଗଜ 'ସକାଳ'ର
୩ୟ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କୁ
ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ନିର୍ଭୀକ ଓ ନିଛକ ସତ୍ୟ ଖବର ପ୍ରକାଶ କରି 'ସକାଳ'
ଆଜି ସାରାଓଡ଼ିଶାର ପୁରପଲ୍ଲୀରେ ବେଶ୍ ଆଦୃତ ହୋଇପାରିଛି ।
ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ଇଂ ପ୍ରୀତିରଞ୍ଜନ ଘଡ଼ାଇ
ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ
ଦକ୍ଷତା ବିକାଶ ମନ୍ତ୍ରୀ
ଓଡ଼ିଶା ସରକାର

କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ
ଚୋରଦା, ପୋ- ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା- ଯାଜପୁର

ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣ ଙ୍କୁ ଜଣାଇ ଦିଆଯାଉଅଛି କି ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା-୧୬ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ ଅଂଚଳ ମଧ୍ୟରେ ଥିବା ପୂର୍ବ ର ୧୬୧ ଟି ଗ୍ରାମ ଏବଂ ପରବର୍ତ୍ତି ସମୟ ରେ ମିଶ୍ରିତ ଅତିରିକ୍ତ ୮୪ଟି ଗ୍ରାମ କୁ ନେଇ ସମୁଦାୟ ୨୪୫ ଗୋଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ଗୋଟି ଗ୍ରାମ କୁ ବାଦ୍ ଦେଇ ଅବଶିଷ୍ଟ ୨୨୫ ଗୋଟି ଗ୍ରାମ ମଧ୍ୟରେ ଯେ କୌଣସି ଗୃହ ନିର୍ମାଣ କାର୍ଯ୍ୟ ବା ଜମି ବିଭକ୍ତି କରଣ କରିବା ପୂର୍ବ ରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଠାରୁ ଏହାର ନକ୍ସା ମଂଜୁରୀ କରାଇବା ବାଞ୍ଛନୀୟ । କିନ୍ତୁ ଏ ସମ୍ବନ୍ଧ ରେ ବାରମ୍ବାର ବିଭିନ୍ନ ନୋଟିସ ମାଧ୍ୟମ ରେ ସର୍ବସାଧାରଣ ଙ୍କୁ ଅବଗତ କଲା ପରେ ମଧ୍ୟକିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ନଜର କୁ ଆସିଛି ।

ଏଣୁ ସର୍ବସାଧାରଣ ଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଂଚଳ ମଧ୍ୟରେ ଯେ କୌଣସି ପ୍ରକାର ର ଗୃହ (Building)କିମ୍ବା ଜମି ବିଭକ୍ତି କରଣ(Plot Lay-out) କର

ଶ୍ରୀ ଜଗନ୍ନାଥ ସ୍ୱନକ୍ଷତ୍ର

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-156 ◆BHUBANESWAR ◆FRIDAY ◆1 DECEMBER 2023 ◆PAGE-16+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬+୮ ◆ଟ.୬.୦୦

ମାର୍ଗଶିର ଗୁରୁବାରରେ ନବରଙ୍ଗପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର

ଗଡ଼ିଲା 'ଲକ୍ଷ୍ମୀ'

> ଲୋକମତକୁ ସମ୍ମାନ ଦେବା ମୋ ସରକାରର ହଲ୍‌ମାର୍କ । ଆମର ସବୁ ଯୋଜନା ଲୋକମତ ଆଧାରରେ କାର୍ଯ୍ୟକାରୀ ହେଉଛି । 'ଲକ୍ଷ୍ମୀ' ବସ୍ ଠାରୁ ଆରମ୍ଭକରି, ଆମ ବ୍ୟାଙ୍କ, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ମଠ, ମନ୍ଦିର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁରି ସବୁ କାମ ଲୋକମାନଙ୍କର ପ୍ରସ୍ତାବ ଅନୁଯାୟୀ କରାଯାଇଛି ।
>
> -ମୁଖ୍ୟମନ୍ତ୍ରୀ

■ **ନବରଙ୍ଗପୁର/ଭୁବନେଶ୍ୱର, ୩୦।୧୧(ସମିସ):** ପବିତ୍ର ମାର୍ଗଶିର ମାସର ପ୍ରଥମ ଗୁରୁବାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲ୍ଲାକୁ ଉପହାର ଦେଇଛନ୍ତି 'ଲକ୍ଷ୍ମୀ' ବସ୍। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ 'ଲକ୍ଷ୍ମୀ' ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ 'ଲକ୍ଷ୍ମୀ' ବସ୍ ସେବା ଆରମ୍ଭ ହେବା ସହ ବିକାଶ ଫର୍ଦ୍ଦରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ଆଜିଠାରୁ ୪୪ଟି ବସ୍ ଜିଲ୍ଲାର ୧୦ଟି ବ୍ଲକରୁ ବିଭିନ୍ନ ପଞ୍ଚାୟତକୁ ଚଳାଚଳ କରିଛି। ଏହି ବସ୍‌ରେ ମହିଳା, ଛାତ୍ରଛାତ୍ରୀ ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ।

- ଜିଲ୍ଲାର ୧୦ଟି ବ୍ଲକରେ ଚଳାଚଳ କରିବ ୪୪ଟି ବସ୍
- ଆଗାମୀ ୩ ବର୍ଷରେ ଜିଲ୍ଲାରେ ଆସିବ ବ୍ୟାପକ ରୂପାନ୍ତର
- ୫-ଟି ଅଧ୍ୟକ୍ଷଙ୍କ ଭୂମିକାକୁ ସ୍ଥାନୀୟ ନେତୃବୃନ୍ଦଙ୍କ ପ୍ରଶଂସା

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୁର୍ଗମ ଅଞ୍ଚଳରେ ଗମନାଗମନ ଏକ ବଡ଼ ସମସ୍ୟା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତରୁ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ ଅବଗତ ହେବାପରେ 'ଲକ୍ଷ୍ମୀ' ଯୋଜନା ଆରମ୍ଭ ହୋଇଛି। 'ଲକ୍ଷ୍ମୀ' ଯୋଜନାରେ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଆପଣଙ୍କ ଗାଁ ଏବେ ଯୋଡିହୋଇଛି। ଏହାଦ୍ୱାରା ଗ୍ରାମାଞ୍ଚଳରେ ସାମାଜିକ ସମ୍ପର୍କ ମଜବୁତ୍ ହେବା ସହିତ ଅର୍ଥନୀତି ମଧ୍ୟ ଆହୁରି ▶ପୃଷ୍ଠା-୯

ଅବପାତର ରୂପ ନେଇନି ଲଘୁଚାପ

ବିଳମ୍ବରେ ସୃଷ୍ଟିହେବ ବାତ୍ୟା

■ **ଭୁବନେଶ୍ୱର, ୩୦।୧୧ (ସମିସ):** ଆଣ୍ଡାମାନରେ ସୃଷ୍ଟି ହେବାକୁ ଥିବା ବାତ୍ୟା ପ୍ରକ୍ରିୟା ବିଳମ୍ବିତ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଲଘୁଚାପଟି ଅବପାତରେ ପରିଣତ ହୋଇପାରୁନାହିଁ। ମେଘଖଣ୍ଡ ଏକତ୍ରିତ ହେବାରେ ବାଧା ସୃଷ୍ଟି ହେଉଥିବା ଯୋଗୁଁ ଏହି ପ୍ରକ୍ରିୟା ବିଳମ୍ବ ହେଉଛି। ତେଣୁ ପୂର୍ବରୁ ଆକଳନ କରାଯାଇଥିବା ତାରିଖ ତୁଳନାରେ ଅବପାତ ଓ ବାତ୍ୟା ସୃଷ୍ଟି ପାଇଁ ଅଧିକ ସମୟ ଲାଗୁଛି। ପାଣିପାଗ କେନ୍ଦ୍ରର ପୂର୍ବ ସୂଚନା ଅନୁଯାୟୀ, ଆଣ୍ଡାମାନ୍ ସାଗରରେ ସୃଷ୍ଟି ହୋଇଥିବା ଏହି ଲଘୁଚାପ ୨୯ ତାରିଖ ସୁଦ୍ଧା ଅବପାତରେ ପରିଣତ ହୋଇ ଏହାର ୪୮ ଘଣ୍ଟା ମଧ୍ୟରେ ବାତ୍ୟାରେ ପରିଣତ ହେବା କଥା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଅବପାତ ସୃଷ୍ଟି ହୋଇ ପାରି ନଥିବା ବେଳେ ଏଥିପାଇଁ ଆହୁରି ୨୪ ଘଣ୍ଟା ଆବ୍ୟଶକ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

୪ରେ ତାମିଲନାଡୁ ଉପକୂଳ ଛୁଇଁବ ମିଚାଉଁ

ବିଭାଗ ପକ୍ଷରୁ ଜାରି ବୁଲେଟିନ୍‌ରେ ଦର୍ଶାଯାଇଛି ଯେ ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସଦୃଶ ଲଘୁଚାପ ରୂପରେ ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ଅବପାତରେ ପରିଣତ ହେବ। ପରବର୍ତ୍ତୀ ସମୟ ଅର୍ଥାତ୍ ଆସନ୍ତା ୩ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇ ୪ ତାରିଖ ସୁଦ୍ଧା ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ପହଞ୍ଚିବ। ଅନ୍ୟପଟେ ଏହି ବାତ୍ୟା ଯୋଗୁଁ ଆସନ୍ତା ୩ତାରିଖଠାରୁ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୩ରୁ ୬ତାରିଖ ମଧ୍ୟରେ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି। ୩ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳ ଆଦି ଜିଲ୍ଲାର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଏହି ବାତ୍ୟାଟି ତାମିଲନାଡୁ ଉପକୂଳ ନିକଟବର୍ତ୍ତୀ ହେବା ପରେ ଦିଗ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି।

ଲୋକକଥା

ତିଇନି ପୂରେଇ ଚତୁର୍ଥ ବର୍ଷରେ
ପାଦ ଦେଇ ଚାଲେ ଧାଇଁ,
ଲୋକଙ୍କ ପାଇଁକି ଉତ୍ସର୍ଗୀକୃତ
ଲୋକକଥା କହି କହି ।
ରାଇଜ ବିକାଶ ପାଇଁ,
ଆବର୍ଜନା ସବୁ ହକାଳେ 'ସକାଳ'
କାୟ-ମନ-ବାକ୍ୟ ଦେଇ ॥

କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଲେ ୧୦ ସଂଗଠନର କର୍ମକର୍ତ୍ତା

ରୂପାନ୍ତରଣ ପାଇଁ ଜଣାଇଲେ କୃତଜ୍ଞତା

■ **ଭୁବନେଶ୍ୱର, ୩୦।୧୧ (ସମିସ):** '୫-ଟି' ଓ 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଗୁରୁବାର ୧୦ ଟି ସଂଗଠନର କର୍ମକର୍ତ୍ତାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ପାଣ୍ଡିଆନ୍‌ଙ୍କୁ ଭେଟି ନୂଆ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହିତ ରୂପାନ୍ତରଣ ଓଡ଼ିଶା ପାଇଁ ତାଙ୍କର କର୍ମ ତତ୍ପରତାକୁ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରଶଂସା କହିଛନ୍ତି। ଶୁଭେଚ୍ଛା ଜଣାଇଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନଗୁଡ଼ିକୁ ଶ୍ରୀ ପାଣ୍ଡିଆନ ଧନ୍ୟବାଦ ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସାରା ରାଜ୍ୟରେ ଜାରି ରହିଥିବା

ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ପୂରଣ କରିବା ହିଁ ଆମ ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ହେବା ଉଚିତ୍ ବୋଲି କହିଛନ୍ତି। ଗୁରୁବାର ବିଧାୟକ ରଜନୀକାନ୍ତ ସିଂ, ସୁଧୀର କୁମାର ସାମଲଙ୍କ ସମେତ ପିରିଓଡିକାଲ୍ ଏଡିଟର ଓ ପବ୍ଲିଶର ଆସୋସିଏସନ୍, ଓଡ଼ିଶା ୱିଥଆଉଟ୍ ବୋର୍ଡର ପକ୍ଷରୁ ନିରଞ୍ଜନ ମିଶ୍ର ଓ କ୍ଷୀରୋଦ କୁମାର ଜେନା, ଜୟଦେବ ନିର୍ବାଚନ ମଣ୍ଡଳୀର ସଂଖ୍ୟାଲଘୁ ବିକାଶ ପରିଷଦ, ▶ପୃଷ୍ଠା-୯



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ଭଦ୍ରକ ଜିଲ୍ଲାକୁ ୨୦ କୋଟି ୩୨ଲକ୍ଷ ଟଙ୍କାର ଅନୁଦାନ

ଭଦ୍ରକ, ୩୦।୧୧(ସମିସ)

ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ଆଧାରରେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତି ଭୂମିର ଉନ୍ନତି କରଣ ନିମନ୍ତେ ୧ ହଜାର କୋଟି ଟଙ୍କା ବ୍ୟୟରେ ୩୭୨ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୧୪୦ କୋଟି ଟଙ୍କା ବ୍ୟୟରେ ୧୦୩ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସଂପୃକ୍ତ ବିଭାଗର ଅଧିକାରୀ, ସଂପୃକ୍ତ ସରପଞ୍ଚ ଓ ଅନ୍ୟ ଜନପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି କରଣ ନେଇ ଆଗରପଡ଼ାରେ ନୂଆ ସିଏଚ୍‌ସି ନିର୍ମାଣ ପାଇଁ ୧୦ କୋଟି ୬୮ଲକ୍ଷ, ଚାନ୍ଦବାଲି ସିଏଚ୍‌ସିରେ ୪ର୍ଥ ଓ ୫ମ ମହଲା ନିର୍ମାଣ ପାଇଁ ୪ କୋଟି ୭୭ ଲକ୍ଷ ଭଣ୍ଡାରିପୋଖରୀ ସିଏଚ୍‌ସିର ୪ର୍ଥ ଓ ୫ମ ମହଲା ନିର୍ମାଣ ପାଇଁ ୪ କୋଟି ୮୭ ଲକ୍ଷ ଟଙ୍କାର ଅନୁମୋଦନ କରାଯାଇଛି। ଆଗରପଡ଼ା ସିଏଚ୍‌ସିର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୁଲିସ୍ ହାଉସିଂ କର୍ପୋରେସନ୍ ଦ୍ୱାରା ପରିଚାଳନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାହାରେ ରହୁଥିବା ପରିବାର ପାଇଁ ବିଏସ୍‌କେୱାଇ ଟୋଲ ଫ୍ରି ନମ୍ବର ୧୮୦୦୨୦୧୨୦୧୦୪ର ଶୁଭାରମ୍ଭ କରାଗଲା। ପ୍ରକାଶଥାଉକି ରାଜ୍ୟ ଭିତରେ ବିଏସ୍‌କେୱାଇ ହିତାଧିକାରୀମାନେ ୧୦୪ ନମ୍ବର ବ୍ୟବହାର କରିଥାନ୍ତି।

● ଚିକିତ୍ସା ପାଇଁ ଯାଇଥିବା ବେଳେ ଲୁଟିନେଲେ ଦୁର୍ବୃତ୍ତ

ସୁନା ଅଳଙ୍କାର ସହ ପ୍ରାୟ ୮ ଲକ୍ଷ ଟଙ୍କାର ଚୋରି

ଭଦ୍ରକ, ୩୦।୧୧(ସମିସ): ଭଦ୍ରକ ପୁରୁଣାବଜାର ଥାନା ଅଧୀନ ୩୦ନମ୍ବର ୱାର୍ଡ ଅନ୍ତର୍ଗତ ବାଲିପାଟଣା ଗାଁରେ ଗତ ବୁଧବାର ବିଳମ୍ବିତ ରାତିରେ ଏକ ବଡ ଧରଣର ଚୋରି ହୋଇଛି। ଘର କର୍ତ୍ତା ଓ ତାଙ୍କ ପତ୍ନୀ ଚିକିତ୍ସା ପାଇଁ କଟକ ଯାଇଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରେ କଳା କନା ବୁଲାଇ ଦେଇଛନ୍ତି।

ପ୍ରକାଶ ଯେ, ବାଲିପାଟଣା ଗାଁ ଅଧିବାସୀ ରମାକାନ୍ତ ନାୟକ ଓ ତାଙ୍କ ପତ୍ନୀ ସତ୍ୟଭାମା ନାୟକ ଗତକାଲି ଚିକିତ୍ସା ପାଇଁ କଟକ ଯାଇଥିଲେ। ରମାକାନ୍ତ ବ୍ୟବସାୟ କରନ୍ତି ଓ ସେ ଜଣେ ହୃଦ୍‌ରୋଗୀ। ତାଙ୍କ ଚିକିତ୍ସା ପାଇଁ ଏହି ଦମ୍ପତି ଗତକାଲି କଟକ ଯାଇ ଫେରିପାରିନଥିଲେ। ତାଙ୍କ ଏକମାତ୍ର ପୁତ୍ର ଗୁଜରାଟ ସିଲପ୍ରଭାରେ କାର୍ଯ୍ୟ କରୁଥିବା ବେଳେ ଏକମାତ୍ର ଝିଅ କଟକ କଲେକ୍ଟରିଏଟ୍‌ରେ କାର୍ଯ୍ୟ କରନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ତାଙ୍କ ଘରର ମୁଖ୍ୟକବାଟ ତାଲା ଭାଙ୍ଗି ଚୋରମାନେ ଘର ଭିତରକୁ ଯାଇଥିଲେ। ପରେ ଅନ୍ୟ ରୁମ୍ ଓ ତାଙ୍କ ଲୁହା ଆଲମିରାର ୧୧ଟି ତାଲାକୁ ଭାଙ୍ଗି ଚୋରି କରିଥିଲେ। ନିଜ ଝିଅ ବାହାଘର ଲାଗି ରମାକାନ୍ତ ଘରେ ରଖିଥିବା ସମସ୍ତ ସୁନାଗହଣା ସହ ତାଙ୍କ ପତ୍ନୀଙ୍କ ସୁନାଗହଣା, ନଗଦ ପ୍ରାୟ ୩୦ହଜାରରୁ ଅଧିକ ଟଙ୍କାକୁ ମିଶାଇ ମୋଟ ୮ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଚୋରି କରିନେଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଖବର ଓ ଅଭିଯୋଗ ପାଇବା ପରେ ପୁରୁଣାବଜାର ପୁଲିସ ଘଟଣାସ୍ଥଳକୁ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ଯାଇ ତଦନ୍ତ କରିଛନ୍ତି। ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ପ୍ରଭାତ ମାଝୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଭଦ୍ରକ ସହରାଞ୍ଚଳରେ ଏବେ ଚୋରି, ଲୁଟ୍ ଘଟାଣା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏଦିଗରେ ଜିଲ୍ଲା ପୁଲିସ ପକ୍ଷରୁ ନିୟମିତ ଭାବେ ପେଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି।

ସାପକାମୁଡ଼ାରେ ଯୁବକ ମୃତ

ମଞ୍ଜୁରୀରୋଡ, ୩୦।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ଦେଉଳପଦୀ ଗ୍ରାମର ଜଣେ ଯୁବକଙ୍କୁ ସାପ କାମୁଡ଼ି ଦେବାରୁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଗ୍ରାମର ବୈଷ୍ଣବ ରାଉତଙ୍କ ପୁଅ ହେମନ୍ତ(୪୫) ବୁଧବାର ଅପରାହ୍ନରେ ଚାଷଜମିକୁ ଯାଇଥିଲେ। ସେଠାରେ ଏକ ବିଷଧର ସାପ ତାଙ୍କୁ କାମୁଡିଥିଲା ହେମନ୍ତ ସଙ୍ଗେ ସଙ୍ଗେ ଘରକୁ ଫେରି ଆସିଥିବା ବେଳେ ଅସୁସ୍ଥ ମଧ୍ୟ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଯାଜପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଯୁବକଙ୍କ ଅକାଳ ବିୟୋଗ ଯୋଗୁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ମାଳଦାରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, ୩୦।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନୂତନ ସିଏସସି ପ୍ଲସ ବ୍ୟାଙ୍କ ଆଉଟଲେଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଯୋଗେ ଉଦଘାଟନ କରିଛନ୍ତି। ଭାରତୀୟ ଷ୍ଟେଟବ୍ୟାଙ୍କ ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଡିଓ ଦେବଦତ୍ତ ଦାସ, ସରପଞ୍ଚ ମୀନତି ପରିଡ଼ା, ସମିତି ସଭ୍ୟା ରିତାଞ୍ଜଳୀ ସାମଲ, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମବାସୀଙ୍କ ଆର୍ଥିକ କାରବାର ପାଇଁ ହାତପାଆନ୍ତାରେ ସେବା ଉପଲବ୍ଧ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଥିଲା। ବିଶେଷ କରି ବୃଦ୍ଧ, ଗର୍ଭବତୀ ମହିଳା, ଭିନ୍ନକ୍ଷମମାନେ ଦ୍ୱାର ମୁହଁରେ ବ୍ୟାଙ୍କ ସେବା ହାସଲ କରିପାରିବେ ବୋଲି ଆଉଟଲେଟ ଶାଖା ପରିଚାଳକ ପ୍ରକାଶ କରିଥିଲେ।

କାମରେ ଆସୁନି ଶବଦାହ ଗୃହ

ଆଗରପଡ଼ା, ୩୦।୧୧(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଏକ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଗୋଟିଏ କିମ୍ବା ୨ଟି ଶବ ଦାହ କେନ୍ଦ୍ର ନିର୍ମାଣ କରାଯାଇଛି। ଉକ୍ତ ଶବ ଦାହ ଗୃହର ପରିବେଶକୁ ସୁନ୍ଦର ପାଇଁ ଫୁଲ ଗଛ ଲଗାଯିବାର

ବ୍ୟବସ୍ଥା ହୋଇଛି। ହେଲେ ଦୀର୍ଘ ବର୍ଷ ହେବ ବନ୍ତ ବ୍ଲକର ୨୫ ଗୋଟି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଶବ ଦାହ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ଏହା କେବଳ ଗୃହରେ ସୀମିତ ରହିଛି। ବହୁ ଅର୍ଥ ବ୍ୟୟରେ ନିର୍ମିତ ହୋଇଥିବା ଶବ ଦାହ ଗୃହକୁ ବିଭିନ୍ନ ଗୁଳ୍ମ ଘେରି ରହିଥିବା ବେଳେ ଏହାର ପରିସର ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଗୃହ ଗୁଡ଼ିକ ଜନ ସଚେତନତା ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଅଗୋଚରରେ ରହୁଥିବାରୁ ତାହା କେବଳ ଗୃହରେ ସୀମିତ ରହି ନଷ୍ଟ ହେବାକୁ ବସିଛି। ତେଣୁ ଏଠାରେ ଶବ ଦାହ କରିବା ପରିବର୍ତ୍ତେ ବିଭିନ୍ନ ଗ୍ରାମରେ ମୃତ ବ୍ୟକ୍ତିଙ୍କୁ ସେହି ପୁରାତନ ରୀତିନୀତିରେ ଗ୍ରାମରେ ଥିବା ଗୋଚର ଓ ଶ୍ମଶାନ ପଡ଼ିଆରେ ପୋତା ଯାଇଛି କିମ୍ବା ଅଗ୍ନିରେ ଦାହ କରାଯାଉଛି। ବହୁ ସ୍ଥାନରେ ମଧ୍ୟ ଶ୍ମଶାନ ଅଭାବରୁ ବହୁ ବ୍ୟକ୍ତି ନିଜ ନିଜର ନିଜସ୍ୱ ସ୍ଥାନରେ ଶବ ଦାହ କରୁଛନ୍ତି। ସରକାର ମୃତକଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହ ଜନସାଧାରଣଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରି ଶବଦାହ ଗୃହ ନିର୍ମାଣ କରିଥିବାରୁ ତାହାର ଉପଯୁକ୍ତ ବ୍ୟବହାର ପାଇଁ ବିଭାଗୀୟ ଅଧିକାରୀ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ

ଭଦ୍ରକ, ୩୦।୧୧(ସମିସ): ଭଦ୍ରକ ଉତ୍ତର ବାହିନୀସ୍ଥ ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ (ନୂଆ ଓଡ଼ିଶା-ନବୀନ ଓଡ଼ିଶା) କାର୍ଯ୍ୟକ୍ରମ ଉଦଘାଟନ ଉତ୍ସବ ସହିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ୩୦ନମ୍ବର ୱାର୍ଡ ପାରିଷଦ ଉର୍ମିଳା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶ ଗଠନରେ ଯୁବସମାଜର ବହୁବିଧ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ପ୍ରାକ୍ତନ ପାରିଷଦ ପ୍ରଭାତ କୁମାର ମାଝୀ ମଧ୍ୟ ଏହି ଉତ୍ସବରେ ଯୋଗ ଦେଇ ଅନୁରୂପ

ମତ ପ୍ରକାଶ କରିଥିଲେ। ବରିଷ୍ଠ ଅଧ୍ୟାପକ ତଥା ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ସୁବାସ ଚନ୍ଦ୍ର ସାମଲ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରି ନୂଆ ଓଡ଼ିଶାର ଏକ ଅନନ୍ୟ ସ୍ୱପ୍ନର ପରିକଳ୍ପନା ଯେ ସରକାର ଯୁବ ସମାଜ ଆଗରେ ସ୍ଥାପନ କରିବାକୁ ଯାଉଛି ବୋଲି ମତ ଦେଇଥିଲେ। ସାଂସ୍କୃତିକ ବିଭାଗର ସଂଯୋଜକ ବରିଷ୍ଠ ଅଧ୍ୟାପକ ଶୁଭକାନ୍ତ କୁଅଁର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମଧୁମିତା ସ୍ୱାଇଁ, ଅଧ୍ୟାପିକା ଅଳକା ସାହୁ, ଅଧ୍ୟାପକ ରବୀନ୍ଦ୍ର ପାଢ଼ୀ, ହୃଷିକେଶ ବେହେରା, ଅଧ୍ୟାପିକା କୁହୁସିଆ ଜମାଲ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଏହି ଉତ୍ସବରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ଅଧ୍ୟାପକ ତଥା ସାମାଜିକ କାର୍ଯ୍ୟକ୍ରମ ର ସଂଯୋଜକ ସୁଭାଶିଷ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ରାମଚନ୍ଦ୍ର ସାହୁ, ଅମର ପରିଡ଼ା, ପ୍ରଭାତ ପ୍ରଧାନ, କୁଳମଣି ନାଥ, ମନମୋହନ ସାହୁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଗଣିତ ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

ବନ୍ତ,୩୦।୧୧(ସମିସ): ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଆପଣ୍ଡା ନୋଡାଲ ଉପ୍ରା ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ରୀ ଏମ୍‌ଏମ୍ ପ୍ରତ୍ୟାଶା

ଆର୍ଯ୍ୟଭଟ୍ଟ ଗଣିତ ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ପ୍ରତ୍ୟାଶାଙ୍କୁ ପ୍ରମାଣପତ୍ର ସହ ମେଡାଲ ପ୍ରଦାନ କରାଯାଇଛି। ଆର୍ଯ୍ୟଭଟ୍ଟ ଗଣିତ ପ୍ରତିଭା ଅନ୍ୱେଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଅକ୍ଟୋବର ମାସରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେତେବେଳେ ପ୍ରତ୍ୟାଶା ରାମପୁରସ୍ଥିତ ରାମ ନାରାୟଣ ଉପ୍ରା ବିଦ୍ୟାଳୟରେ ୫ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେ ବରକୋଣା ଗ୍ରାମର ମାର୍କଣ୍ଡ ବେହେରା ଓ ମମତା ବେହେରାଙ୍କ କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ପିତାମାତା ଓ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।

ଭଦ୍ରକ ବିଭାଗ ନିରୀକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, ୩୦।୧୧(ସମିସ): ଭଦ୍ରକ ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାରଠାରେ ଶିକ୍ଷା ବିକାଶ ସମିତି ଓଡ଼ିଶା ପୂର୍ବୋତ୍ତର ସମ୍ଭାଗ ଭଦ୍ରକ ବିଭାଗର ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପରିଚାଳନା କମିଟିର

ସଭାପତି ଡ.ହୃଷୀକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଖିଳ ଭାରତ ପୂର୍ବ କ୍ଷେତ୍ରର ଅଧ୍ୟକ୍ଷ ଡ. ଲକ୍ଷ୍ମୀକାନ୍ତ ମହାରଣା, ମୁଖ୍ୟବକ୍ତା ଭାବେ ପୂର୍ବୋତ୍ତର ସମ୍ଭାଗର ସଭାପତି ଅମୂଲ୍ୟପ୍ରସାଦ ନାୟକ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲା ପ୍ରମୁଖ ପ୍ରଫୁଲ୍ଲ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନୂଆବଜାର ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭାଗବତ ପ୍ରସାଦ ମହାଳିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟିର କୋଷାଧ୍ୟକ୍ଷ ବସନ୍ତ କୁମାର ମହାନ୍ତିଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟ ସଂପାଦିତ ହୋଇଥିଲା। ପୂର୍ବୋତ୍ତର ସମ୍ଭାଗର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ବନ୍ତ ସଂକୁଳ ସଂଯୋଜକ ରାଜକିଶୋର ଦାସ, ବାସୁଦେବପୁର ସଂକୁଳ ସଂଯୋଜକ ରବୀନ୍ଦ୍ର ବାରିକ, ସହ ସଂଯୋଜକ ଗଣେଶପ୍ରସାଦ ରାଉତ, ନୂଆବଜାର ସଂକୁଳ ର ସହ ସଂଯୋଜକ ମଦନମୋହନ ମହାନ୍ତ, ଚାନ୍ଦବାଲି ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ସବ୍ୟସାଚୀ ମହାନ୍ତି, ତିହିଡି ଶିଶୁ ମନ୍ଦିର ସହ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ଜେନା, ଅସୁରାଳି ସଂକୁଳ ସଂକୁଳ ସଂଯୋଜକ ନିତ୍ୟାନନ୍ଦ ପତି, ଖଇରା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଶୀକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବାଲେଶ୍ୱର ଜିଲ୍ଲା ପ୍ରଚାରକ ଚନ୍ଦ୍ରଶେଖର ମହାପାତ୍ର, ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୂଆବଜାର ସଂକୁଳର ସଂକୁଳ ସଂଯୋଜକ ପଦ୍ମନାଭ ମଲ୍ଲିକଙ୍କ ସମେତ ଭଦ୍ରକ ବିଭାଗ ର ସମସ୍ତ ପ୍ରଧାନ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟା ଓ ସଂପାଦକ ବଂଧୁ ଉପସ୍ଥିତ ରହି ସହଯୋଗ କରିଥିଲେ। ନା କମିଟି ର ସଂପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟ ପ୍ରଶଂସିତ

ଅସୁରାଳି, ୩୦।୧୧(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମିଲେଟ ମିଶନ ବିଷୟ ଭିତ୍ତିକ ନୃତ୍ୟ ପ୍ରଦର୍ଶନ କରି ଅନ୍ନପାଳ ସ୍ଥିତ ଓଡିଆ ଯାତ୍ରାର ପ୍ରବାଦ ପୁରୁଷ ଗଣନାଟ୍ୟକାର ରଘୁନାଥ ପଣ୍ଡାଙ୍କ ସ୍ମୃତିରେ ନୂଆକରି ଗଢି ଉଠିଥିବା ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟ ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଛି।

ନୃତ୍ୟଗୁରୁ ଦେବଜ୍ୟୋତି ବିଶ୍ୱାଳଙ୍କ ନିର୍ଦ୍ଦେଶନା ଓ ସଙ୍ଗୀତକାର କବି ମନୋଜ ପଣ୍ଡାଙ୍କ ସଂଯୋଜନାରେ ଏହି ନୃତ୍ୟ କାର୍ଯ୍ୟକ୍ରମକୁ ଜଗନ୍ନାଥ କର ପରିଚାଳନା କରିଥିଲେ। ଛାତ୍ରୀ ଯାଜ୍ଞସେନୀ ମିଶ୍ର, ସ୍ମରଣିକା ସାହୁ, ତନୁଶ୍ରୀ ସୂତାର, ଲକ୍ଷ୍ମୀ ପ୍ରୀୟା ପରିଡ଼ା, ସ୍ମୃତି ପ୍ରୀୟା ଯେନା, ନନ୍ଦିନୀ ମଳିକ, ମମତା ରାଣୀ କର ଓ ଗୀତାଞ୍ଜଳି ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। କୃଷି ଅଧିକାରୀ ଗୀତିକାର ଅରୁଣ ପାତ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦେଶୀ ମଦ ସହ ଅଟୋ ଜବତ; ୪ ଗିରଫ

ଭଦ୍ରକ, ୩୦।୧୧(ସମିସ): ଭଦ୍ରକ ଅବକାରୀ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ବଳ ଓ ଭଦ୍ରକ ସହରାଞ୍ଚଳ ଥାନା ଷ୍ଟାଫମାନଙ୍କୁ ନେଇ ମିଳିତ ଭାବରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଭଦ୍ରକ ସହରାଞ୍ଚଳ ଥାନା ଅନ୍ତର୍ଗତ ଗବସାହି, ଚରମ୍ପା, ଖଣ୍ଡିଆବଜାର ଅଞ୍ଚଳରେ ଚଢ଼ାଉ କରାଯାଇ ଗୋଟିଏ ଯାତ୍ରୀବାହୀ ଅଟୋ (ଓଡି-୨୨ଏମ-୩୭୯୨) ଏବଂ ୪୩୦ ଲିଟର ଦେଶୀ ମଦ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ସହରାଞ୍ଚଳ ଥାନା ଅନ୍

ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

ଆସିକା,୩୦।୧୧(ସମିସ): ଭୁବନେଶ୍ୱରରେ ଜଳଯୋଗାଣ ବିଭାଗରେ କାର୍ଯ୍ୟରତ କୋଟିପତି କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ପାଢ଼ୀଙ୍କ ଆସିକା ସୁନାମ୍ବ ସାହି ସ୍ଥିତ ପୈତୃକ ଘର ଓ ଆସିକା ବସଷ୍ଟାଣ୍ଡ ନିକଟରେ ଥିବା ଜଗା ମାର୍କେଟ କମ୍ପ୍ଲେକ୍ସରେ ଭିଜିଲାନ୍ସର ଦୁଇଟି ଟିମ୍ ଗୁରୁବାର ଭୋରରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ତାଙ୍କ ବାପାଙ୍କ ନାମରେ ଥିବା କମ୍ପ୍ଲେକ୍ସର ଦୋକାନୀମାନଙ୍କୁ କେତେ

ଭଡ଼ା ଦେଉଛନ୍ତି, କେତେଟି ଘର ଭଡ଼ା ସୂତ୍ରରେ ଲାଗିଛି, ତାହା ପଚରାଉଚରା କରିଛି ଭିଜିଲାନ୍ସ। ଏହା ସହ ପୈତୃକ ଘରର ବିଭିନ୍ନ ନଥିପତ୍ର ଜମିବାଡ଼ିର କାଗଜ ପତ୍ର ଯାଞ୍ଚ କରିଥିଲେ। ଏପରିକି ପୈତୃକ ଘରଟି ଦୁଇ ମହଲା ହୋଇଥିବା ବେଳେ ତାହା ମାପ ମଧ୍ୟ କରିଛନ୍ତି ଅଧିକାରୀମାନେ। ହେଲେ ଆସିକା ସହ ଭଞ୍ଜନଗର ଲଣ୍ଡେଇ ସାହିରେ ଥିବା ତାଙ୍କ ଶଶୁର ଘରେ ମଧ୍ୟ ଅନ୍ୟ ଏକ ଟିମ୍ ଚଢ଼ଉ କରିଥିବା ସୂଚନା ମିଳିଛି। ଭଞ୍ଜନଗରକୁ ଯାଇଥିବା ଟିମର ଦାୟିତ୍ୱ ଅନୁପମା ମହାପାତ୍ର ନେଇଥିବା ବେଳେ ଆସିକା ମାର୍କେଟ କମ୍ପ୍ଲେକ୍ସରେ ପ୍ରଣିତା ରାୟ

■ ପୈତୃକ ଘର, ବସ୍‌ଷ୍ଟାଣ୍ଡ ଓ ଶଶୁର ଘରେ ଚଢ଼ଉ
■ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଯାଞ୍ଚ

ଓ ପୌତୃକ ଘର ସୁନାମ୍ବ ସାହିରେ ଗଜ ପାଇକରାୟ ନେତୃତ୍ୱ ନେଇ ଚଢ଼ଉ କରିଥିଲେ। ହେଲେ ଏଠାରୁ କ'ଣ ସବୁ ଜବତ କରାଯାଇଛି ତାହା ଭିଜିଲାନ୍ସ ଟିମ୍ ସ୍ପଷ୍ଟ କରିନାହିଁ। ସୂଚନାଥାଉ କି, ଜେଇଙ୍କ ବାପା ଜଗବନ୍ଧୁ ପାଢ଼ୀ ଜଣେ ଅବସରପ୍ରାପ୍ତ ରେଞ୍ଜର। ତାଙ୍କରି ନାଁରେ ମଧ୍ୟ ପୂର୍ବରୁ ଦୁର୍ନୀତି ଅଭିଯୋଗ ଆସିଥିଲା, ଆଉ ସେଥିପାଇଁ ତାଙ୍କୁ ମଧ୍ୟ ଭିଜିଲାନ୍ସ ୩ ଥର ନିଜ ପରିସରକୁ ନେଇଥିଲା। ଏବେ ପୁଣି ପୁଅ ଉପରେ ଭିଜିଲାନ୍ସ ଚଢ଼ଉ କରାଯାଇଛି।

ପତ୍ନୀହନ୍ତାକୁ ୧୫ବର୍ଷ ଜେଲ୍

ବ୍ରହ୍ମପୁର,୩୦।୧୧(ସମିସ): ମହିଳାଙ୍କୁ ହତ୍ୟା ମାମଲାର ଶୁଣାଣି କରି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଗୁରୁବାର ଅଭିଯୁକ୍ତ ମହିଳାଙ୍କ ସ୍ୱାମୀ ବୁଲୁ ସାହୁକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୫ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୁଲିସ ତଦନ୍ତ ଏବଂ ୧୩ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ରାଜ କୁମାର ଦାସ ଏହି ରାୟ ଶୁଣାଇଛନ୍ତି। ଏହାସହ ଆସାମୀକୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ହେଲେ, ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ସଦାନନ୍ଦ ବିହାର ଅଞ୍ଚଳର ବୁଲୁ ୨୦୦୮ ମସିହାରେ ଝିଲି ପାଢ଼ୀଙ୍କୁ ବିବାହ କରିଥିଲେ। ତେବେ ବାପଘରୁ ଅଧିକ ଯୌତୁକ

● ୩ବର୍ଷର ଶିଶୁପୁତ୍ର ସମ୍ମୁଖରେ କରିଥିଲା ହତ୍ୟା
● ୧୦ ବର୍ଷ ପରେ ଚୂଡ଼ାନ୍ତ ରାୟ ପ୍ରକାଶ

ଆଣିବା ଦାବିରେ ବୁଲୁ ବାରମ୍ବାର ଝିଲିଙ୍କ ଉପରେ ଚାପ ପକାଇ ଆସୁଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଗତ ୨୦୧୩ ମେ' ୨୫ତାରିଖରେ ବୁଲୁ ନିଜ ଶ୍ୱଶୁର ଘରକୁ ଯାଇ ଅଧିକ ୧୦ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ଶ୍ୱଶୁର ଘର ଲୋକ ଅକ୍ଷମତା ପ୍ରକାଶ କରିବାରୁ ବୁଲୁ ସେଠାରୁ ରାଗି ଘରକୁ ଚାଲି ଆସିଥିଲା ଓ ଝିଲିଙ୍କ ଉପରେ ସବୁ ରାଗ ଶୁଝାଇଥିଲା। ୩ ବର୍ଷର ପୁଅ ଆଗରେ ସେ ଝିଲିଙ୍କ ମୁଣ୍ଡକୁ ଏକ ଶିଳପୁଆରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଥିଲା। ଏନେଇ ଅଭିଯୋଗ ହେବା ପରେ ଗୋଷାଣିନୂଆଗାଁ ଥାନା ପୁଲିସ ଘଟଣାର ପରଦିନ ବୁଲୁକୁ ଗିରଫ କରିଥିଲା। ଦୀର୍ଘ ୧୦ ବର୍ଷ ପରେ ଆଜି ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଟେରୋସ୍କୋଭା ମହାପାତ୍ର ଓ କ୍ୟାଡର୍ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରୁଥିଲେ।

● କାଳହେଲା ଅନ୍‌ଲାଇନ୍‌ରେ ରୋଜଗାର ଲୋଭ

୧୯ଲକ୍ଷ ହରାଇଲେ ମହିଳା

ବ୍ରହ୍ମପୁର,୩୦।୧୧(ସମିସ): ଘରେ ବସି ଅନଲାଇନ୍‌ରେ ଟଙ୍କା ରୋଜଗାର କରିବାର ଲୋଭ ଜଣେ ମହିଳାଙ୍କୁ ମହଙ୍ଗା ପଡ଼ିଛି। ସାଇବର୍ ଠକଙ୍କ ଜାଲରେ ପଡ଼ି ସେ ୧୯ଲକ୍ଷ ୨୬ ହଜାର ୭୩୮ ଟଙ୍କା ହରାଇଛନ୍ତି। ସୂଚନାନୁସାରେ, ବ୍ରହ୍ମପୁର ଖାଜା ସାହିରେ ରହୁଥିବା ପିଙ୍କି ଦେବୀ (ଛଦ୍ମ ନାମ) ଙ୍କ ମୋବାଇଲକୁ ଗତ ୧୫ ତାରିଖରେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ଘରେ ବସି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିହେବ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ୟୁଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରାଇବ୍ ଓ ଲାଇକ୍ କଲେ, ତାଙ୍କୁ ଟଙ୍କା ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ପିଙ୍କି ଆଗପଛ ବିଚାର ନ କରି ସେଥିରେ ଦିଆଯାଇଥିବା ଲିଙ୍କ୍ ଜରିଆରେ ଠକଙ୍କ ଟେଲିଗ୍ରାମ୍ ଚ୍ୟାନେଲରେ ଯୋଡ଼ି ହୋଇଯାଇଥିଲେ। ଠକମାନେ ତାଙ୍କ ବିଶ୍ୱାସ ଜିତିବା ପାଇଁ ପ୍ରଥମେ ଗୋଟିଏ ଭିଡିଓ ଲାଇକ୍ ପାଇଁ ତାଙ୍କ ଆକାଉଣ୍ଟକୁ ୧୧୭ ଟଙ୍କା ପଠାଇ ଦେଇଥିଲେ। ଏହାପରେ ଠକମାନେ ତାଙ୍କୁ ଟ୍ରେଡିଂର ଲୋଭ ଦେଖାଇଥିଲେ। ଠକଙ୍କ କଥାରେ ପଡ଼ି ପିଙ୍କି ମାତ୍ର ୫ଦିନ ଭିତରେ ଠକଙ୍କ ଦ୍ୱାରା ଦିଆଯାଇଥିବା ଆକାଉଣ୍ଟରେ ମୋଟ ୧୯ ଲକ୍ଷ ୨୬ ହଜାର ଟଙ୍କା ୭୩୮ ଟଙ୍କା ଜମା କରିଦେଇଥିଲେ। କିନ୍ତୁ ପରେ ଠକଙ୍କ ପକ୍ଷରୁ ସେମାନଙ୍କୁ ଆଉ ଯୋଗାଯୋଗ କରାଯାଇନଥିଲା। ସେ ଠକେଇର ଶିକାର ହୋଇଛନ୍ତି ଜାଣିବା ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି।

■ ସାଇବର୍ ଠକଙ୍କ ନୂଆ କାରନାମା

ଆକାଉଣ୍ଟରୁ ଲୁଟିନେଲେ ଲକ୍ଷେ

ଘଟଗାଁ, ୩୦।୧୧ (ସମିସ): ବ୍ୟାଙ୍କ ମ୍ୟାନେଜର୍ ପରିଚୟ ଦେଇ ଆକାଉଣ୍ଟରୁ ଲୁଟିନେଲା ୧ଲକ୍ଷ ଟଙ୍କା। ସାଇବର୍ ଠକଙ୍କ ଦ୍ୱାରା ଏପରି ଠକେଇର ଶିକାର ହୋଇଛନ୍ତି ଘଟଗାଁର କ୍ଷମାକର ନାଏକ। କ୍ଷମାକରଙ୍କ ଘଟଗାଁ ବଜାର ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସରେ ଏକ ମୋବାଇଲ ମରାମତି ଦୋକାନ ଅଛି। ସୂଚନାନୁଯାୟୀ, ଗତ ୧୫ ତାରିଖ ଦିନ ପ୍ରାୟ

ଗୋଟାଏରେ ତାଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ବାରମ୍ବାର କଲ୍ ଆସିଥିଲା। କ୍ଷମାକର ଫୋନ୍ ଉଠାଇବାରୁ ଅପରପାର୍ଶ୍ୱର ବ୍ୟକ୍ତିଜଣଙ୍କ ନିଜକୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ

ବ୍ୟାଙ୍କ ମ୍ୟାନେଜର୍ ପରିଚୟ ଦେଇ ମାଗିନେଲେ ଓଟିପି

ମ୍ୟାନେଜର୍ ବୋଲି ପରିଚୟ ଦେଇଥିଲା। ତେବେ ଆକାଉଣ୍ଟରେ ପ୍ୟାନ୍ କାର୍ଡ ସଂଯୋଗ ଆଳରେ ଠକ ଚତୁରତାର ସହ ତାଙ୍କ ମୋବାଇଲ୍‌କୁ ଆସିଥିବା ଏକ ଓଟିପି ମାଗି ନେଇଥିଲା। ଏହାର କିଛି ସମୟ ପରେ କ୍ଷମାକରଙ୍କ ପୂରା ଆକାଉଣ୍ଟ ଖାଲି ହୋଇଯାଇଥିଲା। ତାଙ୍କ ଆକାଉଣ୍ଟରେ ଥିବା ୧ଲକ୍ଷ ୨ ହଜାର ୯୦୦ ଟଙ୍କା କଟିଯାଇଥିଲା। ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏ ସଂପର୍କରେ ଘଟଗାଁ ଥାନା ଓ ପରେ କେନ୍ଦୁଝର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଭିଜିଲାନ୍ସ ପଞ୍ଜାରେ ସେଚ ବିଭାଗର ସହକାରୀ ଯନ୍ତ୍ରୀ

୫ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ

ବାରିପଦା,୩୦।୧୧(ସମିସ): ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଗୁରା ସିଂ। ବୋରୱେଲ ଖୋଳା କାର୍ଯ୍ୟର

ସର୍ଭେ କରିବା ପାଇଁ ସେ ଏହି ଲାଞ୍ଚ ନେଉଥିଲେ।

ସୂଚନା ଅନୁଯାୟୀ, ବାରିପଦାର ରାସଲ ଗ୍ରାମର ଖଗେଶ୍ୱର ବେହେରା ନିଜ ଜାଗାରେ ସରକାରୀ ଯୋଜନାରେ ଚାଷ କାମ ପାଇଁ ଏକ ବୋରୱେଲ ଖୋଳିବା ପାଇଁ ଉଠାଜଳସେଚନ ବିଭାଗରେ ଆବେଦନ କରିଥିଲେ। ସରଜମିନ୍ ରିପୋର୍ଟ ଦେବା ଲାଗି ଉଠା ଜଳସେଚନ ବିଭାଗର ମୋରଡ଼ା ବ୍ଲକ୍ ସହକାରୀ ଯନ୍ତ୍ରୀ ଗୁରା ସିଂ ଖଗେଶ୍ୱରଙ୍କ ପୁଅ ଧର୍ମପଦଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ଧର୍ମପଦ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାକୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ, ଧର୍ମପଦଙ୍କଠାରୁ ଶ୍ରୀ ସିଂ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବାରମାଇଲ ଛକ ନିକଟରେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏହା ପରେ ଶ୍ରୀ ସିଂଙ୍କ ବାରିପଦା ଓ ବଡ଼ସାହି ଅଞ୍ଚଳରେ ଥିବା ଘର, ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଅତିରିକ୍ତ ଏସ୍. ପି ହରେକୃଷ୍ଣ ମାଝୀ ସୂଚନା ଦେଇଛନ୍ତି।



ଗଣମାଧ୍ୟମ ଯେଉଁ ବିଷୟକୁ ବିଶ୍ୱସନୀୟ ବୋଲି କହେ ଜନସାଧାରଣ ତା'କୁ ହିଁ ବିଶ୍ୱାସ କରନ୍ତି ।
-ଜର୍ଜ ଅରୱେଲ୍

ସକାଳ
THE SAKALA

ଦୁବାଇ ଜଳବାୟୁ ଶିଖର ସମ୍ମିଳନୀ ଉପରେ ସବୁରି ଆଖି

ଦୁବାଇରେ ଜାତିସଂଘ ଦ୍ୱାରା ଆୟୋଜିତ ୨୮ତମ ଜଳବାୟୁ ଶିଖର ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି । କୋପ୍ ୨୮ ନାମରେ ପରିଚିତ ବିଶ୍ୱର ଏହି ଗୁରୁତ୍ୱପୂର୍ଣ୍ଣ ଶିଖର ସମ୍ମିଳନୀ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଶ୍ୱର ପ୍ରାୟ ୧୯୦ ଦେଶରୁ ପାଖାପାଖି ୯୮ ହଜାର ପ୍ରତିନିଧି ଭାଗ ନେବେ । ପ୍ରତିନିଧିତ୍ୱ ଓ ପ୍ରସଙ୍ଗ ଦୃଷ୍ଟିରୁ ଏହା ବିଶ୍ୱର ସର୍ବବୃହତ୍ ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶିଖର ସମ୍ମିଳନୀ । ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ହେଲା ବିଶ୍ୱର ତାପମାତ୍ରା ବୃଦ୍ଧିକୁ ଶିଳ୍ପ ବିପ୍ଳବ ସମୟର ସ୍ଥିତିଠାରୁ ୧.୫ ଡିଗ୍ରୀ ସେଲ୍‌ସିୟସ ଅଧିକ ମଧ୍ୟରେ ସୀମିତ ରଖିବା । ସେଥିପାଇଁ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବ୍ୟବହାର କମାଇ ଅଣପ୍ରଦୂଷଣକାରୀ ସ୍ୱଚ୍ଛ ତଥା ଅକ୍ଷୟଶକ୍ତି ବ୍ୟବହାରକୁ ବଢ଼ାଇବା ନିମନ୍ତେ ବିଶ୍ୱସ୍ତରୀୟ ଚୁକ୍ତି ସ୍ୱାକ୍ଷର କରିବା ।

ପ୍ରସଙ୍ଗ ଅତି ଗୁରୁତ୍ୱପୂର୍ଣ୍ଣ । ତେବେ ଖାଲି ରାଜିନାମା କରିଦେଲେ ତାପମାତ୍ରା ବୃଦ୍ଧି ସମସ୍ୟାକୁ ନିୟନ୍ତ୍ରଣ କରିହେବ ନାହିଁ । ଅର୍ଥନୈତିକ ବିକାଶ ପାଇଁ ସବୁ ବିକାଶଶୀଳ ଓ ବିକଶିତ ଦେଶ ଏବେ କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନକୁ ପ୍ରଚୁର ପରିମାଣରେ ବ୍ୟବହାର କରୁଛନ୍ତି । ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଏବେ ପରିବେଶ ଏବଂ ଜୀବଜଗତ ପାଇଁ ଘୋର ବିପଦ ସୃଷ୍ଟି କରିଛି । ପ୍ରାୟ ଦୁଇଶହ ବର୍ଷ ଧରି ଏହି ଇନ୍ଧନ ବ୍ୟବହାର ପ୍ରଥମ ଶିଳ୍ପ ବିପ୍ଳବ ପରଠାରୁ ଚାଲିଛି ଯେ ସେଥିରେ ଲଗାମ ଲାଗିପାରୁ ନାହିଁ । ତେଣୁ ବିଶ୍ୱର ତାପମାତ୍ରା ଅଙ୍ଗାରକାମ୍ଳ ସ୍ତର ବୃଦ୍ଧି ଯୋଗୁଁ ବଢ଼ିଛି ଏବଂ ଏହା ଜଳବାୟୁ ପରିବର୍ତ୍ତନ ଓ ପରିବେଶ ବିପର୍ଯ୍ୟୟର ମୁଖ୍ୟ କାରଣ । ଏହି କାରଣରୁ ଏବେ ସୁଦ୍ଧା ବିଶ୍ୱର ତାପମାତ୍ରା ଏହି ୨୦୦ ବର୍ଷ ମଧ୍ୟରେ ଏକ ଡିଗ୍ରୀ ସେଲସିୟସରୁ ଅଧିକ ବଢ଼ି ସାରିଛି । ୨୦୫୦ ସୁଦ୍ଧା ଏହା ୧.୫ ଡିଗ୍ରୀ ଓ ୨୧୦୦ ମସିହା ସୁଦ୍ଧା ୩.୬ ରୁ ୭.୨ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ସୁତରାଂ ଏହି ତାପମାତ୍ରା ବୃଦ୍ଧିକୁ ଶିଳ୍ପ ବିପ୍ଳବ ସମୟଠାରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାକୁ ଜାତିସଂଘ ଗୁରୁତ୍ୱ ଦେଉଛି ।

ଏହି ରାଜିନାମାର ସଫଳତା ବିକଳ୍ପ ସ୍ୱଚ୍ଛ ଇନ୍ଧନ ଉତ୍ସ ଉପରେ ନିର୍ଭର କରେ । ସୌର, ଜଳ ଓ ପବନ ସହିତ ଅନ୍ୟାନ୍ୟ ଅଣପାରମ୍ପରିକ ଅକ୍ଷୟ ଶକ୍ତିକୁ ସେଥିପାଇଁ ବିନିଯୋଗ କରିବାକୁ ହେବ । ଏହା ପ୍ରୟାସ ମଧ୍ୟ ସହଜ ନୁହେଁ । ଏଭଳି ବିକଳ୍ପ ଶକ୍ତି ଉତ୍ପାଦନ ପାଇଁ ପ୍ରଚୁର ସମ୍ବଳ ତଥା ଉନ୍ନତ ଜ୍ଞାନକୌଶଳ ଲୋଡ଼ା । ସବୁ ବିକାଶଶୀଳ ରାଷ୍ଟ୍ର ତାହାକୁ କାର୍ଯ୍ୟକାରୀ କରିବାକୁ ଅର୍ଥବଳ ଏବଂ ଯନ୍ତ୍ରବଳ ପାଇବେ ନାହିଁ । ଦ୍ୱିତୀୟ ପ୍ରସଙ୍ଗ ହେଉଛି ଉନ୍ନତ ଓ ସମ୍ବଳସମୃଦ୍ଧ ଦେଶମାନେ ଏବେ ବିଶ୍ୱର ପ୍ରମୁଖ ପ୍ରଦୂଷଣକାରୀ । ଏ କ୍ଷେତ୍ରରେ ଚୀନ୍, ଆମେରିକା, ଭାରତ, ରୁଷିଆ, ଜାପାନ, ଜର୍ମାନୀ, ଇରାନ, ଦକ୍ଷିଣ କୋରିଆ, ସାଉଦୀ ଆରବ ଓ ଇଣ୍ଡୋନେସିଆ କ୍ରମନ୍ୱୟରେ ୧ରୁ ୧୦ମ ସ୍ଥାନରେ ରହିଛନ୍ତି । ସର୍ବାଧିକ ପ୍ରଦୂଷଣକାରୀ ଚୀନ୍ ବର୍ଷକୁ ୧୦,୦୬୫ ନିୟୁତ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ କରୁଥିବାବେଳେ ଆମେରିକା ୫୪୧୬ ନିୟୁତ ଟନ୍, ଭାରତ ୨୬୫୪ ନିୟୁତ ଟନ୍, ରୁଷିଆ ୧୭୧୧ ନିୟୁତ ଟନ୍, ଜାପାନ ୧୧୬୨ ନିୟୁତ ଟନ୍ ଅଙ୍ଗାରକାମ୍ଳ ନିଷ୍କାସନ କରୁଛନ୍ତି । ତେବେ ଏଠି ଭାରତ ପ୍ରସଙ୍ଗରେ ପ୍ରଶ୍ନ ଉଠୁଛି ଯେ ମୁଣ୍ଡପିଛା ହିସାବରେ ଭାରତର ଅଙ୍ଗାରକାମ୍ଳ ନିର୍ଗମନ ୧.୭୮ ମେଟ୍ରିକ୍ ଟନ୍ ଥିବାବେଳେ ବିଶ୍ୱରେ ଏହି ହାର ୪.୪୪ ମେଟ୍ରିକ୍ ଟନ୍ । ତେଣୁ ଆମେରିକା ସମେତ ପାଶ୍ଚାତ୍ୟ ବିକଶିତ ଧନୀ ରାଷ୍ଟ୍ର ଏବଂ ଅନ୍ୟ ଶିଳ୍ପୋନ୍ନତ ଦେଶଙ୍କର ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ଭାରତ ତୁଳନାରେ ଢେର ଅଧିକ ।

ଭାରତ ଭଳି ବିକାଶଶୀଳ ରାଷ୍ଟ୍ରକୁ ଏହି ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଦାୟୀ କରାଯାଇ ନପାରେ । ତଥାପି ସ୍ୱତଃପ୍ରବୃତ୍ତ ଭାବେ ଭାରତ ପାରମ୍ପରିକ ଶକ୍ତି ଉତ୍ପାଦନ ଏବଂ ବିନିଯୋଗ ହ୍ରାସ କରି ସବୁଜ / ଅକ୍ଷୟ ଊର୍ଜା ଉପରେ ଗୁରୁତ୍ୱ ଦେଉଛି । ୨୦୩୦ ସୁଦ୍ଧା ଭାରତ ତାହାର ମୋଟ୍ ବିଦ୍ୟୁତ୍ ଉତ୍ପାଦନର ୫୦% ଅଣପାରମ୍ପରିକ ଉତ୍ସରୁ ଉତ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ ୨୦୭୦ ସୁଦ୍ଧା ଅଙ୍ଗାରକାମ୍ଳ ନିଷ୍କାସନ ହାରକୁ ଶୂନ୍ୟ ସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି । ଆନ୍ତର୍ଜାତୀୟ ସୌରଶକ୍ତିମେଣ୍ଟ ସମେତ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଅନ୍ୟାନ୍ୟ ସବୁଜ ଇନ୍ଧନ ଉତ୍ପାଦନ ପାଇଁ ଭାରତ ଯେଉଁ ବ୍ୟାପକ ଅଭିଯାନ ଆରମ୍ଭ କରିଛି, ସେଥିରେ ଆମ ଦେଶର ଉଦ୍ଦେଶ୍ୟ ଓ ପ୍ରତିଶ୍ରୁତିକୁ ପ୍ରଶ୍ନ କରାଯାଇ ନପାରେ । ଏବେ ପ୍ରଶ୍ନ ଉଠୁଛି ଦୁବାଇରେ ହେବାକୁ ଥିବା ପ୍ରସ୍ତାବିତ ଚୁକ୍ତିରେ ଆମେରିକା, ଚୀନ୍ ଓ ଅନ୍ୟାନ୍ୟ ଶିଳ୍ପୋନ୍ନତ ରାଷ୍ଟ୍ର ସ୍ୱାକ୍ଷର କରିବେ ତ? ବଡ଼ କଥା ହେଉଛି ପାରସ୍ପରିକ ପ୍ରତିଯୋଗିତା । ଯାହା ପାଖରେ କୋଇଲା ଓ ତୈଳ ଅଛି ସେମାନେ ଏହାକୁ ଇନ୍ଧନ କରି ନିଜର ଶିଳ୍ପ ଓ ଅର୍ଥନୀତିକୁ ସମୃଦ୍ଧ କରୁଛନ୍ତି । ବିଶ୍ୱ ଜଳବାୟୁ ଚିନ୍ତା କେବଳ ଏକ ଧୂଆଁ ବାଣ । ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଏହି ସମ୍ମିଳନୀରେ ଯୋଗ ଦେଉନାହାନ୍ତି । ଚୀନ୍ ରାଷ୍ଟ୍ରପତିଙ୍କ ଯୋଗଦେବା ସ୍ୱଷ୍ଟ ହୋଇନାହିଁ । ତେଣେ ଏହି ସମ୍ମିଳନୀ ଅବସରରେ ନିଜର ତୈଳ ସଂପଦର ବିକ୍ରି ବୃଦ୍ଧି ପାଇଁ ଆୟୋଜକ ସଂପୃକ୍ତ ଆରବ ଏମିରେଟ୍ସର ଶାସନ ମୁଖ୍ୟ ବିଭିନ୍ନ ଦେଶର ନେତାମାନଙ୍କ ସହ ଗୁପ୍ତ ଆଲୋଚନା କରିବାର କାର୍ଯ୍ୟ ସୂଚୀ ରଖିଥିବା କଥା ପ୍ରଘଟ ହେବା ପରେ ବିବାଦ ସୃଷ୍ଟି ହୋଇଛି ।

ବ୍ୟକ୍ତିଗତ ସ୍ୱାର୍ଥ କିନ୍ତୁ ସାମୂହିକ ସ୍ୱାର୍ଥର ପରିପନ୍ଥୀ । ୨୦୨୩ ବିଶ୍ୱର ସବୁଠୁ ଉତ୍ତପ୍ତ ବର୍ଷ ହେବାର ରେକର୍ଡ ସ୍ଥାପନ କରିବାକୁ ଯାଉଛି । ପ୍ରତିଶ୍ରୁତି ସତ୍ତ୍ୱେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ବନ୍ଦ ହେଉନାହିଁ । ନିର୍ଗମନହାର ୯ ଶତାଂଶ ବଢ଼ିଛି । ପୃଥିବୀକୁ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଜନିତ ବିପଦରୁ ରକ୍ଷା କରିବାକୁ ହେଲେ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ହାରକୁ ୪୩% ହ୍ରାସ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଯୁଦ୍ଧ ବିଗ୍ରହ, ଅଶାନ୍ତି, ଅର୍ଥନୈତିକ ମାନ୍ଦାବସ୍ଥା, ପ୍ରାକୃତିକ ବିପତ୍ତି ଓ ଖାଦ୍ୟାଭାବ ଭଳି ଗୁରୁତର ସଂକଟ ଦେଇ ସମଗ୍ର ବିଶ୍ୱ ଏବେ ଗତି କରୁଛି । ଏଭଳି ସମୟରେ ଆୟୋଜିତ କୋପ୍ ୨୮ ଶିଖର ସମ୍ମିଳନୀରେ ଯଥାର୍ଥ ଆଲୋଚନା ହୋଇ ଜଳବାୟୁ ପରିବର୍ତ୍ତନ ଭଳି ପ୍ରମୁଖ ପ୍ରସଙ୍ଗରେ କି ପ୍ରକାର ରାଜିନାମା ସ୍ୱାକ୍ଷରିତ ହେବ, ତାହା ଦେଖିବାକୁ ସମଗ୍ର ବିଶ୍ୱ ଉତ୍କଣ୍ଠିତ । ଆଶା କରିବା ଏହି ସମ୍ମିଳନୀରେ ଚକ୍ଷୁକୁଟା କାମ ନ ହୋଇ କିଛି ବାସ୍ତବ ସମାଧାନ ସୂତ୍ର ବାହାରିବ । ପୃଥିବୀ ଆମ ସମସ୍ତଙ୍କ ଘର ! ଏହାର ସୁରକ୍ଷା ଏସବୁ ଦେଶ ମାନଙ୍କର ପ୍ରାଥମିକ କର୍ତ୍ତବ୍ୟ ! ଦୁବାଇ ଶିଖର ସମ୍ମିଳନୀ ରେ ବୁଝାମଣା ନହୋଇ ପାରିଲେ ଆମ ପୃଥିବୀର ଭବିଷ୍ୟତ ଅନ୍ଧକାରମୟ !

ସାଧକ-ସାମ୍ବାଦିକ ମହାତ୍ମା ଗାନ୍ଧୀ

ପ୍ରହଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ସମାଜ ଓ ରାଷ୍ଟ୍ରର କ୍ରାନ୍ତିକାରୀ ପରିବର୍ତ୍ତନ କ୍ଷେତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଏମିତିକି ପରାଧୀନତାର ବେଡ଼ିରୁ ଦେଶମାତୃକାକୁ ମୁକ୍ତ କରିବା ଲାଗି ଗଣମାଧ୍ୟମର ଅନବଦ୍ୟ ଅବଦାନ କେତେ ତାହା ଆମ ସ୍ୱାଧୀନତା ସଂଗ୍ରାମ ଇତିହାସ କୁହେ । ସୁପ୍ତ ଜନମତକୁ ଜାଗ୍ରତ କରିବା ସହିତ ଗୋଟିଏ ଜାତି ପାଇଁ ବିକାଶର ପ୍ରଶସ୍ତ ରାଜପଥ ନିର୍ମାଣ କରେ ଗଣମାଧ୍ୟମ । ଏଥିଲାଗି ସଂକଳ୍ପବଦ୍ଧ ଓ ସମର୍ପିତ ସାମ୍ବାଦିକ ଓ ସମ୍ପାଦକମାନେ କିଭଳି ସମୟସ୍ରୋତର ପ୍ରତିକୂଳ ଦିଗରେ ସନ୍ତରଣ କରି ଜାତିର ପ୍ରାଣରେ ନୂତନ ଚେତନା ଜାଗ୍ରତ କରାଇପାରନ୍ତି ତାହାର ଉଦାହରଣ ହେଉଛନ୍ତି ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ, ଲାଲା ଲଜପତ୍ ରାୟ, ମହାତ୍ମା ଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଶ୍ରୀଅରବିନ୍ଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଆନିବେଶାନ୍ତଙ୍କ ଭଳି ପତ୍ରକାରମାନେ । ସାମ୍ବାଦିକତା ଓ ସମ୍ବାଦପତ୍ର ଏମାନଙ୍କ ପାଇଁ ବ୍ୟବସାୟ ନଥିଲା, ଥିଲା ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କରିବାର ଅନ୍ୟତମ ମାଧ୍ୟମ । ଏଥିଲାଗି ତିଲକ୍, ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ସମ୍ବାଦିକମାନେ ବାରମ୍ବାର କାରାବରଣ କରିଥିଲେ ମଧ୍ୟ ସେମାନେ ନିଜ ନିଜର ଲେଖନୀକୁ ବିଶ୍ରାମ ଦେଇନାହାନ୍ତି । ତିଲକ୍ ଓ ଗାନ୍ଧୀଙ୍କ ଭଳି ସମ୍ପାଦକମାନେ ଦେଶଦ୍ରୋହ ମାମଲାର ସମ୍ମୁଖୀନ ହୋଇ ପରାଧୀନ ଭାରତରେ କାରାଦଣ୍ଡ ଭୋଗିଥିବା ପରିପ୍ରେକ୍ଷୀରେ ସ୍ୱାଧୀନ ଭାରତରେ ଏହି କଳା ଆଇନ ବଳବତ୍ତର ରହିବ କି ନାହିଁ ସେ ଦିଗରେ ତର୍ଜମା କରିବା ଲାଗି ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱ ବହନ କରେ ।

ସତ୍ୟାଗ୍ରହୀ ଗାନ୍ଧୀ ଦେଶର ସ୍ୱାଧୀନତା ଏବଂ ବଞ୍ଚିତ ଓ ଅତ୍ୟାଚାରିତ ଲୋକଙ୍କ ଅଧିକାର ସାବ୍ୟସ୍ତ ଲାଗି ୫୦ବର୍ଷରୁ ଅଧିକ ସମୟ ଧରି ଲଢ଼ିଛନ୍ତି । ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ନାରୀ ଜାଗରଣ, ମୌଳିକ ଶିକ୍ଷା, ଖଦୀ ଓ ଗ୍ରାମୋଦ୍ୟୋଗ, ଶିକ୍ଷାର ବିକାଶ, ପରିଚ୍ଛନ୍ନତା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ଏବଂ ଆର୍ଥିକ, ନୈତିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଆଦି ବିଭିନ୍ନ କ୍ଷେତ୍ରରେ କ୍ରାନ୍ତି ପାଇଁ ଗ୍ରାମସ୍ୱରାଜର ପ୍ରବକ୍ତା ଗାନ୍ଧୀ ଗଣସଂଗ୍ରାମ ସହ ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଥିଲେ । ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ମାଧ୍ୟମ ଥିଲା ସମ୍ବାଦପତ୍ର । ଗାନ୍ଧିଜୀଙ୍କ ଜୀବନର ଅନ୍ୟାନ୍ୟ ଦିଗ ସମ୍ପର୍କରେ ଅଧିକ ଆଲୋଚନା ହେଉଥିବାବେଳେ ତାଙ୍କ ସାମ୍ବାଦିକତା ସଂକ୍ରାନ୍ତରେ କିନ୍ତୁ କମ୍ ଚର୍ଚ୍ଚା ହୁଏ । କିନ୍ତୁ ସାମ୍ବାଦିକ ଗାନ୍ଧୀଙ୍କ ସଂକଳ୍ପବଦ୍ଧ, ସଂଘର୍ଷର କାହାଣୀ ବସ୍ତୁତଃ ଗଣମାଧ୍ୟମ ପାଇଁ ଅଧିକ୍ ପ୍ରେରଣାଦାୟୀ ।

ବାରିଷ୍ଟରୀ ପଢ଼ିବା ପାଇଁ ଲଣ୍ଡନ ଯାଇଥିବାବେଳେ ଗାନ୍ଧିଜୀ ସେଠାରୁ ପ୍ରକାଶିତ ଏକ ସାପ୍ତାହିକ ପତ୍ରିକା 'ଦି ଭେଜିଟେରିଆନ୍' ପାଇଁ କିଛି କିଛି ଲେଖୁଥିଲେ । ତେବେ ଦକ୍ଷିଣ ଆଫ୍ରିକାକୁ ଆଇନ ବ୍ୟବସାୟ କରିବା ପାଇଁ ଯିବା ପରେ ତାଙ୍କର ସାମ୍ବାଦିକ ଜୀବନ ନୂଆ ମୋଡ଼ ନେଇଥିଲା । ସେଠାରେ ମନସୁଖ ଲାଲ୍ ନାଜାର ଓ ମଦନଜିତ୍ ନାମକ ଦୁଇ ଜଣ ଭାରତୀୟଙ୍କ ସହ ମିଶି ଗାନ୍ଧିଜୀ ୧୯୦୩ ଜୁନ୍ ୪ ତାରିଖରେ ଏକ ବହୁଭାଷୀ ପତ୍ରିକା ଆରମ୍ଭ କଲେ ଯାହା 'ଇଣ୍ଡିଆନ୍ ଓପିନିୟନ୍' ନାମରେ ବେଶ୍ ଚର୍ଚ୍ଚିତ ହୋଇଥିଲା । ଗାନ୍ଧିଜୀ ଏହାର ସମ୍ପାଦକ କିମ୍ବା ପରିଚାଳକ ନଥିଲେ, କିନ୍ତୁ ବସ୍ତୁତଃ ଏହି ପତ୍ରିକାଟି ଗାନ୍ଧୀ ବିଚାର ଓ ଦକ୍ଷିଣ ଆଫ୍ରିକାରେ ନିର୍ଯାତିତ ଭାରତୀୟମାନଙ୍କ ମୁଖପତ୍ର ଥିଲା । 'ଇଣ୍ଡିଆନ୍ ଓପିନିୟନ୍' ପତ୍ରିକା ପାଇଁ ଗାନ୍ଧିଜୀ ଦକ୍ଷିଣଆଫ୍ରିକାରେ ତାଙ୍କ ରୋଜଗାରରୁ ମୁଖ୍ୟାଂଶ ବ୍ୟୟ କରୁଥିଲେ । ଏହି ପତ୍ରିକାର ଲୋକପ୍ରିୟତା ଏଭଳି ଥିଲା ଯେ ଡର୍‌ବାନ୍‌ର ଡାକବିଭାଗ ଯେତେସବୁ ପତ୍ରିକା ପହଞ୍ଚାଉଥିଲେ ସେଗୁଡ଼ିକ ମଧ୍ୟରେ ଏହାଥିଲା ସର୍ବାଧିକ । ଲିଓ ଟଲ୍‌ଷ୍ଟୟଙ୍କଠାରୁ ଆରମ୍ଭ କରି ଦାଦାଭାଇ ନରୋଜି, ଗୋପାଳକୃଷ୍ଣ ଗୋଖଲେ, ରୋମାଁ ରୋଲାଁଙ୍କ ଭଳି ବିଖ୍ୟାତ ବ୍ୟକ୍ତିମାନେ ଦେଶ ବିଦେଶରେ ଥିଲେ ଏହି ପତ୍ରିକାର ବିମୁଗ୍ଧ ପାଠକ । 'ଇଣ୍ଡିଆନ୍ ଓପିନିୟନ୍'ରେ ବିଶ୍ୱର ପ୍ରେରଣାଦାୟୀ ବ୍ୟକ୍ତିତ୍ୱମାନଙ୍କ ଜୀବନର ଝଲକ ପ୍ରକାଶ ପାଉଥିଲା । ସରଳ, ସଂକ୍ଷିପ୍ତ ଓ ସ୍ୱଷ୍ଟ ରଚନାଶୈଳୀ ଯୋଗୁଁ ଏହି ପତ୍ରିକାଟିର ଗ୍ରହଣୀୟତା ଢେର୍ ଅଧିକ ଥିଲା । ଏଥିରେ କାହାପ୍ରତି ଆକ୍ଷେପ କିମ୍ବା କୁତ୍ସାରଟନା ପ୍ରକାଶ ପାଉନଥିଲା । ଏମିତିକି ବ୍ରିଟିଶ ସରକାର ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ତଥ୍ୟ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ପରବର୍ତ୍ତୀ ସମୟରେ 'ଇଣ୍ଡିଆନ୍ ଓପିନିୟନ୍' ପତ୍ରିକା ଗାନ୍ଧିଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଟଲ୍‌ଷ୍ଟୟ ଫାର୍ମରୁ ଦୀର୍ଘବର୍ଷ ଧରି ପ୍ରକାଶିତ ହେଉଥିଲା । ବିଶେଷକରି ଏହାର ପାଠକମାନେ ଗାନ୍ଧିଜୀଙ୍କ ଲେଖାକୁ ଅପେକ୍ଷା କରି ରହୁଥିଲେ ।

ଦକ୍ଷିଣ ଆଫ୍ରିକାରୁ ଫେରି ଗାନ୍ଧିଜୀ ଭାରତରେ ପହଞ୍ଚିଥିଲେ ୧୯୧୫ ଜାନୁଆରୀ ୯ ତାରିଖରେ । ଏହାପରେ ସେ ତାଙ୍କ ରାଜନୈତିକ ଗୁରୁ ଗୋଖଲେଙ୍କ ପରାମର୍ଶକ୍ରମେ ସାରା ଦେଶ ବୁଲି ସ୍ଥିତି ପରଖିଲେ । ସ୍ୱାଧୀନତା ଆନ୍ଦୋଳନକୁ ନୂଆ ମୋଡ଼ ଦେବା ଅବସରରେ ଗାନ୍ଧିଜୀ ଆରମ୍ଭ କଲେ 'ୟଙ୍ଗ୍ ଇଣ୍ଡିଆ' ଓ 'ନବଜୀବନ' ପତ୍ରିକା । ପରବର୍ତ୍ତୀ ସମୟରେ ୧୯୩୩ ଫେବୃୟାରୀ ୧୧ ତାରିଖରେ ସେ ଆରମ୍ଭ କଲେ 'ହରିଜନ' ପତ୍ରିକା । 'ନବଜୀବନ' ଓ 'ହରିଜନ' ବିଭିନ୍ନ ଭାଷାରେ ପ୍ରକାଶ ପାଉଥିଲା ଏବଂ 'ୟଙ୍ଗ୍ ଇଣ୍ଡିଆ' ପ୍ରକାଶିତ ହେଉଥିଲା ଇଂରାଜୀରେ । 'ହରିଜନ' ପତ୍ରିକାର ପ୍ରଥମ ସଂଖ୍ୟାରେ ସେ ଛାପିଥିଲେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମାର୍ମିକ ଉକ୍ତି ଓ ତାହା ଉପରେ ନିଜର ମତାମତ । ଗାନ୍ଧିଜୀଙ୍କୁ ହତ୍ୟା କରାଯିବାର କିଛିଦିନ ଭିତରେ କୌଣସି କାରଣରୁ 'ହରିଜନ' ପତ୍ରିକା ବନ୍ଦ ହୋଇଗଲା । ଏହି ପତ୍ରିକାରେ ସାମାଜିକ ସଂସ୍କାର ସହିତ ରଚନାତ୍ମକ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତି ଜୀବନର ବିକାଶ ସହିତ ରାଷ୍ଟ୍ର ଜୀବନର ବିକାଶ ପ୍ରସଙ୍ଗରେ ଗାନ୍ଧିଜୀଙ୍କର ଯେଉଁ ବିଚାର ପ୍ରକାଶ ପାଉଥିଲା, ତାହା ସବୁ ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ । ୧୯୪୬ରେ ଏହି ପତ୍ରିକାରେ ଗାନ୍ଧିଜୀ ଲେଖିଥିଲେ ଯେ ସାମ୍ବାଦିକତାର ଅସଲି କାମ ହେଲା ଜନଗଣଙ୍କୁ ପ୍ରଶିକ୍ଷିତ କରାଇବା । ଗାନ୍ଧିଜୀ ଜଡ଼ିତ ଥିବା ପତ୍ରିକାଗୁଡ଼ିକରେ ତାଙ୍କ ରଚିତ 'ହିନ୍ଦ୍‌ସ୍ୱରାଜ', 'ଆତ୍ମକଥା', 'ସତ୍ୟର ପରଖ' ଆଦି ଧାରାବାହିକ ଭାବେ ପ୍ରକାଶ ପାଉଥିଲା । ଏହାଛଡ଼ା ସେ ମଧ୍ୟ ଅନ୍ୟ ପତ୍ରପତ୍ରିକା ପାଇଁ ଲେଖୁଥିଲେ । ଦେଶବିଦେଶର ବହୁ ଗଣମାଧ୍ୟମ ଗାନ୍ଧିଜୀଙ୍କ ସାକ୍ଷାତାକାର ନେବାକୁ ପ୍ରତିଯୋଗିତା କରୁଥିଲେ । ତାଙ୍କ ଜୀବନକାଳ ମଧ୍ୟରେ ସେ ଯେତେ ଲେଖିଛନ୍ତି ଓ ମନ୍ତବ୍ୟ ଦେଇଛନ୍ତି ସେଥିରୁ ଏଯାବତ୍ ଯେତିକି ସଂଗୃହୀତ ହୋଇଛି ତାହାରି ଆଧାରରେ ଭାରତ ସରକାରଙ୍କ ପ୍ରକାଶନ ବିଭାଗ ୧୦୦ ଖଣ୍ଡରେ ଯେଉଁ 'କଲେକ୍ଟେଡ୍ ୱାର୍କ୍ସ ଅଫ୍ ମହାତ୍ମା ଗାନ୍ଧୀ' ପ୍ରକାଶ କରିଛନ୍ତି ସେଗୁଡ଼ିକ ଅତି କମ୍‌ରେ ୫୦ହଜାର ପୃଷ୍ଠାର । ଏହାକୁ ଆଧାର କରି ବିଶ୍ୱର ବିଭିନ୍ନ ଭାଷାରେ ଗାନ୍ଧୀ ସାହିତ୍ୟମାନ ରଚିତ ହୋଇଛି ।

ସାମ୍ବାଦିକତା ପାଇଁ ସମ୍ପାଦକ-ଗାନ୍ଧୀଙ୍କୁ କାରାଦଣ୍ଡ ଭୋଗିବାକୁ ପଡ଼ିଛି । ତାଙ୍କ ସମ୍ପାଦନାରେ ପ୍ରକାଶିତ 'ୟଙ୍ଗ୍ ଇଣ୍ଡିଆ'ର ଚାରୋଟି ଲେଖାକୁ କେନ୍ଦ୍ରକରି ବ୍ରିଟିଶ ସରକାର ସମ୍ପାଦକ ଗାନ୍ଧୀ ଓ ପ୍ରକାଶକ ଶଙ୍କରଲାଲ୍ ବଙ୍କର୍‌ଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋଡ୍‌ର ୧୨୪ (କ) ଧାରାରେ ଦେଶଦ୍ରୋହ ମାମଲା ରୁଜୁ କରିଥିଲେ । ଏହି ଚାରୋଟି ଲେଖାର ଶୀର୍ଷକ ଥିଲା- 'ଡିସ୍‌ଆଫେକ୍ସନ ଏ ଭର୍‌ଚ୍ୟୁ', 'ଟ୍ୟାମ୍ପରି

ଅବଶିଷ୍ଟାଂଶ

ସ୍ୱାସ୍ଥ୍ୟ ଭିତ୍ତିଭୂମି...

୧୨ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଛି। ବ୍ୟୟବହୁଳ ଚିକିତ୍ସା ପାଇଁ ଲୋକଙ୍କ ଜମି ବିକ୍ରି କରିବାକୁ ପଡୁ ନାହିଁ କିମ୍ବା ଗହଣା ବନ୍ଧକ ରଖିବାକୁ ପଡୁ ନାହିଁ। ଲୋକଙ୍କ ପାଇଁ ବିଏସ୍‌କେୱାଇ ବରଦାନ ସାଜିଛି। ପ୍ରତି ମାସରେ ୧ ଲକ୍ଷରୁ ଅଧିକ ରୋଗୀ ବିନା ମୂଲ୍ୟରେ ସୁପରସ୍ପେଶାଲିଟି ଚିକିତ୍ସା ପାଇ ପାରୁଛନ୍ତି। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଏହା ଆମ ପ୍ରତିବଦ୍ଧତାର ପ୍ରତିଫଳନ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ଏକ ରୋଲ୍ ମଡେଲ୍ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ଆଜି ଲୋକାର୍ପିତ ହୋଇଥିବା ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପ୍ରକଳ୍ପ ଗୁଡିକ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବିରାଟ ପରିବର୍ତ୍ତନ ଆଣିବ ବୋଲି ଆଶାପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡିକରେ ଭିତ୍ତିଭୂମିରେ ବହୁତ ପରିବର୍ତ୍ତନ ଆସିଛି। ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ କାମ ଚାଲିଛି। ନୂଆ ନୂଆ ମେଡିକାଲ କଲେଜ ଖୋଲୁଛି। କେବଳ ମେଡିକାଲ କଲେଜ ନୁହେଁ ବରଂ ରାଜ୍ୟର ପ୍ରତ୍ୟେକ ଡାକ୍ତରଖାନାରେ ରୂପାନ୍ତରଣ ସୁନିଶ୍ଚିତ କରାଯାଉଛି। ନିୟମିତ ଭାବେ ଡାକ୍ତର ଓ ସହାୟକ କର୍ମଚାରୀ ପଦବୀ ପୂରଣ କରାଯାଉଛି। ରାଜ୍ୟର ସବୁ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ୟ-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଗତ ଦୁଇ ଦଶନ୍ଧି ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଆଜି ଆମ ରାଜ୍ୟ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରଣତ ହୋଇଛି। ସେହିପରି ମ୍ୟାଲେରିଆ ଓ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଗୁଆ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ଦେଶରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

କଡ଼ା ଟକ୍କର...

ଆସନ ମିଳିବ ବୋଲି କୁହାଯାଇଛି। ରିପବ୍ଲିକ୍-ମେଟ୍ରିଜ୍ ଆକଳନ ଅନୁସାରେ ରାଜସ୍ଥାନରେ ବିଜେପିକୁ ୪୩.୭ ପ୍ରତିଶତ ଭୋଟ ମିଳିବା ସହିତ କଂଗ୍ରେସକୁ ୩୮.୬ ପ୍ରତିଶତ ଭୋଟ୍ ମିଳିବା ନେଇ ଆକଳନ କରାଯାଇଛି। ଅନ୍ୟପକ୍ଷରେ ଆକ୍ସିସ୍-ମାଇ ଇଣ୍ଡିଆ ଆକଳନରେ ଏଠାରେ ଝୁଲା ସରକାର ହେବ ବୋଲି ଆକଳନ କରାଯାଇଛି। ଏଥିରେ କଂଗ୍ରେସକୁ ୮୦ ରୁ ୧୦୬ ଏବଂ ବିଜେପିକୁ ୮୦ ରୁ ୧୦୦ ଆସନ ମିଳିବ ବୋଲି କୁହାଯାଇଛି। ତେବେ ସବୁ ଆକଳନରେ ରାଜସ୍ଥାନରେ ଗେହଲଟ୍ ସରକାରର ପତନକୁ ନେଇ ସଙ୍କେତ ମିଳିଛି। ରାଜସ୍ଥାନକୁ ବାଦ୍ ଦେଲେ ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଭଳି ଅନ୍ୟ ଦୁଇ ପ୍ରମୁଖ ରାଜ୍ୟରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଏହି ଦୁଇ ରାଜ୍ୟରେ କଂଗ୍ରେସ ଏବଂ ବିଜେପି ମୁହାଁମୁହିଁ ସ୍ଥିତିରେ ରହିଛନ୍ତି ବୋଲି ପ୍ରାୟତଃ ସବୁ ଆକଳନରେ ସ୍ପଷ୍ଟ ହୋଇଛି। ତେବେ ଛତିଶଗଡ଼ରେ କଂଗ୍ରେସ ପୁଣି କ୍ଷମତାସୀନ ହେବା ନେଇ ବିଭିନ୍ନ ରିପୋର୍ଟରେ ସୂଚନା ମିଳିଛି। ସି-ଭୋଟର ଆକଳନ ଅନୁସାରେ ଏଠାରେ ବିଜେପିକୁ ୪୮ ଆସନ ମିଳିବା ସହିତ କଂଗ୍ରେସକୁ ୪୨ ଆସନ ମିଳିବା ନେଇ ଆକଳନ କରାଯାଇଛି। ସେହିପରି ଇଣ୍ଡିଆ ଟୁଡେ'ରେ ବିଜେପିକୁ ୪୦ ଏବଂ କଂଗ୍ରେସକୁ୫୦ ଏବଂ ଇଣ୍ଡିଆ ଟିଭି ଆକଳନ ଅନୁସାରେ ବିଜେପିକୁ ୩୪ ଏବଂ କଂଗ୍ରେସକୁ ୫୬ ଆସନ ମିଳିବ ବୋଲି କୁହାଯାଇଛି। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୪୬ ରହିଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶରେ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହେବାର ସୂଚନା ମିଳିଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୬ ରହିଥିବା ବେଳେ ଦୈନିକ ଭାସ୍କର ରିପୋର୍ଟ ଅନୁସାରେ ଏଠାରେ ବିଜେପିକୁ ୯୦ରୁ ୯୫ ଏବଂ କଂଗ୍ରେସକୁ ୧୦୦ରୁ ୧୦୫ ଆସନ ମିଳିବ ବୋଲି କୁହାଯାଇଛି। ଜନ୍ କି ବାତ୍ ରିପୋର୍ଟ ଅନୁସାରେ ବିଜେପି ଏଠାରେ ୧୦୦ ଆସନରେ ବିଜୟୀ ହେବା ସହିତ କଂଗ୍ରେସ ୧୦୨ଟି ଆସନରେ ବିଜୟୀ ହୋଇପାରେ ବୋଲି ଆକଳନ କରାଯାଇଛି। ସେହିପରି ରିପ୍ଲବିକ୍-ମେଟ୍ରିଜ୍ ଆକଳନ ଅନୁସାରେ ଏଠାରେ ବିଜେପିକୁ ୧୧୮ ଏବଂ କଂଗ୍ରେସକୁ ୯୭, ପୋଲ୍ ଷ୍ଟାର୍ଟ ଅନୁସାରେ ବିଜେପିକୁ ୧୦୬ ଏବଂ କଂଗ୍ରେସକୁ ୧୧୧ ଆସନ ମିଳିବା ନେଇ ଆକଳନ କରାଯାଇଛି। ଅନ୍ୟପକ୍ଷରେ ତେଲଙ୍ଗାନରେ ଶାସକ ବିଆରଏସ୍ ଏବଂ କଂଗ୍ରେସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ସୂଚନା ମିଳିଛି। ଚାଣକ୍ୟ ରିପୋର୍ଟ ଅନୁସାରେ ଏଠାରେ କଂଗ୍ରେସକୁ ୬୦ରୁ ୭୧, ବିଆରଏସ୍‌କୁ ୩୩ ରୁ ୪୨ ଆସନ ମିଳିବ ବୋଲି କୁହାଯାଇଛି। ସେହିପରି ରିପ୍ଲବିକ୍-ମେଟ୍ରିଜ୍ ଅନୁସାରେ ବିଆରଏସ୍‌କୁ ୪୬ରୁ ୫୬, କଂଗ୍ରେସକୁ ୫୮ ରୁ ୬୮, ବିଜେପି ୪ ରୁ ୯ ଏବଂ ଏଆଇଏମଆଇଏମକୁ ୫ରୁ ୭ଟି ଆସନ ମିଳିବା ନେଇ ଆକଳନ କରାଯାଇଛି।

ଗଡ଼ିଲା 'ଲକ୍ଷ୍ମୀ'...

ସୁଦୃଢ ହେବ। 'ଲକ୍ଷ୍ମୀ' ବସ୍ ଯୋଗୁ ସମସ୍ତେ ସୁବିଧାରେ ନିଜ କାମରେ ବିଭିନ୍ନ ଜାଗାକୁ ଯାଇପାରିବେ। ଏହାଦ୍ୱାରା ସାମାଜିକ, ଅର୍ଥନୈତିକ ବିକାଶ ଘଟିବ। ଏହା ମାଧ୍ୟମରେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀ ଆସିବେ। ଘରେ ଘରେ ଖୁସି ଓ ଆନନ୍ଦ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଯୋଗାଯୋଗ ହେଉଛି ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଆମର ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଏହା ରୂପାନ୍ତର ଆଣିବ। ଗାଁ କୁ ଗାଁ ସହିତ ଯୋଡ଼ିବ। ଲୋକଙ୍କ ସାମାଜିକ ସମ୍ପର୍କ ମଜବୁତ୍ ହେବ। ଯୋଜନାରେ ଘର ପାଖକୁ ଆସିବ। ପିଲାଙ୍କୁ ସ୍କୁଲ କଲେଜ ସହିତ, ଚାଷୀଙ୍କୁ ମାର୍କେଟ ସହିତ, ରୋଗୀଙ୍କୁ ହସ୍ପିଟାଲ ସହ ଯୋଡ଼ିବ। ଗମନାଗମନ କ୍ଷେତ୍ରରେ ସୁବିଧା ଯୋଗାଇ ଦେଇ ବିଭିନ୍ନ କାମରେ ଲକ୍ଷ୍ମୀ ବସ୍ ଆପଣଙ୍କ ସାରଥୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ପ୍ରତି ମୋର ସ୍ୱତନ୍ତ୍ର ଧ୍ୟାନ ରହିଛି ବୋଲି ଉଲ୍ଲେଖ କରି ନବରଙ୍ଗପୁରର ଭିତ୍ତିଭୂମି ବିକାଶ ପାଇଁ ବହୁତ କାମ ଚାଲିଛି ବୋଲି କହିଛନ୍ତି। ରାସ୍ତାଘାଟ, ସେତୁ, ଜଳସେଚନ, ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମକା ମିଶନ୍ ଆଦି ଅନେକ କାମ ଚାଲିଛି। ଆଗାମୀ ୩ ବର୍ଷ ମଧ୍ୟରେ ଜିଲ୍ଲାରେ ବ୍ୟାପକ ରୂପାନ୍ତର ଆସିବ ବୋଲି ସେ କହିଛନ୍ତି। ଏହି ଅବସରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ଆଜି ମାର୍ଗଶିର ମାସ ପ୍ରଥମ ଗୁରୁବାରରେ ଆମେ ସମସ୍ତେ ଯେତେବେଳେ ମା' ଲକ୍ଷ୍ମୀଙ୍କୁ ପୂଜା କରି ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରୁଛୁ, ସେତେବେଳେ ମୁଖ୍ୟମନ୍ତ୍ରୀ ଆଜି ଆମ ସମସ୍ତଙ୍କ ପାଇଁ ଘରେ ଘରେ ଲକ୍ଷ୍ମୀ ଆଣିଛନ୍ତି। ପରିବହନ ସେବା ଆଜି ଘର ଦ୍ୱାରରେ ପହଞ୍ଚିଛି। ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ବିଶେଷ କରି ମା'ମାନଙ୍କ ଅବସ୍ଥାରେ ରୂପାନ୍ତର ଆସିଛି। ୩୦ ବର୍ଷ ତଳକୁ ଦେଖିଲେ ଆଜି ମା'ମାନଙ୍କ ସ୍ଥିତିରେ ଯେଉଁ ପରିବର୍ତ୍ତନ ଆସିଛି, ତାହା କେହି ଚିନ୍ତା କରିନଥିଲେ। ମା'ମାନଙ୍କର ଏହି ରୂପାନ୍ତର ଶ୍ରେୟ କେବଳ ମୁଖ୍ୟମନ୍ତ୍ରୀଙ୍କର ବୋଲି ସେ କହିଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଓ ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ ପ୍ରମୁଖ ନିଜର ବକ୍ତବ୍ୟ ରଖି ଲକ୍ଷ୍ମୀ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ମହିଳା, ଛାତ୍ରଛାତ୍ରୀ, ଭିନ୍ନକ୍ଷମମାନଙ୍କୁ ମାତ୍ର ୫ ଟଙ୍କାରେ ଗମନାଗମନ ସୁବିଧା କରାଯାଇଛି, ଏହା ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ବହୁତ ସୁବିଧା ଆଣିବ। ୫-ଟି ଅଧ୍ୟକ୍ଷ ଯେଭଳି ଦିନରାତି ପରିଶ୍ରମ କରି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି, ତାହାର ତୁଳନା ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ଯୋଜନାରେ ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନାର ଦାୟିତ୍ୱ ଦିଆଯାଇଛି।

ରୂପାନ୍ତରଣ ପାଇଁ...

ଲୋକସେବା ଫାଉଣ୍ଡେସନ୍, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ଅଲ୍‌ଓଡ଼ିଶା ଅପ୍‌ଗ୍ରେଡ୍ ସ୍କୁଲ୍, ଫାକଲ୍ଟି ଲେକ୍‌ଚର ଆସୋସିଏସନ୍, ଓଡ଼ିଶା ମମତା କାର୍ଯ୍ୟକ୍ରମ ସଂଯୋଜକ ଆସୋସିଏସନ, ଭଦ୍ରକ ମୁସଲିମ୍ ଜମାତ, ଅଲ ଓଡ଼ିଶା ଅତିରିକ୍ତ କମ୍ପ୍ୟୁଟର୍ ପ୍ରୋଗ୍ରାମର ଆସୋସିଏସନ୍, ଭିକେ ପାଣ୍ଡିଆନ୍ ଫ୍ୟାନ୍ କ୍ଲବ ଓ ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର କର୍ମକର୍ତ୍ତାମାନେ ଶ୍ରୀ ପାଣ୍ଡିଆନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

AFFIDAVIT

By virtue of an Affidavit before Executive Magistrate, Bhubaneswar, I, Shwetapadma Pradhan, W/o: Jadumani Majhi AT/PO- Belpahar, Dist: Jharsuguda, PIN 768217 declare that by Virtue of the said Affidavit No. CF/2/29.11.2023 that now onwards, I shall be known as Swetapadma Pradhan for all future purposes.

AFFIDAVIT

By virtue of an affidavit sworn before the Notary Public, Cuttack, dated 29.11.2023 I, Chinmayee Nayak W/O- Rabindra Kumar Nayak, At- Atamula, P.O- Kuradha, P.S - Tirtol, Dist- Jagatsinghpur, Odisha have changed my son's name from Trinath Nayak to Jayajyoti Nayak. Henceforth, he shall be known as Jayajyoti Nayak for all purposes.

AFFIDAVIT

An Affidavit before Executive Magistrate, Chilika, I Gajiendra Palei S/o Sachindra Palei solemnly declared that I have changed my name by this affidavit no- 683, Dt: 28.11.2023 from Gadia Palei to Gajiendra Palei S/o Chhachi Palei to Sachindra Palei. Henceforth I Shall be Known as Gajiendra Palei S/o Sachindra Palei, Biribadi, Tangi, Khordha, Odisha for all purposes.

STATE INSTITUTE FOR EMPOWERMENT OF PERSONS WITH DISABILITIES (SIEP)
(A registered society under SSEPD Department, Government of Odisha)
SSEPD Deptt., Lokseva Bhawan, Bhubaneswar, Odisha - 751001

No. 1365/ SIEP — Dated: 28.11.2023

SIEP-MISC- 0005-2023 — gg-18

CORRIGENDUM NOTICE

The e-tender notice issued vide No. 1275/SIEP dtd. 06.10.2023, its amendment vide No. 1305/SIEP dtd. 07.11.2023 for procurement of equipment for Manodaya, Jatni under SIEP is hereby re-tendered with same terms & conditions. The last date for submission of bids through www.tendersodisha.gov.in is 11.12.2023 at 05.00 PM. The bids will be opened on 12.12.2023 at 11.30 AM.

OIPR - 46003/11/0006/2324 — Sd/- Secretary, SIEP

O-1664

e-mail : eerw_sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
e-Procurement Notice for Road & Building works
Identification No Online Tender /09/RWD-SBD/2023-24

Letter No. 4120 / — Date: 29.11.2023

01. Name of the work :: Road & Building works Lamtaput, Laxmipur, Narayanpatna, Pottangi, Semiliguda block
02. Total Number of works :: 12 nos works
03. Estimated cost :: 5.00 to 45.70 lakhs
04. Class of Contractor :: "B", "C" &"D" Class
05. Period of Completion :: 02 to 06 months
06. Other Details

Procurement Officer	Bid Identification No.	Availability of tender online for bidding	
		From	To
Superintending Engineer, R.W. Division, Sunabeda	Online Tender/09/ RWD-SBD /2023-24	04.12.2023 at 11.00 a.m	14.12.2023 upto 17.00 p.m

Further details can be seen from the website www.tendersorissa.gov.in

Sd/- Executive Engineer, Rural Works Division, Sunabeda

OIPR - 25121/11/0013/2324

GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eerrbbnge@yahoo.in)

Ltr. No. 12095// Dtd.22.11.2023 — B-1354

INVITATTIONS FOR BIDS (IFB)

E-Procurement Bid Identification No. S.E –BNJ-R&B- 26 / 2023-24.

1.	Name of work	: -	Building works
2.	No. of works	: -	02 Nos. Building works
3.	No. of Covers	: -	Single Cover
4.	Estimated cost	: -	Rs.9,51 lakhs to Rs.22.80 lakhs
5.	Period of Completion	: -	Two Calendar Months & Three calendar Month respectively.
6.	Date of time of availability of bid document in the portal	: -	From 12.00 Noon of dated 30.11.2023 to 5.00 PM. of dated 06.12.2023
7.	Last date/time for receipt of bids in the portal	: -	Up to 5.00 PM. of dated 06.12.2023.
8.	Date of opening of bid documents	: -	At 11.00 A.M. of 07.12.2023
9.	Class of Contractor	: -	"D","C" & "B" Class Contractor
10.	Name and address of officer inviting Bid	: -	Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Superintending Engineer, Bhanjanagar (R&B) Division

OIPR - 34015/11/0019/2324

OFFICE OF THE BALASORE MUNICIPALITY, BALASORE.
No./1861/ — Date:24/11//2023

E-Procurement Notice

BID Identification No.BM_13_2023_24 Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 01 no.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 23-11-2023 to 1/-12-2023
6. Last date and time for receipt : 1/-12-2023 up to 5.00 pm
7. Bids received online shall be opened on : 12-12-2023 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Sd/- Executive Officer, Balasore Municipality

OIPR - 13154/11/0042/2324 C-1963

OFFICE OF THE NOTIFIED AREA COUNCIL, DHAMNAGAR
Pin:-756117(Odisha), Tel. No-06786-236056
E.Mail: dhamnagarnac-bdk@gov.in / dhamnagar.nac@gmail.com

No: 3858 — **"e" Procurement Notice** — Date.29.11.2023

C-1967: **Bid Identification No- 05/DNRNAC/2023-24**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Civil const. works as mentioned in DTCN.
2. No. of Works : 8 (Eight) Nos.
3. Estimated Cost : As per DTCN
4. Period of Completion : 30 days
5. Date and Time of Bidding : 04.12.2023 (10.00 AM)
6. Last date and Time for receipt of bids in the portal : 16.12.2023 upto 5:00 PM
7. Submission of Original Document : 18.12.2023 to 19.12.2023 upto 5:00 PM
8. Bids received online shall be opened on : 20.12.2023 at 11:00 AM onwards
9. Name and address of the officer inviting Bid : Executive Officer, Dhamnagar NAC

Further details can be seen from the procurement portal i.e. www.tendersodisha.gov.in

Executive Officer, Dhamnagar NAC

OIPR-13197/11/0006/2324

L-167

GOVERNMENT OF ODISHA
OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE),
AT/PO- FARM ROAD, SAMBALPUR-768002 (email: eehortnz@gmail.com)
Notice No.: 1251 — Dated 23-11-2023
Bid Identification No. 05 / EE / Hort. / NZ / 2023-24 — Dt. 23.11.2023

01	Total Nos. of works : (Balangir district)	:	Three no.
02	Estimated cost	:	Rs 04,30,703 /- to Rs 09,09,911 /-
03	Period of completion	:	Two Calender months
04	Time of availability of bid document in the portal	:	From 10.00 Hrs. of 04 -12- 2023 to 17.00 Hrs. of 14- 12- 2023
05	Last date & time of dropping of copies of uploaded documents, draft, affidavits, Schedules etc. in the tender box at the office of the undersigned at Farm Road, Sambalpur - 768002.	:	From 11:00 AM of 12-12- 2023 and Before 17.00 Hrs. of 16 – 12 - 2023
06	Time of opening of bids	:	10.30 AM. of 18- 12- 2023 onwards
07	Name and Address of the officer inviting bid	:	Executive Engineer (Agril.), Northern Zone, Horticulture, C/o Dy. Director of Horticulture, At/PO - Farm Road, Sambalpur, Pin-768002.

Further details can be seen from the web site www.tendersodisha.gov.in

Executive Engineer, (Agril.) Northern Zone, Horticulture, Sambalpur

OIPR - 01465/11/0010/2324

O-1668

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE,BALASORE
1st Corrigendum to Bid Identification No. CCE/BLS/NCB/55
Invited vide this office Letter No. 5736 dt. 20.11.2023

Office order No. 5849 — Date. 28.11.2023

In pursuance to this office e-Procurement Notice No. 5736 dt. 3196 dt.20.11.2023 (NCB-55), the following changes have been made in NIT & DTCN.

Sl. No.	Items	As per Original TCN	As per 1st Corrigendum to TCN & DTCN
1	Period of availability of Bidding Documents on website www.tenderodisha.gov.in	24.11.2023 at 10.00 AM to Dt. 02.12.2023.2023 upto 5.00 PM	28.2023 at 10.00 AM to Dt. 07.12.2023 upto 5.00 PM
2	Last Date & Time of seeking Tender Clarification.	01.12.2023 upto 5.00 AM	06.12.2023 upto 5.00 PM
3	Opening of Bids: The Bids will be opened online by the authorized officer at the appointed time.	Dt. 04.12.2023 at 10.00 AM	Dt. 08.12.2023 at 11.00 AM

All other terms & conditions remain unaltered

Chief Construction Engineer, Rural Works Circle, Balasore

OIPR - 25105/11/0077/2324

OFFICE OF THE PANCHAYAT SAMITI, REMUNA, BALASORE
Tel: 06782-224369, email: ori-remuna@nic.in
NATIONAL COMPETITIVE BIDDING THROUGH E-Tendering
Identification No. 04/2023-24 29.11.2023

I-507:

The *Block Development Officer, Remuna, Balasore* on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following work.

1. Nos. of Work : 1 No
2. Estimated cost : Rs. 16.95 lakhs
3. Period of completion : 90 days
4. Availability of bid document in Portal: Dt. 5.12.2023 at 11.00 hours to 19.12.2023 up to 17.00 hours through online.
5. Seeking of Clarification : Dt. 05.12.2023 at 11.00 hours to Dt. 19.12.2023 up to 13.00 hours
6. Date of opening of Bid : Dt. 20.12.2023 at 11.00 hours in the O/O BDO, Remuna , Balasore.
7. Name and address of the Officer Inviting Tender :BDO, Remuna ,Balasore

Bid Cost and EMD will be receipt through electronic payment by NEFT / RTGS.
Further details can be seen from the e-Procurement Portal: http://tendersodisha.gov.in

Block Development Officer, Remuna

OIPR-19164/11/0011/2324

By E_Mail/e-Despatch
E_MailID :serw_balasore@yahoo.in
Ph-No-06782/260318
Balia,Balasore

O-1656

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
"e" Procurement Notice for Road Work

Identification No.- Online Tender- Road N.C.B. No. 60 for 2023-24
Letter No. 5914/ — Date. 28.11.2023

1

'ସକାଳ' ପ୍ରଭାବ

ଆରମ୍ଭ ହେଲା ରାସ୍ତା ମରାମତି

ଆଗରପଡ଼ା, ୩୦।୧୧(ସମିସ)

ଗତ ଜୁଲାଇ ମାସ ୧୮ ତାରିଖ 'ବିପଦସଙ୍କୁଳ ବନ୍ତ-ଆଗରପଡ଼ା ରାସ୍ତା ;ଗମନାଗମନରେ ବିପଦ ସାଜିଛି ଗର୍ତ୍ତ"ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଇତି ମଧ୍ୟରେ ଅଡ଼ାଳପଙ୍କ ଠାରୁ ବନ୍ତ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ବନ୍ତରୁ ଆଗରପଡ଼ା ପର୍ଯ୍ୟନ୍ତ ଯାଇଥିବା ୧୪କିମି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ଖମା ମାନ ହୋଇ ଗମନାଗମନରେ ବିପଦ ସୃଷ୍ଟି କରୁଥିଲା। ଉକ୍ତ ରାସ୍ତାର ଆଡ଼ିଆ ଠାରୁ ବନ୍ତ ପର୍ଯ୍ୟନ୍ତ ୭କିମି ରାସ୍ତା ଦୁଇବର୍ଷ ହେବ ନିର୍ମାଣ ହୋଇଥିଲେ ମଧ୍ୟ ରାସ୍ତାରେ ପଡ଼ିଥିବା ହୋମ୍ ପାଇପ୍ ରେ ଗାତ ସହ ରାସ୍ତା ଗୁଡ଼ିକ ଖାଲ ଖମାରେ ପରିଣତ ହୋଇଥିଲା। ବିଶେଷ କରି ରାସ୍ତାରେ ପଡ଼ିଥିବା ପିଚୁ ଉଠିବାକୁ ଲାଗିଥିଲା। ଉକ୍ତ ରାସ୍ତାର ପାନପଦୀ ଛକ ଠାରେ ଜଳନିଷ୍କାସନର ବ୍ୟବସ୍ଥା ନଥିବାରୁ ରାସ୍ତାରେ ପାଣି ଯାଇ ପିଚୁ ରାସ୍ତାରେ ଏକ ଗାତ ସୃଷ୍ଟି ହୋଇଥିଲା। ଉକ୍ତ ରାସ୍ତା ଦେଇ ଅଡ଼ାଳପଙ୍କ, ଟାଇଗୁଣା, ପାନପଦୀ, ସଂସ୍କୃତ ମହାବିଦ୍ୟାଳୟ ଆଦି ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ଓ ଯାତ୍ରୀମାନେ ସମସ୍ୟାରେ ପଡୁଥିଲେ। ଏହା ଏହି ଅଞ୍ଚଳପାଇଁ ମୁଖ୍ୟ ରାସ୍ତା ହୋଇଥିବାରୁ, ଏହା ଏକ ପକ୍ଷରେ ବନ୍ତ ବ୍ଲକର ସଦର ମହକୁମା ଓ କେନ୍ଦୁଆପଦାର ୫୩ ନଂ ରାଜ୍ୟ ରାଜପଥକୁ କୁ ସଂଯୋଗ କରିଛି। ଏହାର ଅନ୍ୟପକ୍ଷ କେନ୍ଦୁଝର ଜିଲାର ସୋସୋ, ବାଲେଶ୍ୱର ଜିଲାର କୁପାରୀ, ଖଇରା ଓ ସୋରକୁ ସଂଯୋଗ କରିଛି। ଫଳରେ ଏହି ରାସ୍ତା ତିନି ଜିଲା କୁ ସଂଯୋଗ କରିଥିବାରୁ ବିଭିନ୍ନ ସ୍ଥାନରୁ ଯାତ୍ରୀମାନେ ପ୍ରତିଦିନ ଉକ୍ତ ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଗମନ କରନ୍ତି। ଏହିରାସ୍ତା ଦେଇ କୁପାରୀ ଓ ଅଡ଼ାଳପଙ୍କରୁ ଦୁଇଗୋଟି ବସ୍ କଟକ, ଭୁବନେଶ୍ୱର, ଭଦ୍ରକ ଆଦିକୁ ଦୈନନ୍ଦିନ ଗମନାଗମନ କରୁଛି। ଉକ୍ତ ରାସ୍ତାରେ ପ୍ରତିଦିଦ ଓଭର ଲୋଡ଼ିଂ ବାଲିଗାଡ଼ି ଯାଇ ରାସ୍ତାର ଅବସ୍ଥାକୁ ଖରାପ କରୁଥିବା ନଜିର ରହିଛି। ଅପରପକ୍ଷରେ ଆଡ଼ିଆଠାରୁ ନୂଆପୋଖରୀ ପର୍ଯ୍ୟନ୍ତ ରାସ୍ତାରେ ଅସଂଖ୍ୟ ଖାଲ ସୃଷ୍ଟି ହୋଇଥିଲା ବେଳେ ସମ୍ପୃକ୍ତ ଠିକାଦାର ଖାଲ ଗୁଡ଼ିକରେ ଖାଲି ମେଣ୍ଟାଲ ପକାଇ ତା ଉପରେ ଡ଼ସ୍ଟ ଗୁଣ୍ଡ ବିଛାଇ ଦେଇଥିବାରୁ ଏହା ଯାତାୟାତରେ ଘୋର ସମସ୍ୟା ସୃଷ୍ଟି କରୁଛି। ତେଣୁ ଉକ୍ତ ରାସ୍ତାର ସ୍ଥାୟୀ ମରାମତି ମଧ୍ୟ ଜରୁରୀ ହୋଇପଡ଼ିଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସଂସ୍କୃତ ବିଦ୍ୟାଳୟ, ବ୍ୟାଙ୍କ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରୋ ଅଫିସ ସହ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ଥିବାରୁ ପ୍ରାୟ ସବୁସମୟରେ ଶତାଧିକ ଯାନବାହାନ ଶହ ଶତାଧିକ ଯାତ୍ରୀ ମାନେ ବାଇକ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟତ କରୁଛନ୍ତି। ଉକ୍ତ ରାସ୍ତାର ଗୁରୁତ୍ୱକୁ ଉପଲବ୍ଧ କରି ବନ୍ତରୁ ଆଗରପଡ଼ାକୁ ଲମ୍ବିଥିବା ୧୪ କିମି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବାକୁ ସର୍ବସାଧାରଣରେ ଦାବି ହେଉଛି।

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାସୁଦେବପୁର, ୩୦।୧୧(ସମିସ): ନିଜ ନିଜ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରି ଜୀବନରେ ଆଗକୁ ବଢ଼ିଲେ ସଫଳତା ଲାଭ କରିବା ସମସ୍ତଙ୍କ ମଧ୍ୟରେ ଆତ୍ମବିଶ୍ୱା ବୃଦ୍ଧି ପାଇବା ସହିତ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି ହେବ ବୋଲି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଥିଲେ। ଓଡ଼ିଶା ସରାକରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସେକେଣ୍ଡାର ସ୍କୁଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରାପୁରର ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଶ୍ରୀ ରାଉତରାୟ ଯୋଗ ଦେଇଥିବା ଦେଇଥିବା ବେଳେ ଇରମ ଶହୀଦ ମେମୋରିଆଲ ହାୟାର ସେକେଣ୍ଡାରୀ ସ୍କୁଲରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଭୋଳାନାଥ ବାରିକ ସଭାପତିତ୍ୱ କରିଥିଲେ। ବ୍ଲକ ଅପକ୍ଷ ନଗେନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱା. ଦୀନବନ୍ଧୁ ଦାସ ଯୋଗଦେଇଥିଲେ। ଅଧ୍ୟାପକ ରାଜକିଶୋର ରାୟ ସଂଯୋଜନ କରିଥିଲେ। ସେହିପରି ଶହୀଦ ଭଜ ମାଧ୍ୟମିକ ବିଦ୍ୟାଳୟ ବାରାପୁର ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଅଧ୍ୟକ୍ଷ ଡମ୍ବୁଧର ପାତ୍ର, ବାନବନ୍ଧୁ ବାସ, ବୃନ୍ଦାବନ ବେହେର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନୋଡାଲ ଅଫସର ହିମାଂଶୁ ଭୂଷଣ ପଣ୍ଡା, ଅଶାପକ ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ।

ଭଦ୍ରକ କଲେଜରେ 'ନୂଆ-ଓ' ଯୋଜନା କାର୍ଯ୍ୟକ୍ରମ

ଭଦ୍ରକ, ୩୦।୧୧(ସମିସ):'ନୂଆ-ଓ' ଯୋଜନା କାର୍ଯ୍ୟକ୍ରମର ୨ୟ ଦିନରେ ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ଅଭିଯାନରେ ଭଦ୍ରକ ସହର ପରିକ୍ରମା ହୋଇଛି। ଓଡ଼ିଶା ସରକାରଙ୍କ ଏହି ଅଭିଯାନ ମୁଖ୍ୟତଃ ଝିଅପିଲାମାନଙ୍କୁ ଶିକ୍ଷିତ କରିବା ଉପରେ ପର୍ଯ୍ୟବେଶିତ ଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ବୁଝାଇବା ପାଇଁ ପ୍ରୟାସ କରିଥିଲେ। ପରିଶେଷରେ କେନ୍ଦ୍ରୀୟ ଛାତ୍ରାବାସର ସମ୍ମୁଖ ଭାଗରେ ଥିବା ଅଳିଆ ଆବର୍ଜନାକୁ ଛାତ୍ରଛାତ୍ରୀମାନେ ସଫା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦୁର୍ଗାଶଙ୍କର ଦାସ, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ, ସଂଯୋଜକ ଡ. ପଦ୍ମନାଭ ପତ୍ରୀ, ଅଧ୍ୟାପକ ଡ. ସୁଦର୍ଶନ ଦାସ, ଡ. ନାରାୟଣ ବେହେରା, ଡ. ସନ୍ତୋଷ ନନ୍ଦ ଏବଂ ଡ. ଅଭିଜିତ୍ ବିଶ୍ୱାଳ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ।

ଅବସରପ୍ରାପ୍ତ ସେନାଧିକାରୀଙ୍କ ସ୍ମୃତିଚାରଣ ସଭା

ଅସୁରାଳି, ୩୦।୧୧(ସମିସ):ଧାମନଗର ବ୍ଲକ ଧୁସୁରି ପଞ୍ଚାୟତ ସୂର୍ଯ୍ୟପୁର ଗ୍ରାମର ସେବା ନିବୃତ୍ତ ସେନାଧିକାରୀ, ଧୁଷୁରୀ ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି, ବରିଷ୍ଠ ବିଜେଡି ନେତା ମୀନକେତନ ଗୋସ୍ୱାମୀଙ୍କ ଏକାଦଶୀ କ୍ରିୟା ଓ ସ୍ମୃତିଚାରଣ ସଭା ସୂର୍ଯ୍ୟପୁର ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଏଥିରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଶିକ୍ଷାବିତ ରାମଚନ୍ଦ୍ର ପଣ୍ଡା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଶିକ୍ଷାବିତ ବାବାଜୀ ପଣ୍ଡା, ଧୁଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ସାମ୍ବାଦିକ ସନ୍ତୋଷ ଦାସ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଆଇନଜୀବୀ ଦେବାଶିଷ ସାମଲ, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ପୁହାଣ, ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ଗୋସ୍ୱାମୀ, ସମାଜସେବୀ ସଂଯୁକ୍ତା ଦାସ, ଧାମନଗର ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବିଜେପି ନେତା ଚତୁର୍ଭୁଜ ନାୟକ, ବରିଷ୍ଠ ବିଜେଡି ନେତା ରଘୁନାଥ ଲେଙ୍କା, ସଂଗ୍ରାମ ଗୋସ୍ୱାମୀ, ଅନିରୁଦ୍ଧ ସାହୁ, ବଳରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ମୀନକେତନ ସେନା ବାହିନୀରୁ ଅବସର ଗ୍ରହଣ କରିବା ପରେ ରାଜନୀତିରେ ପାଦ ଥାପି ଥିଲେ। ତାଙ୍କର ନିରପେକ୍ଷ ବିଚାର ଓ ସମାଜ କଲ୍ୟାଣ ଚିନ୍ତାଧାରା ଯୋଗୁଁ ତାଙ୍କୁ ଦଳ ବଳ ନିର୍ବିଶେଷରେ ସମସ୍ତ ରାଜନେତା ଭଲ ପାଉଥିଲେ।

କାମରେ ଲାଗୁନି ଆବର୍ଜନା ପୃଥକୀକରଣ କେନ୍ଦ୍ର

ଆଗରପଡ଼ା, ୩୦।୧୧(ସମିସ): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଏକଲକ୍ଷ ଟଙ୍କା ବ୍ୟୟରେ ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତର କାଦବରାଙ୍ଗ ଗ୍ରାମରେ ଏକ ଆବର୍ଜନା ପୃଥକୀ କରଣ କେନ୍ଦ୍ରର ନିର୍ମାଣ କରାଯାଇଥିଲା। କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ଦୁଇ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏହା କାମରେ ଲାଗି ନପାରି କେବଳ ଶୋଭାବର୍ଦ୍ଧନ କରୁଛି। ସୁନ୍ଦର ରଙ୍ଗ କାମକୁ ତିନି ଗୋଟି ଅଲଗା ଅଲଗା କୋଠରି ନିର୍ମାଣ କରାଯାଇଥିବା ବେଳେ ନିର୍ମିତ କେନ୍ଦ୍ରର କାନ୍ଥ ଚାରିପଟେ ଏହାର ଉପଯୋଗିତା ଉପରେ ବ୍ୟଙ୍ଗ ଚିତ୍ର ମଧ୍ୟ ଅଙ୍କା ଯାଇଛି। କିନ୍ତୁ ନିର୍ମାଣକୁ ବହୁଦିନ ବିତିଯାଇଥିଲେ ସୁଦ୍ଧା ଏହା କାମରେ ଲାଗି ପାରୁନଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପର ପକ୍ଷରେ ଉକ୍ତ କେନ୍ଦ୍ରଟି କାଦବରାଙ୍ଗ ବଜାର ଅଞ୍ଚଳରେ ନିର୍ମିତ ହୋଇଥିବାରୁ ବଜାର ଅଞ୍ଚଳ ସ୍ୱଚ୍ଛ ରହିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ କୁଣ୍ଡ ପଡ଼ିଛି ଫାଙ୍କା କିନ୍ତୁ ବାହାରେ ଗଦା ଗଦା ଅଳିଆ ପଡ଼ି ପରିବେଶକୁ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି। କେବଳ କାଦବରାଙ୍ଗ ପଞ୍ଚାୟତ ନୁହେଁ ବନ୍ତ ବ୍ଲକର ଅନ୍ୟ ପଞ୍ଚାୟତରେ ମଧ୍ୟ ନିର୍ମିତ ଉକ୍ତ ପ୍ରକଳ୍ପ ବ୍ୟବହାର ଯୋଗ୍ୟ ହୋଇନପାରି ପଡ଼ି ରହିଛି। ପ୍ରକଳ୍ପ ନିର୍ମାଣ ହେଉଛି କିନ୍ତୁ ଏହାର ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ପ୍ରକଳ୍ପର ସଫଳ ରୂପାୟନ ହୋଇପାରୁନଥିବା ଉକ୍ତ ପ୍ରକଳ୍ପକୁ ଦେଖିଲେ ସ୍ପଷ୍ଟ ବାରୀ ହୋଇ ପଡୁଛି। ତେଣୁ ପରିବେଶକୁ ସରସ ଓ ସୁନ୍ଦର କରିବା ସହ ଆବର୍ଜନା ମୁକ୍ତ କରିବା ପାଇଁ ଉକ୍ତ ପ୍ରକଳ୍ପକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ରଜତ ଜୟନ୍ତୀ

ଧାମନଗର, ୩୦।୧୧(ସମିସ): ଧାମନଗର ସ୍ଥିତ ଡ.ଏପିଜେ ଅବଦୁଲ ପାଠାଗାର ସମ୍ମିଳନୀ ପରିସରରେ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ରଜତ ଜୟନ୍ତୀ ସମାରୋହ ଓ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ଥାନୀୟ ତହସିଲଦାର ଦୀପକ ଦାସ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ଅମରେନ୍ଦ୍ର ମହାନ୍ତି, ସମବାୟ ସମିତି ଡାରେକ୍ଟର ଦଶରଥ ଜେନା, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅଶୋକ ପୁହଣ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କୁଳମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍ଦେଶ୍ୟ ଜ୍ଞାପନ ପରିଷଦ ସମ୍ପାଦକ ତଥା ସାମ୍ବାଦିକ ପ୍ରଦୀପ ମହାପାତ୍ର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବି ଦୟାନିଧି ମିଶ୍ର, ଶିକ୍ଷାବିତ ନିତ୍ୟାନନ୍ଦ ମିଶ୍ର, ଶିକ୍ଷାବିତ ଶଚୀକାନ୍ତ ପଣ୍ଡା, ମହେଶ୍ୱର ସ୍ୱାଇଁ, ରସାନନ୍ଦ ମହାପାତ୍ର, ହୃଦାନନ୍ଦ କର, ପ୍ରମୋଦ ସ୍ୱାଇଁ, ନିରାକାର ଧଳ, ସୁଶାନ୍ତ ରାଉତ, ପ୍ରତାପ ଚନ୍ଦ୍ର ଦାସ, ପ୍ରେସ କ୍ଲବ ସଭାପତି ବୈକୁଣ୍ଠ ନାଥ ସାହୁ, ସମ୍ପାଦକ ରଜତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନିଲ ବାରିକ, ସୁଧାକର ଦାଶ, ଗୋଲାମ ଜିଲାନୀ ହବିବି, ସେକ ଜାଫର ଅଲ୍ଲୀ, ପ୍ରଶାନ୍ତ ଦ୍ୱିବେଦୀ, ପ୍ରତାପ ଆନ୍ଦିଆ, ଗୌରାଙ୍ଗ ଦାସ, ପ୍ରଶାନ୍ତ ସାହୁ, ସରୋଜ ସେଠୀ, କାହ୍ନୁଚରଣ ଜେନା, ବିବେକାନନ୍ଦ ପଣ୍ଡା, ନବ ଜୀବନ ଫାଉଣ୍ଡେସନ ମୁଖ୍ୟ ମାନସରଞ୍ଜନ ସାହୁ, ଶିକ୍ଷକ ମନୋଜ ଜେନା, ମନୋଜ ସିଂ, ସୁରେନ୍ଦ୍ର ସେଠୀ, ସଞ୍ଜୟ ମହାପାତ୍ର, ସମାଜସେବୀ ଲିଙ୍ଗରାଜ ସାହୁ, ମାନସ ରଞ୍ଜନ ରାଉତ, ପ୍ରହଲ୍ଲାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦୋବଲ ଜେନା ଅନ୍ତର୍ଗତ କରଦା ସରପଞ୍ଚ ମମତା ଆଚାର୍ଯ୍ୟ, କାଉନସିଲର ଅନୁସୂୟା ମଲ୍ଲିକ, ସମାଜସେବୀ ଡାକ୍ତର ବିକାଶ ନନ୍ଦ, ହୃଦାନନ୍ଦ କର, ପରଶୁରାମ ପଣ୍ଡା, ସଦାନନ୍ଦ ସାହୁ, ଦୟାନିଧି ମିଶ୍ର, ସଞ୍ଜୟ ମହାପାତ୍ର, ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅଧପନ୍ତରିଆ ରାସ୍ତା କାମ; ବଢୁଛି ଅସନ୍ତୋଷ

ମଞ୍ଜୁରୀରୋଡ, ୩୦।୧୧(ସମିସ):

ଭଣ୍ଡାରିପୋଖରୀ ବ୍ଲକ ପଟାପୋଲ ଠାରୁ କଣ୍ଟି ଦେଇ ଭାୟା ମଣିମାଝୀ ଯାଏଁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅସମ୍ପୂର୍ଣ୍ଣ କାମକୁ ନେଇ ଅନେକ ମାସ ହେବ ଲୋକେ ହନ୍ତସନ୍ତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନବୀକରଣ ପାଇଁ ସରକାର ୪କୋଟି ଟଙ୍କା ବ୍ୟୟ କରିଥିବା ବେଳେ ତାଳପଦା ଠାରୁ ୩ନଂ କେନାଲ ସହିତ ପଟାପୋଲ ଅତିକ୍ରମ କରି କଣ୍ଟି ମଣିମାଝୀ ଯାଏଁ କାମ ହେବ ବୋଲି ଜଣାପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିୟମ ଅନୁଯାୟୀ ରାସ୍ତା ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୯ମାସ ସମୟ ଦିଆଯାଇଥିଲା। ୨୦୨୨ ଡିସେମ୍ବର ସୁଦ୍ଧା କାମ ସରିବ ବୋଲି ବିଭାଗୀୟ କାଗଜପତ୍ର ଓ ନାମ ଫଳକରେ ଉଲ୍ଲେଖ ହୋଇଥିଲା। ତେବେ ଏଯାଏଁ ଶତକତା ୩୦ଭାଗ ରାସ୍ତା ନବୀକରଣ କାର୍ଯ୍ୟ ହୋଇ ପାରିନାହିଁ। ପ୍ରାୟ ୭କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାଟିର ଦୈନନ୍ଦିନ ଯାତାୟତ ପାଇଁ ଶହଶହ ଜନ ସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏହା ପଡ଼ୋଶୀ ଧାମନଗର ବ୍ଲକକୁ ସଂଯୋଗ କରୁଥିବାରୁ ନବୀକରଣ କାର୍ଯ୍ୟ ଯଥାଶୀଘ୍ର ଶେଷ ହେବା ନେଇ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଭଣ୍ଡାରିପୋଖରୀ ମେଡିକାଲ ଛକଠାରୁ ପାଟୁଳି ଯାଇଥିବା ରାସ୍ତାର ନବୀକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। ଶତକତା ୭୦ଭାଗ କାମ ସରିଥିଲେ ସୁଦ୍ଧା ଅସମ୍ପୂର୍ଣ୍ଣ ୩୦ଭାଗ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୭କିମି ରାସ୍ତା ପାଇଁ୫କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ୨୦୨୨ଡିସେମ୍ବର ସୁଦ୍ଧା କାମ ସରିବା ପାଇଁ ନିର୍ଦ୍ଦେଶ ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୂର୍ବ ପ୍ରସ୍ତୁତ ଆକଳନ ଅନୁସାରେ କାମ ପାଇଁ ଚୁକ୍ତିବଦ୍ଧ ଠିକା ସଂସ୍ଥା ପରବର୍ତ୍ତୀ ସମୟରେ ବିଭିନ୍ନ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟକୁ ନେଇ ରାସ୍ତା କାମକୁ ସମ୍ପୂର୍ଣ୍ଣ କରି ପାରୁନାହାନ୍ତି। ତେଣୁ ରାସ୍ତା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଉ କିଛି ଅର୍ଥର ଆବଶ୍ୟକତା ରହୁଛି। ତଦନୁସାରେ ପରିବର୍ତ୍ତିତ ନୂତନ ଆକଳନ ପତ୍ର ପ୍ରସ୍ତୁତ ପାଇଁ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ଯାଉଛି। ପରିତାପର ବିଷୟ ସେଠାରେ ସମ୍ପୂର୍ଣ୍ଣ ରାସ୍ତା କାମ ସକାଶେ ବର୍ଦ୍ଧିତ ମୂଲ୍ୟ ପାଇଁ ଯାଇଥିବା ନୂତନ ଆକଳନ ପତ୍ରକୁ ଅନେକ ମାସ ହେବ ଗ୍ର

କଲ୍ୟାଣପୁର ପଞ୍ଚାୟତରେ ୨୮୬ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

'ସାଧାରଣ ଲୋକଙ୍କ ପାଇଁ ସରକାରଙ୍କ ଯୋଜନା ଅଭିନନ୍ଦନୀୟ'

ବିଞ୍ଚାରପୁର, ୩୦।୧୧ (ସମିସ)

ସାଧାରଣ ଲୋକଙ୍କୁ ସୁଖ, ଶାନ୍ତି ଓ ଆନନ୍ଦରେ ରହିବାର ସୁଯୋଗ ପ୍ରଦାନ ପାଇଁ ସରକାରଙ୍କ ଯୋଜନା ଅଭିନନ୍ଦନୀୟ ବୋଲି କଲ୍ୟାଣପୁର ପଞ୍ଚାୟତରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ତଥା ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ।

ବିଞ୍ଚାରପୁର ବ୍ଲକର କଲ୍ୟାଣପୁର ପଞ୍ଚାୟତର ମଙ୍ଗଳଚଣ୍ଡୀ ପୀଠରେ ଅନୁଷ୍ଠିତ ଭତ୍ତା ବଣ୍ଟନ ସମାରୋହରେ ମୁଖ୍ୟଅତିଥି ଭାବେ ବାଚସ୍ପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସଙ୍ଗୀତା ନାୟକ ଯୋଗଦାନ କରିଥିଲେ । ସମ୍ମାନିତ ବକ୍ତା ଭାବେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇଥିଲେ । ପଞ୍ଚାୟତର ନାଗରିକଙ୍କ ପକ୍ଷରୁ ବାଚସ୍ପତି ଶ୍ରୀମତୀ ମଲ୍ଲିକଙ୍କୁ ସମ୍ମାନର ସହିତ ସଭା ମଞ୍ଚରେ ପୁଷ୍ପହାର ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ଏହାପରେ ଯୁବନେତା ସାମ୍ବାଦିକ ସ୍ୱାଧୀନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଞ୍ଚାରପୁର ବ୍ଲକର ସମସ୍ତ ପଞ୍ଚାୟତଠାରୁ ସଂଖ୍ୟାଧିକ ଭତ୍ତା କଲ୍ୟାଣପୁର ପଞ୍ଚାୟତରେ ପ୍ରଦାନ କରାଯିବ । ଯାହାର ସଂଖ୍ୟା ୨୮୬ ବୋଲି ସେ କହିଥିଲେ । ମୁଖ୍ୟଅତିଥି ଶ୍ରୀମତୀ ମଲ୍ଲିକ ଭତ୍ତା ପାଇଁ ଆସିଥିବା ହିତାଧିକାରୀଙ୍କୁ ପୁଷ୍ପଗୁଚ୍ଛ, ସାଲ ଓ ତିନିମାସର ଭତ୍ତା ଟଙ୍କା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ହିତାଧିକାରୀଙ୍କୁ ଯୁବନେତା ତଥା ସରପଞ୍ଚଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଦୀପକ କୁମାର ବେହେରା, କାହ୍ନୁଚରଣ ସାହୁ, ସୁବ୍ରତ ବିଶ୍ୱାଳ, ସନ୍ତୋଷ ରଣା, ଦେବେନ୍ଦ୍ର କୁମାର ଦାଶ, ରାକେଶ ଦାଶ, ନିରୂପମା ଗୋଛାୟତ, ଭାରତୀ କାଣ୍ଡି, ବିରଞ୍ଚି ନାରାୟଣ ମହାନ୍ତି, ଦେବେନ୍ଦ୍ର ଜେନା, ଜଗନ ରାଉତ ଓ ସମରଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ବ୍ରାଉନସୁଗର ଜବତ, ଜଣେ ଗିରଫ

ବ୍ୟାସନଗର, ୩୦।୧୧(ସମିସ): ଗୁରୁବାର ଦିନ ପ୍ରାୟ ୪ଟା ସମୟରେ ଡୋଲିପୁର ଅବକାରୀ ପକ୍ଷରୁ ମିଟୁଆଣି ଗଡ଼ିଆ ଅଞ୍ଚଳରେ ଚଢ଼ଉ କରାଯାଇ ଗୋଟିଏ ବାଇକ୍ ସହିତ ୨୫ ଗ୍ରାମର ବ୍ରାଉନସୁଗର ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି । ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶ ଅନୁଯାୟୀ ଯାଜପୁରରୋଡ ରେଞ୍ଜ ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତିଙ୍କ ନେତୃତ୍ୱରେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ କୁମାର ପଣ୍ଡା ଯାଜପୁରରୋଡ ଥାନା ମିଟୁଆଣିଗଡ଼ିଆ ଅଞ୍ଚଳରେ ଚଢ଼ଉ କରିଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ବାଇକ୍‌ରେ ବ୍ରାଉନସୁଗର ବିକିବାକୁ ନେଇ ଆସୁଥିବା ଦେଖି ଗିରଫ କରିନେଇଥିଲେ । ଏହି ଗିରଫ ବ୍ୟକ୍ତି ଜଣଙ୍କ ସ୍ଥାନୀୟ ଅଞ୍ଚଳର ସରୋଜ ପାତ୍ର ବୋଲି ଜଣାପଡ଼ିଛି । ଅଭିଯୁକ୍ତ ନିକଟରୁ ୨୫ ଗ୍ରାମ ବ୍ରାଉନସୁଗର ସହିତ ଏକ ବାଇକ ଜବତ ହେଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଚଢ଼ଉରେ ଏସଆଇ କ୍ଷୀରୋଦ କୁମାର ସାହୁ, ବିଭୂପ୍ରସାଦ ସାହୁ, କର୍ମଚାରୀ ଲେବା ହେଂସା, ଚଗଲା ମଲ୍ଲିକ ସାମିଲ ଥିଲେ ।

ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ

ବ୍ୟାସନଗର, ୩୦।୧୧(ସମିସ): ଗୁରୁବାର ଅପରାହ୍ନ ପ୍ରାୟ ୪.୩୦ ମିନିଟ୍ ସମୟରେ ସ୍ଥାନୀୟ ଯାଜପୁରରୋଡ ରେଳଷ୍ଟେସନ ଅଧୀନସ୍ଥ ନୂତନ ନିର୍ମାଣଧୀନ ବିଲଡିଂ ନିକଟରେ ଯାଜପୁରରୋଡ ଅଗ୍ନିଶମ ଅଧିକାରୀ ତାପସ କୁମାର ମନ୍ତ୍ରୀଙ୍କ ନେତୃତ୍ୱରେ କର୍ମଚାରୀ ଯାଜପୁରରୋଡ୍ ରେଳ ସୁରକ୍ଷା ବଳ ଅଧିକାରୀ ଓ କର୍ମଚାରୀଙ୍କୁ ଅଗ୍ନି ନିର୍ବାପକ ସମ୍ପର୍କରେ ବୁଝାଇବା ସହିତ ଏ ନେଇ ଏକ ମକଡ୍ରିଲ କାର୍ଯ୍ୟକ୍ରମ କରିଛନ୍ତି । ଏହି କାର୍ଯ୍ୟକ୍ରମ ସମୟରେ ଅଗ୍ନିଶମ ଅଧିକାରୀ ରେଳ ସୁରକ୍ଷା ବଳ କର୍ମଚାରୀଙ୍କୁ ରେଳବାଇ ପ୍ରାଙ୍ଗଣରେ ଅଗ୍ନି ସଂଯୋଗ ହେଲେ କିପରି ଏ ନେଇ ଘୋଷଣା କରିବେ । ଅଗ୍ନିଶମ ବିଭାଗକୁ କିପରି ଏ ନେଇ ଖବର ଦେବେ, କେଉଁ ପରିସ୍ଥିତିରେ କେଉଁ ପ୍ରକାର ନିଆଁ ଲିଭା ଯନ୍ତ୍ର ଉପଯୋଗ କରିବେ, ବିଲଡିଂ ଓ ଷ୍ଟେସନ ପରିସରକୁ କିପରି ଅଗ୍ନି ନିର୍ବାପନ ରଖିବେ ଓ ରେଳ ଯାତ୍ରୀଙ୍କୁ କିପରି ଏହି ସମୟରେ ଏକାଠି କରିବେ, ସେ ନେଇ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁରରୋଡ୍ ରେଳ ସୁରକ୍ଷା ବଳ ଅଧିକାରୀ ପ୍ରବୀଣ କୁମାରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

କଲେଜ ଅଧକ୍ଷଙ୍କ ମାତୃ ବିୟୋଗ

ବରା, ୩୦।୧୧ (ସମିସ): ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୁଧିର କୁମାର ରାଉତଙ୍କ ମାଆ ମୁକ୍ତା ରାଉତଙ୍କ ସାହାସପୁର ବାସଭବନରେ ବୁଧବାର ଦିନ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସେ ଜଣେ ଅନୁଷ୍ଠାନପ୍ରେମୀ, ଧର୍ମପ୍ରାଣା ଓ ସଂସ୍କୃତି ସମ୍ପନ୍ନା ମହିଳା ଥିଲେ । ତାଙ୍କ ବିୟୋଗରେ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର କର୍ମକର୍ତ୍ତା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମଳୟ କୁମାର ଜେନା ଓ ସହକର୍ମୀ, ଅଭିମନ୍ୟୁ ସାହିତ୍ୟ ପରିଷଦ, ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା, ଜଗା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ଅଜୟ କୁମାର ଜେନା, ସାମ୍ବାଦିକ ଚୈତନ୍ୟ ଚରଣ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତା ରାଉତଙ୍କ ବିୟୋଗରେ ସମଗ୍ର ବରା-ଯାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ୪ ପୁଅ ଓ ୨ ଝିଅ ଉପସ୍ଥିତ ଥିଲେ । ସ୍ୱର୍ଗତା ରାଉତଙ୍କ ତତ୍ତ୍ୱାବଧାନରେ ମୁକ୍ତା ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଥିଲା ।

ଜାନକୀ ମଧୁସୂଦନ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବିଞ୍ଚାରପୁର, ୩୦।୧୧(ସମିସ): ବିଞ୍ଚାରପୁର ବ୍ଲକର କପିଳା ପଞ୍ଚାୟତ ଅନ୍ତର୍ଗତ ମାନଧାତାପାଟଣା ଗ୍ରାମରେ ଅବସ୍ଥିତ ଜାନକୀ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପର ବିଭାଗ ମିଳିତ ସହାୟତାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଫେସର ମଧୁସୂଦନ ରାଉତ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ବନବିହାରୀ ଦାସ ବିବରଣୀ ଉପସ୍ଥାପନ କରିଥିଲେ । କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା, ସାମାଜିକ ସଚେତନତା କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ ସଂଗ୍ରାମ କେଶରୀ ଦଲେଇ, ଅଧାପକ ଅରୁଣ କୁମାର ସାମଲ, ମନୋଜ ଓଝା, ସୁଜିତ କୁମାର ବାରିକ, ଜଗବନ୍ଧୁ ଜେନା, ନିହାର ରଞ୍ଜନ ଦାସ, ସରୋଜିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବ୍ରଜସୁନ୍ଦର ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବିଞ୍ଚାରପୁର, ୩୦।୧୧ (ସମିସ): ବିଞ୍ଚାରପୁର ବ୍ଲକର ସୟଦପୁରସ୍ଥ ବ୍ରଜସୁନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷା ଦେବସ୍ମିତା ଦାସ ଉଦ୍‌ଘାଟନ କରିଥିଲେ । ଅଧକ୍ଷା ଉଦଘାଟନୀ ଅଭିଭାଷଣରେ ଯୁବ ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିଶଦ ଆଲୋଚନା କରିଥିଲେ । ଉକ୍ତ ସଭାରେ ନୋଡାଲ ଅଫିସର ତଥା ଇଂରାଜୀ ବିଭାଗର ଅଧାପକ ପ୍ରତାପ ବେହେରା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ । ଲିଟେରାରୀ ଓ ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଇଂରାଜୀ ବିଭାଗ ଅଧାପକ ଆଦିତ୍ୟ ନାରାୟଣ ମିଶ୍ର, ସଂସ୍କୃତ ବିଭାଗ ଅଧାପିକା ପାର୍ବତୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଅନୁଷ୍ଠାନର ଇତିହାସ ବିଭାଗ ଅଧାପକ ଶ୍ରୀଧର ନାଥ, ବାଣିଜ୍ୟ ବିଭାଗ ଅଧାପକ ଶରତ ଚନ୍ଦ୍ର ସାହୁ, ଅଧାପକ ଦେବବ୍ରତ ମିଶ୍ର, ଦର୍ଶନ ବିଭାଗ ଅଧାପକ ଦେବେନ୍ଦ୍ର କୁମାର ପତି, ଅଧାପକ ସୁବାସ ଚନ୍ଦ୍ର ନାୟକ, କ୍ରୀଡ଼ା ଶିକ୍ଷକ ମୁରାରୀ ପ୍ରସାଦ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଅଧାପିକା ପାର୍ବତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

ବିଂଝାରପୁର, ୩୦।୧୧(ସମିସ): ବିଂଝାରପୁରରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଓ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି । ପୁଲିସ ଏହି ଘଟଣାରେ ଆକ୍ରମଣକାରୀ ଅଭୟ କୁମାର ବେହେରାକୁ ଅଟକ ରଖି ପଚରାଉଚରା କରୁଛି । ବିଂଝାରପୁର ଅଞ୍ଚଳର ଯୁବ ସାମ୍ବାଦିକ ଶଙ୍କର୍ଷଣ ସାମଲ ଆଜି ଖବର ସଂଗ୍ରହ କରି ବିଂଝାରପୁର ବ୍ଲକରୁ ଘରକୁ ଫେରୁଥିବା ସମୟରେ ବିଦ୍ୟୁତ ସବଷ୍ଟେସନ ନିକଟରେ ଜଣେ ବାଇକ୍ ଓ ଜଣେ ସାଇକଲ ଆରୋହୀଙ୍କ ମଧ୍ୟରେ ବଚସା ଚାଲିଥିଲା । ଏହି ସମୟରେ ସାମ୍ବାଦିକ ଶଙ୍କର୍ଷଣ ଉକ୍ତ ଦୃଶ୍ୟକୁ ମୋବାଇଲରେ କଏଦ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଉପସ୍ଥିତ ଥିବା ଅଭୟ ସାମ୍ବାଦିକଙ୍କୁ ଆକ୍ରମଣ କରିଥିଲା । ଏପରିକି ଶଙ୍କର୍ଷଣଙ୍କୁ ଗାଳିଗୁଳଜ କରିବା ସହ ଅତର୍କିତ ଭାବେ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସାମ୍ବାଦିକ ସାମଲଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଛି । ଘଟଣାକୁ ନେଇ ସାମ୍ବାଦିକ ଜଣକ ବିଂଝାରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆକ୍ରମଣକାରୀକୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି । ସେପଟେ ଅଭିଯୁକ୍ତ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି ।

ଇମ୍ପା ପକ୍ଷରୁ ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ ପାଳିତ

କାଳିଆପାଣି, ୩୦।୧୧(ସମିସ): ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଭୁବନେଶ୍ୱର ଜୋନ ପକ୍ଷରୁ ୨୫ତମ ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ ଇମ୍ପା ପରିଚାଳନାଧୀନ ସୁକିନ୍ଦା ଓ ମହାଗିରି ଖଣିରେ ପାଳିତ ହୋଇଯାଇଛି । ସପ୍ତାହ ବ୍ୟାପି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଇମ୍ପା ଖଣି ମୁଖ୍ୟ ସନ୍ଦୀପ ବାପୁରାଓ ଜୀ ନାରଡେ ପତାକା ଉତ୍ତୋଳନ କରିଥିବାବେଳେ ବରିଷ୍ଠ ଖଣି ପ୍ରବନ୍ଧକ ଲଲାଟେନ୍ଦୁ ମହାପାତ୍ର ସୁକିନ୍ଦା ଖଣିରେ ପତାକା ଉତ୍ତୋଳନ କରିଥିଲେ । ଉଭୟ ଖଣିରେ ପତାକା ଉତ୍ତୋଳନରେ ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ପାଳନର ଉଦ୍ଦେଶ୍ୟ ତଥା ସହାଭାଗିତା ନିମନ୍ତେ ଶପଥ ପାଠ କରାଯାଇଥିଲା । ଗୁରୁବାର ପରିଦର୍ଶନ ମଣ୍ଡଳୀର ଆବାହକ ଏସକେ ପରିଡ଼ା, ଉପସାଧାରଣ ପ୍ରବନ୍ଧକ (ଖଣି) ବସୁଆଁ ଆଇରନ ମାଇନ୍ସ ସେଲଙ୍କ ନେତୃତ୍ୱରେ ଓ ପରିଦର୍ଶନ ମଣ୍ଡଳୀର ଅନ୍ୟତମ ସଦସ୍ୟ ଭାବେ ଚନ୍ଦ୍ରକାନ୍ତ ରଥ, ଉପସାଧାରଣ ପ୍ରବନ୍ଧକ (ଖଣି) ପଟ୍ଟନାୟକ ମିନେରାଲ, ଯୋଡ଼ା ଓ ସତୀଶ ମହାନ୍ତି ଉପପରିଚାଳକ ଭୂତତ୍ତ୍ୱ ବିଭାଗ ଲଜିବେମା ଲାଇମେ ଷ୍ଟୋନ ମାଇନ୍ସ-ଡାଲମିଆ ସିମେଣ୍ଟ ଦୁଇଟି ଖଣି ପରିଦର୍ଶନ କରିଥିଲେ ।

ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାଗିରି ଖଣି ପରିଚାଳକ ରାଜେଶ ରାମଧର ଶର୍ମା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ବରିଷ୍ଠ ସାଧାରଣ ପ୍ରବନ୍ଧକ ତଥା ଅପରେସନ ମୁଖ୍ୟ ଲଲାଟେନ୍ଦୁ ମହାପାତ୍ର, ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ଉପରେ ସଚେତନାତ୍ମକ ଦିଗପ୍ରତି ଆଲୋକପାତ କରିଥିଲେ । ଶେଷରେ ସୁକିନ୍ଦା ଖଣି ପରିଚାଳକ ସରୋଜ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରେଷ୍ଠ ଶ୍ରମିକ ଭାବେ ମହାଗିରି ଖଣି ନିମନ୍ତେ କେଶବାନନ୍ଦ ସାମଲ ଓ ସୁକିନ୍ଦା ଖଣି ନିମନ୍ତେ ଗମ୍ହା ମହାନ୍ତ ପୁରସ୍କୃତ ହୋଇଥିଲେ । ଝଟି ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ, ରଚନା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି କର୍ମଚାରୀଙ୍କ ମଧ୍ୟରେ ଆୟୋଜିତ ପୋଷ୍ଟର ସ୍ଲୋଗାନ ପ୍ରତିଯୋଗିତାରେ ପରିଦର୍ଶକ ମଣ୍ଡଳୀ ସଦସ୍ୟଙ୍କ ଦ୍ୱାରା ଯୋଗ୍ୟ ବିବେଚିତ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରିବେଶ ବିଭାଗ ଅଧିକାରୀ ପ୍ରିୟଙ୍କା ଧିର ଓ ଖଣି ବିଭାଗ ଅଧିକାରୀ ଶୁଭମ କୁମାର ସିଂ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, କାଳିଆପାଣି ସରପଞ୍ଚ ବିକାଶ ପାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୋଗାଣ ଶୃଙ୍ଖଳ ବିଭାଗ ମୁଖ୍ୟ ଜିଭି ରାକେଶ, ବରିଷ୍ଠ ପରିଚାଳକ ହିତାଂଶୁ ଶେଖର ସାହୁ, ଭୂତତ୍ତ୍ୱବିତ ଭକ୍ତହରୀ ଦାସ, ଦିବାକର ପରିଡ଼ା, ପ୍ରମୋଦ ପାତ୍ର, କ୍ରାନ୍ତି କିରଣ ଭୂୟାଁ, ପରିବେଶ ବିଭାଗ ସତ୍ୟକଇବଲ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ ।

ବୋଇତ ବନ୍ଦାଣ ଉତ୍ସବରେ ସାମ୍ବାଦିକ ସମ୍ବର୍ଦ୍ଧିତ

ବାଲିଚନ୍ଦ୍ରପୁର, ୩୦।୧୧(ସମିସ): ବିରୂପା-ଗେଙ୍ଗୁଟି ଓ କେଲୁଅ ନଦୀର ସଙ୍ଗମସ୍ଥଳ ଖଡଗପୁର ଘାଟରେ ବୋଇତ ବନ୍ଦାଣ ଉତ୍ସବ କଳାକାର ଓଡ଼ିଶା ସଭାପତି କବି ସତ୍ୟବ୍ରତ ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସାମ୍ବାଦିକ ଏକାଦଶୀ ସେଠୀଙ୍କ ଉନ୍ନତମାନର ଖବର ଓ ସାମ୍ବାଦିକତା ପ୍ରତି ସମର୍ପଣ ଭାବ ପାଇଁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଯାଜପୁରର ପୂର୍ବତନ ସାଂସଦ ଅଞ୍ଚଳ ଦାସ, ଉଦ୍‌ଘାଟକ ଭାବେ ଯାଜପୁରର ପୂର୍ବତନ ଉପଜିଲ୍ଲାପାଳ କୁମରବର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସମ୍ବର୍ଦ୍ଧିତ ହୋଇଥିବା ଏକାଦଶୀ ସେଠୀଙ୍କୁ ସାମ୍ବାଦିକ ଜୟନ୍ତ କୁମାର ରାଉତ, ପ୍ରଭାସ କୁମାର ଦାଶ, ଅଜୟ ଦାଶ, ଉତ୍କଳ କେଶରୀ ସାମଲ, ରାକେଶ କୁମାର ବାରିକ, ଆଲୋକ ପ୍ରଧାନ, ସତ୍ୟାନନ୍ଦ ମଲ୍ଲିକ, ସଞ୍ଜିତ କୁମାର ସାମଲ, ସତ୍ୟବ୍ରତ ସିଂ, ପ୍ରତାପ ସେନାପତି ଓ ନିବାରଣ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

ମହିଳା ଜନପ୍ରତିନିଧିଙ୍କୁ ଅଶ୍ଳୀଳ ଆଚରଣ ଅଭିଯୋଗ

ଧର୍ମଶାଳା, ୩୦।୧୧(ସମିସ): ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମରେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କୁ ଅଶ୍ଳୀଳ ଆଚରଣ ହୋଇଥିବା ଅଭିଯୋଗ ହୋଇଛି । ଗତ ୨ଦିନ ତଳେ ରାତିରେ କାର୍ତ୍ତିକେଶ୍ୱର ମେଢ଼ ଭସାଣି ଗ୍ରାମ ପରିକ୍ରମା କରୁଥିଲା । ଏହି ସମୟରେ ଜଳେଶ୍ୱରପୁର ଗ୍ରାମ ସପ୍ତାସାହିର ବାବୁଲି ସାହୁ ଓ ୬ ନମ୍ବର ୱାର୍ଡ ସଭ୍ୟଙ୍କ ସ୍ୱାମୀ ପ୍ରହ୍ଲାଦ ସ୍ୱାଇଁଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା । ଯାହାକୁ ନେଇ ୱାର୍ଡ ସଭ୍ୟ ପ୍ରତିବାଦ କରିଥିଲେ । କିନ୍ତୁ ବାବୁଲି ସାହୁ ପ୍ରଚୁର ମଦ୍ୟପାନ କରିଥିବା ଅବସ୍ଥାରେ ୱାର୍ଡ ସଭ୍ୟଙ୍କ କୌଣସି କଥା ଶୁଣି ନ ଥିଲେ । ଉତ୍କ୍ଷିପ୍ତ ହୋଇ ମହିଳା ୱାର୍ଡ ସଭ୍

ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ; ୭ ମୃତ

■ **ସୁରଟ, ୩୦।୧୧ (ଏଜେନ୍ସି):** ଗୁଜରାଟ ସୁରଟର ଏକ ରାସାୟନିକ କାରଖାନାରେ ଟାଙ୍କିରେ ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ୨୦ ଜଣ ଆହତ ହୋଇଛନ୍ତି। ୮ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୁରଟ ଦମକଳ ବାହିନୀ ସୂଚନା ଅନୁଯାୟୀ ସଚିନ ଶିଳ୍ପାଞ୍ଚଳରେ ଥିବା କାରଖାନାରେ ଥିବା 'ଏଥର ଇଣ୍ଡଷ୍ଟ୍ରିଜ୍'ରେ ବଡ଼ ରାସାୟନିକ ଟ୍ୟାଙ୍କରରୁ ମଙ୍ଗଳବାର ରାତି ୨ଟାରେ ରାସାୟନିକ ନିର୍ଗତ ହୋଇଥିଲା। ଏଥିଯୋଗୁଁ ଭୟଙ୍କର ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ଏହା ସମ୍ପୂର୍ଣ୍ଣ ୟୁନିଟ୍‌କୁ ବ୍ୟାପି ଯାଇଥିଲା। ପ୍ରାୟ ୧୦ ଘଣ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଏହି ଘଟଣା ପରଠାରୁ ୭ ଜଣ ଲୋକ ନିଖୋଜ ଥିଲେ। ଏହାର ୨୪ ଘଣ୍ଟା ପରେ ଗୁରୁବାର ସକାଳେ ୭ ଜଣଙ୍କ କଙ୍କାଳ ମିଳିଛି। ଏ ସବୁକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ପୁଲିସ, ଫରେନସିକ ସାଇନ୍ସ ଲାବୋରେଟୋରୀ (ଏଫ୍‌ଏସ୍‌ଏଲ୍), ସୁରକ୍ଷା ଏବଂ ଯାଞ୍ଚ ଅଧିକାରୀଙ୍କ ଉପସ୍ଥିତିରେ ତଲାସୀ ଅଭିଯାନ ଚାଲିଥିଲା। ସୂଚନାଯୋଗ୍ୟ ଯେ ଚଳିତ ବର୍ଷର ଫୋର୍ବସ୍ ମାଗାଜିନ ବିଲିୟୋନର୍ସ ତାଲିକାରେ ଏହି କମ୍ପାନୀର ସିଏମ୍‌ଡି ଅଶ୍ୱିନ ଦେଶାଇ ସାମିଲ ଥିଲେ।

କିଣାଯିବ ୯୭ ତେଜସ୍, ୧୫୬ ପ୍ରଚଣ୍ଡ ହେଲିକପ୍ଟର

■ **ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ସେନାକୁ ଅଧିକ ମଜବୁତ କରିବା ପାଇଁ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ସେନା ଏବଂ ପ୍ରତିରକ୍ଷା ପାଇଁ ସ୍ୱଦେଶୀ ଉପକରଣକୁ ପ୍ରୋତ୍ସାହନ ଦେବା ପାଇଁ ୧.୧ ଲକ୍ଷ କୋଟିର 'ମେଗା ଡିଲ୍'କୁ ମଞ୍ଜୁରୀ ଦେଇଛନ୍ତି। ଏହା ମାଧ୍ୟମରେ ୯୭ଟି ତେଜସ୍ ଏବଂ ୧୫୬ଟି ପ୍ରଚଣ୍ଡ ହେଲିକପ୍ଟର କ୍ରୟ କରାଯିବ। ଏହି ଲୁଢଆ ବିମାନ ଏବଂ ହେଲିକପ୍ଟରକୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କରାଯାଇଛି। ଏହି ଡିଲ୍ ଦ୍ୱାରା ରାଜକୋଷ ଉପରେ ୧.୩ ଲକ୍ଷ କୋଟିର ଖର୍ଚ୍ଚ ବଢ଼ିବ ବୋଲି କୁହାଯାଉଛି। ତେବେ ସ୍ୱଦେଶୀ ନିର୍ମାତାଙ୍କ ସହ ଏହି ଚୁକ୍ତି କରାଯାଇଛି। ଏହା ସବୁଠାରୁ ବଡ଼ ଚୁକ୍ତି। ରିପୋର୍ଟ ଅନୁଯାୟୀ ଚୁଡ଼ାନ୍ତ ରିପୋର୍ଟ ଉପରେ ଆଲୋଚନା ଶେଷ ହେଲେ କ୍ୟାବିନେଟ ସୁରକ୍ଷା ସମିତି ଏହାକୁ ମୋହର ମାରିବ। ପରେ ସେନାରେ ଏହି ବିମାନ ଏବଂ ହେଲିକପ୍ଟର ସାମିଲ ହେବାକୁ ଅତିକମ୍‌ରେ ୧୦ ବର୍ଷ ଲାଗିପାରେ। ଏବେ ଭାରତୀୟ ବାୟୁସେନା ପାଖରେ ୨୬୦ରୁ ଅଧିକ ଏସ୍‌ୟୁ-୩୦ ବିମାନ ରହିଛି। ସୂଚନା ଅନୁଯାୟୀ କ୍ଷମତାସୀନ ସରକାର ସମୟରେ ୮୩ଟି ହାଲୁକା ଲଡୁଆ ବିମାନ ଏମ୍‌କେ ୧ଏ ପ୍ରସ୍ତୁତ ପାଇଁ ହାଲକୁ ୩୬,୪୬୮ କୋଟିର ଅର୍ଡର ଦିଆଯାଇଛଇ। ୨୦୨୪ ସୁଦ୍ଧା ଏହି ବିମାନ ମିଳିବ।

● କୋଟାରେ ଥମୁନି ଆତ୍ମହତ୍ୟା

୩ ଦିନରେ ଜୀବନ ହାରିଲେଣି ୨ ଜଣ

■ **କୋଟା, ୩୦।୧୧ (ଏଜେନ୍ସି):** କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ଥମିବାର ନା ଧରୁନି। ଗତ ତିନି ଦିନ ଭିତରେ ଆଉ ୨ ଜଣ ନିଟ୍ ଆଶାୟୀ ଜୀବନ ହାରିଲେଣି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୋଟାରେ ୨୬ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି। ସୂଚନା ଅନୁଯାୟୀ ଉତ୍ତରପ୍ରଦେଶ ଔରିୟାର ଛାତ୍ରୀ ନିଶା ଯାଦବ (୨୧) ଓଡ଼ଣୀ ମାଧ୍ୟମରେ ପଙ୍ଖାରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମହାବୀନ ନଗର ଅଞ୍ଚଳରେ ଥିବା ଏକ ଘରୋଇ ହଷ୍ଟେଲରୁ ବୁଧବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ଛଅ ମାସ ତଳେ କୋଟା ଆସିଥିଲେ। ସେ ଆତ୍ମହତ୍ୟାର କିଛି ସମୟ ପୂର୍ବରୁ ବାପାଙ୍କ ସହ କଥା ହୋଇଥିଲେ। ଏହା ପରେ ପୁଣି ଫୋନ୍ କରିବାରୁ ଆଉ କଲ୍ ଉଠାଇ ନ ଥିଲେ। ବାପା ଏହାର ସୂଚନା ହଷ୍ଟେଲ ପରିଚାଳକଙ୍କୁ ଦେଇଥିଲେ। କେହି ନ ଶୁଣିବାରୁ ସେ ଛାତ୍ରୀଙ୍କ ପ୍ରକୋଷ୍ଠର କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଏ ପର୍ଯ୍ୟନ୍ତ ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଏହା ପୂର୍ବରୁ ୨୭ ତାରିଖରେ ପଶ୍ଚିମବଙ୍ଗର ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ।

ବିଷାକ୍ତ ସିରପ୍ ପିଇ ୫ ମୃତ

■ **ଗାନ୍ଧୀନଗର, ୩୦।୧୧ (ଏଜେନ୍ସି):** ଗୁଜରାଟ ଖେଡ଼ା ଜିଲ୍ଲାରେ ବିଷାକ୍ତ ସିରପ ପିଇ ୨ ଦିନରେ ୫ ଜଣ ଲୋକ ପ୍ରାଣ ହରାଇଲେଣି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଗୁରୁତର ରହିଛି। ଏହି ସିରପରେ ମିଥାଇଲ ଆଲକୋହଲ ଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ବଗଡୁର ୩ ଜଣ ଏବଂ ବିଲୋଦରା ଗ୍ରାମର ୨ ଜଣ ସାମିଲ ଅଛନ୍ତି। ଏହି ସିରପ ବିକ୍ରି କରୁଥିବା ଦୋକାନୀକୁ ପୁଲିସ ଗିରଫ କରିଛି। ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଦେଇଛି। ଖେଡ଼ା ଡିଜିପି ବିକାଶ ସହାୟ କହିଛନ୍ତି ଯେ ସିରପରେ ମିଥାନଲ ମଧ୍ୟ ଥାଇପାରେ। ଏହା ପିଇବା ପରେ ପୀଡ଼ିତଙ୍କ ଛାତି ଦରଜ ହୋଇଥିଲା।

ଶୀତ ଅଧିବେଶନରେ ଆସିବ ୧୮ ବିଲ୍

■ **ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ଆସନ୍ତା ସପ୍ତାହରେ ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ସମୟରେ ସରକାର ୧୮ ବିଲ୍ ଉପସ୍ଥାପନ କରିବେ। ବୁଧବାର ଏହାର ତାଲିକା ଜାରି କରାଯାଇଛି। ଏଥିରେ ଜମ୍ମୁ-କାଶ୍ମୀର ଏବଂ ପୁଡୁଚେରିରେ ମହିଳା ସଂରକ୍ଷଣ ବୃଦ୍ଧି ସମ୍ବନ୍ଧିତ ୨ଟି ବିଲ୍ ଏବଂ ଅପରାଧିକ ଆଇନ ପରିବର୍ତ୍ତନ ପାଇଁ ତିନୋଟି ବିଲ୍ ସାମିଲ ରହିଛି। ଜମ୍ମୁ-କାଶ୍ମୀର ବିଧାନସଭା ଆସନ ସଂଖ୍ୟା ୧୦୭ରୁ ୧୧୪କୁ ବୃଦ୍ଧି କରିବା ବିଲ୍ ମଧ୍ୟ ଉପସ୍ଥାପନ କରାଯାଇପାରେ।

ଏନ୍‌ଡିଏର ପାସିଂ ଆଉଟ ପରେଡ୍‌ରେ ରାଷ୍ଟ୍ରପତି

■ **ମୁମ୍ବଇ, ୩୦।୧୧ (ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ମହାରାଷ୍ଟ୍ର ପୁଣେର ଖଡକୱାସଲା ସ୍ଥିତ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ର ୧୪୫ତମ କୋର୍ସର 'ପାସିଂ ଆଉଟ ପରେଡ'ରେ ସାମିଲ ହୋଇଛନ୍ତି। ପ୍ରଥମ ଥର ପାଇଁ ଏକାଡେମିର ଏହି ପରେଡରେ ମହିଳା ଦଳ ସାମିଲ ହୋଇଥିଲା। ରାଷ୍ଟ୍ରପତି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଆଜି ଏକ ଐତିହାସିକ ଦିନ ବୋଲି କହିଥିଲେ। ଏବେ ବି ଝିଅମାନେ ନିଜ ମନ ପସନ୍ଦର କ୍ୟାରିୟର ବାଛିଲା ବେଳକୁ ସମସ୍ୟା ହୋଇଥାଏ। ଆଗାମୀ ଦିନରେ ସମସ୍ତ ମହିଳା କ୍ୟାଡେଟ ଭବିଷ୍ୟତରେ ଦେଶ ଏବଂ ଏନ୍‌ଡିଏକୁ ନୂଆ ଦିଗକୁ ନେବେ। ଏହି ଅବସରରେ ରାଷ୍ଟ୍ରପତି ୫ମ ବାଟାଲିୟନର ନୂଆ କୋଠାର ଶିଳାନ୍ୟାସ କରିଛନ୍ତି। ସୂଚନା ଅନୁଯାୟୀ ୧୪୮ ତମ କୋର୍ସରେ ପ୍ରଥମ ବ୍ୟାଚ୍‌ରେ ୧୯ ମହିଳା ସାମିଲ ଥିଲେ। ଏମାନଙ୍କ ମଧ୍ୟରେ ସ୍ଥଳ ସେନାର ୧୦ ଜଣ, ବାୟୁସେନାର ୬ ଜଣ ଏବଂ ନୌସେନାର ୩ ଜଣ ସଦସ୍ୟ ଥିଲେ। ଏମାନେ ୨୦୨୫ ମଇରେ ପାସ୍ କରିବେ। ଦ୍ୱିତୀୟ ବର୍ଷରୁ ମହିଳାଙ୍କୁ ପରେଡରେ ସାମିଲ ହେବାକୁ ଅନୁମତି ଦିଆଯାଇଥିଲା।

ଅଞ୍ଜୁଙ୍କୁ ଗ୍ରାମରେ ପୂରେଇବେନି ଗ୍ରାମବାସୀ

■ **ଗ୍ୱାଲିୟର, ୩୦।୧୧ (ଏଜେନ୍ସି):** ଛଅ ମାସ ତଳେ ପ୍ରେମିକ ପାଇଁ ପାକିସ୍ତାନ ଯାଇଥିବା ଅଞ୍ଜୁ ବୁଧବାର ଫାତିମା ହୋଇ ଭାରତ ଫେରି ଆସିଛନ୍ତି। ସେ ରାଜସ୍ଥାନର ଭିୱାଡିରେ ସ୍ୱାମୀ ଏବଂ ପିଲାଛୁଆଙ୍କ ସହ ରହୁଥିଲେ। ସେ ନିଜ ଗ୍ରାମକୁ ଯିବେ ବୋଲି କୁହାଯାଉଛି। ଗ୍ୱାଲିୟରର ଟେକନପୁରରେ ତାଙ୍କ ଶ୍ୱଶୁର ଘର। ଅନ୍ୟପକ୍ଷରେ ବାପା ଗୟାପ୍ରସାଦ ଥୋମାସ ଅଞ୍ଜୁଙ୍କୁ ନିନ୍ଦା କରିଛନ୍ତି। ଝିଅ ତାଙ୍କ ପାଇଁ ମରିଯାଇଛି। ଏବେ ତା ସହ ଆମର କିଛି ଦେବାନେବା ନାହିଁ। ସେହିପରି ଗ୍ରାମର ବୀର ସିଂହ ଗୁର୍ଜର କହିଛନ୍ତି ଯେ ଅଞ୍ଜୁଙ୍କୁ ଗ୍ରାମରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଗ୍ରାମବାସୀ ଏହା କଦାବି ହେବାକୁ ଦେବେ ନାହିଁ। ଅଞ୍ଜୁଙ୍କ ବାପା ମଧ୍ୟ ଏହା ଚାହୁଁଛନ୍ତି। ସେହିପରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇ ପିଲାଛୁଆଙ୍କୁ ପାକିସ୍ତାନ ଧରି ପାକିସ୍ତାନ ଯିବେ ବୋଲି କହିଛନ୍ତି।

ପାକ୍ ସୀମାରେ ଲାଗିଲା ଆଣ୍ଟିଡ୍ରୋନ ସିଷ୍ଟମ

■ **ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ପାକିସ୍ତାନର ଡ୍ରୋନ୍ ଅନୁପ୍ରବେଶକୁ ଦେଖି ଭାରତ ବଡ଼ ପଦକ୍ଷେପ ନେଇଛି। ଡ୍ରୋନ୍ ଆକ୍ରମଣର ମୁକାବିଲା ପାଇଁ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ) ଆଣ୍ଟି ଡ୍ରୋନ ସିଷ୍ଟମ ମୁତୟନ କରିଛି। ଏହି ସିଷ୍ଟମରେ ହ୍ୟାଣ୍ଡ-ହେଲ୍ଡ ଷ୍ଟାଟିକ, ଭେଇକିଲ-ମାଉଣ୍ଟେଡ ଆଣ୍ଟି-ଡ୍ରୋନ ସିଷ୍ଟମ ସାମିଲ ରହିଛି। ସୀମାରେ ଏଲ୍‌ଇଡି ଲାଇଟ୍ ମଧ୍ୟ ଲଗାଯାଉଛି।

ବଦଳୁଛି ପାଣିପାଗ | ୪ ରାଜ୍ୟରେ ସ୍ଥିତି ସଙ୍ଗିନ

ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):

ଦେଶର ପାଣିପାଗ ବଦଳିବାରେ ଲାଗିଛି। କେଉଁଠି ବର୍ଷା ତ ଆଉ କେଉଁଠି ତୁଷାରପାତ ହେଉଛି। ପାହାଡ଼ି ରାଜ୍ୟରେ ତୁଷାରପାତ ଆରମ୍ଭ ହୋଇଯାଇଛି। ସମତଳ ଅଞ୍ଚଳରେ ବର୍ଷା ଯୋଗୁଁ ଶୀତ ବଢ଼ିବାରେ ଲାଗିଛି। ଜମ୍ମୁ-କାଶ୍ମୀରର ଗୁଲମାର୍ଗରେ ଗୁରୁବାର ସକାଳେ ତୁଷାରପାତ ହୋଇଛି। ଏଥିଯୋଗୁଁ ସହରର ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୧ ଡିଗ୍ରୀରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ଗତ ତିନି ଦିନ ହେଲା ତାମିଲନାଡୁରେ ପ୍ରବଳ ବର୍ଷା ଲାଗି ରହିଛି। ଏଥିଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାସ୍ତାଘାଟ ପାଣି ଭର୍ତ୍ତି ହୋଇଯାଇଛି। ଚେନ୍ନଇର ସ୍ଥିତି ସବୁଠାରୁ ଖରାପ ରହିଛି। ସ୍ଥିତିକୁ ଦେଖି ଚେନ୍ନଇ, ତିରୁବଲ୍ଲୁର ସହିତ ୫ ଜିଲ୍ଲାରେ ସ୍କୁଲ୍ ବନ୍ଦ କରିଦିଆଯାଇଛି। ବିଦ୍ୟୁତ ଆଘାତ ଲାଗିବାରୁ ୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଚେନ୍ନଇର ଅରକୋଣମ ସହରରେ ଏନ୍‌ଡିଆର୍‌ଏଫ୍‌କୁ ଅସ୍ଥାୟୀ ଭାବେ ମୁତୟନ କରାଯାଇଛି। ବଙ୍ଗୋପସାଗର ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟିହେବା ଯୋଗୁଁ ତାମିଲନାଡୁରେ ବର୍ଷା ହେଉଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ କୁହାଯାଇଛି। ଚେନ୍ନଇ, ଚେଙ୍ଗଲପଟ୍ଟୁ, ଭେଲୋର, ପୁଡୁକୋଟ୍ଟଇ ସହିତ ୧୨ ଜିଲ୍ଲାରେ ବର୍ଷା ଏବଂ ଝଡ଼ବାତ୍ୟାକୁ ନେଇ ଚେତାବନୀ ଜାରି କରାଯାଇଛି। ପେରମ୍ବୁର ଲୋକୋ ରେଳ ଷ୍ଟେସନ ସୁଡ଼ଙ୍ଗରେ ପାଣି ଭର୍ତ୍ତି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ବନ୍ୟା ସ୍ଥିତି ଉପରେ ନଜର ରଖିଛନ୍ତି। ଚେନ୍ନଇରେ ୧୫ ଆଇଏଏସ୍ ଅଧିକାରୀ ଏବଂ ୧୬ ହଜାର କର୍ମଚାରୀଙ୍କୁ ମୁତୟନ କରାଯାଇଛି। ୨ ଏବଂ ୩ ତାରିଖରେ ଚେନ୍ନଇ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ ମଧ୍ୟପ୍ରଦେଶର ୧୪ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଭୋପାଲ, ଉଜ୍ଜୈନ ସହିତ ଅନେକ ସହରରେ ଗୁରୁବାର ସକାଳେ ବର୍ଷା ହୋଇଛି। ଘନ କୁହୁଡି ଯୋଗୁଁ ଇନ୍ଦୋର ବିମାନବନ୍ଦରରେ ଅବତରଣ କରିବାକୁ ଥିବା ୫ଟି ବିମାନର ଗତିପଥକୁ ଅହମଦାବାଦକୁ ବଦଳାଇ ଦିଆଯାଇଛି। ବୁଧବାରଠାରୁ ଚଣ୍ଡିଗଡ଼ରେ ପ୍ରବଳ ବର୍ଷା ଲାଗି ରହିଛି। ବର୍ଷା ପାଇଁ ରାଜସ୍ଥାନ, ପଞ୍ଜାବ, ହରିୟାଣା, କେରଳ, ତାମିଲନାଡୁ ସହିତ ଅନେକ ରାଜ୍ୟକୁ ଆଇଏମ୍‌ଡି ଚେତାବନୀ ଜାରି କରିଛି। ଘରୋଇ ପାଣିପାଗ ଏଜେନ୍ସି ସ୍କାଇମେଟର ଆକଳନ ଅନୁଯାୟୀ ୧ ତାରିଖରେ ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଜମ୍ମୁ-କାଶ୍ମୀର ଏବଂ ହିମାଚଳ ପ୍ରଦେଶରେ ବର୍ଷା ଏବଂ ତୁଷାରପାତ ହେବାର ମଧ୍ୟ ସମ୍ଭାବନା ରହିଛି।

- ଜମ୍ମୁ-କାଶ୍ମୀରରେ ପ୍ରବଳ ତୁଷାରପାତ ଜାରି
- ଗୁଲମାର୍ଗରେ ବିଯୁକ୍ତ ୧ ଡିଗ୍ରୀରେ ପହଞ୍ଚିଲା ତାପମାତ୍ରା
- ତାମିଲନାଡୁର ବନ୍ୟା ସ୍ଥିତି; ୫ ଜିଲ୍ଲାରେ ସ୍କୁଲ୍ ବନ୍ଦ

ତେଲଙ୍ଗାନାରେ ନିର୍ବାଚନ ଶେଷ | ମତଦାନ ହାର ୬୪.୧୨%

ହାଇଦରାବାଦ, ୩୦।୧୧ (ଏଜେନ୍ସି): ତେଲଙ୍ଗାନାର ୧୧୯ ବିଧାନସଭା ଆସନରେ ମତଦାନ ଶେଷ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା ୬୪.୧୨ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୂର୍ବଥର (୨୦୧୮) ରାଜ୍ୟରେ ୭୩.୩୭ ପ୍ରତିଶତ ମତଦାନ ହୋଇଥିଲା। ନିର୍ବାଚନ ସମୟରେ ବିଭିନ୍ନ ସ୍ଥାନରେ ସଂଘର୍ଷର ଛୋଟମୋଟ ଘଟଣା ସାମ୍ନାକୁ ଆସିଛି। ଆଦିଲବାଦଲରେ ଭୋଟ ଦେବାକୁ ଆସିଥିବା ଟୋକଲା ଗଙ୍ଗମା (୭୮) ଏବଂ ରାଜନ୍ନା (୬୫) ଙ୍କ ମୃତ୍ୟୁ ହୋଇଛି। ଧାଡ଼ିରେ ଛିଡ଼ା ହୋଇଥିବାବେଳେ ଗଙ୍ଗମାଙ୍କ ହୃଦ୍‌ଘାତ ହୋଇଥିଲା। ସେହିପରି ମୁଣ୍ଡ ବୁଲାଇବାରୁ ରାଜନ୍ନା ଖସି ପଡ଼ି ଥିଲେ। ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ମତଦାନ କେନ୍ଦ୍ରରେ ଗଣମାଧ୍ୟମ ସହ କଥା ହେବାକୁ ନେଇ ଭାରତ ରାଷ୍ଟ୍ର ସମିତି (ବିଆରଏସ) ନେତ୍ରୀ କେ କବିତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମତଦାନ ସମୟରେ ୪ଟି ସ୍ଥାନରେ କଂଗ୍ରେସ-ବିଆରଏସ୍ ଏବଂ ବିଜେପି-ବିଆରଏସ୍ କର୍ମୀ ମୁହାଁମୁହିଁ ହୋଇଛନ୍ତି। କିଛି ସ୍ଥାନରେ ମଧ୍ୟ ଲାଠିଚାର୍ଜ ହୋଇଛି।

ଭୋଟ ଦେବା ସମୟରେ ୨ ଜଣ ବୃଦ୍ଧଙ୍କ ମୃତ୍ୟୁ

ଅଭିନେତା ଅଲ୍ଲୁ ଅର୍ଜୁନ, ଚିରଞ୍ଜିବୀ, ନାଗାର୍ଜୁନ, ନିର୍ଦ୍ଦେଶକ ରାଜମୌଳି, ମୁଖ୍ୟମନ୍ତ୍ରୀ କେସିଆର, ତାଙ୍କ ଝିଅ କେ କବିତା, କେନ୍ଦ୍ରମନ୍ତ୍ରୀ ଜି କିଶନ ରେଡ୍ଡୀ, ସଙ୍ଗୀତ ନିର୍ଦ୍ଦେଶକ ଏମଏମ କିରବାନୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ନିଜ ପରିବାର ସଦସ୍ୟଙ୍କ ସହ ଭୋଟ ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ଅନୁଯାୟୀ ରାଜ୍ୟରେ ୩.୧୭ କୋଟି ମତଦାତା ଅଛନ୍ତି। ମୋଟ ୧୦୯ ଦଳର ୨୨୯୦ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। କଂଗ୍ରେସ, ବିଜେପି ଏବଂ ବିଆରଏସ୍ ମଧ୍ୟରେ ତ୍ରିମୁଖୀ ଲଢ଼େଇ ଚାଲିଛି।

■ ଫଳାଫଳ ପୂର୍ବରୁ କଂଗ୍ରେସର ପ୍ରସ୍ତୁତି

ବିଧାୟକଙ୍କୁ ସ୍ଥାନାନ୍ତର ପାଇଁ ବିମାନ ବୁକ୍

ରାୟପୁର, ୩୦।୧୧ (ଏଜେନ୍ସି): ବିଧାନସଭା ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ବିଧାୟକଙ୍କୁ ଘୋଡ଼ାବେପାରରୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଛତିଶଗଡ଼ କଂଗ୍ରେସ ଆଗୁଆ ୭୨ଟି ଚାଟାର୍ଡ ବିମାନ ବୁକ୍ କରିଦେଇଛି। ଏହି ବିମାନରେ ବିଜୟୀ ପ୍ରାର୍ଥୀଙ୍କୁ ବେଙ୍ଗାଲୁର ପଠାଇବାକୁ ପ୍ରସ୍ତୁତି କରାଯାଉଛି। ଦଳୀୟ ନେତାଙ୍କୁ ମଧ୍ୟ ବେଙ୍ଗାଲୁରୁ ପଠାଯିବ। ଏବେ କଂଗ୍ରେସ ପାଇଁ କର୍ଣ୍ଣାଟକ ସବୁଠାରୁ ସୁରକ୍ଷିତ ସ୍ଥାନ ପାଲଟିଛି। ଛତିଶଗଡ଼ରେ ୨ଟି ପର୍ଯ୍ୟାୟରେ ଗତ ୭ ଏବଂ ୧୭ ତାରିଖରେ ଭୋଟଗ୍ରହଣ ହୋଇଥିଲା। ୩ ତାରିଖରେ ଏହି ଫଳାଫଳ ପ୍ରକାଶ ପାଇବ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଜୟୀ ପ୍ରମାଣପତ୍ର ସହିତ ରାୟପୁର ଆସିବାକୁ ସମସ୍ତ ପ୍ରାର୍ଥୀଙ୍କୁ କୁହାଯାଇଛି। ଏଠାକାର ଭିଆଇପି ମାର୍ଗରେ ଥିବା ଏକ ହୋଟେଲରେ ନବ ନିର୍ବାଚିତ ବିଧାୟକଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ରାର୍ଥୀ ସାରା ରାତି ଏକାଠି ରହିବେ। ଏହା ପରଦିନ ୪ ତାରିଖରେ ବିଧାୟକଙ୍କୁ ବେଙ୍ଗାଲୁରୁ ପଠାଯିବ। ଚଳିତ ଥର ବିଜେପି ଏବଂ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ୫୦ରୁ ୫୫ଟି ଆସନ ଉଭୟ ଦଳ ଚିନ୍ତା ବଢ଼ାଇବ।

ମହାମାରୀଠାରୁ ବଡ଼ ବିପଦ ଆଣ୍ଟିବାୟୋଟିକ୍ସ

ବର୍ଷକୁ ନେଉଛି ୫୦ ଲକ୍ଷ ଜୀବନ

ଜେନେଭା, ୩୦।୧୧ (ଏଜେନ୍ସି):

ଔଷଧ ମଧ୍ୟ ଅଭିଶାପ ପାଲଟିପାରେ। ଏହା ଜୀବନ ଦେବା ବଦଳରେ ଜୀବନ ନେଇପାରେ। ରୋଗ ଭଲ କରିବା ପରିବର୍ତ୍ତେ ସବୁଦିନ ପାଇଁ ରୋଗଗ୍ରସ୍ତ କରିଦେଇପାରେ। ସାଧାରଣତଃ ଥଣ୍ଡା, କାଶ, ଜ୍ୱର ଏବଂ ଆଲର୍ଜି ଆଦିହେଲେ ଲୋକେ ସଙ୍ଗେ ସଙ୍ଗେ ଆଣ୍ଟିବାୟୋଟିକ୍ସ ଖାଇ ଦିଅନ୍ତି। ଅନେକ ଲୋକ ମଧ୍ୟ ଏହାକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଜାରି ରଖିଥାନ୍ତି। ଅନେକ ସମୟରେ ଡାକ୍ତର ମଧ୍ୟ ଔଷଧ ସହିତ ଆଣ୍ଟିବାୟୋଟିକ୍ସ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଏହ

ବରୀ ବିଜେଡିର ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରୀ, ୩୦।୧୧(ସମିସ):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରୀ ବିଜୁ ଜନତା ଦଳ ପକ୍ଷରୁ ଚାଲିଥିବା ତିନିଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି। ବରୀ ନିର୍ବାଚନ ମଣ୍ଡଳୀ ବରୀ ବ୍ଲକର ୨୯ ଓ ରସୁଲପୁର ବ୍ଲକର ୧୦ଟି ପଞ୍ଚାୟତର ସକ୍ରିୟ କର୍ମୀଙ୍କୁ ବରୀ ବ୍ଲକ ଅଧୀନସ୍ଥ କିମ୍ବିରିଆପାଳ ମାଳଦା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ତାଲିମ ଦିଆଯାଇଛି। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖଣ୍ଡପଡ଼ାର ପ୍ରାକ୍ତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସରୋଜ କୁମାର ମହାପାତ୍ର ଯୋଗ ଦେବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ କିଭଳି ଭାବେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ଉପସ୍ଥିତ ଥିବା ସକ୍ରିୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

ଉକ୍ତ ପ୍ରଶିକ୍ଷଣ ଶିବିରରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରୀ ଅଞ୍ଚଳର ସକ୍ରିୟ ବିଜେଡି କର୍ମୀ ଦଳକୁ ମଜବୁତ କରିବା କ୍ଷେତ୍ରରେ ସେମାନଙ୍କର ଭୂମିକା ରହିଛି ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମ ଗତ ୨୮ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ଗୁରୁବାର ଦିନ ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିବସରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗ ଦେଇ ପ୍ରଶିକ୍ଷଣ ଯୋଗୁଁ ଦଳର ସକ୍ରିୟ କର୍ମୀ ଦଳକୁ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ

ପଣ୍ଡା, ସରପଞ୍ଚ ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ପ୍ରଜ୍ଞା ପରମିତା ପରିଡ଼ା, ଚପଳା ମଲ୍ଲ, ଜଗଦୀଶ ଜେନା, ଶରଳା ମଲ୍ଲିକ, ରେବତୀ ଜେନା, ଶଙ୍କର୍ଷଣ ସ୍ୱାଇଁ, ସବିତା ବେହେରା, ହରପ୍ରିୟା ସାହୁ ଓ ସମିତିସଭ୍ୟ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରମେଶ ସାହୁ, ସୁଧାଂଶୁବାଳା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ରରେ ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ ଓ ଯୁବ ବିଜେଡିର ବିରେନ ରାଉତ, ବିଜୟ କୁମାର ସାହୁ, ସ୍ମୃତିରଞ୍ଜନ ପରିଡ଼ା, ଗୁରୁଚରଣ ଦାସ, ପର୍ଶୁରାମ ଜେନା, ବାବୁଲି ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଶିକ୍ଷକ ଦ୍ୱୟଙ୍କୁ ବୌଦ୍ଧ ମୂର୍ତ୍ତି ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ ଓ ସ୍ଥାନୀୟ ସରପଞ୍ଚ ହରପ୍ରିୟା ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଚଣ୍ଡିଖୋଲ କୋର୍ଟରେ ସମ୍ବିଧାନ ଦିବସ

ବଡ଼ଚଣା, ୩୦।୧୧(ସମିସ): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ସମ୍ବିଧାନ ଦିବସରେ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ସମ୍ବନ୍ଧୀୟ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ କେନ୍ଦ୍ର ଅଧ୍ୟକ୍ଷ ତଥା ସବ୍‌ଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେଏମ୍‌ଏଫ୍‌ସି ପରବିନ ମଣ୍ଡଳ, କୋର୍ଟ ବାର୍ ଆସୋସିଏସନ ସଭାନେତ୍ରୀ ରେଣୁବାଳା ମହାନ୍ତି, ପୂର୍ବତନ ସଭାପତି ଦେବରାଜ ବେହେରା, ରିଟେନର ପ୍ରତୀମାରାଣୀ ସାହୁ, କିଶୋର କୁମାର ନାୟକ, ଶ୍ୟାମପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ସମ୍ବିଧାନ ୧୯୪୯ରେ ସମ୍ବିଧାନ ସଭାରେ ଗୃହିତ ହୋଇ ୧୯୫୦ରେ କାର୍ଯ୍ୟକାରୀ ହେଲା। ସମ୍ବିଧାନର

ବିଧି ବ୍ୟବସ୍ଥା ଅନୁଯାୟୀ ନିଜର ଦାୟିତ୍ୱ, କର୍ତ୍ତବ୍ୟ ସମ୍ପାଦନ କରିବା ଓ ସମସ୍ତଙ୍କୁ ସମ୍ବିଧାନ ସମ୍ପର୍କରେ ସଚେତନ କରାଇବା ଓ ଏହାପ୍ରତି ନିଜର ଅଙ୍ଗୀକାରବଦ୍ଧତା ଜରୁରୀ ଅଟେ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଜ୍ୟୋତି ଶଙ୍କର ମହାପାତ୍ର, ଦୀନବନ୍ଧୁ ନାୟକ, ନଳିନୀକାନ୍ତ ମିଶ୍ର, କୁମାର ପ୍ରସାଦ ବେହେରା, ମନୋଜ କୁମାର ବଳସାମନ୍ତ ଓ ନିଗମ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ତାଲୁକ ସମ୍ପାଦକ କାରୁ ମାର୍ଣ୍ଡି ଧନ୍ୟବାଦ ଦେଇଥିଲେ।

ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ରାହାସ ଉତ୍ସବ

ବାଲିଚନ୍ଦ୍ରପୁର, ୩୦।୧୧(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ଅଧୀନ ପତରାଜପୁର ପରମାଣିକସାହି ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ରାହାସ ଉତ୍ସବ ବହୁ ଆଡମ୍ବରରେ ସମ୍ପନ୍ନ ହୋଇଛି। ଲକ୍ଷ୍ମୀନାରାୟଣଙ୍କ ମେଢ ପ୍ରସ୍ତୁତ ହୋଇ ପଞ୍ଚୁକ ପାଞ୍ଚଦିନ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ଘୋଡାନାଚ ଓ ସ୍ମାଇଲ ବୟସନ୍ତୋଷ ଡ୍ୟାନ୍ସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଛୋଟ ଛୋଟ ପିଲାଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପତରାଜପୁର ପଞ୍ଚାୟତର ସମିତି ସଭ୍ୟ କୁଳମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ମହେଶ୍ୱରପୁର ରାହାସ ଉତ୍ସବ ଉଦ୍‌ଯାପିତ

ହରିପୁର, ୩୦।୧୧(ସମିସ): ସ୍ଥାନୀୟ ମହେଶ୍ୱରପୁରଠାରେ ଚାଲିଥିବା ରାହାସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଯୋଗ ଦେଇଥିଲେ। ସମାଜସେବୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ନାୟକ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବିନୋଦ ମାଝି, ସଭ୍ୟା ସୁନୀତା ରାଉତ, ସରପଞ୍ଚ ସୁଜିତ ରାୟ, ବାଦଲ ଖୁଣ୍ଟିଆ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିଜୟ ଦଳେଇ, ଯୁବନେତା ଗୌରାଙ୍ଗ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଗଣେଶ୍ୱର ବରାଳ ଯୋଗଦେଇ ରାହାସ ଉତ୍ସବର ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତୋରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଉତ୍ସବରେ ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ମୁଖ୍ୟ ଆୟୋଜକ ଅମିତ୍ ରାଉତଙ୍କ ଜନ୍ମଦିବସ ଅବସରରେ ଅତିଥି ଓ ଦର୍ଶକମାନେ ଅମିତଙ୍କ ଦୀର୍ଘ ଜୀବନ କାମନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବର ଶେଷ ସନ୍ଧ୍ୟାରେ ଭୁବନେଶ୍ୱରର ଗୀତ ଆୱାଜ୍ ମେଲୋଡିର ମୁଖ୍ୟ ଆକର୍ଷଣ ଗାୟିକା ଅର୍ପିତା ଚୌଧୁରୀ ଓ ଚଳଚ୍ଚିତ୍ର ଜଗତର ଜଣାଶୁଣା ହାସ୍ୟାଭିନେତା ଗୋପୀ ଡିଂଡଙ୍ଗ୍ ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆସନ୍ତା ୧ରୁ ୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ଅପେରା ସୂର୍ଯ୍ୟମନ୍ଦିର ନାଟକ ମଞ୍ଚସ୍ଥ କରିବ ବୋଲି ଆୟୋଜକ ଅମିତ ରାଉତ ସୂଚନା ଦେଇଛନ୍ତି।



ପାଣିକୋଇଲି ମହୋତ୍ସବ ପ୍ରସ୍ତୁତି ବୈଠକ

ପାଣିକୋଇଲି, ୩୦।୧୧(ସମିସ): ପାଣିକୋଇଲି ମହୋତ୍ସବ ୫ ଦିନ ବ୍ୟାପି ଆସନ୍ତା ଜାନୁଆରୀ ମାସ ୫ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ଦିନ ଉଦ୍‌ଯାପିତ ହେବ। ଏଥିଲାଗି ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପାଣିକୋଇଲି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠାନର ସଦସ୍ୟ ତାରିଣୀ ପ୍ରସାଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ବର୍ଷ ମହୋତ୍ସବକୁ ଆହୁରି ସରସ ସୁନ୍ଦର କରିବା ଲାଗି ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା।

ଚଳିତ ବର୍ଷ ଉକ୍ତ ମହୋତ୍ସବରେ ରାଜ୍ୟସ୍ତରୀୟ ବିଭିନ୍ନ କଳା ସଂସ୍କୃତି ନାଟ୍ୟ ପରିଷଦକୁ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆମନ୍ତ୍ରଣ କରାଯିବା ସହିତ ଜିଲ୍ଲା ଓ ସ୍ଥାନୀୟ ପ୍ରତିଭାଙ୍କୁ ସୁଯୋଗ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ବରିଷ୍ଠ ସଦସ୍ୟ କଳ୍ପତରୁ ମହାପାତ୍ର, ସୂର୍ଯ୍ୟମଣି ପଣ୍ଡା, ବିପିନ ଧଳ, ଉଦ୍ୟୋକ୍ତା ରାକେଶ ସାହୁ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ବେହେରା, ରାଜକିଶୋର ମଲ୍ଲିକ, ଜହର ଅଲ୍ଲୀ ଖାନ, ମୁସ୍ତାକ ଅଲ୍ଲୀ ଖାନ, ପ୍ରେମେଶ ମହାକୁଡ଼, ରବୀନ୍ଦ୍ର ନାୟକ, ମାନସ ରାୟ, ସନ୍ତୋଷ ରାୟ, ପ୍ରଶାନ୍ତ ବିଶ୍ୱାଳ, ପଙ୍କଜ ସାହୁ, ରୁଦ୍ର ବେହେରାଙ୍କ ସମେତ ବହୁ ଅନୁଷ୍ଠାନ ଓ ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ। ଶିକ୍ଷାବିତ ଅବଦୁଲ ସୟଦ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

■ ପରକୀୟା ପ୍ରୀତି ପାଇଁ ମହିଳା ଓ ଯୁବକଙ୍କୁ ଗାଁ ଦାଣ୍ଡରେ ରଖିବା ଘଟଣାର ନୂଆମୋଡ଼

ପ୍ରେମିକ ହାତରେ ସ୍ତ୍ରୀକୁ ସମର୍ପିଦେଲା ସ୍ୱାମୀ

କୋଷାଗୁମୁଡ଼ା,୩୦।୧୧(ସମିସ): ସ୍ତ୍ରୀର ପରକୀୟା ପ୍ରୀତି ଧରା ପକାଇଦେବା ସହ ଗାଁ ଦାଣ୍ଡରେ ପ୍ରେମିକ ଓ ସ୍ତ୍ରୀକୁ ଲଜ୍ଜିତ କରିବା ଘଟଣା ଗୁରୁବାର ନୂଆ ମୋଡ଼ନେଇଛି। ଯୁବକଜଣଙ୍କ ଆଜି ନିଜ ସ୍ତ୍ରୀକୁ ପ୍ରେମିକ ହାତରେ ଟେକି ଦେଇଛି। ପରେ କୋଷାଗୁମୁଡ଼ା ଥାନାରେ ପୁଲିସ ଉପସ୍ଥିତିରେ ଆଜି ଦୁହିଁଙ୍କ ବିବାହ ସଂପନ୍ନ ହୋଇଛି। ସୂଚନାନୁଯାୟୀ, କୋଷାଗୁମୁଡ଼ା ବ୍ଲକ୍‌ର ମାଙ୍କିଡି ଗ୍ରାମରେ ଜଣେ ବିବାହିତ ମହିଳାଙ୍କୁ ଜଣେ ଯୁବକ ସହ ନିଜ ଘରେ କବାଟ ବନ୍ଦ କରି ରହିଥିବା ଦେଖିବା ପରେ ମହିଳାଙ୍କ ସ୍ୱାମୀ ଉଭୟଙ୍କୁ ଗାଁ ଦାଣ୍ଡରେ ଆଣି ରଖିବା ସହ ଲଜ୍ଜିତ କରାଇଥିଲେ। ଏହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଖବର ପାଇ କୋଷାଗୁମୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମହିଳା ଓ ଯୁବକଙ୍କୁ ଉଦ୍ଧାର କରିଥିଲା। ଗୁରୁବାର ଉଭୟ ମହିଳା ଓ ତାଙ୍କ ସ୍ୱାମୀଙ୍କ ପକ୍ଷରୁ କୋଷାଗୁମୁଡ଼ା ଥାନାରେ ପୃଥକ୍ ଅଭିଯୋଗ ହୋଇଥିଲା। ତେବେ କଥା ଆଗକୁ ବଢ଼ାଇବା ବଦଳରେ ସ୍ୱାମୀ ଏ ବିବାଦରୁ ଅଲଗା ହୋଇ ନିଜ ସ୍ତ୍ରୀକୁ ତାଙ୍କ ପ୍ରେମିକଙ୍କ ହାତରେ ସମର୍ପି ଦେଇଥିଲେ। ପରେ କୋଷାଗୁମୁଡ଼ା ଥାନା ପରିସରରେ ମହିଳା ଓ ତାଙ୍କ ପ୍ରେମିକ ମଧ୍ୟରେ ବିବାହ ସଂପନ୍ନ ହୋଇଥିଲା। ଥାନାଧିକାରୀ ଉମେଶ ନାୟକ ନିଜେ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ସୂଚନା ମିଳିଛି।

ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଅନୁଗୋଳ, ୩୦।୧୧ (ସମିସ): ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ ଜଜ୍ ରୁଦ୍ର ପ୍ରସାଦ ପଟ୍ଟନାୟକ ଗୁରୁବାର ଅଭିଯୁକ୍ତ କଣିହାଁ ଥାନା ଅନ୍ତର୍ଗତ କିଆଧରା ଗ୍ରାମର ହେମନ୍ତ ସାହୁ (୨୭)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍‌ରେ ଦଣ୍ଡିତ କରିଛନ୍ତି। ହେମନ୍ତ ଜଣେ ନାବାଳିକାକୁ ଚାକିରି କରାଇଦେବାର ଲୋଭ ଦେଖାଇ ଅପହରଣ ପରେ ଦୁଷ୍କର୍ମ କରିଥିଲା। ସରକାରୀ ଓକିଲ ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

ଆଜିର ରାଶିଫଳ

ମେଷ: ପରିବାରବର୍ଗଙ୍କ ମଧ୍ୟରେ ବୁଝାମଣା ରହିବ। ସାହିତ୍ୟ, କଳା କ୍ଷେତ୍ରରେ ସମ୍ମାନିତ ହେବେ। ମହିଳାମାନେ ସ୍ୱାଧୀନମନା ହେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

ବୃଷ: ତରବରିଆ ଭାବେ ନିଷ୍ପତ୍ତି ନେଇ ଅଡୁଆରେ ପଡ଼ିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି।

ମିଥୁନ: ଆର୍ଥିକ ସମସ୍ୟା ରହିବନି। ନିବେଶ କରିପାରନ୍ତି। ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ ହସଖୁସି ଲାଗିରହିବ। ଜରୁରି କାର୍ଯ୍ୟରେ ଦୂରସ୍ଥାନ ଯାତ୍ରା କରିପାରନ୍ତି। ଅଧିକ ପରିଶ୍ରମ କରିପାରନ୍ତି।

କର୍କଟ: ବିଦ୍ୟାର୍ଥୀମାନେ କ୍ୟାରିୟର ପାଇଁ ଯୋଜନା କରିବେ। ବୈବାହିକ ଜୀବନ ସୁଖମୟ ହେବ। ବିଶେଷ କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରନ୍ତି। ଚିନ୍ତାମୁକ୍ତ ରହିବା ପାଇଁ ଯୋଗ ପ୍ରାଣାୟମ ସାହାରା ନେବେ।

ସିଂହ: ଅନ୍ୟକୁ ଧାରଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଧାର୍ମିକ କାର୍ଯ୍ୟ ପ୍ରତି ମନ ଆକର୍ଷିତ ହେବ। କୋର୍ଟକଚେରୀ ମାମଲା ଆପଣଙ୍କ ପାଇଁ ନକାରାତ୍ମକ ରହିପାରେ। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

କନ୍ୟା: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯାତାୟାତ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଗୁରୁଜନଙ୍କ ଆଦେଶ ଅନୁସାରେ କାର୍ଯ୍ୟ କରିବେ। ପରିଶ୍ରମର ଫଳ ପାଇବେ।

ତୁଳା: ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ। ଆପଣଙ୍କ ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ପାଇବ। ବିତ୍ତୀୟ ସଫଳତା ପାଇଁ ନୂତନ ବିଚାର କରିବେ।

ବିଛା: ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଜମିଜମା ବିବାଦ ସୃଷ୍ଟି ହୋଇପାରେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

ଧନୁ: ସମାଜରେ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହେବେ। ସମୟ ଥାଉଥାଉ କାର୍ଯ୍ୟ ପୂରଣ କରିବେ। ମହିଳାମାନେ ଉଚ୍ଚାଭିଳାଷୀ ହେବେ। ରାଜନୀତିରେ ପ୍ରସିଦ୍ଧି ବଢ଼ିବ। ବାଣିଜ୍ୟରେ ଉତ୍ତମ ଲାଭ ମିଳିବ ।

ମକର: ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

କୁମ୍ଭ: ରାଜନୀତି ସହ ଜଡ଼ିତ ବ୍ୟକ୍ତିଙ୍କୁ କିଛି ନୂତନ ଦାୟିତ୍ୱ ମିଳିବ। ବିବାଦୀୟ ପରିସ୍ଥିତିରେ ମଧ୍ୟ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ। ପିଲାଙ୍କ ସଫଳତାରେ ଅଭିଭାବକ ମାନେ ଆନନ୍ଦ ଅନୁଭବ କରିବେ।

ମୀନ: ସଫଳତା ହାସଲ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରିବେ। ଆୟ ଅନୁସାରେ ବ୍ୟୟ ବଢ଼ିବ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ।

■ ଜାଲ୍ ପ୍ରମାଣପତ୍ର ଦେଇ ଅଙ୍ଗନବାଡ଼ି ଚାକିରି ପାଇଁ ଆବେଦନ

ମିଛ ଧରାଇଦେବାରୁ ପରିବାରକୁ ବାସନ୍ଦ

କାମାକ୍ଷାନଗର,୩୦।୧୧ (ସମିସ): ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ଅଙ୍ଗନବାଡ଼ି କର୍ମୀ ପାଇଁ ଆବେଦନ କରିଥିବା ଦୁଇ ଆଶାୟୀଙ୍କୁ

ଧରାଇଦେବାରୁ ଗୋଟିଏ ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଜୟପୁର ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମବାସୀମାନେ ତାଙ୍କୁ ନିଆଁପାଣି ବାସନ୍ଦ କରିବା ସହ ନିଜ ବିଲରେ ମଧ୍ୟ ଚାଷ କରିବାକୁ ବାରଣ କରୁଛନ୍ତି। ଗ୍ରାମର ଶିବାରାମ ମଲ୍ଲିକଙ୍କ ପରିବାର ଗ୍ରାମବାସୀଙ୍କ ଦ୍ୱାରା ଏପରି ପ୍ରତାରଣାର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ଅଭିଯୋଗ ହେବା ପରେ କାମାକ୍ଷାନଗର ଉପଜିଲ୍ଲାପାଳ ନରାୟଣ ଚନ୍ଦ୍ର ନାୟକ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ସୂଚନାନୁଯାୟୀ, ଜୟପୁର ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଶିବାରାମଙ୍କ ବୋହୂ ଜ୍ୟୋତିର୍ମୟୀ ପାତ୍ରଙ୍କ ସମେତ ଅନ୍ୟ କିଛି ମହିଳା ଆବେଦନ କରିଥିଲେ। ତେବେ ଆବେଦନ ପ୍ରକ୍ରିୟାରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ, ତାହା ଜଣାଇବାକୁ ବ୍ଲକ୍ ତରଫରୁ ନୋଟିସ୍ ଦିଆଯାଇଥିଲା। ତଦନୁଯାୟୀ, ଜ୍ୟୋତିର୍ମୟୀ ଅଭିଯୋଗ କରିଥିଲେ ଯେ ପ୍ରଜ୍ଞା ବେହେରା ଓ ଶୁଭସ୍ମିତା ମଲ୍ଲିକ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ଏହି ପଦ ପାଇଁ ଆବେଦନ କରିଛନ୍ତି। ଏନେଇ ବିଭାଗ ତରଫରୁ ତଦନ୍ତ ହେବା ପରେ ପ୍ରଜ୍ଞା ଓ ଶୁଭସ୍ମିତାଙ୍କ ନାମ ଆଶାୟୀ ତାଲିକାରୁ ବାଦ୍ ଦିଆଯାଇଥିଲା। କିନ୍ତୁ ଏହା କିଛି ଗ୍ରାମବାସୀଙ୍କ ଦେହରେ ଯାଇନଥିଲା। ଗ୍ରାମର ସଭାପତି ଓ ସମ୍ପାଦକ ଏକ ସଭା କରି ଜ୍ୟୋତିର୍ମୟୀଙ୍କ ଶ୍ୱଶୁର ଶିବାରାମ ମଲ୍ଲିକକୁ ଡକାଇ ଅଭିଯୋଗ ପ୍ରତ୍ୟାହାର କରିବାକୁ କହିଥିଲେ। କିନ୍ତୁ ଶିବାରାମ ଏଥିରେ ରାଜି ନ ହେବାରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଛି। ଇତିମଧ୍ୟରେ ଜ୍ୟୋତିର୍ମୟୀ ଅକ୍ଟୋବର ୩ରେ ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତି ପାଇବା ପରେ ଗ୍ରାମବାସୀଙ୍କ ରାଗ ଆହୁରି ବଢ଼ି ଯାଇଥିଲା। ଜାଣିଶୁଣି କିଛି ଗ୍ରାମବାସୀ ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଛନ୍ତି। ଏପରିକି ନିଜ ବିଲରେ ଚାଷ କରିବାକୁ ମଧ୍ୟ ଛାଡୁନାହାନ୍ତି।

ଡିଡି ୟୁନିଭର୍ସିଟିରେ ବିଲୟ ହେବ ଏମ୍‌ଏସ୍‌ସିବି ୨ୟ କ୍ୟାମ୍ପସ

କେନ୍ଦୁଝର, ୩୦।୧୧ (ସମିସ): କେନ୍ଦୁଝର ଠାରେ ସ୍ଥାପିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ସିବି)ର ୨ୟ କ୍ୟାମ୍ପସକୁ ଧରଣୀଧର ବିଶ୍ୱବିଦ୍ୟାଳୟରେ ବିଲୟ ପାଇଁ ଗୁରୁବାର ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିର ୧୦ ବିନ୍ଦୁ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ପ୍ରଥମେ ଏମ୍‌ଏସ୍‌ସିବିର ୨ୟ କ୍ୟାମ୍ପସର ସମସ୍ତ ଅନୁମୋଦନ ପଦବୀ ଡିଡି ବିଶ୍ୱବିଦ୍ୟାଳୟକୁ ବଦଳି କରାଯିବାକୁ ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟରେ ଏଠାକାର ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କର କୋର୍ସ ସାରିବା ପର୍ଯ୍ୟନ୍ତ ଉକ୍ତ ବିଶ୍ୱବିଦ୍ୟାଳୟରେ ରହିବାକୁ କୁହାଯାଇଛି। ତୃତୀୟରେ ଏମ୍‌ଏସ୍‌ସିବି ୨ୟ କ୍ୟାମ୍ପସରେ କାର୍ଯ୍ୟରତ ଟିଚିଂ ଷ୍ଟାଫଙ୍କ ମଧ୍ୟରୁ ଇଚ୍ଛୁକ ଷ୍ଟାଫମାନେ ଡିଡିୟୁରେ ରହିପାରିବେ। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ସମସ୍ତ ନାମଲେଖା କେବଳ ଡିଡିୟୁରେ କରାଯିବ। ଏମ୍‌ଏସସିବି ୨ୟ କ୍ୟାମ୍ପସକୁ ସରକାର ପ୍ରଦାନ କରିଥିବା ଜମିକୁ ମଧ୍ୟ ଡିଡିୟୁକୁ ହସ୍ତାନ୍ତର ହେବ। ଏମଏସସିବିର ରେଜିଷ୍ଟାର ସମସ୍ତ କାଗଜପତ୍ର ଡିଡିୟୁକୁ ହସ୍ତାନ୍ତରର ବ୍ୟବସ୍ଥା ହୋଇଥିବା ବେଳେ ଏମ୍‌ଏସସିବି ୨ୟ କ୍ୟାମ୍ପସର ଥିବା ପୂର୍ବର ସମସ୍ତ ବକେୟା ଏବଂ ଆଇନଗତ ମାମଲା ଏବେ ଡିଡିୟୁ ଦେଖିବାକୁ ବିଜ୍ଞପ୍ତିରେ ପ୍ରକାଶ ହୋଇଛି।



ଆଇଏସ୍‌ଏଲ୍: ଆଜି ଓଡ଼ିଶା -ଜାମ୍‌ସେଦପୁର ମୁକାବିଲା

ଜାମ୍‌ସେଦପୁର, ୩୦।୧୧(ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ମୁକାବିଲା ଓଡ଼ିଶା ଫୁଟବଲ କ୍ଲବ୍ ଓ ଜାମସେଦପୁର ଫୁଟବଲ କ୍ଲବ୍ ମଧ୍ୟରେ ଶୁକ୍ରବାର ଖେଳାଯିବ। ବେଙ୍ଗାଲୁରୁ ଓ ମୋହନବାଗାନ ପରି ଦୁଇଟି ଶକ୍ତିଶାଳୀ ଦଳକୁ ହରାଇ ଓଡ଼ିଶା ଏଫ୍‌ସିର ମନୋବଳ ଦୃଢ଼ ରହିଛି। ଏଠାରେ ମଧ୍ୟ ଦଳ ବିଜୟ ଆଶାରେ ଅଛି। ମୁଖ୍ୟ ପ୍ରଶିକ୍ଷକ ସର୍ଗିଓ ଲୋବେରୋଙ୍କ ନେତୃତ୍ୱରେ ଓଡ଼ିଶା ଏଫ୍‌ସି ୩ଟି ବିଜୟ ହାସଲ କରି ପଏଣ୍ଟ ସାରଣୀର ପଞ୍ଚମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଜାମ୍‌ସେଦପୁର ପରାଜୟରୁ ଅଭିଯାନ ଆରମ୍ଭ କରି ଏବେ ପଏଣ୍ଟ ସାରଣୀର ୧୦ମ ସ୍ଥାନରେ ରହିଛି। ଘରୋଇ ମାଟିରେ ଏହି ମ୍ୟାଚ୍ ଜିତିବାକୁ ଦଳ ନିଶ୍ଚିତ ସମସ୍ତ ପ୍ରକାର ଚେଷ୍ଟା କରିବ। ଏଭଳି ସ୍ଥିତିରେ ମ୍ୟାଚ୍‌ଟି ନିଶ୍ଚିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ।

● 'ନୂଆ ଓ' କାର୍ଯ୍ୟକ୍ରମ

ସାମିଲ ହେଲେ ୫୦ ହଜାର ଦଳ, ୨ ହଜାର ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୩୦।୧୧(ସମିସ): ରାଜ୍ୟର ଯୁବବର୍ଗର ଉନ୍ନତି, ସଶକ୍ତୀକରଣ ଓ ସାମଗ୍ରିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ନୂଆ-ଓ' କାର୍ଯ୍ୟକ୍ରମକୁ ନେଇ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି କ୍ରମରେ ୧୩ରୁ ୩୫ ବର୍ଷ ବୟସ ବର୍ଗର ପ୍ରତିଯୋଗୀଙ୍କ ନିମନ୍ତେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଦଳ ପଞ୍ଜୀକରଣ କରିଛନ୍ତି। ଏଥିରେ ୫ ଲକ୍ଷରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ସାମିଲ ରହିଛନ୍ତି। ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ମ୍ୟୁନିସିପାଲଟି, ମହାନଗର ନିଗମର ଏହି ଦଳଗୁଡ଼ିକ ଜିଲ୍ଲା ତଥା ରାଜ୍ୟସ୍ତରରେ ଅନୁଷ୍ଠିତ କ୍ରିକେଟ, ହକି, ଫୁଟବଲ, କବାଡି, ଖୋ ଖୋ ଏବଂ ଭଲିବଲ ଆଦି କ୍ରୀଡ଼ାରେ ଅଂଶଗ୍ରହଣ କରିବେ।

ଟି-୨୦ ବିଶ୍ୱକପ୍ ଜିମ୍ବାୱେ ବାଦ୍, ଉଗାଣ୍ଡାକୁ ଯୋଗ୍ୟତା

ଦୁବାଇ, ୩୦।୧୧(ଏଜେନ୍ସି): ଆଉ ଏକ ଆଫ୍ରିକୀୟ ଦେଶ ଉଗାଣ୍ଡା ଆସନ୍ତାବର୍ଷ ଆୟୋଜନ ହେବାକୁଥିବା ଟି-୨୦ ବିଶ୍ୱକପକ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଆଫ୍ରିକୀୟ ଅଞ୍ଚଳର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଉଗାଣ୍ଡା ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଛି। ଏଥିସହ ଉଗାଣ୍ଡା ଇତିହାସ ସୃଷ୍ଟି କରିଛି। ଟି-୨୦ ବିଶ୍ୱକପ୍ ୯ମ ସଂସ୍କରଣକୁ ଏଥର ୱେଷ୍ଟଇଣ୍ଡିଜ ଓ ଆମେରିକା ମିଳିତ ଭାବେ ଆୟୋଜନ କରିବେ ଓ ଏହା ଜୁନ୍ ୪ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ୫ମ ଆଫ୍ରିକୀୟ ଦେଶ ଭାବେ ଉଗାଣ୍ଡା ଟି-୨୦ ବିଶ୍ୱକପ୍ ଖେଳିବ। ଅପରପକ୍ଷରେ ଆଫ୍ରିକୀୟ କ୍ୱାଲିଫାୟର ଫେବରାଇଟ୍ ତଥା ଅନ୍ତର୍ଜାତୀକୟ କ୍ରିକେଟ ପରିଷଦ (ଆଇସିସି) ପୂର୍ଣ୍ଣ ସଦସ୍ୟ ଦେଶ ଜିମ୍ବାୱେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ୧୯୯୮ରୁ ଉଗାଣ୍ଡା ଆଇସିସିର ଆସୋସିଏଟ ସଦସ୍ୟର ସ୍ୱୀକୃତି ହାସଲ କରିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଟେଷ୍ଟ

କିମ୍ବା ଦିନିକିଆ ଷ୍ଟାଟସ ହାସଲ କରିପାରିନାହିଁ। ଜିମ୍ବାୱେ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୩ ବିଜୟ, ୨ ପରାଜୟ ସହ ୬ ଅଙ୍କ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି।

ଅନ୍ତିମ କ୍ୱାଲିଫାୟରରେ ଉଗାଣ୍ଡା ବିଜୟୀ

ଗୁରୁବାର ଉଗାଣ୍ଡା ତା'ର ଅନ୍ତିମ କ୍ୱାଲିଫାୟର ମୁକାବିଲାରେ ରୱାଣ୍ଡାକୁ ୭୧ ବଲ ବାକିଥାଇ ୯ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରୱାଣ୍ଡା ୬୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଉଗାଣ୍ଡା ୮.୧ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିବା ସହ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

ବିଶ୍ୱକପ୍ ଲାଗି ସବୁ ୨୦ଦଳ ସ୍ପଷ୍ଟ

ବିଶ୍ୱକପ୍‌ର ସବୁ ୨୦ଟି ଦଳ ନିଶ୍ଚିତ ହୋଇଛି। ଏସୀୟ ଦେଶ ଭାବେ ନେପାଳ ଓ ଓମାନ ଏବଂ ଆଫ୍ରିକାରୁ ଉଗାଣ୍ଡା ଓ ନାମ୍ବିଆ ଯୋଗ୍ୟତା ଅର୍ଜନ କରିଛନ୍ତି। ଆୟୋଜକ ଦେଶ ଭାବେ ଆମେରିକା ଓ ୱେଷ୍ଟଇଣ୍ଡିଜ ସ୍ୱତଃ ଯୋଗ୍ୟତା ଅର୍ଜନ କରିଛନ୍ତି। ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡସ ଓ ଶ୍ରୀଲଙ୍କା ୨୦୨୨ ଟି-୨୦ ବିଶ୍ୱକପ୍‌ର ଶ୍ରେଷ୍ଠ ୮ଟି ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲେ। ଆଫଗାନିସ୍ତାନ, ବାଂଲାଦେଶ ମାନ୍ୟତାରେ ଉନ୍ନତି କରି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ଦେଶଗୁଡ଼ିକ ହେଲେ ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ପାପୁଆ ନ୍ୟୁ ଗିନି, କାନାଡା। ଟି-୨୦ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ୨୦ଟି ଦଳ ଅଂଶଗ୍ରହଣ କରିବେ।

■ କନିଷ୍ଠ ମହିଳା ହକି ବିଶ୍ୱକପ୍

ବେଲ୍‌ଜିୟମ, ଇଂଲଣ୍ଡର ବଡ଼ ବିଜୟ

ସାଣ୍ଟିଆଗୋ, ୩୦।୧୧ (ଏଜେନ୍ସି): ଏଫ୍‌ଆଇଏଚ୍ କନିଷ୍ଠ ମହିଳା ହକି ବିଶ୍ୱ ବିଶ୍ୱକପ୍‌ର ୧୦ମ ସଂସ୍କରଣର ୨ୟ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲ୍‌ଜିୟମ, ଇଂଲଣ୍ଡ ବଡ଼ ବିଜୟ ହାସଲ କରିଛନ୍ତି। ପୁଲ୍-ସି'ର ଏକ ମ୍ୟାଚରେ ବେଲ୍‌ଜିୟମ ୬-୦ ଗୋଲରେ ଗତ ସଂସ୍କରଣର ଉପବିଜେତା ଜର୍ମାନୀକୁ ହରାଇ ଦେଇଛି। ସେହିଭଳି ପୁଲ୍-ଡି'ରେ ଇଂଲଣ୍ଡ ୫-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଘରୋଇ ଚିଲି ୧-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ, ଆର୍ଜେଣ୍ଟିନା ୧-୦ ଗୋଲରେ ସ୍ପେନକୁ ଓ ଆମେରିକା ୨-୧ ଗୋଲରେ ଜାପାନକୁ ମାତ୍ ଦେଇଛି। ଏଥିପୂର୍ବରୁ ଉଦ୍‌ଘାଟିନୀ ଦିବସରେ ବୁଧବାର ଭାରତ ୧୨-୦ ଗୋଲରେ କାନାଡ଼ାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଭାରତ ପକ୍ଷରୁ ମୁମତାଜ ଖାନ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଅନୁ ଓ ଦୀପିକା ସୋରେଙ୍ଗ ମଧ୍ୟ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଓଡ଼ିଆ ଖେଳାଳି ଦୀପି ମୋନିକା ଟପ୍ପୋ ଓ ନୀଲମଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା।

ଦ୍ୱିତୀୟ ପାଳିରେ ସାଣ୍ଟୋଙ୍କ ଶତକ

ସିଲ୍‌ହଟ୍, ୩୦।୧୧ (ଏଜେନ୍ସି): ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋଙ୍କ ଅପରାଜିତ ଶତକ ବଳରେ ଘରୋଇ ବାଂଲାଦେଶ ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ୨ୟ ପାଳିରେ ଦୃଢ଼ ସ୍ଥିତିରେ ରହିଛି। ୭ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ଗୁରୁବାର ୩ୟ ଦିବସ ଷ୍ଟମ୍ପ୍ସ ଅପସାରଣ ସୁଦ୍ଧା ୬୮ ଓଭରରେ ୩ ୱିକେଟ୍ ହରାଇ ୨୧୨ ରନ ସଂଗ୍ରହ କରିଛି। ଦ୍ୱିତୀୟ ପାଳିରେ ୭ ୱିକେଟ୍ ବଳକା ଥାଇ ଘରୋଇ ଦଳ ଏବେ ୨୦୫ ରନରେ ଅଗ୍ରଣୀ ହାସଲ କରିଛି। ଏଠାରେ ଟେଷ୍ଟ ଦଳ ଲାଗି ପ୍ରଥମଥର ନେତୃତ୍ୱ ନେଉଥିବା ନାଜମୋଲ ୧୯୩ ବଲରୁ ୧୦୪ ରନ ଓ ମୁସଫିକର ରହିମ ୭୧ ବଲରୁ ୪୩ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୋମିନୁଲ ହକ୍ ୪୦ ରନ୍ କରିଥିଲେ।

ଆନ୍ତଃସ୍କୁଲ ଫୁଟବଲ୍: ସେମିରେ ୟୁନିଟ୍-୬ ଓ କିସ୍

ଭୁବନେଶ୍ୱର, ୩୦।୧୧ (ସମିସ): ୟୁନିଟ-୬ ସରକାରୀ ଓ କିସ୍ ବେସରକାରୀ ସ୍କୁଲ୍ ଏଠାରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଦ୍ୱିତୀୟ ଦିନ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ୟୁନିଟ-୬ ସରକାରୀ ସ୍କୁଲ ୫-୦ ଗୋଲରେ ବିକାଶ ରେସିଡେନ୍ସିଆଲ ସ୍କୁଲ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ସୋମୁ ମୁଦୁଲି ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ଅବସରପ୍ରାପ୍ତ ଡେପୁଟି କମିଶନର ପ୍ରଣତି ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମଚନ୍ଦ୍ର ବାସ୍କେ ହ୍ୟାଟ୍ରିକ ଅର୍ଜନ କରିବା ଫଳରେ କିସ୍ ସ୍କୁଲ ୩-୦ ଗୋଲରେ ୟୁନିଟ୍-୧ ହାଇସ୍କୁଲକୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ଆୟୋଜକ ଭୁବନେଶ୍ୱର ଭେଟେରାନ ଖେଳାଳି ସଂଘ ସମ୍ପାଦକ ଚିନ୍ମୟ ଦାସ ଅତିଥିଭାବେ ଯୋଗଦେଇ ରାମଚନ୍ଦ୍ରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଶେଷ କ୍ୱାର୍ଟର ଫାଇନାଲରେ କ୍ୟାପିଟାଲ ହାଇସ୍କୁଲ ସହ ଓଡିଏମ୍ ସ୍କୁଲର ମୁକାବିଲା ହେବ।

DSPL-431
"ଅକ୍ଷର"
୫ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
୦୧ ରୁ ୧୦ ଡିସେମ୍ବର, ୨୦୨୩
ଅପରାହ୍ଣ ୨ ଟା ରୁ ରାତ୍ରି ୯ ଟା
ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଘାଟନ
୦୧ ଡିସେମ୍ବର, ୨୦୨୩ ଅପରାହ୍ଣ ୪ ଘଟିକା
ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ
ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସହ-ଆୟୋଜକ
ରାଜଧାନୀ ପୁସ୍ତକ ମେଳା
ଏକାମ୍ର ପୁସ୍ତକ ମହୋତ୍ସବ କମିଟି
ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ
OIPR-03023/13/0003/2324

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ TV
'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା-୨୦୨୩
Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
ଆଜି ସକାଳ ୯.୦୦ ଘଟିକା
ପଞ୍ଜିକରଣ: ସକାଳ ୯.୦୦ ଘଟିକା
ସ୍ଥାନ: ଗୀତଗୋବିନ୍ଦ ସଦନ, ଭୁବନେଶ୍ୱର
3rd Anniversary

ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ୍‌ରେ ରୋହିତ, ବିରାଟଙ୍କୁ ବିଶ୍ରାମ

ରାହୁଲ ଦିନିକିଆ, ସୂର୍ଯ୍ୟ ଟି-୨୦ ଅଧିନାୟକ

ନୂଆଦିଲ୍ଲୀ, ୩୦।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ କ୍ରିକେଟ ସିରିଜ ଲାଗି ଗୁରୁବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି । ଏହି ସିରିଜ୍‌ରେ ୩ଟି ଟି-୨୦, ୩ଟି ଦିନିକିଆ ଓ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ । ଏହି ୩ଟି ଫର୍ମାଟ ଲାଗି ଭିନ୍ନ ଭିନ୍ନ ଦଳ ଚୟନ କରାଯାଇଛି । ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦, ଲୋକେଶ ରାହୁଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯାଇଛି । ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରାଙ୍କୁ ସୀମିତ ଓଭର ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି । କିନ୍ତୁ ଏମାନେ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି । ରୋହିତ ଟେଷ୍ଟ ଦଳର ନେତୃତ୍ୱ ନେଉଥିଲାବେଳେ ବୁମ୍‌ରା ତାଙ୍କ ଡେପୁଟି ରହିବେ । ଲୋକେଶ ରାହୁଲ ଟେଷ୍ଟ ସିରିଜ୍‌ରେ ୱିକେଟରକ୍ଷା ଭାର ସମ୍ଭାଳିବେ ।

ରାହୁଲଙ୍କ ନେତୃତ୍ୱରେ ଗଠିତ ଦିନିକିଆ ଦଳରେ ପ୍ରଥମଥର ବି. ସାଇ ସୁଦର୍ଶନ ଓ ରିଙ୍କୁ ସିଂ ସ୍ଥାନ ପାଇଛନ୍ତି । ସଞ୍ଜୁ ସାମସନ ଓ ଯୁଜବେନ୍ଦ୍ର ଚହଲଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ମହମ୍ମଦ୍ ସାମି ଏବେ ଚିକିତ୍ସିତ ହେଉଛନ୍ତି । ସେ ଫିଟ ଘୋଷିତ ହେଲେ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯିବ ।

ରିଙ୍କୁ ସିଂ

ରଜତ ପଟିଦାର

ଟି-୨୦ ଦଳ

ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ଋତୁରାଜ ଗାଏକ୍ୱାଡ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ରିଙ୍କୁ ସିଂ, ଶ୍ରେୟସ ଆୟର, ଇଶାନ କିଶାନ, ଜିତେଶ ଶର୍ମା, ରବୀନ୍ଦ୍ର ଜାଡେଜା (ଉପଅଧିନାୟକ), ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, କୁଲଦୀପ ଯାଦବ, ମୁକେଶ କୁମାର, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂ ଓ ଦୀପକ ଚହର ।

ଦିନିକିଆ ଦଳ

ଋତୁରାଜ ଗାଏକ୍ୱାଡ, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ରିଙ୍କୁ ସିଂ, ଶ୍ରେୟସ ଆୟର, ଲୋକେଶ ରାହୁଲ (ଅଧିନାୟକ ଓ ୱିକେଟରକ୍ଷକ), ସଞ୍ଜୁ ସାମସନ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୁକେଶ କୁମାର, ଆଭେଷ ଖାନ୍, ଅର୍ଶଦୀପ ସିଂ ଓ ଦୀପକ ଚହର ।

ଟେଷ୍ଟ ଦଳ

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଋତୁରାଜ ଗାଏକ୍ୱାଡ଼, ଇଶାନ କିଶାନ, ଲୋକେଶ ରାହୁଲ, ଆର୍. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଲ ଠାକୁର, ମହମ୍ମଦ୍ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣା ।

ଭାରତ-ଦ.ଆଫ୍ରିକା ଖେଳସୂଚୀ

ଟି-୨୦ ସିରିଜ୍: ୧୦।୧୨-ପ୍ରଥମ ଟି-୨୦, ଡର୍ବାନ, ୧୨।୧୨-ଦ୍ୱିତୀୟ ଟି-୨୦, ସେଣ୍ଟ ଜର୍ଜ୍‌ସ ପାର୍କ, ୧୪।୧୨- ତୃତୀୟ ଟି-୨୦, ଜୋହାନ୍ସବର୍ଗ ।

ଦିନିକିଆ ସିରିଜ୍: ୧୭।୧୨- ପ୍ରଥମ ଦିନିକିଆ, ଜୋହାନ୍ସବର୍ଗ, ୧୯।୧୨-ଦ୍ୱିତୀୟ ଦିନିକିଆ, ସେଣ୍ଟ ଜର୍ଜ୍‌ସ ପାର୍କ, ୨୧।୧୨-ତୃତୀୟ ଦିନିକିଆ, ବୋଲାଣ୍ଡ ପାର୍କ, ପାର୍ଲ ।

ଟେଷ୍ଟ ସିରିଜ୍: ୨୬ରୁ ୩୦।୧୨- ପ୍ରଥମ ଟେଷ୍ଟ, ସେଞ୍ଚୁରିଅନ, ୩ରୁ ୭।୧-୨୦୨୪- ଦ୍ୱିତୀୟ ଟେଷ୍ଟ, କେପ୍ ଟାଉନ୍ ।

ଆଜି ଚତୁର୍ଥ ଟି-୨୦ / ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ରାୟପୁର, ୩୦।୧୧(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି । ଭାରତର ଯୁବ ଖେଳାଳିମାନେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଜିତିଥିଲେ ମଧ୍ୟ ଗୁଆହାଟୀରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବିସ୍ଫୋରକ ବ୍ୟାଟିଂରେ ହାର ମାନିଥିଲେ । ଏବେ ମ୍ୟାକ୍ସୱେଲଙ୍କ ସମେତ ୪ଜଣ ବରିଷ୍ଠ ତଥା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଖେଳାଳି ବିଶ୍ରାମ ନେବା ସକାଶେ ସ୍ୱଦେଶ ଫେରିଯାଇଛନ୍ତି । ସେମାନଙ୍କ ସ୍ଥାନରେ ନୂଆ ଖେଳାଳି ସ୍ଥାନ ପାଇଛନ୍ତି । ଏହି ଖେଳାଳିମାନେ କିପରି ଖେଳିବେ ତାହା ଜଣାନାହିଁ । କିନ୍ତୁ ଘରୋଇ ମାଟିରେ ଭାରତ ଚତୁର୍ଥ ମୁକାବିଲା ସହ ସିରିଜ୍ କବ୍‌ଜା କରିବ ବୋଲି ସୂର୍ଯ୍ୟକୁମାର ଯାଦବଙ୍କ ଭାରତୀୟ ଦଳଠାରୁ ଆଶା କରାଯାଉଛି ।

ଭାରତୀୟ ଦଳକୁ ନିୟମିତ ଉପଅଧିନାୟକ ଶ୍ରେୟସ ଆୟର ଫେରିଛନ୍ତି । ଏହି ମ୍ୟାଚ୍‌ରେ ସେ ଖେଳିଲେ, ତିଳକ ବର୍ମାଙ୍କୁ ବାହାରେ ରହିବାକୁ ହେବ । ସେହିପରି ଦୀପକ ଚହରଙ୍କୁ ସାମିଲ କରାଯାଇଛି ଓ ବିବାହ ପରେ ମୁକେଶ କୁମାର ଦଳକୁ ଫେରିଛନ୍ତି । ଉଭୟ ଖେଳାଳି ଚତୁର୍ଥ ମ୍ୟାଚ୍ ଖେଳିବା ସମ୍ଭାବନା ରହିଛି । ଅର୍ଶଦୀପ ସିଂ କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣେ କିମ୍ବା ଉଭୟ ବାଦ୍ ପଡ଼ିବା ପ୍ରାୟ ନିଶ୍ଚିତ । ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳରେ ୪ଜଣ ନୂଆ ଖେଳାଳି ସାମିଲ ହୋଇଥିଲାବେଳେ ଅଫ୍ ସ୍ପିନର କ୍ରିସ୍ ଗ୍ରୀନ୍ ଏଠାରେ ପଦାର୍ପଣ କରିବେ ବୋଲି ଆଶା ରହିଛି ।

ସମ୍ଭାବ୍ୟ ଖେଳାଳି

ଭାରତ- ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ, ଇଶାନ କିଶାନ, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶ୍ରେୟସ ଆୟର/ ତିଳକ ବର୍ମା, ରିଙ୍କୁ ସିଂ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ/ଦୀପକ ଚହର, ପ୍ରସିଦ୍ଧ କ୍ରିଷ୍ଣା/ ଆଭେଷ ଖାନ୍, ମୁକେଶ କୁମାର ।

- ଶିବମ ଦୁବେ, ଜିତେଶ ଶର୍ମା, ୱାଶିଂଟନ ସୁନ୍ଦର ।

ଅଷ୍ଟ୍ରେଲିଆ- ଆରୋନ ହାର୍ଡି, ଟ୍ରାଭିସ୍ ହେଡ୍, ମାଥ୍ୟୁ ସର୍ଟ, ବେନ୍ ମ୍ୟାକଡର୍ମଟ, ଟିମ୍ ଡେଭିଡ, ମାଥ୍ୟୁ ୱେଡ୍ (ଅଧିନାୟକ), କ୍ରିସ୍ ଗ୍ରୀନ୍, ବେନ୍ ଦ୍ୱାରଶୁଇସ, ନାଥାନ ଏଲିସ, ଜେସନ ବେହେରନଡର୍ଫ, ତନବୀର ସାଙ୍ଗା ।

- ଜୋଶ ଫିଲିପ୍, କେନ ରିଚାର୍ଡସନ ।

'କୋହଲି, ରୋହିତ କଇଁ କଇଁ ହୋଇ କାନ୍ଦିଥିଲେ'

ନୂଆଦିଲ୍ଲୀ, ୩୦।୧୧(ଏଜେନ୍ସି): ଅଷ୍ଟ୍ରେଲିଆଠାରୁ ବିଶ୍ୱକପ ଫାଇନାଲ ପରାଜୟ ପରେ ଅଧିନାୟକ ରୋହିତ ଶର୍ମା ଓ ବ୍ୟାଟିଂ ତାରକା ବିରାଟ କୋହଲି ଡ୍ରେସିଂ ରୁମ୍‌ରେ ଛୋଟ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦିଥିଲେ । ପରାଜୟ ପରେ ଡ୍ରେସିଂ ରୁମ୍‌ର ପରିବେଶ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ଦଳର ଅନ୍ୟତମ ସଦସ୍ୟ ତଥା ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏହି କଥା କହିଛନ୍ତି । ନିଜ ୟୁଟ୍ୟୁବ ଚ୍ୟାନେଲରେ ସୁବ୍ରମନ୍ୟମ ବଦ୍ରିନାଥଙ୍କ ସହ କଥା ହେବା ବେଳେ ଅଶ୍ୱିନ ଏ ନେଇ ଖୁଲାସା କରିଛନ୍ତି ।

ବେନ୍ ଷ୍ଟୋକ୍ସଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର

ଲଣ୍ଡନ, ୩୦।୧୧(ଏଜେନ୍ସି): ଇଂଲଣ୍ଡ ଅଲରାଉଣ୍ଡର ତଥା ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ତାଙ୍କ ବାମ ଆଣ୍ଠୁରେ ଆସ୍ତ୍ରୋପଚାର କରାଇଛନ୍ତି । ସାମାଜିକ ଗଣମାଧ୍ୟମରେ ନିଜର ଫଟୋ ସେୟାର କରି ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏବେ ତାଙ୍କର ଚିକିତ୍ସାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଫଟୋରେ ସେ ହସ୍ପିଟାଲ ସମ୍ମୁଖରେ ଆଶାବାଦି ଧରି ଠିଆ ହୋଇଥିବାର ଦେଖାଯାଇଛି ।

ଡିସେମ୍ବର ୧୫ରୁ ପଞ୍ଚରାଷ୍ଟ୍ରୀୟ ହକି

ଭାରତୀୟ ପୁରୁଷ ହକି ଦଳରେ ଅମିତ, ନୀଲମ୍

ନୂଆଦିଲ୍ଲୀ, ୩୦।୧୧(ଏଜେନ୍ସି): ସ୍ପେନ୍‌ର ଭାଲେନ୍ସିଆରେ ଡିସେମ୍ବର ୧୫ରୁ ୨୨ ତାରିଖଯାଏ ଖେଳାଯିବାକୁ ଥିବା ପଞ୍ଚରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ ଲାଗି ହରମନପ୍ରୀତ ସିଂଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ହକି ଦଳ ଘୋଷଣା କରାଯାଇଛି । ଏହି ଦଳରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ ସ୍ଥାନ ପାଇଛନ୍ତି । ସୁମିତଙ୍କ ସହ ଅମିତଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ ଆୟୋଜକ ସ୍ପେନ୍, ଜର୍ମାନୀ, ଫ୍ରାନ୍ସ ଓ ବେଲଜିୟମ ଭାଗନେବ । ମହିଳା ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ ଆୟୋଜକ ସ୍ପେନ୍, ଜର୍ମାନୀ, ଆୟର୍ଲାଣ୍ଡ ଓ ବେଲଜିୟମ ଅଂଶଗ୍ରହଣ କରୁଛନ୍ତି । ଡିସେମ୍ବର ୧୫ରେ ଭାରତର ଉଭୟ ଦଳ ସ୍ପେନ ସହ ମୁକାବିଲାରୁ ଅଭିଯାନ ଆରମ୍ଭ କରିବେ । ୧୬ରେ ଉଭୟ ଦଳ ବେଲଜିୟମ, ୧୯ରେ ଜର୍ମାନୀ, ୨୦ରେ ପୁରୁଷ ଦଳ ଫ୍ରାନ୍ସ ଓ ମହିଳା ଦଳ ଆୟର୍ଲାଣ୍ଡ ସହ ଖେଳିବେ ।

ଜାନୁଆରୀ ୯ରୁ କଳିଙ୍ଗ ସୁପର୍ କପ୍ ଫୁଟବଲ

ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଓଡ଼ିଶାରେ ଖେଳାଯାଉଥିବା ସୁପର୍ କପ୍ ଏବେ ନୂଆ ନାମରେ ଆଗାମୀ ସିଜନରୁ ଆରମ୍ଭ ହେବ । ୨୦୨୪ରେ ଏହା 'କଳିଙ୍ଗ ସୁପର୍ କପ୍' ନାମରେ ଖେଳାଯିବ । ଏଆଇଏଫ୍‌ଏଫ୍ ପକ୍ଷରୁ ଏନେଇ ଘୋଷଣା କରାଯାଇଛି । ଓଡ଼ିଶାର ୨ଟି ଭେନ୍ୟୁରେ ଜାନୁଆରୀ ୯ରୁ ଆରମ୍ଭ ହୋଇ ଜାନୁଆରୀ ୨୮ ତାରିଖରେ ଉଦ୍‌ଯାପିତ ହେବ । ଏଥିରେ ଆଇଏସ୍‌ଏଲ୍ ଓ ଆଇ-ଲିଗ୍‌ର ୧୬ ଗୋଟି ଦଳକୁ ଅଂଶଗ୍ରହଣ ଲାଗି ନିମନ୍ତ୍ରଣ କରାଯିବ ବୋଲି ଜଣାପଡ଼ିଛି । ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବ । ଏହାପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ ।

୨୦୧୮ ରେ 'ସୁପର୍ କପ୍' ନାମରେ ଆରମ୍ଭ ହୋଇଥିବା ଦେଶର ଏହି ଅନ୍ୟତମ ଅଗ୍ରଣୀ ଫୁଟ୍‌ବଲ ପ୍ରତିଯୋଗିତାରେ ବେଙ୍ଗାଲୁରୁ ଏଫ୍‌ସି ପ୍ରଥମ ସଂସ୍କରଣରେ ଚାମ୍ପିଅନ ହୋଇଥିଲା । ଏହାପରେ ୨୦୧୯ରେ ଚେନ୍ନାଇନ୍ ଏଫ୍‌ସି ଓ ୨୦୨୩ରେ ଘରୋଇ ଓଡ଼ିଶା ଏଫ୍‌ସି ଟ୍ରଫି ଜିତିଥିଲା । କରୋନା ମହାମାରୀ ଲାଗି ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହୋଇପାରି ନ ଥିଲା । ୨୦୨୪ରେ ଚାମ୍ପିଅନ ଦଳ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍-୨'ର ପ୍ରିଲିମିନାରୀ ଷ୍ଟେଜକୁ ଯୋଗ୍ୟତା ଅର୍ଜନ କରିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୩୮
- ପାଉଣ୍ଡ ୧୦୫.୩୪
- ୟୁରୋ ୯୦.୮୭
- ୟେନ୍ ୦.୫୬

ସୁନାରୁପା ଦର

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୫୦୦ (ଭୁବନେଶ୍ୱର)
- ରୁପା : ୮୨,୨୦୦ (କେଜି)

ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୬୬,୯୮୮.୦୦
- ନିଫ୍ଟି ୨୦,୧୩୩.୦୦

ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

ଦ୍ୱିତୀୟ ତ୍ରୈମାସରେ ଜିଡିପି ୭.୬%

ନୂଆଦିଲ୍ଲୀ, ୩୦।୧୧(ଏଜେନ୍ସି):

ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି): ଭାରତୀୟ ଅର୍ଥନୀତି ପାଇଁ ଖୁସି ଖବର ମିଳିଛି। ଚଳିତ ଆର୍ଥିକ ବର୍ଷ(୨୦୨୩-୨୪)ର ଦ୍ୱିତୀୟ ତ୍ରୈମାସିକ(ଜୁଲାଇ-ସେପ୍ଟେମ୍ବର) ଆର୍ଥିକ ଅଭିବୃଦ୍ଧି (ଜିଡିପି) ୭.୬% ରେ ପହଞ୍ଚିଥିବା ଗୁରୁବାର ସରକାରୀ ସୂତ୍ରରେ ପ୍ରକାଶ କରାଯାଇଥିବା ରିପୋର୍ଟରେ କୁହାଯାଇଛି।ଗତ ଆର୍ଥିକ ବର୍ଷର ଏହି ସମୟରେ ଜିଡିପି ୫.୪ % ରହିଥିଲା ବେଳେ ଚଳିତ ବର୍ଷ ଏଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଯାଇଥିବା କୁହାଯାଇଛି। ଏପରିକି ଏହି ଅଭିବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କର ଆକଳନକୁ ମଧ୍ୟ ଟପିଯାଇଛି। ଗତ ମାସରେ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ପକ୍ଷରୁ ଏହି ତ୍ରୈମାସର ଜିଡିପିକୁ ନେଇ ଯେଉଁ ଆକଳନ କରାଯାଇଥିଲା ସେ ତୁଳନାରେ ଯଥେଷ୍ଟ ଅଭିବୃଦ୍ଧି ହାସଲ କରାଯାଇଥିବା କୁହାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଥିଲା। ଯଦି ଏହି କ୍ରମ ଜାରି ରୁହେ ତେବେ ୨୦୨୩-୨୪ ବର୍ଷରେ ଭାରତର ହାରାହାରି ଅଭିବୃଦ୍ଧି ହାର ଆକଳନ ଲକ୍ଷ୍ୟ ହାସଲ କରିବ। ଗୁରୁବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ପକ୍ଷରୁ ଦ୍ୱିତୀୟ ତ୍ରୈମାସିକ ଜିଡିପି ତଥ୍ୟ ଜାରି କରାଯାଇଥିଲା ବେଳେ ଏହି ସମୟରେ ମୋଟ ଜିଡିପି ୪୧.୭୪ ଲକ୍ଷ କୋଟି ଟଙ୍କା ଟପିଥିବା କୁହାଯାଇଛି। ଗତ ବର୍ଷ ସମାନ ସମୟରେ ଏହି ପରିମାଣ ୩୮.୧୭ ଲକ୍ଷ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସିକରେବିଭିନ୍ନକ୍ଷେତ୍ରରେଦେଖାଯାଇଥିବା ଅଭିବୃଦ୍ଧିକୁ ନେଇ ଏହି ସଫଳତା ହାସଲ କରାଯାଇଥିବା କୁହାଯାଇଛି।ମ୍ୟାନୁଫ୍ୟାକଚରିଂ କ୍ଷେତ୍ରରେ ୧୩.୯ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇଥିଲା ବେଳେ କୃଷି କ୍ଷେତ୍ରରେ ୧.୨ ପ୍ରତିଶତ, ନିର୍ମାଣ କ୍ଷେତ୍ରରେ ୧୩.୩ ପ୍ରତିଶତ ଅଭିବୃଦ୍ଧି ଘଟିଛି। ସେହିଭଳି ଏହି ସମୟରେ ବାଣିଜ୍ୟିକ କାରବାର , ହୋଟେଲ ଶିଳ୍ପ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସହ ଜଡ଼ିତ ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ୪.୩ % ରହିଥିବା କୁହାଯାଇଛି। ଗ୍ୟାସ, ବିଦ୍ୟୁତ ଶକ୍ତି ଏବଂ ଜଳ ଯୋଗାଣ କ୍ଷେତ୍ରରେ ମଧ୍ୟ ୧୦.୧ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇଛି। ଜାତୀୟ ଅର୍ଥନୀତିରେ ଦେଖାଯାଇଥିବା ଏହି ସକାରାତ୍ମକ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସି ବ୍ୟକ୍ତ କରିଛନ୍ତି। ବିଭିନ୍ନ କାରଣକୁ ନେଇ ବୈଶ୍ୱିକ ଅର୍ଥନୀତି ବ୍ୟବସ୍ଥା କଠିନ ସମୟ ଦେଇ ଗତି କରୁଥିବା ବେଳେ ଭାରତୀୟ ଅର୍ଥବ୍ୟବସ୍ଥା ଆମର ଶକ୍ତିକୁ ଦର୍ଶାଉଛି ବୋଲି ମୋଦୀ କହିଛନ୍ତି।

ଚାରୁକଳା କଲେଜ ପ୍ରାକ୍ତନୀ ସଂଗଠନର ନୂତନ ୱେବସାଇଟ୍

ଭୁବନେଶ୍ୱର, ୩୦।୧୧(ସମିସ): ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ ଚାରୁକଳା କଲେଜର ପ୍ରାକ୍ତନୀ ସଂଗଠନ ଦ୍ୱାରା ଭାରତୀୟ ବିଦ୍ୟାଭବନ ଠାରେ ଏହାର ନୂତନ ୱେବସାଇଟ୍ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଓଡ଼ିଶାର କଳା ଐତିହାସିକ ଡ. ଅଲେଖ ଚରଣ ସାହୁ, ଓଡ଼ିଶା ଲଳିତକଳା ଏକାଡେମୀ ସମ୍ପାଦକ ଡ. ପଞ୍ଚାନନ ସାମଲ, ଚାରୁକଳା କଲେଜ ଅଧକ୍ଷ ସୁବ୍ରତ କୁମାର ମଲ୍ଲିକ ଏବଂ ପ୍ରାକ୍ତନୀ ସଂଗଠନ ସଭାପତି ଅସିତ୍ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାରୁକଳା କଲେଜ ଉପସଭାପତି ବିପିନ ବିହାରୀ ମାର୍ଥା, ସାଧାରଣ ସମ୍ପାଦକ ଡ. ରେବତିକାନ୍ତ ମହାରଣା ଏବଂ ସହ ସମ୍ପାଦକ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ସମେତ ଅନ୍ୟ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ୱେବସାଇଟ୍ ମାଧ୍ୟମରେ ଖଲ୍ଲିକୋଟର ସମସ୍ତ ପ୍ରାକ୍ତନୀ ଛାତ୍ରଛାତ୍ରୀମାନଙ୍କୁ ଏକ ସୂତ୍ରରେ ବାନ୍ଧି ରଖାଯିବା ସହିତ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ସେମାନଙ୍କ କଳା ପ୍ରଚାର ପ୍ରସାର ପାଇଁ ସୁଯୋଗ ମିଳିବ ବୋଲି କୁହାଯାଇଛି।

ଡ. ରେଡ୍ଡିଜ୍ ପକ୍ଷରୁ ଶିକ୍ଷା ଓ ସଚେତନତା ଅଭିଯାନ

ମୁମ୍ବାଇ, ୩୦।୧୧(ଏଜେନ୍ସି): ପ୍ରତ୍ୟେକ ନଭେମ୍ବର ମାସକୁ ଜାତୀୟ ମଧୁମେହ ସଚେତନତା ମାସ ଭାବେ ପାଳନ କରାଯାଉଥିବା ବେଳେ ପ୍ରମୁଖ ଫାର୍ମା କମ୍ପାନୀ ଡ. ରେଡ୍ଡିଜ୍ ଲବ୍ରୋଟୋରିଜ୍ ପକ୍ଷରୁ ଗ୍ରାମୀଣ ଭାରତରେ ଦୁଇ-ସପ୍ତାହ ବ୍ୟାପୀ ଶିକ୍ଷା ଓ ସଚେତନତା ଅଭିଯାନର ଆୟୋଜନ କରାଯାଇଛି। ଗ୍ରାମୀଣ ସ୍ୱାସ୍ଥ୍ୟସେବାରେ ହସ୍ତକ୍ଷେପ ଏବଂ ବିଶେଷ କରି ମଧୁମେହ ପରିଚାଳନା ଉପରେ ସଚେତନତା ବୃଦ୍ଧି କରିବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡା କମ୍ପାନୀର ଗ୍ରାମୀଣ ସ୍ୱାସ୍ଥ୍ୟସେବା ଦଳ ନିଦାନ, ଚିକିତ୍ସା ଏବଂ ସଚେତନତା ଓ ଶିକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରି ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୁସ୍ଥ ଜୀବନଶୈଳୀ ବିକଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ମଧୁମେହ ପୀଡ଼ିତ ରୋଗୀଙ୍କୁ ଶିକ୍ଷା ଉପକରଣ ବଣ୍ଟନ ସହିତ ଏହି ଅଭିଯାନ ଆରମ୍ଭ ହୋଇଥିଲା।ମଧୁମେହର ପ୍ରଭାବକାରୀ ପରିଚାଳନାକୁ ଗୁରୁତ୍ୱ ଦେଇ ଡ. ରେଡ୍ଡିଜର ଗ୍ରାମୀଣ ସ୍ୱାସ୍ଥ୍ୟସେବା ଦଳ ୩୬୦୦ରୁ ଅଧିକ ଉଦୟ(ୟୁନାଇଟେଡ ଏଗେନ୍ଷ୍ଟ ଡାଇବେଟିସ ଆଣ୍ଡ ହାଇପରଟେନସନ) ଶିବିରର ଆୟୋଜନ କରିଛନ୍ତି।ଯାହାକି ଭାରତରେ ସମୁଦାୟ ୬୦୦୦ରୁ ଅଧିକ ଗ୍ରାମକୁ ଅନ୍ତର୍ଭୁକ୍ତ କରିଛି।

ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ 'ୱି ଓ ଜବ୍ ହେଁ' ମଧ୍ୟରେ ସହଯୋଗିତା

ନୂଆଦିଲ୍ଲୀ, ୩୦।୧୧(ଏଜେନ୍ସି): ଇନ୍‌ଫୋ ଏଜ୍ ଇଣ୍ଡିଆ ଲିମିଟେଡ୍‌ର ସହାୟକ ସଂସ୍ଥା ଜବ୍ ହେଁ ପକ୍ଷରୁ ଦେଶର ଅଗ୍ରଣୀ ଟେଲିକମ୍ କମ୍ପାନୀ ୱି ସହିତ ସହଯୋଗିତା ସ୍ଥାପନ କରାଯାଇଛି। ନିଯୁକ୍ତି ଆଶାୟୀଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ଏହି ବୁଝାମଣା ହୋଇଛି ୱି ଆପ୍‌ରେ ଥିବା ୱି ଜବ୍‌ସ ଆଣ୍ଡ ଏକୁକେସନ ସହିତ ଜବ୍ ହେଁ ସମନ୍ୱୟ ହୋଇରହିବ। ଜବ୍ ହେଁରେ ଏବେ ଦିଲ୍ଲୀ, ନୋଏଡା, ଗୁଡଗାଁଓ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ, ଅହମ୍ମଦାବାଦ, ଜୟପୁର, ଚଣ୍ଡିଗଡ଼, ଭୋପାଳ, କୋଚି, ପୁନେ, ନାଗପୁର ଭଳି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ସହରର ଏକ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ପଞ୍ଜିକୃତ ହୋଇଛି।ଜବ୍ ହେଁ ପକ୍ଷରୁ ଦେଶର ୫୦ରୁ ଅଧିକ ସହରରେ ୪୫ ପ୍ରକାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଉଛି ଯେଉଁଥିରେ ଟେଲିକଲର, ସେଲ୍‌ଫସ, ବିଜନେସ୍ ଡେଭେଲପମେଣ୍ଟ, ବ୍ୟାଙ୍କ ଅଫିସ, ଗ୍ରାଫିକ ଡିଜାଇନର, ଡେଲିଭରି, ସିକ୍ୟୁରିଟି ଗାର୍ଡ ଭଳି ଚାକିରି ରହିଛି। ବିଭିନ୍ନ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ସହାୟତା କରିବା ଲାଗି ଜବ୍ ହେଁ ଡଟ୍ କମ୍‌ର ସେବା ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ବେଳେ ୧୦ଟି ଆଞ୍ଚଳିକ ଭାଷାରେ ତାହା ଉପଲବ୍ଧ ହୋଇଛି ୱି ସହିତ ଜବ୍ ହେଁର ସମନ୍ୱୟ ହୋଇଥିବାରୁ ପ୍ରାର୍ଥୀମାନେ ପଞ୍ଜିକୃତ ହେଉଥିବା ନିଯୁକ୍ତି ବିଷୟରେ ଆଗୁଆ ସୂଚନା ପାଇପାରିବେ ।ଫଳରେ ସଠିକ୍ ନିଯୁକ୍ତି ମିଳିବା ସହଜ ହୋଇପାରିବ।

ଏଲ୍‌ଆଇସିର ଜୀବନ ଉତ୍ସବ ଲୋକାର୍ପିତ

କଟକ, ୩୦।୧୧(ସମିସ): ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ ଏକ ନୂତନ ଯୋଜନା 'ଜୀବନ ଉତ୍ସବ' ଲୋକାର୍ପିତ ହୋଇଛି। କଟକ ମାଛୁଆବଜାରସ୍ଥିତ ଏଲ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଜୀବନ ବୀମା ନିଗମର ଅଧକ୍ଷ ସିଦ୍ଧାର୍ଥ ମହାନ୍ତିଙ୍କ ଦ୍ୱାରା ଉକ୍ତ ଯୋଜନା ଲୋକାର୍ପଣ କରାଯାଇଥିଲା। ଜୀବନ ଉତ୍ସବ ୩ ମାସର ଛୁଆଙ୍କଠାରୁ ଆରମ୍ଭ କରି ୬୫ ବର୍ଷ ବୟସ୍କଙ୍କ ପାଇଁ ଉପଲବ୍ଧ। ଏହି ଯୋଜନାରେ ଆଜୀବନ ଗ୍ୟାରେଣ୍ଟିଯୁକ୍ତ ଆୟ ସହିତ ଆଜୀବନ ବୀମାର ବ୍ୟବସ୍ଥା ରହିଛି। ସର୍ବନିମ୍ନ ୫ ବର୍ଷ ଓ ସର୍ବାଧିକ ୧୬ ବର୍ଷ ପାଇଁ ପ୍ରିମିୟମ୍ ପ୍ରଦାନ କରାଯାଇପାରିବ। ପ୍ରିମିୟମ୍ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ବର୍ଷ ପାଇଁ ୧୦୦୦ ଟଙ୍କା ପିଛା ୪୦ ଟଙ୍କା ଗ୍ୟାରେଣ୍ଟେଡ୍ ଲାଭ ମିଳିବ ବୋଲି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତଭୂଷଣ ରଥ କହିଛନ୍ତି। ଅଧିକ ବୀମାରାଶି ପାଇଁ ଆକର୍ଷଣୀୟ ରିଆତିର ବ୍ୟବସ୍ଥା ଅଛି ବୋଲି ବିପଣନ ପ୍ରବନ୍ଧକ ପି. ରାଜଶେଖର ଓ ରାମକୃଷ୍ଣ ମିଶ୍ର କହିଥିଲେ। ଜୀବନ ଉତ୍ସବ ଯୋଜନା ସଂକ୍ରାନ୍ତରେ ଅଧିକ ବିବରଣୀ ଏଲ୍‌ଆଇସିର ଅଫିସିଆଲ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ବୋଲି ବିକ୍ରୟ ପ୍ରବନ୍ଧକ ନିର୍ମଳ ନାୟକ ଓ ଅଶ୍ୱିନୀ କୁମାର ଦାସ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୋକ ସମ୍ପର୍କ ଅଧିକାରୀ ତଥା ପ୍ରଶାସନିକ ଅଧିକାରୀ ଅରୁଣ କୁମାର ଦାସ ସମ୍ମିଳନୀ ପରିଚାଳନା କରିଥିଲେ।

ଭାରତ ହେବ ୩ ହଜାର ବିଲିୟନ ଡଲାରର ଅର୍ଥ ବ୍ୟବସ୍ଥା

ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି): ୨୦୪୭ ସୁଦ୍ଧା ଭାରତକୁ ପ୍ରାୟ ୩ ହଜାର ବିଲିୟନ ଡଲାରର ଏକ ବିକଶିତ ଅର୍ଥ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତୁତ ହେଉଛି ଏକ ଭିଜନ୍ ଡକ୍ୟୁମେଣ୍ଟ। 'ଭିଜନ ଇଣ୍ଡିଆ@୨୦୪୭' ଡକ୍ୟୁମେଣ୍ଟର ଚିଠାରେ ଆନୁଷ୍ଠାନିକ ତଥା ଗଠନମୂଳକ ପରିବର୍ତ୍ତନ ଏବଂ ସଂସ୍କାର ବିଷୟରେ ବର୍ଣ୍ଣନା କରାଯିବ ଯାହାକି ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ରାଷ୍ଟ୍ର ହେବା ଆବଶ୍ୟକ ହେବ।ଏ ନେଇ ବୁଧବାର ସୂଚନା ଦେଇଛନ୍ତି ନିତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର ସୁବ୍ରମଣ୍ୟମ୍।

ଫିକିର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସୁବ୍ରମଣ୍ୟମ୍ କହିଛନ୍ତି ଯେ ଭାରତକୁ ବିକଶିତ ଅର୍ଥ ବ୍ୟବସ୍ଥା ପାଇଁ ଏକ 'ଭିଜନ୍ ପ୍ଲାନ' ପ୍ରସ୍ତୁତ ହେଉଛି। ଜାନୁଆରୀରେ ପ୍ରଧାନମନ୍ତ୍ରୀ ଏହି ଡକ୍ୟୁମେଣ୍ଟ ପ୍ରକାଶ କରିବେ। '୨୦୨୩ ମସିହାରେ'ବିକଶିତ ଭାରତ@୨୦୪୭' ଲକ୍ଷ୍ୟ ପାଇଁ ୧୦ଟି ଆଞ୍ଚଳିକ ଥିମେଟିକ୍ ଆଭିମୁଖ୍ୟକୁ ମିଶାଇ ମିଳିତ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାର ଦାୟିତ୍ୱ ନିତି ଆୟୋଗଙ୍କୁ ଦିଆଯାଇଥିଲା। ଏହାସହିତ ସୁବ୍ରମଣ୍ୟମ୍ କହିଛନ୍ତି ଯେ ସରକାରୀ କଲେଜରେ ପାଠ ପଢୁଥିବା ଯୁବକମାନଙ୍କର ନାମଲେଖା ହାରକୁ ୨୭ ପ୍ରତିଶତରୁ ୫୦-୬୦ ପ୍ରତିଶତକୁ ବୃଦ୍ଧି କରିବାକୁ ଚାହୁଁଛନ୍ତି। ସେ କହିଛନ୍ତି, 'ଏହା ସହିତ କଲେଜ ଯାଉଥିବା ଛାତ୍ରଙ୍କ ସଂଖ୍ୟା ଚାରି କୋଟିରୁ ୮-୯ କୋଟିକୁ ବୃଦ୍ଧି ପାଇବ। ଏଥିପାଇଁ ଆମକୁ ନୂଆ ବିଶ୍ୱବିଦ୍ୟାଳୟରୁ ହଜାରେରୁ ଅଧିକ ନୂତନ ବିଶ୍ୱବିଦ୍ୟାଳୟ ଆବଶ୍ୟକତା ପଡ଼ିବ। ସୁବ୍ରମଣ୍ୟମ୍ କହିଛନ୍ତି ଯେ ରାଜ୍ୟଗୁଡ଼ିକ ଆର୍ଥିକ ଚାପର ସମ୍ମୁଖୀନ ହେଉଛନ୍ତି। ତେଣୁ ନୂତନ ବିଶ୍ୱବିଦ୍ୟାଳୟ ଖୋଲିବାକୁ ଘରୋଇ କ୍ଷେତ୍ରରୁ ପାଣ୍ଠି ଆଣିବାକୁ ପଡିବ। ସେ କହିଛନ୍ତି ଯେ ବୋଷ୍ଟନ୍ ଏବଂ ସାନ ଫ୍ରାନ୍ସିସକୋ ପରି ସହର ସୃଷ୍ଟି କରିବାର ଆବଶ୍ୟକତା ଅଛି ଯେଉଁଠାରେ ଗବେଷଣା ଏବଂ ବିକାଶ ହୋଇପାରିବ। ଭାରତରେ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧାଧିକ ବୟସ ୨୯ ବର୍ଷରୁ କମ୍। ଏ ନେଇ ନିତି ଆୟୋଗ କହିଛନ୍ତି ଯେ ଭାରତର ଜନସଂଖ୍ୟା ସମ୍ଭାବନାକୁ ଉପଯୋଗ କରିବାକୁ ଆମ ପାଖରେ ୨୫ ବର୍ଷ ସମୟ ଅଛି। ସେ କହିଛନ୍ତି ଯେ ଭାରତ ହେଉଛି ବିଶ୍ୱ ଅଗ୍ରଣୀ। ଭାରତର ସର୍ବବୃହତ କର୍ମଜୀବୀ ପ୍ରଦାନକାରୀ ହେବାକୁ ଯାଉଛନ୍ତି ଯେହେତୁ ପ୍ରତିବର୍ଷ ୧୩ ଲକ୍ଷ ଭାରତୀୟ ଛାତ୍ର ଉଚ୍ଚଶିକ୍ଷା ସମାପ୍ତ କରିବାକୁ ଭାରତ ବାହାରକୁ ଯାଆନ୍ତି। ଅଧିକରୁ ଅଧିକ ଛାତ୍ରଙ୍କୁ ଭାରତକୁ ଆକର୍ଷିତ କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଛନ୍ତି।

> ୨୦୪୭ ସୁଦ୍ଧା ଭାରତକୁ ପ୍ରାୟ ୩ ହଜାର ବିଲିୟନ ଡଲାରର ଏକ ବିକଶିତ ଅର୍ଥ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତୁତ ହେଉଛି ଏକ ଭିଜନ୍ ଡକ୍ୟୁମେଣ୍ଟ

ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ ହେଉ

ଦୁବାଇ, ୩୦।୧୧ (ଏଜେନ୍ସି): ଦୁବାଇରେ ସିଓପି୨୮ ସମ୍ମିଳନୀ ଆରମ୍ଭ ହୋଇଯାଇଛି। ଏହି ସମ୍ମିଳନୀରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦୁବାଇ ଗସ୍ତ କରିଛନ୍ତି। ଜାତିସଂଘ ମହାସଚିବ ଏହି ସମ୍ମିଳନୀରେ ସାମିଲ ହୋଇ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ବିଶ୍ୱ ତାପାୟନ ବନ୍ଦ କରିବା ପାଇଁ କୋଇଲା ଏବଂ ଅନ୍ୟ ଜୀବାଶ୍ମ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ କହିଛନ୍ତି। କାରଣ ଏଥିଯୋଗୁଁ ଅଧିକ ଅଙ୍ଗାରକାମ୍ଳ ସୃଷ୍ଟି ହେଉଛି। ଫଳରେ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହା ଉପରେ ଭାରତ ପକ୍ଷରୁ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା କହିଥିଲେ ଯେ ଆଗାମୀ ବର୍ଷରେ କୋଇଲା ଭାରତର ପ୍ରମୁଖ ଶକ୍ତି ଉତ୍ସ ରହିବ। ଭାରତ ଅଣ-ଜୀବାଶ୍ମ କ୍ଷମତା ୪୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛି। କିନ୍ତୁ ଏବେ ବି ୭୩ ପ୍ରତିଶତ ବିଦ୍ୟୁତ ଶକ୍ତି କୋଇଲାରୁ ପ୍ରସ୍ତୁତ ହେଉଛି। ସୂଚନାଯୋଗ୍ୟ ଯେ ପ୍ରତି ବର୍ଷ ବିଶ୍ୱରେ ୪ ହଜାର କୋଟି ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହେଉଛି। ଏହା ଦ୍ୱାରା ବାୟୁ ପ୍ରଦୂଷଣ, ବିଶ୍ୱ ତାପାୟନ କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି।

> ● ସିଓପି ୨୮ ସମ୍ମିଳନୀରେ ଜାତିସଂଘ ମୁଖ୍ୟଙ୍କ ଆହ୍ୱାନ

କର୍ଣ୍ଣାଟକ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ପଦୋନ୍ନତି ପାଇଁ କେବଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଯଥେଷ୍ଟ ନୁହେଁ

ବେଙ୍ଗାଲୁରୁ, ୩୦।୧୧ (ଏଜେନ୍ସି): ପଦୋନ୍ନତି ପାଇଁ କେବଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଯଥେଷ୍ଟ ନୁହେଁ। ନିମ୍ନ କ୍ୟାଡର ଅଧିକାରୀଙ୍କୁ ଉଚ୍ଚ ପଦରେ ନିଯୁକ୍ତି ଦେବାର କାରଣ ଏବଂ ଆଧାର ବିଷୟରେ ସୂଚନା ଦେବାକୁ ପଡ଼ିଥାଏ। ନଚେତ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଥିବା ବଦଳି ନିର୍ଦ୍ଦେଶକୁ ମଧ୍ୟ ଆଇନସମ୍ମତ ଧରାଯିବ ନାହିଁ ବୋଲି କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। କର୍ଣ୍ଣାଟକ ପ୍ରଶାସନିକ ସେବା ଅଧିକାରୀ (ବରିଷ୍ଠ) ଡ.ପ୍ରଜ୍ଞା ଆମେମବାଲାଙ୍କ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ କେ ସୋମଶେଖର ଏବଂ ଜଷ୍ଟିସ ରାଜେଶ ରାୟ କେଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏଭଳି ବଦଳି ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଥିଲେ ମଧ୍ୟ କୋର୍ଟ ଏହାକୁ ମାନିବା ପାଇଁ ବାଧ୍ୟ ନୁହଁନ୍ତି। ଏହି ନିର୍ଦ୍ଦେଶକୁ ବୈଧ କୁହାଯାଇପାରିବ ନାହିଁ। କାରଣ ଯୋଗ୍ୟ ବ୍ୟକ୍ତିଙ୍କ ଅନୁପସ୍ଥିତି ନେଇ କୌଣସି କାରଣ ଦିଆଯାଇ ନାହିଁ। ଉକ୍ତ ପଦରେ ନିମ୍ନ କ୍ୟାଡରର ବ୍ୟକ୍ତିଙ୍କ କାହିଁକି ମୁତୟନ କରାଯାଉଛି ତାହାର କାରଣ ମଧ୍ୟ କୁହାଯାଇ ନାହିଁ। ଆମେମବାଲା କର୍ଣ୍ଣାଟକ ଷ୍ଟେଟ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲର ଅଗଷ୍ଟ ୨ ତାରିଖ ନିର୍ଦ୍ଦେଶକୁ ହାଇକୋର୍ଟରେ ବିରୋଧ କରିଥିଲେ। ଏଥିରେ ଖାଦ୍ୟ ଯୋଗାଣ ବିଭାଗ

ଦୀପାବଳୀ ସୁନକ୍ଷତ୍ର ବିଶେଷାଙ୍କ

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-156 BHUBANESWAR FRIDAY 1 DECEMBER 2023 PAGE-16+8 ₹ 6.00

ବର୍ଷ-୪୧ ସଂଖ୍ୟା-୧୫୬ ଭୁବନେଶ୍ୱର ଶୁକ୍ରବାର ୧ ଡିସେମ୍ବର ୨୦୨୩ ପୃଷ୍ଠା-୧୬+୮ ଟ.୬.୦୦

ସର୍ବୋଚ୍ଚ ଦଣ୍ଡ: ବିଧାନ ଓ ବିତର୍କ

ହିମାଂଶୁ ଭୂଷଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୯୪୩୭୨୦୨୮୧୨

ସମ୍ପ୍ରତି ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କୁ ଗୁପ୍ତଚର କାର୍ଯ୍ୟ ଅଭିଯୋଗରେ ଆରବୀୟ ଦେଶ କାତାର ଫାଶୀ ଦଣ୍ଡ ବିଧାନ କରିଛି, ଯାହା ଏବେ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଛି। ଏହାପୂର୍ବରୁ ପାକିସ୍ତାନରେ ଅଟକ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଲଭୂଷଣଙ୍କୁ ସେହିଦେଶର ଆଇନ ବ୍ୟବସ୍ଥା ଅନୁସାରେ ନ୍ୟାୟାଳୟ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିବା ବେଳେ ଏହି ମାମଲା ଆନ୍ତର୍ଜାତିକ ଅଦାଲତରେ ପହଞ୍ଚିଛି ଏବଂ ପାକିସ୍ତାନ ନ୍ୟାୟାଳୟର ରାୟ ଉପରେ ରହିତାଦେଶ ଜାରି କରାଯାଇଛି। ଇତିମଧ୍ୟରେ ୟେମେନ୍‌ରେ ନର୍ସଭାବେ କାର୍ଯ୍ୟରତ କେରଳର ନିମିଶା ପ୍ରିୟାଙ୍କୁ ଏକ ହତ୍ୟା ମାମଲାରେ ୟେମେନ୍ ଅଦାଲତ ଫାଶୀଦଣ୍ଡାଦେଶ ଦେଇଛନ୍ତି। କେବଳ ଅନ୍ତର୍ଜାତୀୟସ୍ତରରେ ନୁହେଁ, ଜାତୀୟ ସ୍ତରରେ ମଧ୍ୟ ଯେତେବେଳେ ମୃତ୍ୟୁଦଣ୍ଡାଦେଶ ପ୍ରସଙ୍ଗ ଉଠୁଛି ସେତେବେଳେ ଫାଶୀ ଦଣ୍ଡାଦେଶ ଓ ଏହାର ବିକଳ୍ପ ବିଷୟରେ ତର୍କ-ବିତର୍କ, ଆଲୋଚନା-ସମାଲୋଚନା ଆଦି ହେଉଛି। ବିରଳତମ ଅପରାଧ ପାଇଁ ମୃତ୍ୟୁ ଦଣ୍ଡାଦେଶକୁ ସର୍ବୋତ୍ତମ ଦଣ୍ଡବିଧାନ ରୂପେ ଆମ ଦେଶର ଅପରାଧ ସଂହିତା ଓ କାନୁନ ସ୍ୱୀକୃତି ଦେଇଛି। ଅପରପକ୍ଷରେ ଏହି ସର୍ବୋଚ୍ଚ ଦଣ୍ଡବିଧାନ ପାଇଁ ଫାଶୀର ବିକଳ୍ପ ଲାଗି ମଧ୍ୟ ମତ ଓ ଯୁକ୍ତି ପ୍ରକାଶ ପାଇ ଆସୁଛି। କିନ୍ତୁ ଏ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କୌଣସି ବିଧିବଦ୍ଧ ବିଚାରବିମର୍ଶ ସରକାରୀ ସ୍ତରରେ ଆରମ୍ଭ ହୋଇନାହିଁ।

ମୃତ୍ୟୁଦଣ୍ଡକୁ ନେଇ ପୃଥିବୀର ଅନେକ ଦେଶରେ ବିତର୍କ ଚାଲିଥିବା ବେଳେ ଭାରତ ସହ ପ୍ରାୟ ୭୫ଟି ଦେଶରେ ଏହି କଠୋର ଦଣ୍ଡ ଆଇନସିଦ୍ଧ। ମିଳିତ ଜାତିସଂଘ ସାଧାରଣ ପରିଷଦରେ ଡିସେମ୍ବର ୨୦୨୨ ରେ ଏହି ବିଷୟକୁ ନେଇ ହୋଇଥିବା ତର୍କରେ ଭାରତ ସହ ୩୬ଟି ଦେଶ ଏହି ଦଣ୍ଡ ବ୍ୟବସ୍ଥା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ନିଷ୍ଠୁର ଓ ନିର୍ଦ୍ଦୟ ଦୋଷୀଙ୍କୁ ଡରାଇବା ଓ ସମାଜର ମଙ୍ଗଳ ପାଇଁ ଏହା ଜରୁରୀ ବୋଲି ବହୁମତ ପ୍ରକାଶ ପାଇଥିଲା। ଏହି ଦଣ୍ଡରେ ଦଣ୍ଡିତ ଦୋଷୀମାନଙ୍କର ଅନେକ ଆବେଦନକୁ ଗ୍ରହଣ ଓ ବିଚାର କରି ଉଚ୍ଚତମ ନ୍ୟାୟାଳୟ ସମୟକ୍ରମେ କେଉଁ ପରିସ୍ଥିତିରେ ଜଣକୁ ଏଭଳି କଠୋର ଦଣ୍ଡ ଦିଆଯାଇ ତାହାର ବଞ୍ଚିବାର ଅଧିକାରକୁ ଛଡ଼ାଇ ନିଆଯାଇ ପାରିବ ତାହା ଧାର୍ଯ୍ୟ କରିଛନ୍ତି। ସେଗୁଡ଼ିକ ହେଲା ଦୋଷ କଲା ବେଳେ ଦୋଷୀ ପ୍ରୟୋଗ କରିଥିବା ନିର୍ମମତା, ନିଷ୍ଠୁରତାର ପରିମାଣ, ଏହା କେତେ ବୀଭତ୍ସ ଓ ଜଘନ୍ୟ ଏବଂ ଏହାର ସମାଜ ଉପରେ କ'ଣ ପ୍ରଭାବ ଅଛି। ଦ୍ୱିତୀୟତଃ ହତ୍ୟା ପଛରେ ଦୋଷୀର ଉଦ୍ଦେଶ୍ୟ। ତୃତୀୟରେ ଗଣହତ୍ୟା କିମ୍ବା ଏକାଧିକ ହତ୍ୟା। ଚତୁର୍ଥରେ ଅପରାଧୀ ଜଣକ ସମାଜ ପାଇଁ ଅତ୍ୟନ୍ତ ଘୃଣ୍ୟ କି? ପଞ୍ଚମରେ ଅପରାଧର ଅନୁପାତ ଓ ଅପରାଧୀର ଉଗ୍ରତା। ଷଷ୍ଠରେ ଅପରାଧୀର ଚରିତ୍ର ଓ ପ୍ରକୃତି। ସପ୍ତମରେ ନିରୀହ ଶିଶୁ, ଅସହାୟ ମହିଳା, ବୟସ୍କ, ରୋଗୀ କିମ୍ବା ବିଶିଷ୍ଟ ବ୍ୟକ୍ତିଙ୍କର ହତ୍ୟା। ଅଷ୍ଟମରେ ଅପରାଧ ଓ ଅପରାଧୀର ପରିସ୍ଥିତି। ନବମରେ ଯେଉଁଠି ଆଜୀବନ କାରାଦଣ୍ଡ ପ୍ରଯୁଜ୍ୟ ମନେ ହୁଏ ନାହିଁ। ଅର୍ଥାତ ବିରଳରୁ ବିରଳତମ ମାମଲାରେ ଏହି ଦଣ୍ଡ ଦିଆଯିବ। ଅପରପକ୍ଷରେ ଏହି ଦଣ୍ଡରେ ଦଣ୍ଡିତ ଦୋଷୀକୁ କିଭଳି ମୃତ୍ୟୁ ଦିଆଯିବ ତାହା ମଧ୍ୟ ଏକ ବିତର୍କ। ସବୁଠାରୁ କମ କଷ୍ଟରେ ଓ ସମ୍ମାନଜନକ ମୃତ୍ୟୁ ପାଇଁ ଭାରତରେ କାରାଗାର ପରିସରରେ ଫାଶୀ ବ୍ୟବସ୍ଥା ଥିବା ବେଳେ ଅନେକ ଦେଶରେ ମୁଣ୍ଡକାଟ, ଗୁଳିମାରିବା, ବୈଦ୍ୟୁତିକ ଚୁଲା ଆଦିର ବ୍ୟବସ୍ଥା ଚାଲୁଅଛି।

ସ୍ୱାଧୀନ ଭାରତରେ ଏ ପର୍ଯ୍ୟନ୍ତ କେତେଜଣଙ୍କୁ ଫାଶୀ ଦିଆ ହୋଇଛି, ତା'ର ସଠିକ ହିସାବ ନଥିଲେ ମଧ୍ୟ ଏହାର ସଂଖ୍ୟା ପ୍ରାୟ ୧୭୬ ହେବ। ସ୍ୱାଧୀନତା ପରେ ୯ ସେପ୍ଟେମ୍ବର ୧୯୪୭ରେ ଜବଲପୁର ଜେଲରେ ରଘୁରାଜ ସିଂହଙ୍କୁ ପ୍ରଥମେ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ହତ୍ୟା ପାଇଁ ନାଥୁରାମ ଗଡସେ ଓ ନାରାୟଣ ଆପ୍ଟେଙ୍କୁ ନଭେମ୍ବର ୧୫, ୧୯୪୯ ମସିହାରେ ଫାଶୀ ଦିଆଯାଇଥିଲା। ସଦ୍ୟତମ ଘଟଣାକ୍ରମେ ମାର୍ଚ୍ଚ ୨୦, ୨୦୨୦ରେ ନିର୍ଭୟା ମାମଲାରେ ତିହାର ଜେଲରେ ଅକ୍ଷୟ ଠାକୁର, ମୁକେଶ ସିଂହ, ପୱନ ଗୁପ୍ତା, ବିନୟ ଶର୍ମାଙ୍କୁ ଫାଶୀ ଦିଆଯାଇଛି। ପ୍ରଥମ ମହିଳା ଭାବେ ୩ ଜାନୁୟାରୀ ୧୯୫୫ରେ ତିନି ଜଣଙ୍କୁ ହତ୍ୟା ଦୋଷରେ ରତନ ବାଇ ଜୈନ, ଦେଶଦ୍ରୋହ ଓ ସନ୍ତ୍ରାସବାଦ ପାଇଁ ଆଜମଲ କସାବକୁ ୨୦୧୨ରେ, ଅଫଜଲ ଗୁରୁଙ୍କୁ ୨୦୧୩ରେ, ୟାକୁବ ମେମନକୁ ୨୦୧୫ରେ, ଧର୍ଷଣ ଓ ହତ୍ୟା ପାଇଁ ଧନଞ୍ଜୟ ଚାଟର୍ଜୀକୁ ୨୦୦୪ରେ, ରାଙ୍ଗା ଓ ବିଲ୍ଲାଙ୍କୁ ୧୯୮୨ରେ, ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଆସାମୀ ସତୱନ୍ତ ଓ ଖେର ସିଂହଙ୍କୁ ୧୯୮୯ରେ ଫାଶୀ ଦିଆଯାଇଥିଲା। ସିରିଏଲ କିଲର ଭାବେ କୁଖ୍ୟାତ ଗୌରୀଶଙ୍କର ଅକା ଓରଫ୍ ଅଟୋ ଶଙ୍କର, ସହଯୋଗୀ ଏଲଡିନ ଓ ଶିବାଜୀଙ୍କୁ ୧୯୯୫ ଏପ୍ରିଲ ୨୭ରେ ଏହି ଦଣ୍ଡ ଦିଆଯାଇଥିଲା। ଭାରତୀୟ ଭାବେ ୧୭୭୫, ଅଗଷ୍ଟ ୦୫ ତାରିଖରେ ମହାରାଜା ନନ୍ଦ କୁମାରଙ୍କୁ ବ୍ରିଟିଶମାନେ ଫାଶୀ ଦଣ୍ଡ ଦେଇଥିଲେ। ସର୍ବକନିଷ୍ଠ ଭାବେ ଖୁଦିରାମ ବୋଷ, ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲ ପାଣ୍ଡେ, ଭଗତ ସିଂ, ସୁଖଦେବ ପରି ଅନେକ ଏହି ଦଣ୍ଡ ପାଇଛନ୍ତି। ଓଡ଼ିଶାରେ ୧୯୪୩ ରେ ଲକ୍ଷ୍ମଣ ନାୟକଙ୍କୁ ବରହମପୁର ଜେଲରେ ଫାଶୀ ଦିଆଯାଇଥିଲା। ଏକାଧିକ ଶିଶୁଙ୍କୁ ଅପହରଣ ଓ ହତ୍ୟା ମାମଲାରେ କୋଲପୁରର ରେଣୁକା ସିନ୍ଧେ, ସୀମା ଗଭାଟି ଓ ନିଜ ପରିବାର ୦୭ ଜଣଙ୍କୁ ହତ୍ୟା ମାମଲାରେ ଉତ୍ତରପ୍ରଦେଶର ସବନମ ଅଲି ଓ ସଲିମ ଫାଶୀ ଦଣ୍ଡ ଅପେକ୍ଷାରେ। ସବୁଠାରୁ ଅଧିକ ଫାଶୀ ତିହାର ଜେଲରେ ଦିଆଯାଇଥିବା ବେଳେ ଫାଶୀ ପାଇଁ ଦଉଡ଼ି ବିହାରର ବକସାର ଜେଲରେ ପ୍ରସ୍ତୁତ ହୁଏ। ଜେଲ ନିୟମ ଓ ଅନ୍ୟାନ୍ୟ ଆଇନ ଅନୁସାରେ ଫାଶୀର ଦିନ, ସମୟ, ଜହ୍ଲାଦ, ସ୍ଥାନ ଇତ୍ୟାଦି ଧାର୍ଯ୍ୟ କରାଯାଏ।

୨୦୨୨ ମସିହାରେ ସର୍ବାଧିକ ୧୬୫ ଜଣଙ୍କୁ ମୃତ୍ୟୁଦଣ୍ଡ ହୋଇଥିବା ବେଳେ ୨୦୧୬ ରେ ୧୫୩, ୨୦୧୭ରେ ୧୧୦, ୨୦୧୮ ରେ ୧୬୩, ୨୦୧୯ରେ ୧୦୪, ୨୦୨୦ରେ ୭୮ ଓ ୨୦୨୧ ରେ ୧୪୬ ଜଣଙ୍କୁ ଏହି ଦଣ୍ଡାଦେଶ ହୋଇଛି। ଏସବୁକୁ ବାଦ ଦେଲେ ୨୦୨୨ ସୁଦ୍ଧା ଭାରତରେ ସର୍ବମୋଟ ୧୪ ଜଣ ମହିଳା ଅପରାଧୀଙ୍କୁ ମିଶାଇ ୫୩୯ ଜଣ ଏହି ଦଣ୍ଡାଦେଶ ପାଇଛନ୍ତି ଏବଂ କାରାଗାରରେ ଫାଶୀ ଅପେକ୍ଷାରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶର ବିଭିନ୍ନ କାରାଗାରରେ ସର୍ବାଧିକ ୧୦୦ ଜଣ ଥିବା ବେଳେ ଗୁଜୁରାଟରେ ୨୧, ଝାଡ଼ଖଣ୍ଡ ୪୬, ମହାରାଷ୍ଟ୍ର ୩୯ ଓ ଓଡ଼ିଶାରେ ୧୩ ଜଣ ଅଛନ୍ତି। ୨୦୨୧ରେ ଫାଶୀ ଅପେକ୍ଷାରେ ଥିବା ମହିଳା ଅପରାଧୀଙ୍କ ସଂଖ୍ୟା ୪୯୦ ଥିବା ବେଳେ ଏମାନଙ୍କ ସଂଖ୍ୟା ୨୦୨୦ରେ ୪୦୪, ୨୦୧୯ରେ ୩୭୮ ଓ ୨୦୧୮ ରେ ୪୨୬ ଥିଲା। ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମିଜୋରମ, ସିକ୍କିମ ଓ ଦାଦର ଓ ନଗର ହାଭେଲିରେ ଏପରି ଦୋଷୀମାନଙ୍କ ସଂଖ୍ୟା ଶୂନ ବା ଆଦୌ ନାହିଁ। ଜାତୀୟ ସ୍ତରରେ ୨୦୦୮ ଜୁଲାଇ ମାସରେ ଗୁଜୁରାଟର ବାଣିଜ୍ୟ ରାଜଧାନୀ ଅହମ୍ମଦାବାଦ ବୋମା ବିସ୍ଫୋରଣ ମାମଲାର ବିଚାର କରି ସେଠାକାର ଏକ ନ୍ୟାୟାଳୟ ୨୦୨୨ରେ ୩୮ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି ଓ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

ଓଡ଼ିଶା ପରିପ୍ରେକ୍ଷୀରେ ଆଲୋଚନା କଲେ ଜଣାଯାଏ ଯେ ଗତ ଅକ୍ଟୋବର ୧୯ ତାରିଖରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକସୋ ଅଦାଲତ ଶିଶୁ ବଳତ୍କାର ଓ ହତ୍ୟା ମାମଲାର ବିଚାର କରି ସଞ୍ଜୀବ କେରକେଟାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତି ଫାଶୀଦଣ୍ଡାଦେଶ ଶୁଣାଇଛନ୍ତି। ଏହାପୂର୍ବରୁ ଗତ ଅଗଷ୍ଟ ମାସରେ ମହୁଲପାଲ୍ଲୀ ଥାନାରେ ରୁଜୁ ଏକ ହତ୍ୟା ମାମଲାର ବିଚାର କରି କୁଚିଣ୍ଡାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦୋଷୀ ନବୀନ ଦେହୁରିଙ୍କୁ ମୃତ୍ୟୁଦଣ୍ଡ ଓ ତାଙ୍କର ପୁଅ ହେମନ୍ତ ଦେହୁରିଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୨ ନଭେମ୍ବର ୨୯ ତାରିଖରେ ତିର୍ତ୍ତୋଲ ଥାନା ଅଧୀନସ୍ଥ ୮ ବର୍ଷର ଝିଅକୁ ବଳତ୍କାର ଓ ହତ୍ୟା ମାମଲାର ବିଚାର କରି ସ୍ୱତନ୍ତ୍ର ପୋକସୋ ଅଦାଲତ ଜଗତସିଂହପୁରର ଦୁଇ ଦୋଷୀ ସେକ ଅକିଲ ଓ ସେକ ଆସିଫଙ୍କୁ ଅନୁରୂପ ମୃତ୍ୟୁଦଣ୍ଡ ଦେଇଛନ୍ତି। ୨୦୧୯ରେ ଅନୁଗୋଳ ସ୍ୱତନ୍ତ୍ର ପୋକସୋ ଅଦାଲତ ଆସାମୀ ଅନାମ ଦେହୁରିଙ୍କୁ ଓ ୨୦୧୮ ରେ ହତ୍ୟା ମାମଲାର ବିଚାର କରି ଗୁଣୁପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ୯ ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଓଡ଼ିଶାରେ ବିଚାରପତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ମାମଲାରେ ୨୦୧୮ ରେ ୯ ଜଣଙ୍କୁ, ୨୦୧୯ରେ ୫, ୨୦୨୧ ରେ ୯ ଓ ୨୦୨୨ରେ ୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ୨୦୨୩ରେ ଅଦ୍ୟାବଧି ଏହିସଂଖ୍ୟା ୨ ରେ ପହଞ୍ଚିଛି।

ଭାରତରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଓ ଅନ୍ୟାନ୍ୟ ପ୍ରଚଳିତ ଆଇନ (ମାଇନର ଆକ୍ଟ)ରେ ଭାରତ ମାଟିରେ ଯେକୌଣସି ନାଗରିକ କେଉଁ ଅପରାଧ କଲେ ମୃତ୍ୟୁଦଣ୍ଡ ପାଇବେ ବୋଲି ଉଲ୍ଲେଖ ଅଛି। ମୁଖ୍ୟତଃ, ନିର୍ମମ ହତ୍ୟା କିମ୍ବା ଗଣହତ୍ୟା, ଡକାୟତି ସମୟରେ ହତ୍ୟା, ହତ୍ୟା ପାଇଁ ଅପହରଣ ଓ ମୁଣ୍ଡ ଜାମିନ, ଦେଶଦ୍ରୋହ, ସନ୍ତ୍ରାସବାଦ କାର୍ଯ୍ୟକଳାପ, ଆଜୀବନ କାରାଦଣ୍ଡ ଭୋଗୁଥିବା ଅପରାଧୀ ଯଦି ପୁଣି ହତ୍ୟା ଭଳି ଅପରାଧ କରନ୍ତି କିମ୍ବା ଶିଶୁ, କିମ୍ବା ମାନସିକ ବିକୃତ ବ୍ୟକ୍ତିକୁ ଆତ୍ମହତ୍ୟା କରିବାକୁ ଉସ୍‌କାଉଥା'ନ୍ତି ଇତ୍ୟାଦି ଦୋଷରେ ଏହି ଦଣ୍ଡବିଧାନ କରାଯାଏ। ଦିଲ୍ଲୀ ନିର୍ଭୟା ଗଣ ବଳାତ୍କାର ଓ ହତ୍ୟା ଘଟଣା ପରେ ସମ୍ପ୍ରତି ଶିଶୁ ବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ବ୍ୟବସ୍ଥା କରାଯାଇଛି। ଆଇପିସିର ଧାରା ୫୩ ଏହି ଦଣ୍ଡବିଧାନ ପାଇଁ ଉଲ୍ଲେଖ କରୁଥିବା ବେଳେ ସିଆରପିସି ଧାରା ୩୫୪(୫) ରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେଲେ 'ଦୋଷୀକୁ ମୃତ୍ୟୁପର୍ଯ୍ୟନ୍ତ ବେକରୁ ଝୁଲାଇ ରଖିବାକୁ ନିର୍ଦ୍ଦେଶ ଦିଆଯାଏ(ବି ହ୍ୟାଙ୍ଗଡ ବାଇ ଦ ନେକ ଟିଲ ହି ଇଜ ଡେଡ)। ଧାରା ୪୧୬ ଅନୁଯାୟୀ ଫାଶୀ ପାଇବାକୁ ଥିବା ଦୋଷୀ ଯଦି ମହିଳା ହୋଇଥିବେ ଓ ଗର୍ଭବତୀ ଥିବେ ତେବେ ନ୍ୟାୟଳୟ ତାଙ୍କର ଦଣ୍ଡ କୋହଳ କରିପାରିବେ। ନିଜର ଆଇନଗତ ଅଧିକାର ଅନୁସାରେ ଦୋଷୀମାନେ ଏହି ଦଣ୍ଡାଦେଶ ବିରୁଦ୍ଧରେ ଉଚ୍ଚ ତଥା ଉଚ୍ଚତମ ନ୍ୟାୟାଳୟ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଆବେଦନ କରି ଦଣ୍ଡକୁ ମଧ୍ୟ ଲାଘବ କରିପାରିବାର ବ୍ୟବସ୍ଥା ମଧ୍ୟ ରହିଛି। ■



ଏକ ଆକସ୍ମିକ ନଗରୀର କଥା-ଉପକଥା

ତପନ କୁମାର ମିଶ୍ର
କଟକ, ମୋ: ୮୧୪୪୭୪୩୨୨୮

କଲିକତା ମହାନଗରୀର ବିଶାଳ, କର୍ମଚଞ୍ଚଳ ଓ ଜନାକୀର୍ଣ୍ଣ ଭୂଗୋଳ ଭିତରେ ଓଡ଼ିଆର ପ୍ରାଣସ୍ପନ୍ଦନ ଏକଦା ଥିଲା ବୋହୂବଜାର, ଖିଦିରପୁର ଓ କାଳୀଘାଟ ଆଦିରେ। ଗୋଟେ ସମୟ ଥିଲା ଓଡ଼ିଆମାନେ ସେମାନଙ୍କର ସବୁଠୁ ବଡ଼ ସହର କଲିକତା ଯାଉଥିବାବେଳେ ପ୍ରଥମ ଠିକଣା ଥିଲା ଏହି ତିନିଯାଗରୁ ଯାଗାଏ। ସମୟକ୍ରମେ ସେ ଚିତ୍ର ବଦଳିଛି। କଲିକତା ଆଉ ଓଡ଼ିଆମାନଙ୍କର ବଡ଼ ସହର ହୋଇ ରହି ନାହିଁ। ବିହାରୀ, ହିନ୍ଦୀଭାଷୀଙ୍କ ସହିତ କାମ ପାଇଁ ଓଡ଼ିଆଙ୍କୁ ଆଉ ପ୍ରତିଯୋଗିତା କରିବାକୁ ପଡୁନାହିଁ। ଗଙ୍ଗା (ହୁଗୁଳି) ଘାଟ କୂଳେ ଓଡ଼ିଆଙ୍କ ସଂଖ୍ୟା କମିଛି। ପ୍ଲମ୍ବର, ପୋର୍ଟ, ରେଳବାଇ, ଚଟକଳ ଓ ଅନ୍ୟାନ୍ୟ ଶିଳ୍ପ ଉଦ୍ୟୋଗରେ ଓଡ଼ିଆ ଶ୍ରମିକଙ୍କୁ ଆଉ ଆଗ ଭଳି ଅଧିକ ପରିମାଣରେ ଦେଖିବାକୁ ମିଳୁନାହିଁ। ଦାପ୍ତରିକ ବୃତ୍ତିରେ ବିଭିନ୍ନ ବେସରକାରୀ ଅଫିସ ଓ ସଂସ୍ଥାରେ ନିୟୋଜିତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମେତ ବଙ୍ଗାଳୀ ବାଡ଼ିରେ ଓଡ଼ିଆ ରୋଷେୟା / ପୂଝାରୀ, ମାଳୀ ଓ ଚପରାଶିଙ୍କ ସଂଖ୍ୟା ଆଗ ଭଳି ନାହିଁ। ଏବେ ବିଭିନ୍ନ ସରକାରୀ ଓ ବେସରକାରୀ ଉଚ୍ଚ ପଦପଦବୀରେ ବହୁ ଶିକ୍ଷିତ ଯୋଗ୍ୟ ଓଡ଼ିଆ କାମ କରୁଛନ୍ତି ଏବଂ ମଣିଷ ପରି ଉତ୍ତମ ପରିବେଶରେ ବସବାସ କରୁଛନ୍ତି। ବଙ୍ଗାଳୀଙ୍କ ସହିତ ଶିକ୍ଷା, ଦୀକ୍ଷା, ଆଚରଣ, ରୋଜଗାରରେ ଅନେକ ଓଡ଼ିଆ ସମକକ୍ଷ। ତା' ସତ୍ତ୍ୱେ ବଙ୍ଗାଳୀମାନଙ୍କର ଓଡ଼ିଆ ବିଦ୍ୱେଷ ଓ 'ଉଡ଼େ' ଘୃଣାଭାବ କମିଛି କି ନାହିଁ ସେ ଖବର ମୋ ପାଖରେ ନାହିଁ। ଏଠି ମୁଁ କଟକ, ଭୁବନେଶ୍ୱରରେ ଅନେକ ବଙ୍ଗାଳୀଙ୍କୁ ଦେଖୁଛି ଯେଉଁମାନେ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବସ୍ତି ଏବଂ ପ୍ରତିକୂଳ ପରିବେଶ ପରିସ୍ଥିତିରେ ରହୁଛନ୍ତି। ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଉଛି ଯେ ମଣିଷ ଯେତେବେଳେ ଅର୍ଥନୈତିକ ଶରଣାର୍ଥୀ ହେବାକୁ ବାଧ୍ୟ ହୁଏ, ସେତେବେଳେ ତା' ପାଖରେ ପସନ୍ଦ ଅପସନ୍ଦ ବିଚାର ରହେ ନାହିଁ। ପରିସ୍ଥିତିର ପ୍ରତିକୂଳତା ଭିତରେ ତା'କୁ ସଂଘର୍ଷ କରି ଜୀବିକାର୍ଜନ କରିବାକୁ ପଡ଼େ। ଏହା ସମୟର ଖେଳ। ଶ୍ରମ ଓ ପ୍ରତିଭା ପଳାୟନ ଅର୍ଥନୀତି ଏବଂ ଉପାର୍ଜନ ନୀତି ସହିତ ଜଡ଼ିତ। ଏହା ଯେ ବଦଳିପାରେ ଓ ପ୍ରବାହ ଉଜାଣି ହୁଏ ତାହାର ଉଦାହରଣ ଆମକୁ ମିଳୁଛି।

କଲିକତା ମହାନଗରୀରରେ ଗୋପବନ୍ଧୁ ଷ୍ଟ୍ରୀଟ, ମୟୂରଭଞ୍ଜ ରୋଡ଼, ଜଗନ୍ନାଥ ଘାଟ ଭଳି କିଛି ନା ଶୁଣିଲେ ଓଡ଼ିଆ ପ୍ରାଣ ପୁଲକିତ ହୋଇଉଠେ। ସେଠି କିଏ ଗୋପାଳ ଓଡ଼େ, ମଧୁ ଓଡ଼େ, ଗୋପବନ୍ଧୁ ଦାସ କଥା କହିଲେ ଆମ ଭିତରେ ଏକ ବିଚିତ୍ର ଅନୁଭବ ଆସେ। "ଆମାଦେର୍ ପୁଡ଼ି (ପୁରୀ), ଆମାଦେର୍ ସୁଭାଷ, ଆମାଦେର୍ ଜଗନ୍ନାଥ" କଥା ଶୁଣିଲେ ଆମକୁ କୌତୁକ ଲାଗେ। ସତରେ କଲିକତା ଏକ ବିଚିତ୍ର ଅନୁଭବ ଓ ଅନୁଭୂତି। ଏହି ସହରର ଜନ୍ମ ହୋଇଥିଲା ଅକସ୍ମାତ, ଅଚାନକ। ଅନେକ ଏହାକୁ ଆକ୍ସିଡେଣ୍ଟାଲ ସିଟି ବା ଆକସ୍ମିକ ନଗରୀ ବୋଲି କହନ୍ତି। ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀର ଜଣେ ସାଧାରଣ ଅଥଚ ବିଚକ୍ଷଣ କର୍ମଚାରୀଙ୍କ ବ୍ୟାବସାୟିକ ଦୂରଦୃଷ୍ଟି ଏବଂ କୁଶଳତାରୁ ଆଜିର ଏହି ମହାନଗରୀ ସଦର୍ପେ ଦଣ୍ଡାୟମାନ। ମାଡ୍ରାସରେ ଘାଟି ସ୍ଥାପନ ଓ ଭାରତରେ ପ୍ରଥମ ସହର ପ୍ରତିଷ୍ଠାର ପ୍ରାୟ ୫୦ ବର୍ଷ ପରେ ବ୍ରିଟିଶ ବଣିକମାନେ ନିଜର ପଣ୍ୟବାହୀ ବୋଇତ ଧରି ଯେତେବେଳେ ଅଧିକ ଉନ୍ନତ ବଙ୍ଗ ଆଡ଼କୁ ମୁହାଁଇଲେ ସେତେବେଳେ ସେମାନେ ଜାଣି ନଥିଲେ ସେମାନଙ୍କ ଭାଗ୍ୟରେ କ'ଣ ଅଛି। ସୁନ୍ଦରବନର ଜାଲ ପରି ଛନ୍ଦି ହୋଇଥିବା ନଦୀ ଓ ହିଂସ୍ରଜନ୍ତୁପୂର୍ଣ୍ଣ, ସନ୍ତସନ୍ତିଆ ବୋଳାଭୂମି ଅତିକ୍ରମ କରିବା ସେମାନଙ୍କ ପାଇଁ ସହଜ ନ ଥିଲା। ଜୁଆର ଭଟ୍ଟାକୁ ନଜର କରି ସେମାନେ ହୁଗୁଳି ମୁହାଣ ଦେଇ ବଙ୍ଗଳାକୁ ପ୍ରବେଶ କରନ୍ତେ ଠଗ, ବୋମ୍ବାଟୁଆ (ଜଳଦସ୍ୟୁ) ମଗ, ବାଘ, କୁମ୍ଭୀର, ବିଷଧରସାପ, ମଶା ଡାଆଁଶ, ଅନ୍ୟାନ୍ୟ ସରୀସୃପଙ୍କୁ ସାମ୍ନା କରିବାକୁ ପଡ଼ିଥିଲା। ଏହାଛଡ଼ା ମୋଗଲ ଶାସନାଧୀନ ଅଞ୍ଚଳର ରାଜା ଜମିଦାରମାନଙ୍କର ବଶ୍ୟତା ସ୍ୱୀକାର କରି କିଳାପୋତେଇ (ଡଙ୍ଗା ଲଙ୍ଗର ପକାଇବା) ପାଇଁ ଚଢ଼ା ମୂଲ୍ୟରେ ମହାସୁଲ ଦେଇ ଅନୁମତି ନେବାକୁ ପଡୁଥିଲା।

୧୯୬୦ ଅଗଷ୍ଟ ୨୪ରେ ଜବ୍ ଚାର୍ଣ୍ଣକଙ୍କ ନେତୃତ୍ୱରେ ଏକ ବ୍ରିଟିଶ ବାଣିଜ୍ୟ ପୋତ ଏବେକାର କଲିକତାର ନିମ୍‌ତାଲା ଘାଟ ପାଖରେ ଲଙ୍ଗର ପକାଇଲା। ସେତେବେଳେ ଇଷ୍ଟ ଇଣ୍ଡିଆ କମ୍ପାନୀର ଏହି କର୍ମଚାରୀ ଜଣକ କେବେ କଳ୍ପନା କରି ନଥିଲେ ଯେ ବାଘଭାଲୁ, ସରୀସୃପ, ମଶା ଡାଆଁଶ ଉପଦ୍ରୁତ ହୁଗୁଳି କୂଳରେ ଭବିଷ୍ୟତରେ ଭାରତର ଏବଂ ବ୍ରିଟିଶ ସାମ୍ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ନଗରୀ (ଲଣ୍ଡନ ପରେ) ନିର୍ମିତ ହେବ ଏବଂ ତାହା ପୁଣି ଭାରତର ରାଜଧାନୀ ପାଲଟିବ। ଜବ୍ ଚାର୍ଣ୍ଣକ ପ୍ରତ୍ୟୁତ୍ପନ୍ନମତି ଓ ସୂକ୍ଷ୍ମଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ। ବ୍ୟବସାୟର କଳାକୌଶଳ ତାଙ୍କୁ ଭଲ ମାଲୁମ ଥିଲା। ସେ ସ୍ଥାନୀୟ ଜମିଦାର ସବର୍ଣ୍ଣ ରାୟ ଚୌଧୁରୀଙ୍କଠାରୁ ତିନିଖଣ୍ଡ ଗାଁ କିଣିବାକୁ ଯୋଜନା କରି ସେଥିରେ ସଫଳ ହୋଇଥିଲେ। ଏହି ଗାଁ ତିନିଖଣ୍ଡ ଥିଲା ସୂତାନଟି, କଲିକତା ଓ ଗୋବିନ୍ଦପୁର। ତେବେ ଚାର୍ଣ୍ଣକଙ୍କ ଜଣେ କ୍ୱାଇଁ ଏହି ଗାଁ କିଣା ହେବା ପୂର୍ବରୁ ଆଗୁଆ ତାହାକୁ ସବର୍ଣ୍ଣ ରାୟ ଚୌଧୁରୀଙ୍କଠାରୁ ପଟ୍ଟା (ଲିଜ୍)ରେ ନେଇଥିଲେ। ପରେ ତାଙ୍କଠାରୁ ଇଷ୍ଟଇଣ୍ଡିଆ କମ୍ପାନୀ ସେହି ଗାଁ ଗୁଡ଼ିକୁ ଅଧିକ ଟଙ୍କା ଦେଇ କିଣିଲା ଏବଂ ଚାର୍ଣ୍ଣକ ପରିବାର ଏହାଦ୍ୱାରା ଲାଭବାନ ହେଲା। ଇଷ୍ଟଇଣ୍ଡିଆ କମ୍ପାନୀ ସେତେବେଳେ ବଙ୍ଗଳାରେ ଅଫିମ କାରବାର କରି ପ୍ରଚୁର ମୁନାଫା କମାଉଥିଲା। ସେତେବେଳେ ଚାର୍ଣ୍ଣକ ଦେଖିଲେ ହୁଗୁଳିର ଉପରମୁଣ୍ଡକୁ ଗଙ୍ଗା ଦେଇ ଉତ୍ତର ଭାରତକୁ ପ୍ରବେଶ କରିବା ସହଜ ନୁହେଁ। ଏଥିରେ ମୁଖ୍ୟ ପ୍ରତିବନ୍ଧକ ଥିଲା ମୋଗଲ ଶାସନାଧୀନ ରାଜା ଜମିଦାରଙ୍କ ବିରୋଧ। ଅତଏବ ସେ କିଣିଥିବା ତିନିଗାଁ ଉପରେ ଏକ ଆଧୁନିକ ସହର ନିର୍ମାଣ କରି ସେଠାରେ ଏକ ସ୍ଥାନୀୟ ନଦୀ ବନ୍ଦର ଓ ବାଣିଜ୍ୟ ଘାଟି ସ୍ଥାପନ କାମ ଆରମ୍ଭ କରିଥିଲେ। ଆଧୁନିକ କଲିକତା ନଗରୀର ଶୁଭ ପଡ଼ିଥିଲା ୧୬୯୮ରେ। ବର୍ଷକ ପରେ ପ୍ରେସିଡେନ୍ସି ସିଟି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା।

ନଦୀର ପ୍ଲାବନ ଭୂମିରେ ଗୋଟେ ସହର ନିର୍ମାଣ ସେତେବେଳେ ସହଜ କାମ ନଥିଲା। କେଠାବାଡ଼ି, ରାସ୍ତାଘାଟ ନିର୍ମାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ପାଇଁ ପ୍ରଚୁର ଲୋକଶକ୍ତିର ଆବଶ୍ୟକତା ଥିଲା। ରେଳ ଓ ସଡ଼କ ପଥ ସେତେବେଳେ ନଥିଲା। ଜଳପଥ ଏକମାତ୍ର ଭରସା। ଏଭଳି ସ୍ଥିତିରେ ଶ୍ରମିକ ଓ ନିର୍ମାଣକାରୀ ପାଇବା ଏକ କଷ୍ଟକର ବ୍ୟାପାର ଥିଲା। ଆହୁରି ମଧ୍ୟ ସ୍ଥାନୀୟ ଭାବେ ଏକାମ କରିବାକୁ ସେତେବେଳେ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ଅଭାବ ଥିଲା ଉତ୍କଟ। ତଥାପି ରୋଜଗାରର ଲୋଭ ଦେଖାଇ ପଡ଼ୋଶୀ ଓଡ଼ିଶା ଓ ବିହାରରୁ ଲୋକଶକ୍ତିଙ୍କୁ ଆଣିବାର ବ୍ୟବସ୍ଥା କଲେ ଚାର୍ଣ୍ଣକ। ଏହି ପ୍ରକ୍ରିୟାରେ ଓଡ଼ିଶାରୁ ଅନେକ ଲୋକ ଜଳପଥରେ କଲିକତାରେ ପହଞ୍ଚିଲେ। ବିହାରୀମାନେ ଇଟା ପ୍ରସ୍ତୁତି ସହ କୋଠାବାଡ଼ି ତିଆରି କାମରେ ଲାଗିଲେ। ସେଥିରେ ଓଡ଼ିଆମାନେ ସହକାରୀ ଭାବେ କାମ କଲେ। ତେବେ କୋଠାବାଡ଼ିର ପାଣିପାଇପ୍ ପ୍ଲମ୍ବିଙ୍ଗ କାମର ଦାୟିତ୍ୱ ପଡ଼ିଲା ଓଡ଼ିଆଙ୍କ ଉପରେ। ଏହି କାମଟି ଅଧିକ କୁଶଳୀ ଶ୍ରମିକ ଲୋଡୁଥିଲା। ଫିରିଙ୍ଗି ମିସ୍ତ୍ରୀଙ୍କଠାରୁ ଓଡ଼ିଆ ଲୋକେ ସହଜରେ ସେ କାମ ଶିଖି ଯାଇଥିଲେ। ଏହି ରୋଜଗାର ପ୍ରକ୍ରିୟାରେ ଯେଉଁ ଓଡ଼ିଆମାନେ ପ୍ରଥମେ କଲିକତାରେ ପହଞ୍ଚିଲେ ସେମାନଙ୍କ ରହିବାର ଥାନ ପାଲଟିଲା ଅସ୍ଥାୟୀ ଶ୍ରମିକ ବସ୍ତି ଓ ଲେବର କ୍ୟାମ୍ପ ସବୁ। ସମୟକ୍ରମେ ଅନେକ ଓଡ଼ିଆ କୋଠାବାଡ଼ି ଓ ପ୍ଲମ୍ବିଙ୍ଗ କାମର ସର୍ଦ୍ଦାର ପାଲଟିଲେ। ନିଜ ନିଜ ଅଞ୍ଚଳରୁ ଲୋକବାକ ନେଇ ବସ୍ତିରେ ସେମାନଙ୍କୁ ଥଇଥାନ କଲେ। ଏହି ପ୍ରକ୍ରିୟାରେ କଲିକତାରେ ଆରମ୍ଭ ହେଲା ଓଡ଼ିଆଙ୍କ ପ୍ରବାସ ପ୍ରକ୍ରିୟା। ଏକ ପ୍ରବାସୀ ଓଡ଼ିଆ ବିରାଦାରୀ ବା 'ଡାଏସ୍ପୋରାର'ର ଶୁଭ ପଡ଼ିଲା। ଗୋଟିଏ ଉପନିବେଶ ଓଡ଼ିଆ ତିଆରି କଲେ।

■ ଅବଶିଷ୍ଟାଂଶ ପୃଷ୍ଠା-୪





ଏକ ଆକସ୍ମିକ ନଗରୀର କଥା...

■ ପୃଷ୍ଠା-୩ର ଅବଶିଷ୍ଟାଂଶ

ତା'ପରେ ଯାହା ସବୁ ଘଟିଲା ତାହା ଇତିହାସ। ସେ ସୁଦୀର୍ଘ ଇତିହାସର ଅବତାରଣା ପାଇଁ ଏହି ଲେଖାର ପରିସର ଯଥେଷ୍ଟ ହେବ ନାହିଁ। ନୂଆ ସହର ରୋଜଗାରର ସୁଯୋଗ ଅଧିକ ଯୋଗାଇଲା। ତେଣୁ କାଳକ୍ରମେ ଉତ୍ତମ ପରିବହନ ସୁବିଧାର ଉପଯୋଗ କରି ଓଡ଼ିଆମାନେ କଲିକତାରେ ଲକ୍ଷ ଲକ୍ଷ ସଂଖ୍ୟାରେ ରୁଣ୍ଟ ହୋଇ ବିଭିନ୍ନ ବୃତ୍ତିରେ ନିୟୋଜିତ ହେଲେ। କଲିକତାରେ ହୁଗୁଳିର ଘାଟଗୁଡ଼ିକ ବେଶ୍ ଜନପ୍ରିୟ ଏବଂ ଏଠାରେ ଲୋକଙ୍କ ଗହଳି ଅଧିକ। ସେଠାରେ ସ୍ନାନ, ଶୌଚ, ଶବସତ୍କାର, ନଦୀପାର ଉତାର, ଦେବଦେବୀ ଦର୍ଶନ, ଗଙ୍ଗାସ୍ନାନର ପୁଣ୍ୟ ଅର୍ଜନ, ବଜାର ଓ ଅନ୍ୟାନ୍ୟ ସୁବିଧା ସବୁ ଥିଲା। ଏହି ଘାଟଗୁଡ଼ିକ ମଧ୍ୟରେ ପ୍ରିନ୍‌ସେପ୍ ଘାଟ, ଆର୍ମେନିୟମ ଘାଟ, ଚାନ୍ଦପାଲ୍ ଘାଟ, ବାବୁଘାଟ, ଆଉଟରାମ ଘାଟ, ନିମ୍‌ତାଲା ଘାଟ, ମଲ୍ଲିକ ଘାଟ ଓ ଜଗନ୍ନାଥ ଘାଟ ଆଦି ଥିଲା ଅନ୍ୟତମ। ଏସବୁ ଘାଟ ମଧ୍ୟରୁ ଜଗନ୍ନାଥ ଘାଟର ଏକ ସ୍ୱତନ୍ତ୍ର ଆକର୍ଷଣ ଓ ବିଶେଷତ୍ୱ ଥିଲା। ଓଡ଼ିଶା ସହିତ ଏହାର ସ୍ୱତନ୍ତ୍ର ସମ୍ପର୍କ ଥିବାରୁ ସେ ବିଷୟରେ ଉଲ୍ଲେଖ କରିବା ଉଚିତ୍ ହେବ।

ପୁରୁଣା ହାବଡ଼ା ପୋଲର ୫୦ ମିଟର ଉତ୍ତରକୁ ରହିଛି ଜଗନ୍ନାଥ ଘାଟ। ପୁରୀକୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ଘାଟରେ ପାର ଉତାର ହେଉଥିବାରୁ ଏହାର ନାମ ଥିଲା ଜଗନ୍ନାଥ ଘାଟ। ଆମ କଟକର କାଠଯୋଡ଼ି ଦେବୀଗଡ଼ାର ପୁରୀଘାଟ ଭଳି ଏହା ଥିଲା ଏକ ଘାଟ ସେଠାରେ। ଶୋଭାରାମ ବସାକ ନାମରେ ଜଣେ ଧନୀ ବ୍ୟବସାୟୀ ଓ ବ୍ୟାଙ୍କର ଏହି ଘାଟ ତିଆରି କରିଥିଲେ। ସେ ମହାଶୟ ଇଷ୍ଟଇଣ୍ଡିଆ କମ୍ପାନୀକୁ ବୟନ ସାମଗ୍ରୀ ଓ ବସ୍ତ୍ର ଯୋଗାଇ ପ୍ରଚୁର ଅର୍ଥ ରୋଜଗାର କରୁଥିଲେ। ସେ ପ୍ରଭୁ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ। ପ୍ରତିବର୍ଷ ସେ ସାଙ୍ଗରେ ଅନେକ ତୀର୍ଥଯାତ୍ରୀଙ୍କୁ ଧରି ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିଲେ। ସେ ମଧ୍ୟ ଏହି ଘାଟ ନିକଟରେ ୧ ନମ୍ବର ନବାବ୍ ଲେନ୍‌ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ୧୭୫୮ରେ। ଶୋଭାରାମଙ୍କର ମୃତ୍ୟୁ ଘଟିଥିଲା ୧୭୭୩ରେ ଏବଂ ସେହି ବର୍ଷ ଆଧୁନିକ କଲିକତାର ଫୋର୍ଟ ଉଇଲିୟମର ପୁନର୍ନିର୍ମାଣ କାମ ଆରମ୍ଭ ହୋଇଥିଲା।

ଏହି ଘାଟ ସହିତ ଆଉ ଏକ ବିରଳ ସଂଯୋଗ ରହିଛି। ଜଗନ୍ନାଥ ଘାଟର ଉତ୍ତରକୁ ଅଛି ପୁରୁଣା ଟଙ୍କଶାଳ ବା ମିଣ୍ଟ। ସେ ସ୍ଥାନଟି ଏକଦା 'କଳାପାହାଡ଼'ର ସେନାଛାଉଣୀ ଥିଲା। କଳାପାହାଡ଼ର ଅପକୀର୍ତ୍ତି ସମ୍ପର୍କରେ ପ୍ରାୟ ସବୁ ଓଡ଼ିଆ ଅବଗତ। ମୁସଲମାନ ଶାସକ ସୁଲେମାନ କରରାନିଙ୍କ କନ୍ୟା ପ୍ରେମରେ ପଡ଼ି ସେ ହିନ୍ଦୁଧର୍ମ ଛାଡ଼ି ଇସଲାମ ଧର୍ମ ଗ୍ରହଣ କରିଥିଲେ। ପୁନର୍ବାର ହିନ୍ଦୁଧର୍ମକୁ ଫେରିବାକୁ ଚାହିଁବାରୁ ତାଙ୍କୁ ହିନ୍ଦୁ ଧର୍ମାଧିପତିମାନେ ଅନୁମତି ନ ଦେବାରୁ ସେ ରାଗରେ ପୁରୀ, କୋଣାର୍କ, ଯାଜପୁର ସମେତ ଓଡ଼ିଶାର ଅନେକ ସ୍ଥାନରେ ହିନ୍ଦୁ ମନ୍ଦିରମାନଙ୍କୁ ଭାଙ୍ଗି ଦେବଦେବୀ ପ୍ରତିମାକୁ ନଷ୍ଟ କରି ଦେଇଥିଲେ। ଏହି ଘଟଣା ପ୍ରାୟ ୧୫୬୮ରେ ଘଟିଥିଲା। କଳାପାହାଡ଼ ପୁରୀ ଶ୍ରୀମନ୍ଦିରରୁ ତିନିବିଗ୍ରହଙ୍କ ପ୍ରତିମାକୁ ନେଇଯାଇ ଜଗନ୍ନାଥ ଘାଟ ସଂଲଗ୍ନ ଗଙ୍ଗା (ହୁଗୁଳି) କୂଳରେ ଥିବା ତା' ସେନା ଛାଉଣୀ ନିକଟରେ ପୋଡ଼ି ଦେଇଥିବା କୁହାଯାଏ। ଏହି ଘଟଣାରୁ ବିସର ମହାନ୍ତି କଥା ସୃଷ୍ଟି। ସେହି ଜଗନ୍ନାଥ ପ୍ରାଣ ଓଡ଼ିଆ ଭକ୍ତଟି ତିନିଦିଅଁଙ୍କ ଅଧାଜଳା ପ୍ରତିମାରୁ ଗୁପ୍ତରେ 'ବ୍ରହ୍ମ' ସଂଗ୍ରହ କରି ତାହାକୁ ନିଜର ମୃଦଙ୍ଗରେ ଲୁଚାଇ କୁଜଙ୍ଗଗଡ଼କୁ ଆଣିଥିବା କୁହାଯାଏ। ବିସର ମହାନ୍ତି କୁଆଡ଼େ ଜଗନ୍ନାଥ ଘାଟ ନିକଟ ଭୂତନାଥ ମନ୍ଦିରରେ ରହୁଥିଲେ। ଏ କଥା ମାଦଳାପାଞ୍ଜିରେ ଉଲ୍ଲେଖ ଅଛି। କଲିକତାର ଜଗନ୍ନାଥ ଘାଟ ନିକଟରେ ଏବେ ମଧ୍ୟ ଭୂତନାଥ ମନ୍ଦିର ବିରାଜମାନ। କେତେକ କହନ୍ତି ହିନ୍ଦୁ ବ୍ରାହ୍ମଣ ଯୋଦ୍ଧା ରାଜୀବଲୋଚନ ରାୟପ୍ରେମରେ ଅନ୍ଧ ହୋଇ ଇସଲାମ ଧର୍ମ ଗ୍ରହଣ କରି କଳାପାହାଡ଼ ପାଲଟିଥିଲା।

ଜଗନ୍ନାଥ ଘାଟ ୧୮୦୦ ଶତାବ୍ଦୀରେ ଥିଲା ହୁଗୁଳିର ସବୁଠୁ ବ୍ୟସ୍ତବହୁଳ ନଦୀଘାଟ। ଏଠାରେ ଆହ୍ଲାବାଦ ପର୍ଯ୍ୟନ୍ତ ଜାହାଜ (ଷ୍ଟିମ୍‌ସିପ୍) ଚାଲୁଥିଲା। ଢାକା ଓ ଆସାମରୁ ମଧ୍ୟ ଜଳପଥରେ ଯାତ୍ରୀଙ୍କ ସହିତ ମାଲପତ୍ର ଏଠାକୁ ଆସୁଥିଲା। ଅଧିକାଂଶ ଯାତ୍ରୀ ଥିଲେ ଜଗନ୍ନାଥ ଦର୍ଶନାର୍ଥୀ। ସେମାନେ ଜଗନ୍ନାଥ ଘାଟରୁ ପୁରୁଣା ଜଗନ୍ନାଥ ସଡ଼କରେ ପୁରୀ ଯାଉଥିଲେ। ଏହି ସଡ଼କର ଦୁଇ ପାର୍ଶ୍ୱରେ ଏବଂ ଘାଟରେ ପୁରୀ ତୀର୍ଥଯାତ୍ରୀଙ୍କ ପାଇଁ ଧନୀ ଓ ବଦାନ୍ୟ ବ୍ୟକ୍ତିମାନେ ଅସ୍ଥାୟୀ ବିଶ୍ରାମ ଶିବିର ଏବଂ ମାଗଣା ଭୋଜନ ବ୍ୟବସ୍ଥା କରୁଥିଲେ। ଏବେ ମଧ୍ୟ ଜଗନ୍ନାଥ ଘାଟରେ ଗରିବ ଲୋକମାନଙ୍କୁ ବସ୍ତ୍ରଦାନର ପରମ୍ପରା ରହିଛି। ଏହି ଘାଟର ଆଉ ଏକ ବିଶେଷତ୍ୱ ହେଲା ବ୍ରିଟିଶ ଶାସନକାଳର ୟୁରୋପୀୟ ସ୍ପର୍ଶ। ସେଠାରେ ନିର୍ମିତ ଡରିକ୍ ଶୈଳୀର ମଣ୍ଡପ ପର୍ଯ୍ୟଟକଙ୍କୁ ବିଶେଷ ଆକର୍ଷିତ କରେ। ସେଠାକାର ଆଉ ଏକ ଆକର୍ଷଣ ଥିଲା ରାଜସ୍ଥାନୀ ହାଭେଲି ଶୈଳୀରେ ନିର୍ମିତ ଏକ ଧର୍ମଶାଳା। ଏହାକୁ ଶେଠ୍ ସୂରଜମଲ ଜାଲାନ୍ ଟ୍ରଷ୍ଟ ପକ୍ଷରୁ ତିଆରି କରାଯାଇଥିଲା। ଜବରଦଖଲ ଏବଂ ହୋର୍ଡିଂର ଆଚ୍ଛାଦନ ଯୋଗୁଁ ଜଗନ୍ନାଥ ଘାଟର ସୌନ୍ଦର୍ଯ୍ୟ ଓ ଆକର୍ଷଣ ଅନେକାଂଶରେ ଲୁଚିଯାଇଛି। ଏହାସତ୍ତ୍ୱେ ଏହାର ଗୁରୁତ୍ୱ କମିନାହିଁ। କଲିକତା ପୋର୍ଟ ଟ୍ରଷ୍ଟ ଏହି ଘାଟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛି। ଶିଳ୍ପୀ ଆଲ୍‌ଫ୍ରେଡ ହ୍ୟୁଗ୍ ତାଙ୍କ ପୁସ୍ତକ "ଥ୍ରୁ ଇଣ୍ଡିଆ ଆଣ୍ଡ ବର୍ମା ଉଇଥ୍ ପେନ୍ ଆଣ୍ଡ ବ୍ରସ"(୧୯୧୧)ରେ ଜଗନ୍ନାଥ ଘାଟ କଥା ଉଲ୍ଲେଖ କରିଛନ୍ତି।

ରାଣୀ ରାସମଣୀ ମଧ୍ୟ କଲିକତାର ଘାଟଗୁଡ଼ିକର ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ସେ ଏକାଧାରରେ ଥିଲେ ବଡ଼ ବ୍ୟବସାୟୀ, ଜମିଦାର, ଲୋକହିତୈଷୀ ଓ ଅନଗ୍ରସର ବର୍ଗର ଲୋକଙ୍କ ତ୍ରାଣକର୍ତ୍ତା। ଦକ୍ଷିଣେଶ୍ୱର କାଳୀ ମନ୍ଦିର ସେ ପ୍ରତିଷ୍ଠା କରିବା ସହ ରାମକୃଷ୍ଣ ପରମହଂସଙ୍କୁ ଏହାର ପୂଜକ ଭାବେ ନିଯୁକ୍ତି ଦେଇଥିଲେ। ସେ ଥିଲେ ବାବୁଘାଟର ନିର୍ମାତା। ଏହା ତାଙ୍କ ସ୍ୱାମୀ ରାଜଚନ୍ଦ୍ର ଦାସଙ୍କ ସ୍ମୃତିରେ ନିର୍ମିତ ହୋଇଥିଲା। ଏହାଛଡ଼ା ପ୍ରତିଦିନ ସ୍ନାନ କରୁଥିବା ଲୋକଙ୍କ ପାଇଁ ସେ ଅହିରତୋଲା ଓ ନିମ୍‌ତାଲା ଘାଟର ବିକାଶ କରିଥିଲେ। ତାଙ୍କର ଆଉ ଏକ ବଡ଼ କୃତି ହେଲା ଜଗନ୍ନାଥ ଭକ୍ତ ଓ ଯାତ୍ରୀଙ୍କ ସୁବିଧା ପାଇଁ ସୁବର୍ଣ୍ଣରେଖା ନଦୀଠାରୁ ପୁରୀଯାଏ ସଡ଼କ ନିର୍ମାଣ। ଏଥିପାଇଁ ସେ ମୁକ୍ତହସ୍ତରେ ଅର୍ଥ ଦାନ କରିଥିଲେ। ଠଗମାନଙ୍କୁ ସୁନ୍ଦରବନ ଅଞ୍ଚଳରେ ଥଇଥାନ କରି ସେମାନଙ୍କୁ ଚାଷବାସ ପ୍ରତି ଆକୃଷ୍ଟ କରାଇବା ଥିଲା ତାଙ୍କର ଆଉ ଏକ ବଡ଼ ସଫଳତା। ଠଗମାନଙ୍କୁ ଥଇଥାନ କରିବା ଫଳରେ ତୀର୍ଥଯାତ୍ରୀ ଓ ବ୍ୟବସାୟୀଙ୍କ ହତ୍ୟା ଓ ଲୁଟ ଘଟଣା ଅନେକାଂଶରେ କମିଥିଲା।

ଇଷ୍ଟଇଣ୍ଡିଆ କମ୍ପାନୀର ପ୍ରାରମ୍ଭିକ କାଳରେ କଲିକତାର କାଶିମ ବଜାର ଚୋରା କାରବାର ପାଇଁ କୁଖ୍ୟାତ ଥିଲା। ଯାକୁ କୁହାଯାଉଥିଲା ସ୍ମଗଲର୍ସ ଡେନ୍। ଜବ୍ ଚାର୍ଣ୍ଣକ ସେହି ସ୍ମଗଲର ଆଡ୍ଡାକୁ ଭାଙ୍ଗିବାରେ ଅନେକାଂଶରେ ସଫଳ ହୋଇଥିଲେ। ଅନେକ ତାଙ୍କୁ ଆଧୁନିକ କଲକାତାର ପ୍ରତିଷ୍ଠାତା ଭାବେ ଗ୍ରହଣ କରୁଥିଲେ ମଧ୍ୟ ଏ ନେଇ ବିବାଦ ରହିଛି। ତେବେ ଏହି ମଣିଷଟି ବ୍ୟକ୍ତିଗତ ଜୀବନରେ ବିଶେଷ ଦୁଃଖୀ ଥିଲେ। ତାଙ୍କର ବ୍ରିଟିଶ ପତ୍ନୀଙ୍କର ଅଳ୍ପ ବୟସରେ ପରଲୋକ ଘଟିଥିଲା ଏବଂ ତାଙ୍କ ଆଡୁ ପୁଅଟିଏ ଥିଲା। ସେ ପୁଅଟି ଚାର୍ଣ୍ଣକଙ୍କ ଆଗରୁ ମରିଯିବାରୁ ସେ ବଡ଼ ଧକ୍କା ପାଇଥିଲେ। ସେ ଜଣେ ଭାରତୀୟ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତଥ୍ୟ ଅନୁସାରେ ସେ ୧୬୭୮ରେ ପାଟନା ନିକଟରେ ଗଙ୍ଗାନଦୀ କୂଳରେ କମ୍ପାନୀର କାମରେ ବ୍ୟସ୍ତଥିବାବେଳେ ଦେଖିଲେ ଜଣେ ତରୁଣୀଙ୍କୁ କିଛି ଲୋକ ଜବରଦସ୍ତ ଚିତାରେ ପୋଡ଼ି ସତୀ କରିବାକୁ ଉଦ୍ୟମ କରୁଛନ୍ତି। ସେ ନିଜର ଲୋକବଳ ପ୍ରୟୋଗ କରି ସେ ମହିଳା ଜଣକୁ ଉଦ୍ଧାର କଲେ। କେତେକ କହନ୍ତି ସେ ଜଣେ ରାଜପୁତ ରାଜକନ୍ୟା। ଆଉ କେତେକ ଏଥିରେ ଭିନ୍ନମତ ପୋଷଣ କରନ୍ତି। ତେବେ ସେହି ଯୁବତୀ ଜଣକ ଅସାମାନ୍ୟା ସୁନ୍ଦରୀ ଥିଲେ। ଚାର୍ଣ୍ଣକ ତାଙ୍କୁ ବିବାହ କଲେ ଏବଂ ଗୁପ୍ତରେ ନିଜେ ହିନ୍ଦୁଧର୍ମରେ ଦୀକ୍ଷିତ ହୋଇଥିଲେ ବୋଲି କୁହାଯାଏ। ଏହି ଦ୍ୱିତୀୟାଙ୍କଠାରୁ ତାଙ୍କର ତିନିଜଣ ଝିଅ ଜନ୍ମଥିଲେ। ସେ ଝିଅ ତିନିଜଣଙ୍କ ନାମ ମେରୀ, ଏଲିଜାବେଥ ଓ କ୍ୟାଥରାଇନ୍। ଚାର୍ଣ୍ଣକ ମଧ୍ୟ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ନାମ ରଖିଥିଲେ ମାରିଆ। ୧୬୮୯ ଅଗଷ୍ଟ ୧୯ରେ ତିନି କନ୍ୟା ମାଡ୍ରାସର ଏକ ଚର୍ଚ୍ଚରେ ଆନୁଷ୍ଠାନିକ ଭାବେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ। ଚାର୍ଣ୍ଣକଙ୍କ ପୂର୍ବରୁ ମାରିଆଙ୍କର ମୃତ୍ୟୁ ଘଟିଥିଲା।

ଜବ୍ ଚାର୍ଣ୍ଣକଙ୍କ ବିଷୟରେ ଅନେକ କଥା ଶୁଣାଯାଏ। ସେ କୁଆଡ଼େ ଭାରତୀୟ ପରମ୍ପରା ଓ ରାଜନୀତିକୁ ଗ୍ରହଣ କରି ନେଇଥିଲେ। ହୁକା ଟାଣୁଥିଲେ, ଏକ ବିରାଟ ବରଗଛ ତଳେ ବସି ନିଜର କର୍ମଚାରୀ ଓ ସାଧାରଣ ଲୋକଙ୍କ ସହ ଆଡ୍ଡା ମାରୁଥିଲେ। ଏପରିକି ସେ ପ୍ରତିବର୍ଷ ତାଙ୍କ ପତ୍ନୀଙ୍କ ଶ୍ରାଦ୍ଧରେ ତାଙ୍କ କବରପାଖକୁ ଯାଇ ଗୋଟେ ଦେଶୀ କୁକୁଡ଼ା କାଟି ତା'ର ରକ୍ତ ସ୍ୱର୍ଗବାସୀ ପତ୍ନୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ। ଏଇଭଳି ଅକସ୍ମାତ ଗୋଟିଏ ମହାନଗରୀର ମୂଳଦୁଆ ପଡ଼ିଥିଲା ଜବ୍ ଚାର୍ଣ୍ଣକଙ୍କ ଦ୍ୱାରା। ସେ କିନ୍ତୁ ନଗରର ନିର୍ମାଣ ଶେଷ ପୂର୍ବରୁ ୧୬୯୩ ଜାନୁଆରୀ ୧୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବାରାକ୍‌ପୁରସ୍ଥିତ ତାଙ୍କ ଉଦ୍ୟାନ ନିବାସ ପରିସରରେ ପତ୍ନୀ ମାରିଆଙ୍କ କବର ପାଖରେ ତାଙ୍କୁ ଶେଷ ବିଶ୍ରାମ ଦିଆଯାଇଥିଲା। ତାଙ୍କ ଝିଅ ଜ୍ୱାଇଁମାନେ ଏକ ସୁଦୃଶ୍ୟ ସମାଧି ମନ୍ଦିର ନିର୍ମାଣ କରିଥିଲେ। ସେଥିରେ ବ୍ୟବହୃତ ପଥର ପରବର୍ତ୍ତୀ କାଳରେ ଚାର୍‌ନୋକାଇଟ୍ ନାମରେ ନାମିତ।

କଲିକତା ମହାନଗରୀର ନିର୍ମାଣ, ବିକାଶ ଓ ସମୃଦ୍ଧିରେ ଓଡ଼ିଆଙ୍କ ଅବଦାନ ଅତୁଳନୀୟ। ଓଡ଼ିଆ ଶ୍ରମିକଙ୍କ ସ୍ୱେଦ ଓ ରକ୍ତରେ ଏହାର ଶିଳ୍ପ ଓ ସୌଧ ପୁଷ୍ଟ ହୋଇଛି। ସାଂପ୍ରଦାୟିକ ଦଙ୍ଗାରେ ଶହ ଶହ ନିରୀହ ଓଡ଼ିଆ ଶ୍ରମିକ ବଳି ପଡ଼ିଛନ୍ତି। ଅନେକ ଏଠାରେ ଚୁକ୍ତିବଦ୍ଧ ବା ଗିରିମିଟିଆ ଭାବେ ବିଦେଶକୁ ଶ୍ରମିକ ହୋଇଯାଇଛନ୍ତି ଯେ ଆଉ ଜନ୍ମମାଟିକୁ ଫେରି ନାହାନ୍ତି। କିଛି ଓଡ଼ିଆ ହିନ୍ଦୁ ଏଠି ଧର୍ମ ପରିବର୍ତ୍ତନ କରି ମୁସଲମାନ ଓ ଇଶାହି ହୋଇଛନ୍ତି। ଆଉ ଅନେକ ନିଜର ଶ୍ରମ, ବୁଦ୍ଧି ଓ ସାଧନା ବଳରେ ସୌଭାଗ୍ୟ ଅର୍ଜନ କରି ବଙ୍ଗଲଳନାଙ୍କ ପାଣିଗ୍ରହଣ କରି ପ୍ରତିଷ୍ଠିତ ହୋଇଛନ୍ତି। ତାହାର ଇତିହାସ ବେଶ ଲମ୍ବା। ତେବେ ପ୍ରତିଦାନରେ କଲିକତା ପ୍ରବାସୀ ଓଡ଼ିଆଙ୍କୁ ଅନେକ କିଛି ଯେ ଦେଇଛି ଏହାକୁ ଅସ୍ୱୀକାର କରିହେବ ନାହିଁ। ରୋଜଗାର, ଶିକ୍ଷା, ବୃତ୍ତି, ଆଧୁନିକ ଚଳଣି ଆଦି କ୍ଷେତ୍ରରେ ଓଡ଼ିଶା ଏହି ନଗରୀରୁ ଅନେକ କିଛି ପାଇଛି। କଲିକତାର କଥା ଓ ବ୍ୟଥା ହେଲା ଏହାର ନାମର ବିବିଧତା। କଲିକତା, କଲିକାତା, କଲକାତା, କୋଲକାତା, କାଲକାଟା ଓ ଆହୁରି କେତେ କ'ଣ। ଏତେ ସବୁ ନାଁରୁ କ'ଣ ମିଳିବ? ଯେଉଁଠି ଜୀବନ, ଅନ୍ନ, ସୁଯୋଗ ଓ ଆନନ୍ଦ ଅଛି ତାହା ତ ଆନନ୍ଦନଗରୀ, ସିଟି ଅଫ୍ ଜୟ, ଲକ୍ଷ୍ମୀପୁରୀ। ଏହାର ପରିଚୟ ଓ ଉଚ୍ଚାରଣର ବିବିଧତା ମଧ୍ୟରେ ମୌଳିକ ବିଷୟଟି ହେଲା ଏହା ଭାରତର ଏକ ନମ୍ବର ସହର ଯେଉଁଠି ଧନୀ ଦରିଦ୍ର ସମସ୍ତେ ଚଳିବାର ସୁଖସୁବିଧା ଉପଲବ୍ଧ। ଏବେ ଏହା ପ୍ରାସାଦର ମହାନଗରୀ ଓ ଅନେକଙ୍କ ପାଇଁ "ଓ କାଲକାଟା, ମାଏଁ କାଲକାଟା", ଯେଉଁଠି ରହିଛି ଓଡ଼ିଆ ଶ୍ରମିକ, କାରିଗର, ଠିକାଦାରଙ୍କ ସ୍ୱେଦ ରକ୍ତର କାହାଣୀ। ■

ଧର୍ମ ପାଇଁ ରକ୍ତପାତ ବାଞ୍ଛନୀୟ କି ?

ସୃଷ୍ଟି ସମୟରୁ ମଣିଷ ଭଗବତ ବିଶ୍ୱାସୀ। ସମାଜର ମଙ୍ଗଳ ପାଇଁ ନୀତିନିୟମର ଆବଶ୍ୟକତା ଧର୍ମ ହିଁ ପୂରଣ କରି ଆସିଛି। ମଣିଷକୁ ସୁପଥଗାମୀ କରିବାକୁ ନୈତିକତା ଶିକ୍ଷା ଦେଇଛି। ଧର୍ମ ହିଁ ମଣିଷକୁ ପଶୁତ୍ୱ ପରିହାର କରି ମାନବୀୟ ଗୁଣରେ ପରିପୂର୍ଣ୍ଣ କରିଛି। ଜୀବନର ମୂଳ ଲକ୍ଷ୍ୟ ମୋକ୍ଷ ପ୍ରାପ୍ତି ପାଇଁ ବାଟ ଦେଖେଇଛି। ଧର୍ମ ମଣିଷକୁ ଅଧର୍ମ କାର୍ଯ୍ୟରୁ ନିବୃତ କରିବାର ଏକ ମାଧ୍ୟମ। ସେଥିପାଇଁ କୁହାଯାଏ – 'ଧାରୟତି ଇତି ଧର୍ମ'। ଅନ୍ୟ ଏକ ସଂସ୍କୃତ ଶ୍ଳୋକରେ ଧର୍ମର ସଂଜ୍ଞା ହେଉଛି -

ଅଥାହିଂସା କ୍ଷମା ସତ୍ୟମ ହିଶ୍ରଦ୍ଧେନ୍ଦ୍ରିୟ ସଂଯମ / ଦାନମିଜ୍ୟା ତପୋଧ୍ୟାନମ ଦଶକମ ଧର୍ମ ସାଧନମ।

ଅହିଂସା, କ୍ଷମା, ସତ୍ୟ, ଲଜ୍ଜା, ଶ୍ରଦ୍ଧା, ଇନ୍ଦ୍ରିୟ ସଂଯମ, ଦାନ, ଯଜ୍ଞ, ତପ, ଏବଂ ଧ୍ୟାନ ଧର୍ମର ଦଶଟି ଗୁଣ। ଏହା କେବଳ ହିନ୍ଦୁ ଧର୍ମର ସଂଜ୍ଞା ନୁହେଁ ବରଂ ବିଶ୍ୱର ସବୁ ଧର୍ମର ଏହା ଆଚରଣ। କୌଣସି ଧର୍ମ ହିଂସା କିମ୍ବା ଅସତ୍ୟରେ ବିଶ୍ୱାସ କରେ ନାହିଁ। ମଣିଷକୁ ସତ କର୍ମ, ଅନ୍ୟକୁ ସମ୍ମାନ ଦେବା, ବିପଦରେ ସାହାଯ୍ୟ କରିବା, ନାରୀମାନଙ୍କର ସମ୍ମାନ ରକ୍ଷା କରିବାକୁ ଧର୍ମ ଉପଦେଶ ଦିଏ।



କିନ୍ତୁ କାଳକ୍ରମେ ଧର୍ମ ନାମରେ ହିଂସା କରିବା, ଅନ୍ୟ ଧର୍ମାବଲମ୍ବୀଙ୍କୁ ବିଦ୍ୱେଷ କରିବା ଓ ବଳପୂର୍ବକ ଧର୍ମାନ୍ତର କରିବା ଏବେ ଏକ ସାଧାରଣ ଘଟଣା ହୋଇପଡ଼ିଛି। ପ୍ରେମ ବଦଳରେ ଘୃଣା ଏବଂ ଅହିଂସା ବଦଳରେ ହିଂସା ପ୍ରାୟତଃ ପ୍ରଭାବ ବିସ୍ତାର କରୁଛି। ଖ୍ରୀଷ୍ଟ ଧର୍ମ ଦୟା ଓ ପ୍ରେମର ନିଦର୍ଶନ। କିନ୍ତୁ ଆମେରିକାର ମୂଳବାସିନ୍ଦାମାନଙ୍କୁ ୟୁରୋପରୁ ଖ୍ରୀଷ୍ଟିୟାନମାନେ ଆସି ବଳପୂର୍ବକ ଧର୍ମାନ୍ତର କଲେ ଏବଂ ଯେଉଁମାନେ ଅମଙ୍ଗ ହେଲେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କଲେ। ଇସଲାମ ଧର୍ମ ଶାନ୍ତି ଓ ନ୍ୟାୟରେ ବିଶ୍ୱାସ କରେ। କିନ୍ତୁ ଜିହାଦ ନାମରେ ଏବଂ ଇସଲାମିକ ଷ୍ଟେଟ୍ ସ୍ଥାପନ ପାଇଁ ଆଇଏସ ଆଇଏସ ଓ ହମାସ ଭଳି ଉଗ୍ରପନ୍ଥୀ ଗୋଷ୍ଠୀ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହତ୍ୟା, ଅତ୍ୟାଚାର ଓ ବଳାତ୍କାର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ବୌଦ୍ଧ ଧର୍ମ ଅହିଂସା ପାଇଁ ବିଶ୍ୱବିଦିତ। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ବୌଦ୍ଧ ଧର୍ମରେ ଦୀକ୍ଷିତ ମ୍ୟାଁମାରରେ ରୋହିଙ୍ଗିଆମାନଙ୍କ ପ୍ରତି ହିଂସା ବଢ଼ିବାରେ ଲାଗିଛି।

ଧର୍ମ ଧର୍ମ ଭିତରେ ତିକ୍ତତା ନୂଆ ନୁହେଁ। ଇତିହାସରୁ ଜଣାଯାଏ ଯେ ମାନବ ସଭ୍ୟତା ଯେତିକି ପୁରୁଣା ଓ ଯେଉଁ ଦିନରୁ ବିଭିନ୍ନ ଧର୍ମର ଅଭ୍ୟୁଦୟ ଘଟିଛି, ସେହିଦିନଠାରୁ ବିଭିନ୍ନ ଧର୍ମଗୁରୁମାନେ ନିଜର ପତିଆରା ଜାହିର କରିବାର ପ୍ରୟାସ କରିଛନ୍ତି। ଏଥିପାଇଁ ଧର୍ମ ଯୁଦ୍ଧ ସଂଗଠିତ ହୋଇଛି ଓ ଅନେକ ଧନ ଜୀବନ ନଷ୍ଟ ହୋଇଛି। ୧୦୯୫ ମସିହାରୁ ୧୨୯୧ ମସିହା ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ ଓ ମୁସଲମାନମାନଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଥିଲା। ଏହାକୁ ଇଂରାଜୀରେ 'କ୍ରୁସେଡ' ବୋଲି କୁହାଗଲା। ଇସଲାମ ଧର୍ମର ବ୍ୟାପ୍ତିକୁ ରୋକିବା ଓ ଖ୍ରୀଷ୍ଟ ଧର୍ମର ପବିତ୍ରସ୍ଥାନକୁ ନିଜ ଅକ୍ତିଆରକୁ ଆଣିବା ଥିଲା ଏହି ଯୁଦ୍ଧର ଲକ୍ଷ୍ୟ। ଖ୍ରୀଷ୍ଟିୟାନମାନଙ୍କ ଜେରୁଜେଲମ ଉପରେ ଆଧିପତ୍ୟ ବିସ୍ତାର ପାଇଁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଉଭୟ ପକ୍ଷର ପ୍ରଭୂତ କ୍ଷତି ହୋଇଥିଲା। ପ୍ରତି ୨୦ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରୁ ମାତ୍ର ଜଣେ ଜେରୁଜେଲମକୁ ପହଞ୍ଚି ଥିବାର ହିସାବ ଅଛି। ଏହି ଯୁଦ୍ଧସମୂହରେ ପ୍ରାୟ ୧୭ ଲକ୍ଷ ଲୋକ ହତାହତ ହୋଇଥିଲେ। ସ୍ପେନରେ ପଞ୍ଚଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ଭିତରେ କ୍ୟାଥଲିକମାନେ ନିଜ ଧର୍ମର ବଢ଼ିମା ରକ୍ଷା ପାଇଁ ଅନେକ ଇହୁଦୀ ଏବଂ ମୁସଲମାନମାନଙ୍କୁ ଅତ୍ୟାଚାର କରିଥିବା ଇତିହାସରୁ ଜଣାଯାଏ। ଏହି ପ୍ରକ୍ରିୟାରେ ପ୍ରାୟ ୩୨ ହଜାର ଇହୁଦୀ ଓ ମୁସଲମାନମାନଙ୍କୁ ହତ୍ୟା କରାଯାଇଥିଲା। ଆଉ ଏକ ଧର୍ମ ଯୁଦ୍ଧ ୧୬୧୮ ରୁ ୧୬୪୮

ବସ୍ତାନିର ବୋଝ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର,
ମୋ: ୯୯୩୭୩୦୧୪୬୦

କୁହାଯାଏ 'ସାଃ ବିଦ୍ୟା ଯା ବିମୁକ୍ତୟେ'। କିନ୍ତୁ ଆଜିକାଲି ଶିଶୁ ବିଦ୍ୟାଳୟରେ ପାଦ ଦେଲା ପରଠାରୁ ପାଲଟି ଯାଉଛି ମାନସିକ ସ୍ତରରେ ଦାସଟିଏ। ନିର୍ଦ୍ଧାରିତ ପାଠ୍ୟକ୍ରମକୁ ମୁଖସ୍ତକରି ପରୀକ୍ଷାରେ ନିଜର ପାରଦର୍ଶିତା ପ୍ରଦର୍ଶନ କଲେ 'ଉତ୍ତମ ଚାକିରି'ଟିଏ ମିଳିବା ମାନସିକତାର ବୀଜ୍ ଟିଏ ପ୍ରଥମରୁ ତା'ମନରେ ରୋପଣ କରି ଦେଉଛନ୍ତି ପିତାମାତାଙ୍କଠାରୁ ଆରମ୍ଭ କରି ଶିକ୍ଷକ-ଶିକ୍ଷିକାଙ୍କ ପର୍ଯ୍ୟନ୍ତ ସମସ୍ତେ। ଅତଏବ ତାହାକୁ ନେଇ ଚାପଗ୍ରସ୍ତ ହୋଇ ପଡୁଥିବା ତା'ମନ ଧାଉଁଛି ଏଇ ସଂକୀର୍ଣ୍ଣ ଲକ୍ଷ୍ୟ ହାସଲ ଦିଗରେ। ତହିଁରେ ସଫଳ ନ ହେଲେ ଶିଶୁଟି ନିଜକୁ ଅପଦାର୍ଥ ବୋଲି ମନେ କରୁଛି ଏବଂ ଏହାର ପରିଣାମ ବେଳେ ବେଳେ ପ୍ରକଟିତ ହେଉଛି ଅତି ଭୟାବହ ରୂପନେଇ। ସେ ହେଉଛି ଦୁଶ୍ଚିନ୍ତାଗ୍ରସ୍ତ, ହ୍ରାସ ପାଉଛି ତା' ଆତ୍ମବିଶ୍ୱାସ ଓ ସ୍ୱାଭିମାନ ଏବଂ ତା'ଠାରେ ସୃଜନଶୀଳତାର ବିକାଶ ଲାଗି ମଧ୍ୟ ଅବକାଶ ରହୁନି। ଏପରିକି ସେ ଆପଣାଇ ନେଉଛି ଆତ୍ମହତ୍ୟା ଭଳି ଚରମ ପନ୍ଥା। ଏକ ଆକଳନ ଅନୁସାରେ ଆମ ଦେଶରେ ଏବେ ଯୁବଗୋଷ୍ଠୀ (୧୮ ରୁ ୩୦ ବର୍ଷ ବୟସ) ଅଧିକ ମାତ୍ରାରେ ଆତ୍ମହତ୍ୟାପ୍ରବଣ ହେବାର ଏହା ଅନ୍ୟତମ ମୁଖ୍ୟକାରଣ (୪୦-୫୦ ଶତାଂଶ)।

ସାଧାରଣତଃ ଅନିସନ୍ଧିସୁ ହୋଇଥିବା ସରଳମତି ଶିଶୁର ମନ ପ୍ରଚଳିତ ପାଠ୍ୟକ୍ରମର ବୋଝରେ କିପରି ଚାପଗ୍ରସ୍ତ ହେଉଛି ତାହା ବୁଝିବାକୁ ମନସ୍ତତ୍ତ୍ୱବିତ୍‌ଙ୍କ ଆବଶ୍ୟକ ନାହିଁ। କାରଣ ଭାରବାହୀ ପଶୁଟିଏ ଭଳି ସେ ପ୍ରତିଦିନ ବୋହି ନେଉଥିବା ବସ୍ତାନିର ଭାରରୁ ଜଣେ କେହି ଏହା ସ୍ପଷ୍ଟ ବାରିପାରିବ। କିଛି ବର୍ଷ ତଳେ (୨୦୧୫-୨୦୧୬) ରାୟପୁରଠାରେ ଏକ ପ୍ରମୁଖ ସମ୍ବାଦପତ୍ର ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ୭/୮ ବର୍ଷର ଶିଶୁକୁ ପ୍ରାୟ ୭/୮ କିଲୋଗ୍ରାମ ଓଜନର ବସ୍ତାନି ବୋହିନେବାକୁ ପଡୁଥିବାର ଜଣାପଡ଼ିଥିଲା। ସେହିବର୍ଷ ମୁମ୍ବାଇଠାରେ ଅନୁଷ୍ଠିତ ଅନ୍ୟ ଏକ ସର୍ବେକ୍ଷଣରୁ ମଧ୍ୟ ମିଳିଥିଲା ସେହି ଅନୁରୂପ ଫଳାଫଳ। ଏଠାରେ ଶରୀରର ଓଜନ ପ୍ରାୟ ୨୦ କିଲୋଗ୍ରାମ ହୋଇଥିବା ଜଣେ ପ୍ରଥମ ଶ୍ରେଣୀର ଶିଶୁକୁ ହାରାହାରି ୪ କିଲୋଗ୍ରାମର ବସ୍ତାନି ବୋହିବାକୁ ପଡୁଥିଲାବେଳେ ପଞ୍ଚମ ଶ୍ରେଣୀର ଶିଶୁ (ଶରୀର ଓଜନ ପ୍ରାୟ ୩୧ କିଲୋଗ୍ରାମ) ଏବଂ ଅଷ୍ଟମ ଶ୍ରେଣୀର ଶିଶୁ (ଶରୀର ଓଜନ ପ୍ରାୟ ୪୩ କିଲୋଗ୍ରାମ) ଙ୍କ କ୍ଷେତ୍ରରେ ତାହା ଥିଲା ଯଥାକ୍ରମେ ୬ କିଲୋଗ୍ରାମ ଏବଂ ୭.୫ କିଲୋଗ୍ରାମ। ଶରୀର ବିଜ୍ଞାନୀମାନଙ୍କ ମତରେ ଜଣେ ପିଲା ତା'ନିଜ ଓଜନର ୧୦ ଶତାଂଶ ପର୍ଯ୍ୟନ୍ତ ଭାର ବହନ କରିବା ନିରାପଦ। ଅତଏବ ବସ୍ତାନିର ଏହି ଅତିରିକ୍ତ ବୋଝ ତା' ଦେହ ଓ ମନ ଉପରେ କୁପ୍ରଭାବ ପକାଇବା ସ୍ୱାଭାବିକ। ଫଳରେ ତା'ଠାରେ ପ୍ରକାଶ ପାଏ ବେକ, କାନ୍ଧ ଓ ଅଣ୍ଟାରେ ଯନ୍ତ୍ରଣା, ନିଦ୍ରାହୀନତା, ଅମନଯୋଗିତା ଆଦି ଲକ୍ଷଣ। ସ୍ନାୟୁ ଚାପି ହୋଇଯିବା ଫଳରେ ବୋଧଶକ୍ତି ହୀନତା, ଜ୍ୱଳନ ଏବଂ ଦେହହାତ ଝିମଝିମି ହେଲାଭଳି ଅନୁଭୂତି ଜାତ ହୁଏ। ଏ ସବୁ ପ୍ରଭାବ ଜୀବନସାରା ରହେ। ଅତଏବ ଏହି ଅତିରିକ୍ତ ବସ୍ତାନିର ଭାର ବହନ କରୁଥିବା ଶିଶୁମାନେ ଏ ସବୁର ଶିକାର ହେବାର ଆଶଙ୍କା ଅତି ଅଧିକ। ପୁନଶ୍ଚ ଭାରୀବସ୍ତାନି ପିଠିରେ ବୋହି ନେଲାବେଳେ ପିଲାଙ୍କୁ ଆଗକୁ ନଇଁବାକୁ ପଡ଼େ। ତାଙ୍କ ହାଡ଼ କଅଁଳ ଏବଂ ତାହା ବିକଶିତ ଅବସ୍ଥାରେ ଥାଏ। ଏଣୁ ମେରୁଦଣ୍ଡ ଓ ପିଞ୍ଜରା ବଙ୍କା ହୋଇଯାଏ। ବସ୍ତାନିର ଓଜନ ଯେତେ ଅଧିକ ହେବ, ଏ ପ୍ରଭାବ ସେତେ ବେଶୀ ଏବଂ ସ୍ଥାୟୀ।

ଏହିସବୁ କଥା ବିଚାରକୁ ନେଇ ୨୦୧୦ ମସିହାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦେଶର ସବୁ ଶିକ୍ଷାନୁଷ୍ଠାନଙ୍କ ପାଇଁ ମାର୍ଗଦର୍ଶିକାଟିଏ ପ୍ରସ୍ତୁତ କରିଥିଲା। ଜଣେ ପ୍ରଥମ, ପଞ୍ଚମ, ଅଷ୍ଟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ବସ୍ତାନିର ଭାର ଯଥାକ୍ରମେ ୨, ୩, ୪ ଏବଂ ୫ ବା ୬ କିଲୋଗ୍ରାମ ମଧ୍ୟରେ ସୀମିତ ରଖିବାକୁ ସେଥିରେ ସୂଚନା ଦିଆଯାଇଥିଲା। ପୁନଶ୍ଚ ତହିଁରେ କୁହାଯାଇଥିଲା ଯେ ତନ୍ମଧ୍ୟରେ ରହିବ ପ୍ରତ୍ୟେକ ବିଷୟରେ ଗୋଟିଏ ଲେଖାଏଁ ଖାତା ଏବଂ ପ୍ରତ୍ୟେକ ବହିରେ ୧୦୦ରୁ କମ୍ ପୃଷ୍ଠା। ଏଗୁଡ଼ିକ ବାଇଡିଂ (ବନ୍ଧେଇ) ହେବ ନାହିଁ। ଏହାଛଡ଼ା ପିଲାମାନେ ଜଳଖିଆ ବାକ୍ସ କିମ୍ବା ପାଣି ବୋତଲ ନ ନେଇ ବିଦ୍ୟାଳୟକୁ ଯିବେ ଏବଂ ତାଙ୍କୁ ସେଠାରେ ତାହା ଯୋଗାଇ ଦିଆଯିବ। ତେବେ ଆଜି ପର୍ଯ୍ୟନ୍ତ ଏ ସବୁ କାର୍ଯ୍ୟକାରୀ ହୋଇପାରି ନାହିଁ।

ଆମ ରାଜ୍ୟରେ ବସ୍ତାନିର ବୋଝ ହ୍ରାସ କରିବା ପାଇଁ ପ୍ରଥମେ ୨୩ ଡିସେମ୍ବର ୨୦୧୫ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲାଟିଏ ରୁଜୁ କରିଥିଲେ ଆଇନ୍‌ଜୀବୀ କନହାୟାଲାଲ୍ ଶର୍ମା। ଏହା ବିଚାରକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ଜବାବ ରଖିବାକୁ କୁହାଯାଇଥିଲା। ଏଣୁ କେନ୍ଦ୍ର ସରକାର ୪ ଫେବୃଆରୀ ୨୦୧୯ ଦିନ ଜଣାଇଥିଲେ ଯେ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତାଞ୍ଚଳମାନଙ୍କୁ ୨୦ ନଭେମ୍ବର ୨୦୧୮ ସୁଦ୍ଧା ମାର୍ଗଦର୍ଶିକା ଜାରି କରାଯାଇସାରିଛି। ଅନ୍ୟପକ୍ଷରେ ଆମ ରାଜ୍ୟ ୮ ମାର୍ଚ୍ଚ ୨୦୧୯ରେ ବସ୍ତାନିର ବୋଝ ହ୍ରାସ କରିବା ଲାଗି ବିଜ୍ଞାପନ ଜାରି କରିଥିଲା ଏବଂ ୧ ଅଗଷ୍ଟ ୨୦୧୯ରେ ବିଦ୍ୟାଳୟମାନଙ୍କରେ ଏହା ତଦାରଖ କରିବା ପାଇଁ ଜିଲ୍ଲାସ୍ତରରେ ସ୍କ୍ୱାଡମାନ ଗଠନ କରାଯାଇଥିଲା। ଏହା ପରେ ସେପ୍ଟେମ୍ବର ୨୦୨୨ ମସିହାରେ ତଦାନିନ୍ତନ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ଏହାର କାର୍ଯ୍ୟକାରିତା ଲାଗି ବିଶେଷ ପଦକ୍ଷେପ ନେବାକୁ ମଧ୍ୟ ଘୋଷଣା କରିଥିଲେ। ପୁନଶ୍ଚ ନୂତନ ପାଠ୍ୟଖସଡ଼ା ପ୍ରସ୍ତୁତ କରି ଛାତ୍ରଛାତ୍ରୀମାନଙ୍କୁ ଅଯଥା ମାନସିକ ଚାପରୁ ମୁକ୍ତ କରିବା ଏବଂ ତାଙ୍କଠାରେ ସୃଜନଶୀଳତାର ବିକାଶ ଘଟାଇବା ଲାଗି ସେଥିରେ ସୂଚାତ କରାଯାଇଥିଲା। ସ୍କୁଲ୍ କର୍ତ୍ତୃପକ୍ଷମାନଙ୍କ ଉଦାସୀନତା କାରଣରୁ ଏହି ମାର୍ଗଦର୍ଶିକା ତାହା ଆଜିଯାଏଁ କାର୍ଯ୍ୟକାରୀ ହେଇପାରିନାହିଁ। ସମଗ୍ର ଦେଶରେ ଅବସ୍ଥା ସେଇ ଅନୁରୂପ ବୋଲି ମନେହୁଏ। ଫଳରେ ଏବେ ମଧ୍ୟ ମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ୭/୮ କିଲୋଗ୍ରାମ ଏବଂ ଉଚ୍ଚମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ୧୦/୧୨ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ବସ୍ତାନି ବୋହି ବିଦ୍ୟାଳୟ ଯିବାକୁ ପଡୁଛି। ସବୁସ୍ତରରୁ ଚିନ୍ତନ ହେବା ଆବଶ୍ୟକ। ■

ସଚେତନତା ହିଁ ନିରାକରଣ

ବିଶ୍ୱ ଏଡ୍‌ସ ଦିବସ

ସମଗ୍ର ବିଶ୍ୱରେ ଏଡ୍‌ସ ଏକ ମାରାତ୍ମକ ବ୍ୟାଧି ରୂପେ କାୟା ବିସ୍ତାର କରିଛି। ମାନବ ସମାଜକୁ ସୁସ୍ଥ ଓ ନିରାମୟ ରଖିବାକୁ ହେଲେ ଏହି ରୋଗର ସମ୍ପୂର୍ଣ୍ଣ ଦୂରୀକରଣ ହେବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ନେଇ ୧୯୮୮ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ପାଳନ କରାଯାଇଆସୁଅଛି। ଏହି ଦିନ ଏଡ୍‌ସ ରୋଗର ଭୟାବହତା ଓ ଏହାର ନିରାକରଣ ଦିଗରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ। ଏଥିପାଇଁ ବିଭିନ୍ନ ସଭାସମିତି, ଆଲୋଚନାଚକ୍ର, ରାଲିର ଆୟୋଜନ କରାହୁଏ। ଏହାଛଡ଼ା ଏଚ୍‌ଆଇଭି ସଂକ୍ରମିତ ରୋଗୀଙ୍କ ମନରେ ସାହସ ଭରିବା ତଥା ସେମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ କିଛି ନା କିଛି ଥିମ୍ ରହିଥାଏ। ଚଳିତ ବର୍ଷର ଥିମ୍ ରହିଛି 'ଲେଟ୍ କମ୍ୟୁନିଟିଜ୍ ଲିଡ୍'। ଏଡ୍‌ସ ଏକ ନିର୍ଦ୍ଦିଷ୍ଟ ରୋଗ ନୁହେଁ; କିନ୍ତୁ ଏହା ଯୋଗୁଁ ଶରୀରରେ ବହୁତ ପ୍ରକାର ଜଟିଳତା ଦେଖାଯାଏ। ଏଚ୍‌ଆଇଭି ଭୂତାଣୁ ମାଧ୍ୟମରେ ଏହା ମନୁଷ୍ୟ ଶରୀରକୁ ସଂକ୍ରମିତ କରିଥାଏ। ଯାହାଦ୍ୱାରା ଭୂତାଣୁ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଦିଏ। ଏଚ୍‌ଆଇଭି ବା ଏଡ୍‌ସ ସଂକ୍ରମିତ ଲୋକ ସହ ଯୌନ ସମ୍ପର୍କ, ସଂକ୍ରମିତ ରକ୍ତ ଗ୍ରହଣ, ବିଶୋଧିତ ହୋଇ ନ ଥିବା ସିରିଞ୍ଜ୍ ଦ୍ୱାରା ଇଞ୍ଜେକ୍ସନ ନେବା ତଥା ଡ୍ରଗ୍ସ ବ୍ୟବହାର କରିବା, ଏକା କପ୍ ବା ବାସନ ଆଦି ବ୍ୟବହାର, ସର୍ବସାଧାରଣ ଶୌଚାଳୟ, ସୁଇମିଂ ପୁଲ୍ ବା ପୋଖରୀ ବ୍ୟବହାର, ସଂକ୍ରମିତ ମା'ଠାରୁ ତା'ର ଗର୍ଭରେ ଥିବା ଛୁଆକୁ ଏଡ୍‌ସ ବ୍ୟାପିଥାଏ।

ଏଡ୍‌ସକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରିବା କଷ୍ଟସାଧ୍ୟ। ଏଚ୍‌ଆଇଭି ଶରୀରରେ ପଜିଟିଭ ହୋଇଗଲା ପରେ ରୋଗୀ ଅତ୍ୟନ୍ତ ଦୁର୍ବଳ ହୁଏ। ବାରମ୍ବାରା ଝାଡ଼ା ଏବଂ ଜ୍ୱର ଲାଗି ରହିବା, ଗୁପ୍ତାଙ୍ଗ ଓ ମୁଖମଣ୍ଡଳରେ ଧଳାଦାଗ ଦେଖାଦେବା, ବେକ ଗ୍ରନ୍ଥି ଫୁଲିବା, ପାଟି ଭିତରେ ଛତୁ ଫୁଟିବା ପରି ଧଳା ଦାଗ ସୃଷ୍ଟି ହେବା , ଶୁଖିଲା କାଶ ବହୁଦିନ ଧରି ଲାଗି ରହିବା ତଥା ରକ୍ତହ୍ରାସ ପାଇବା, ନିମୋନିଆ ଯକ୍ଷ୍ମା ଆଦି ଏହାର ଲକ୍ଷଣ। ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଏଲିଶା ଟେଷ୍ଟ, ୱେଷ୍ଟର୍ଣ୍ଣ ବ୍ଲଡ୍ କିଟ୍ ଟେଷ୍ଟ, ରିଆ ଟେଷ୍ଟ ଆଦି କରାଇପାରିବେ। ଏହାବାଦ୍ ସମ୍ପ୍ରତି ଭିସିସିଟିସି ଜରିଆରେ ଟେଷ୍ଟ କରିବା ସୁବିଧାଜନକ ହୋଇଛି। ଏହାର ପ୍ରତିକାର ସଦୃଶ ଯୌନ ସମ୍ପର୍କ ସମୟରେ ନିରୋଧ ବ୍ୟବହାର କରିବା, ଉପଯୁକ୍ତ ପରିଶୋଧିତ ସିରିଞ୍ଜରେ ଇଞ୍ଜେକ୍ସନ ନେବା, ସେଲୁନ୍‌ରେ ଗୋଟ ବ୍ଲେଡ୍‌ରେ ଖିଅର ନ ହେବା, ସଂକ୍ରମିତ ରୋଗୀ ଗର୍ଭଧାରଣ ନ କରିବା, ଡ୍ରଗ୍ସ ବ୍ୟବହାର ବନ୍ଦ କରିବା ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ■

SIKSHA 'O' ANUSANDHAN
DEEMED TO BE UNIVERSITY
BHUBANESWAR, ODISHA, INDIA



nirf
INDIA RANKINGS 2023
15th in University Category
16th in Medical Category
27th in Engineering Category
9th in Dental Category
8th in Law Category
57th in Management Category

AICTE UGC NMC INC PCI BCI
DCI VCI NBA ICAR NABH NABL

Accredited By NAAC with Highest A++ Grade
Category - 1 Graded Autonomy Status
UGC 12(B) Status
SIRO Recognized by DSIR, Govt. of India

THE WORLD UNIVERSITY RANKINGS
Rank 801-1000
World University Rankings, 2024
Rank 301-400
in Engineering & Technology and Computer Science, 2023
Rank 801+
In Health Sciences, 2023
(Clinical, Pre-clinical and Health Science category)
Rank 301-350
Times Asia University Rankings, 2023
Rank 301-350
Times Young University Rankings, 2023
Rank 501+
Emerging Economies University Rankings, 2022

QS WORLD UNIVERSITY RANKINGS
Rank 1001-1200
QS World University Rankings, 2023
Rank 451-500
QS Asia University Rankings, 2023
Diamond University
Rating by QS I-GAUGE for outstanding performance
Institution of Happiness
Recognized by QS I-GAUGE

FACULTIES
- Engineering and Technology
- Medical Sciences
- Dental Sciences
- Management Sciences
- Pharmaceutical Sciences & Biotechnology
- Nursing
- Hospitality & Tourism Management
- Legal Studies
- Agricultural Sciences
- Veterinary Science & Animal Husbandry

MAJOR INTERNATIONAL COLLABORATIONS
Tribhuvan University Nepal
University of Reading United Kingdom
Mayo Clinic USA
The Bindura University of Science Education, Zimbabwe
New Jersey Institute of Technology, USA
NHA Trang University, Vietnam
Asia Pacific University of Technology & Innovation, Malaysia
Makerere University, Uganda
Earth Network Inc, USA
University of Wisconsin Madison, USA

Member of Association of Universities (AIU)
Member of Indian Institution of Industrial Engineering (IIIE)
Member of American Society of Mechanical Engineering (ASME)
Member of American Society of Civil Engineers (ASCE)
Member of Institute of Electricals & Electronics Engineering (IEEE)
Member of the Computer Society of India (CSI)
Member of the Institute of Engineering and Technology (IET)
Member of Indian Medical Association (IMA)

www.soa.ac.in

DSPL-430

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଏଡ୍‌ସ ଦିବସ
ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ଆମେ ପାଳନ କରୁଛୁ। ବିଗତ ବର୍ଷଗୁଡ଼ିକର ସଫଳ ପ୍ରୟାସ ଏ ଦିଗରେ ଆଜି ଆମର ମନୋବଳ ବୃଦ୍ଧି କରୁଛି ଏବଂ ଆଗାମୀ ଦିନରେ ଆମର ପ୍ରୟାସକୁ ଆହୁରି ବ୍ୟାପକ କରିବା ପାଇଁ ଉତ୍ସାହ ଦେଉଛି।

ଏଚ.ଆଇ.ଭି.ର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା, ଘୃଣା ଓ ଭେଦଭାବକୁ ଦୂର କରିବା ଏବଂ ସଂକ୍ରମିତ ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବାର ଆବଶ୍ୟକତା ରହିଛି।

ଏହି ଅଭିଯାନରେ ବିଭିନ୍ନ ଗୋଷ୍ଠୀଙ୍କ ନେତୃତ୍ୱ, ସେମାନଙ୍କ ନୂତନ ଚିନ୍ତାଧାରା, ସଚେତନତାର ଅଭିନବ ଉଦ୍ୟମ ଆଗାମୀ ଦିନରେ ଏହି ମହାମାରୀର ନିରାକରଣରେ ନିଶ୍ଚୟ ଅଧିକରୁ ଅଧିକ ସହାୟକ ହେବ। ବୃହତ୍ତର ଓ ସଂଘବଦ୍ଧ ସଚେତନତାରେ ସଫଳତା ଆହୁରି ବ୍ୟାପକ ହେବ।

ଆଜି ବିଶ୍ୱ ଏଡ୍‌ସ ଦିବସ ଅବସରରେ ଓଡ଼ିଶାକୁ ଏକ ସୁସ୍ଥ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ମୁଁ ଆହ୍ୱାନ କରୁଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

ଶ୍ରୀ ନିରଞ୍ଜନ ପୂଜାରୀ
ମନ୍ତ୍ରୀ
ସଂସଦୀୟ ବ୍ୟାପାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

ବାର୍ତ୍ତା

ଆଜି ବିଶ୍ୱ ଏଡ୍‌ସ ଦିବସ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ବିରୁଦ୍ଧରେ ଆମର ଲଢ଼େଇ ଆଜି ବହୁମାତ୍ରାରେ ଫଳବତୀ ହୋଇଥିବା ବେଳେ ରୋଗରୁ ମୁକ୍ତ ହେବାର ବିପୁଳ ସମ୍ଭାବନା ଆଡ଼କୁ ଆମେ ଅଗ୍ରସର ହେବା ଆରମ୍ଭ କରିସାରିଛେ। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସଂଘର୍ଷ ଜାରି ରହିଛି।

ଏହି ସଂକ୍ରମଣ ବିରୁଦ୍ଧ ଲଢ଼େଇରେ ବିଜୟ ଆମର ବୋଲି ଏବେ ଆମେ ସମ୍ପୂର୍ଣ୍ଣ ଆଶାବାଦୀ। ତେବେ ଏବେ ସଚେତନତା ଓ ସଂଗ୍ରାମରେ ଗୋଷ୍ଠୀ ବା ସଂଘର ଭାଗିଦାରି ଦ୍ୱାରା ଏହି ଯୁଦ୍ଧରେ ଆମେ ଜୟଲାଭ କରିପାରିବା।

'ମୁଁ ରୁ ଆମେ' କୁ ଆସି ଆମେ ପରିବ୍ୟାପ୍ତ ହେବା। ଜଣେ ସଚେତନ ନାଗରିକ ଭାବେ ନିଜର ରକ୍ତ ପରୀକ୍ଷା କରାଇ ନିଜର ସ୍ଥିତି ବିଷୟରେ ଜାଣିବା। ଆସନ୍ତୁ ଏହି ଲଢ଼େଇରେ ଯେଉଁମାନେ ଆଗ ଧାଡ଼ିରେ ଅଛନ୍ତି ସେମାନଙ୍କୁ ସମର୍ଥନ କରିବା ଏବଂ କେହି ଯେପରି ପଛରେ ରହି ନ ଯାଆନ୍ତି ସେଥିପ୍ରତି ଧ୍ୟାନ ଦେବା। ସମାଜକୁ ମହାମାରୀ ବିରୁଦ୍ଧରେ ଆହୁରି ସଂଗଠିତ କରିବାକୁ ସଂକଳ୍ପ ନେବା।

ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଆଗାମୀ ଦିନରେ ଏଡ୍‌ସ ମୁକ୍ତ ସ୍ୱପ୍ନକୁ ସାକାର କରିବା ଏବଂ ଏଡ୍‌ସ ମୁକ୍ତ ଆଗାମୀ ପିଢ଼ିର ସ୍ୱପ୍ନକୁ ସାକାର କରିବା।

ନିରଞ୍ଜନ ପୂଜାରୀ
(ନିରଞ୍ଜନ ପୂଜାରୀ)

OIPR-10009/13/0006/2324

ଭାରାକ୍ରାନ୍ତ ହିମାଳୟ

ସୌଭାଗ୍ୟ ସୁନ୍ଦରରାୟ
କଟକ, ମୋ: ୯୪୩୭୨୨୯୨୩୩

୧୭ ଦିନ ପରେ ଉତ୍ତରକାଶୀର ସିଲ୍‌କୟାରା ସୁଡ଼ଙ୍ଗ ମଧ୍ୟରୁ ଉଦ୍ଧାର ହେଲେ ୪୧ ଜଣ ଶ୍ରମିକ। ପରିଶେଷରେ ହସ୍ତ କଳା ନୈପୁଣ୍ୟର ବିଜୟ ହେଲା, ବୈଷୟିକ କୌଶଳ ହାର ମାନିଲା। ଟ୍ରେଞ୍ଚଲେସ୍ ଇଞ୍ଜିନିୟରିଂ ସର୍ଭିସ ପକ୍ଷରୁ ନିୟୋଜିତ ଉତ୍ତରପ୍ରଦେଶ ଝାନ୍‌ସୀ ଅଞ୍ଚଳର ୬ ଜଣ ସିଦ୍ଧି ଗର୍ତ୍ତକାରୀ ଦଳ ମାତ୍ର ୨୪ ଘଣ୍ଟାରେ ୧୨ ମିଟର ପ୍ରସ୍ତର ଖନନ କରି ଫସି ରହିଥିବା ଶ୍ରମିକଙ୍କ ନିକଟରେ ପହଞ୍ଚିଥିଲେ। ଫଳରେ ୪୧ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲା। ଏହା ଦେଶ ପାଇଁ ଏକ ବିରାଟ ସଫଳତା ହୋଇପାରେ, କିନ୍ତୁ ବିଜୟ ଉତ୍ସବ ପାଳନ କରିବାର ସମୟ ନୁହେଁ। ସିଲ୍‌କୟାରା ସୁଡ଼ଙ୍ଗର ୪୧ ଜୀବନ ସିନା ଆମେ ବଞ୍ଚାଇ ଦେଲେ, କିନ୍ତୁ ୨୦୨୩ ମସିହାରେ ଯୋଶୀମଠ ଆକସ୍ମିକ ବନ୍ୟାରେ ଯେଉଁ ଶତାଧିକ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଲା ସେମାନଙ୍କୁ ତ ରକ୍ଷା କରିପାରିଲେ ନାହିଁ। ଏ ପ୍ରଶ୍ନର ଉତ୍ତର କିଏ ଦେବ? ହିମାଳୟ ପାର୍ବତ୍ୟମାଳରେ ଅତ୍ୟଧିକ ମାନବୀୟ ହସ୍ତକ୍ଷେପ ହିଁ ଏ ପ୍ରଶ୍ନର ଉତ୍ତର।

୨୦୨୩ ମସିହାରେ ଘଟିଲା ଯୋଶୀମଠ ବିପର୍ଯ୍ୟୟ। ଉତ୍ତରାଖଣ୍ଡ ରାଜ୍ୟର ଚାମୋଲୀ ଜିଲ୍ଲା ଅନ୍ତର୍ଗତ ହିମାଳୟ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଯୋଶୀମଠ ଏକ ମ୍ୟୁନିସିପାଲିଟି ଅଞ୍ଚଳ। ୨୦୧୧ ଜନଗଣନା ଅନୁଯାୟୀ ଏହି ସହରର ଜନସଂଖ୍ୟା ପ୍ରାୟ ୧୬, ୦୭୯ ଓ ପରିବାର ସଂଖ୍ୟା ୩୮୯୮। ସମୁଦ୍ର ପତନଠାରୁ ପ୍ରାୟ ୬୧୫୦ ମିଟର ଉଚ୍ଚତାରେ ଥିବା ଯୋଶୀମଠ ଅଞ୍ଚଳଟି ଏବେ ସର୍ବତ୍ର ଚର୍ଚ୍ଚାର ବିଷୟ ପାଲଟିଛି। କାରଣ ଏହି ସ୍ଥାନଟି ଦବିଯାଉଛି। ଏଥିଯୋଗୁଁ ବହୁ ଘରେ ଫାଟ ସୃଷ୍ଟି ହେବା ସହ ଭୂସ୍ତର ଓ ଚାଷଜମିରେ ମଧ୍ୟ ଫାଟ ଦେଖାଦେଇଛି। ବିଭିନ୍ନ ସମୟରେ ବଡ଼ ଶବ୍ଦ ହେଉଛି। ଏହି ଭୂ-ସ୍ତରୀୟ ପରିବର୍ତ୍ତନରେ ଯୋଶୀମଠ ବାସିନ୍ଦା ଏବେ ଅଣନିଃଶ୍ୱାସୀ ଓ ଭୟଭୀତ। ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ସେମାନଙ୍କ ଥଇଥାନ ଓ ନିର୍ମାଣାଧୀନ ପ୍ରକଳ୍ପ ବନ୍ଦ ପାଇଁ ଦାବି ଉଠାଉଛନ୍ତି। ପ୍ରଶାସନ ମଧ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ପାଇଁ ଏଠାରେ ବନ୍ଦ ରଖିଛନ୍ତି।

ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ହିମାଳୟର ଜୈବ ବିବିଧତା ଅତି ସମ୍ବେଦନଶୀଳ। ସେହିପରି ହିମାଳୟର ବୟସ ମଧ୍ୟ ବେଶି ନୁହେଁ। ହିମାଳୟ ଏକ କନିଷ୍ଠ ପର୍ବତମାଳା ଭାବେ ବିବେଚିତ ହୋଇଥାଏ। ଭାରତ ଓ ୟୁରେସିଆର ଦୁଇଟି ବଡ଼ ଭୂଖଣ୍ଡର ଚଳନ ଓ ଧକ୍କା ଦ୍ୱାରା ପ୍ରାୟ ୫୦ ନିୟୁତ ବର୍ଷ ପୂର୍ବେ ହିମାଳୟ ପର୍ବତମାଳାର ସୃଷ୍ଟି ବୋଲି ଭୂତତ୍ତ୍ୱବିତ୍ ମତ ଦିଅନ୍ତି। କନିଷ୍ଠତା ଯୋଗୁଁ ଏହାର ଭୂସ୍ତର ସେତେଟା ଟାଣ ହୋଇନାହିଁ। ଏହା ନମନୀୟ ଓ ଭଙ୍ଗୁର ଅବସ୍ଥାରେ ରହିଛି। ଏହି ପରିସ୍ଥିତିରେ ହିମାଳୟରେ ମନୁଷ୍ୟକୃତ କାର୍ଯ୍ୟକଳାପ ଏ ଅଞ୍ଚଳ ପାଇଁ ଅଧିକ ବିପର୍ଯ୍ୟୟ ସୃଷ୍ଟି କରିଛି। ଯୋଶୀମଠ ଅଞ୍ଚଳଟି ଯେ ଏବେ ଦବୁଛି ତା' ନୁହେଁ, ଏ ପରିସ୍ଥିତି ଅନେକ ଦିନ ତଳୁ ଲକ୍ଷ୍ୟ କରାଗଲାଣି। ଦବିବାର କାରଣ ସମ୍ପର୍କରେ ଅନୁଧ୍ୟାନ ପାଇଁ ୧୯୬୪ ମସିହାରେ ତତ୍କାଳୀନ ଗଢ଼ୱାଲ ଜିଲ୍ଲାପାଳ ଏମ.ସି ମିଶ୍ରଙ୍କୁ ସରକାର ନିଯୁକ୍ତ କରିଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ୧୮ ଜଣିଆ ସଦସ୍ୟବିଶିଷ୍ଟ କମିଟି ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ଉଲ୍ଲେଖ ଥିଲା ଯେ, ଯୋଶୀମଠ ଅଞ୍ଚଳ ଏକ ପୁରାତନ ଭୂସ୍ଖଳନ ଅଞ୍ଚଳରେ ଅବସ୍ଥିତ। ତେଣୁ ଏ ଅଞ୍ଚଳର ଆଖପାଖରେ ବ୍ୟାପକ ବିକାଶମୂଳକ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ। ଏହା ମଧ୍ୟରେ ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ପ୍ରଭାବିତ। ହିମାଳୟ ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହ ମନୁଷ୍ୟକୃତ ହସ୍ତକ୍ଷେପ କେବଳ ଯୋଶୀମଠ ନୁହେଁ, ସମଗ୍ର ହିମାଳୟକୁ ଆକ୍ରାନ୍ତ କରିବାର ଆଶଙ୍କା ସୃଷ୍ଟି ହୋଇଛି।

ଯୋଶୀମଠ ଓ ତପୋବନ ଅଞ୍ଚଳରେ ଏକାଧିକ ଜଳବିଦ୍ୟୁତ ପ୍ରକଳ୍ପକୁ ଅନୁମୋଦନ ଦିଆଗଲା। ଏହି ପ୍ରକଳ୍ପକୁ କିପରି ମଞ୍ଜୁରୀ ପ୍ରଦାନ କରାଗଲା ବୋଲି ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ ପ୍ରଶ୍ନ ଉଠାଇଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ଯେଉଁ ଘରୋଇ ସଂସ୍ଥା ଏହି ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ସର୍ବେକ୍ଷଣ କାର୍ଯ୍ୟ କରିଥିଲା, ସଂପୃକ୍ତ ସଂସ୍ଥା ଏ ଅଞ୍ଚଳର ସମ୍ବେଦନଶୀନ ଭୂତାତ୍ତ୍ୱିକ ଅବସ୍ଥାକୁ ବିଚାରକୁ ନେଇ ନାହାନ୍ତି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ଟନେଲ ନିର୍ମାଣ ଅପରିହାର୍ଯ୍ୟ। ବିସ୍ଫୋରଣ ଦ୍ୱାରା ପାହାଡ଼ ଫଟାଯାଇ ଏହି ଟନେଲ ନିର୍ମାଣ କରାଯାଉଛି। ଟନେଲର ସଂଯୋଗୀକରଣ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଭୂସ୍ତରରେ କମ୍ପନ ସୃଷ୍ଟି ହେବା ସହ ଚାପ ବୃଦ୍ଧି ପାଉଛି। ଟନେଲ ନିର୍ମାଣ ପ୍ରକ୍ରିୟାରେ ଜଳଧାରଣ କରୁଥିବା ଭୂସ୍ତରରେ ରନ୍ଧ୍ର ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ସମୟରେ ଚାପ ଯୋଗୁଁ ନିମ୍ନ ଜଳ ପଦାକୁ ଫୁଟି ବାହାରି ବନ୍ୟା ପରି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ଅଞ୍ଚଳଟି ମଧ୍ୟ ଭୂକମ୍ପ ପ୍ରବଣ ଜୋନ-୫ ଅନ୍ତର୍ଭୁକ୍ତ।

ପରିବେଶ ପରିବର୍ତ୍ତନ ସଂକ୍ରାନ୍ତ ଆନ୍ତଃସରକାର ପ୍ୟାନେଲ (ଆଇପିସିସି) ବାରମ୍ବାର ହିମାଳୟ ଜୈବ ବିବଧତା ସମ୍ପର୍କରେ ନିଜ ରିପୋର୍ଟ ଉଲ୍ଲେଖ କରି ସତର୍କ କରାଇ ଆସୁଛି। ବିଶ୍ୱର ଏକ କନିଷ୍ଠ ପର୍ବତମାଳା ଭାବେ ହିମାଳୟ ନମନୀୟ ଓ ଅସ୍ଥିର ଅବସ୍ଥାରେ ରହିଛି। ଜଳବାୟୁରେ ସାମାନ୍ୟ ପରିବର୍ତ୍ତନ ପାର୍ବତ୍ୟଞ୍ଚଳକୁ ବ୍ୟାପକ ଭାବେ ଆକ୍ରାନ୍ତ କରିବ ବୋଲି ଚେତାଇ ଦେଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ତରାଖଣ୍ଡରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେଉଥିବା ଲକ୍ଷ୍ୟ କରାଗଲାଣି। ୨୦୨୧ ମସିହା ଫେବୃୟାରୀ ମାସରେ ବରଫ ସ୍ଖଳନ ଘଟି ଗଙ୍ଗାର ୨ଟି ଉପନଦୀ ଋଷିଗଙ୍ଗା ଓ ଧଉଳିଗଙ୍ଗାରେ ପ୍ରବଳ ବନ୍ୟା ଆସି ବ୍ୟାପକ ଧନଜୀବନ ହାନି ଘଟିଥିଲା। ଏଥିରେ ପ୍ରାୟ ୨୦୦ ଲୋକଙ୍କର ଜୀବନ ଯାଇଥିଲା। ସେହିପରି ଜୁଲାଇ ମାସରେ ପ୍ରବଳ ବର୍ଷା ଯୋଗୁଁ ଯୋଶୀମଠ ନିକଟବର୍ତ୍ତୀ ଧନଧରିଆ ନିକଟରେ ଏକ ପାହାଡ଼ ଅଂଶ ଦବି ଯାଇଥିଲା। କେବଳ ୨୦୨୧ ମସିହାରେ ରାଜ୍ୟରେ ବାଦଲଫଟା ବର୍ଷା, ପ୍ରବଳ ବୃଷ୍ଟିପାତ, ଭୂସ୍ଖଳନ, ତୁଷାର ସ୍ଖଳନ, ଆକସ୍ମିକ ବନ୍ୟା ଆଦି ୨୩ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିଛି ବୋଲି ଉତ୍ତରାଖଣ୍ଡ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ରିପୋର୍ଟରୁ ଜଣାଯାଏ।

ଏପ୍ରକାର ପରିସ୍ଥିତିରେ ହିମାଳୟ ଅଞ୍ଚଳରେ ଚାଲିଛି ଭିତ୍ତିଭୂମି ବିକାଶ କାର୍ଯ୍ୟ। ଏଥିପାଇଁ ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ପାହାଡ଼ ଖୋଳାଯାଉଛି, ଗଛ କଟାଯାଉଛି। ଫଳରେ ଗଛ ସଂଖ୍ୟା ହ୍ରାସ ପାଉଛି। ହିମାଳୟ ପାର୍ବତ୍ୟାଞ୍ଚଳରେ କମ୍ପନ ସୃଷ୍ଟି ହେଉଛି। ଏହାର ବିଭିନ୍ନ ଭୂ-ସ୍ତର ଦୁର୍ବଳ ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ଚାରଧାମକୁ ପର୍ଯ୍ୟଟକ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିବ। ଫଳରେ ଏହି ଧାର୍ମିକ କ୍ଷେତ୍ରରେ ଚାପ ବୃଦ୍ଧି ପାଇବ। ଏସମସ୍ତ କାର୍ଯ୍ୟର ସିଧାସଳଖ ପ୍ରତିକୂଳ ପ୍ରଭାବ ସ୍ଥାନୀୟ ପରିବେଶ ଉପରେ ପଡ଼ିବ। ଏହି ପରିବେଶ ଅବକ୍ଷୟ ପ୍ରକ୍ରିୟାକୁ ଦ୍ୱିଗୁଣିତ କରୁଛି ଜଳବାୟୁ ପରିବର୍ତ୍ତନ।

ଗଙ୍ଗୋତ୍ରୀ, ଯମୁନୋତ୍ରୀ, କେଦାରନାଥ ଓ ବଦ୍ରିନାଥ ଆଦି ଚାରଧାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ୨୦୧୬ ମସିହାରେ କାର୍ଯ୍ୟ ଆରମ୍ଭ କଲେ। ଏହି ପ୍ରକଳ୍ପରେ ରାସ୍ତା ଚଉଡ଼ା କରାଯିବାର ବ୍ୟବସ୍ଥା ରହିଲା। ଏହାକୁ ପରିବେଶବିତ୍ ବିରୋଧ କଲେ। ମାମଲା ସୁପ୍ରିମକୋର୍ଟକୁ ଗଲା। ହିମାଳୟ ପାର୍ବତ୍ୟଞ୍ଚଳର ଜୈବ ବିବିଧତା ସମ୍ବେଦନଶୀଳ ହୋଇଥିବାରୁ ରାସ୍ତା ଓସାର ୫.୫ ମିଟରରେ ସୀମିତ ରଖିବା ପାଇଁ ପରିବେଶବିତ୍ ଦାବି କଲେ। କିନ୍ତୁ ପ୍ରତିରକ୍ଷା ଦୃଷ୍ଟିକୋଣରୁ ଏହି ରାସ୍ତା ଓସାର ୧୦ ମିଟର କରିବା ପାଇଁ ସରକାର ଚାହିଁଲେ। କାରଣ ଏହାଦ୍ୱାରା ପ୍ରତିରକ୍ଷା ବିଭାଗର ବଡ଼ ଗାଡ଼ିଗୁଡ଼ିକ ସହଜରେ ଯାଇପାରିବ ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଲେ। ଏହି ଦ୍ୱନ୍ଦ୍ୱ ମଧ୍ୟରେ ସୁପ୍ରିମକୋର୍ଟ ୨୬ ସଦସ୍ୟବିଶିଷ୍ଟ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କଲେ। ଏହାର ଅଧ୍ୟକ୍ଷ ରହିଲେ ପରିବେଶବିତ୍ ରବି ଚୋପ୍ରା। କମିଟିର ସଂଖ୍ୟାଗରିଷ୍ଠ ସଦସ୍ୟ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ରାସ୍ତା ଓସାର ୧୦ ମିଟର କରାଯିବାକୁ ମତ ଦେଇଥିଲେ। କିନ୍ତୁ ଚୋପ୍ରାଙ୍କ ସମେତ ଆଉ ୪ ଜଣ ସଦସ୍ୟ ଏହା ବିରୋଧରେ ମତ ଦେଇଥିଲେ। ତେବେ ସଂଖ୍ୟାଗରିଷ୍ଠ ମତକୁ ଗ୍ରହଣ କରି ଅଦାଲତ ୨୦୨୧ ମସିହା ଡିସେମ୍ବର ମାସରେ ରାସ୍ତା ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ୯୦୦ କିଲୋମିଟର ବିଶିଷ୍ଟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ପରବର୍ତ୍ତୀ ସମୟରେ ଚୋପ୍ରା ଉଚ୍ଚସ୍ତରୀୟ କମିଟିରୁ ଇସ୍ତଫା ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୨୦୦୦ କୋଟି ଟଙ୍କା ବ୍ୟୟ କରାଯାଉଛି। ଇତିମଧ୍ୟରେ ୭୦୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଜଣାଯାଇଛି। ଚାରଧାମ ରାସ୍ତାରେ ପ୍ରାୟ ୩୦ରୁ ଅଧିକ ସୁଡ଼ଙ୍ଗ ଖନନର ପ୍ରସ୍ତାବ ରହିଛି। ଏଠାରେ ୨୦୧୩ ମସିହାର କେଦାରନାଥ ବିପର୍ଯ୍ୟୟ କଥା ମନେପଡ଼େ। ବାଦଲଫଟା ବର୍ଷାରେ କେଦାରନାଥ ମନ୍ଦିର କ୍ଷତିଗ୍ରସ୍ତ ହେବା ସହ ବିପୁଳ ଧନଜୀବନ କ୍ଷତି ହୋଇଥିଲା। ଏହାର ପୁନରୁଦ୍ଧାର ନିମନ୍ତେ ସରକାରଙ୍କୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିଥିଲା। ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଇପାରେ।

ଭିତ୍ତିଭୂମି ବିକାଶ, ଦେଶର ନିରାପତ୍ତା ନିମନ୍ତେ ହିମାଳୟ ପରି କନିଷ୍ଠ ପର୍ବତମାଳାରେ ଅତ୍ୟଧିକ ମାନବୀୟ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। କେବଳ ଏନଆଇଟି, ଆଇଆଇଟି ବୈଷୟିକବିତ୍‌ଙ୍କ ପରାମର୍ଶରେ ଦେଶର ଭିତ୍ତିଭୂମି ଛାଡ଼ି ଦିଆଯିବା ଉଚିତ୍ ନୁହେଁ। ସିଲ୍‌କୟାରା କ୍ଷେତ୍ରରେ ବୈଷୟିକବିତ୍‌ଙ୍କ ବୁଦ୍ଧି ହଜିଲା କେଉଁଠି? ପ୍ରକୃତିର ଜଟିଳ ବ୍ୟବସ୍ଥା ନିକଟରେ ଆମେରିକାର ଅଗର ମେସିନ ହାର ମାନିଲା। କିନ୍ତୁ କୋମଳ ହାତର ସ୍ପର୍ଶରେ ଏହାର ଖନନ ହୋଇପାରିଲା। ଏଣୁ ହିମାଳୟର ପ୍ରତିପାଳନ ନିମନ୍ତେ କୋମଳ ହାତ ଓ ମନର ଆବଶ୍ୟକତା ରହିଛି। ■



ବିଶ୍ୱାସ ମୂଳେ ଏ ଜଗତ

ତ୍ରିଲୋଚନ ପ୍ରସାଦ ସାହୁ
ଭୁବନେଶ୍ୱର,
ମୋ: ୬୩୭୧୬୭୧୪୮୯

'ବିଶ୍ୱାସ' ଈଶ୍ୱର ପ୍ରଦତ୍ତ ଏକ ସହଜାତ ପ୍ରବୃତ୍ତି, ଯାହା ବିନା ପରିପୂର୍ଣ୍ଣତା ଅସମ୍ଭବ। 'ବିଶ୍ୱାସ' ଓ ନିଃଶ୍ୱାସ ଏକାପରି, ଯାହା ଚାଲିଗଲେ ଆଉ ଫେରେନି। ମଣିଷ ମାତୃଗର୍ଭରୁ ଜନ୍ମ ହେବା ପରେ, ଯେତେବେଳେ ତା'ର ହେତୁ ଆସେ ଓ ସେ ସବୁ ଜାଣିବାକୁ ଚେଷ୍ଟା କରେ, ପ୍ରଥମ ସୋପାନରେ ସେ ତା'ର ଜନ୍ମଦାତ୍ରୀ ମାଆ ଉପରେ ତା'ର ବିଶ୍ୱାସ ସ୍ଥାପନ କରେ ଏବଂ ସେଇ ମାଆର କଥା ଉପରେ ବିଶ୍ୱାସ କରି ବାପା, ଭାଇ, ଭଉଣୀ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଗ୍ରହଣ କରିଥାଏ। ବୟସ ବଢ଼ିବା ସଂଗେ ସଂଗେ ଏଇ ବିଶ୍ୱାସ କ୍ରମେ ବ୍ୟାପକ ହୋଇ ଶିକ୍ଷାଦାତା ଗୁରୁ ଓ ସମାଜର କିଛି ଆଦର୍ଶ ଲୋକମାନଙ୍କ ଆଡ଼କୁ ପ୍ରସାରିତ ହୋଇଥାଏ। ଆଉ ମଧ୍ୟ ନିଜ କାର୍ଯ୍ୟରୁ ଲଭିଥିବା ଫଳ, ନିଜ ଆଖିରେ ଦେଖିଥିବା ଦୃଶ୍ୟ ଓ ଅନୁଭୂତିରୁ ମଧ୍ୟ ଏ ବିଶ୍ୱାସ ସୃଷ୍ଟି ହୋଇଥାଏ। ଏଇ ବିଶ୍ୱାସ ଜୀବନ ସହିତ ଏତେମାତ୍ରାରେ ଜଡ଼ିତ ହୋଇଯାଏ ଯେ ପ୍ରତ୍ୟେକ ପଦକ୍ଷେପରେ ପ୍ରତ୍ୟେକ କାର୍ଯ୍ୟରେ ଓ ପ୍ରତ୍ୟେକ ଚିନ୍ତାରେ ତା'କୁ ହିଁ ପାଥେୟ କରି ଆଗକୁ ବଢ଼େ। ଏମିତିକି ନିଜର ଖାଦ୍ୟ, ପାନୀୟ, ପୋଷାକ ପତ୍ର, ଶିକ୍ଷା, ଦୀକ୍ଷା ଓ ଆଚରଣକୁ ବିଶ୍ୱାସ ଅନୁଯାୟୀ ଆଦରି ନେଇଥାଏ। ପ୍ରକୃତରେ ଏଇ ବିଶ୍ୱାସ ମଣିଷକୁ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଆଉ ଏକ କଥା ହେଲା ଆତ୍ମବିଶ୍ୱାସ, ଅର୍ଥାତ୍ ନିଜ ଉପରେ ବିଶ୍ୱାସ କରିବା। ନିଜ ଉପରେ ବିଶ୍ୱାସ ନ ରହିଲେ କୌଣସି କାର୍ଯ୍ୟରେ ସଫଳତା ମିଳେ ନାହିଁ। ଉଦାହରଣ ସ୍ୱରୂପ ଯେତେବେଳେ ଜାମ୍ବୁବାନ ଆଦି ବାନର ବୀରମାନେ ସୀତାଙ୍କୁ ଠାବ କରିବା ପାଇଁ ସାତସମୁଦ୍ର ଲଙ୍ଘିବାକୁ ହନୁମାନଙ୍କୁ କହିଲେ, ହନୁମାନ! ତୁମେ ହିଁ ଏକମାତ୍ର ବୀର ଯେକି ସାତ ସମୁଦ୍ରକୁ ଲଂଘି ପାରିବ। ତା'ପରେ ହନୁମାନ ନିଜ ଉପରେ ବିଶ୍ୱାସ ବୃଦ୍ଧି କରି ଶ୍ରୀରାମଙ୍କ ନାମ ଉଚ୍ଚାରଣ କରି ସାତ ସମୁଦ୍ର ଲଂଘି ଲଙ୍କାରେ ପହଞ୍ଚିଥିଲେ। ଏଇ ବିଶ୍ୱାସ ବି କିଛି ମହତ ଲୋକଙ୍କ ମାଧ୍ୟମରେ ବୃଦ୍ଧି ପାଇଥାଏ। ଯେମିତିକି ଧ୍ରୁବ ବି ମାତାଙ୍କ ଦ୍ୱାରା ଅପମାନିତ ହେବା ପରେ ନିଜ ମାଆଙ୍କ କଥା ଉପରେ ବିଶ୍ୱାସ କରି ନିଜ ପ୍ରକୃତ ସାଥୀ ଖୋଜିବାକୁ ବଣକୁ ଚାଲି ଯାଇଥିଲେ ଏବଂ ପରମେଶ୍ୱରଙ୍କୁ ଲାଭ କରିଥିଲେ। ପ୍ରହ୍ଲାଦଙ୍କର ମଧ୍ୟ ବିଶ୍ୱାସ ଥିଲା ଯେ ଭଗବାନ ବିଷ୍ଣୁ ଏ ସଚରାଚର ଜଗତରେ ସର୍ବତ୍ର ବିଦ୍ୟମାନ। ସେଥିପାଇଁ ସେ ପିତାଙ୍କୁ କହିଥିଲେ ଖମ୍ବରେ ମଧ୍ୟ ଅଛନ୍ତି ଓ ତା'ପରେ ହିରଣ୍ୟକଶ୍ୟପୁ ଖମ୍ବକୁ ଭଗ୍ନ କରିବା ପରେ ଭଗବାନ ବିଷ୍ଣୁ ସେଇ ଖମ୍ବ ମଧ୍ୟରୁ ଆବିର୍ଭୂତ ହୋଇଥିଲେ। ସେହିପରି ଦସ୍ୟୁ ରତ୍ନାକର ମଧ୍ୟ ପାପରୁ ମୁକ୍ତି ପାଇବା ପାଇଁ ଦେବର୍ଷି ନାରଦଙ୍କ କଥା ଉପରେ ବିଶ୍ୱାସ ରଖି 'ରାମ' 'ରାମ' କହି ନ ପାରି 'ମରା' 'ମରା' ଜପ କରି ସଫଳତା ପାଇଥିଲେ। ଏହିପରି ଭାବରେ ବିଶ୍ୱାସକୁ ନେଇ ପୁରାଣ ଶାସ୍ତ୍ରମାନଙ୍କରେ ବହୁତ କଥା ଶୁଣିବାକୁ ମିଳେ।

ଆଜିର ସମୟରେ ମଧ୍ୟ ବିଶ୍ୱାସକୁ ନେଇ ସମସ୍ତେ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି। ଜଣେ ଛାତ୍ର ତା'ର ଶିକ୍ଷା କ୍ଷେତ୍ରରେ ପହଞ୍ଚିବା ପାଇଁ, ଜଣେ ଚାଷୀ, ଜଣେ ବ୍ୟବସାୟୀ, ଜଣେ ବୈଜ୍ଞାନିକ ସମସ୍ତେ ନିଜ ନିଜ କ୍ଷେତ୍ରରେ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ବିଶ୍ୱାସକୁ ନେଇ ଚାଲିଛନ୍ତି। ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ କେତେ ସାଧୁ, ସନ୍ଥ, ସନ୍ନ୍ୟାସୀ ଈଶ୍ୱରଙ୍କ ସାନିଧ୍ୟ ଲାଭ କରିବା ପାଇଁ ନିଜ ନିଜର ସାଧନା ଉପରେ ବିଶ୍ୱାସ ରଖି ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ଖାଦ୍ୟ, ପାନୀୟ, ନିଦ୍ରାକୁ ତ୍ୟାଗ କରି ତପ ସାଧନାରେ ଲାଗିଥା'ନ୍ତି। ରାମାୟଣର ଶବରୀ ମାତଙ୍ଗ ମୁନିଙ୍କଠାରୁ ଶୁଣିଥିଲା ଯେ ପ୍ରଭୁ ଶ୍ରୀରାମଚନ୍ଦ୍ର ଦିନେ ତାଙ୍କ ଆଶ୍ରମକୁ ଆସିବେ। ଏହି ବିଶ୍ୱାସ ରଖି ସେହିଦିନଠାରୁ ଶବରୀ ପ୍ରତ୍ୟେକ ଦିନ ଆଶ୍ରମଠାରୁ ଖଣ୍ଡେ ଦୂର ପର୍ଯ୍ୟନ୍ତ ରାସ୍ତାକୁ ଓଳାଇ ପାଣି ସିଞ୍ଚ୍ଠଚ ସଫା ସୁତୁରା କରୁଥିଲା। ନାନା ଜାତିର ଫୁଲ ତୋଳି ଆଶ୍ରମକୁ ସଜାଉଥିଲା ଏବଂ ବିଭିନ୍ନ ଫଳ ତୋଳି, ଚାକୁ ଚାଖି ପିତା, କଷା, ଖଟା ଫଳକୁ ଅଲଗା କରି କେବଳ ମିଠା ଓ ସୁସ୍ୱାଦୁ ଫଳକୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପାଇଁ ରଖୁଥିଲା। ଶେଷରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶବରୀର ଭକ୍ତି ଆଉ ଶ୍ରଦ୍ଧାରେ ପ୍ରୀତ ହୋଇ ସେଠାରେ ପହଞ୍ଚି ଥିଲେ ଓ ତା'ର ବିଶ୍ୱାସକୁ ସାକାର କରିଥିଲେ।

କିନ୍ତୁ ଆଜିର ସମାଜରେ ସେ ପୁରାଣ, ଭାଗବତ, ଗୀତାର କଥାକୁ ବିଶ୍ୱାସ କରିବା ଅଭାବ ହୋଇ ଗଲାଣି। ଲୋକେ ସାଧାରଣ ମଣିଷଙ୍କ ଉପରେ ବରଂ ଦୃଢ଼ ବିଶ୍ୱାସ ରଖୁଛନ୍ତି। ଉଦାହରଣ ସ୍ୱରୂପ ଲୋକମାନଙ୍କର ଗାଡ଼ି ଚାଳକ ଉପରେ ଅତୁଟ ବିଶ୍ୱାସ ଥାଏ। ଯାହା ଫଳରେ ସେମାନେ ବସ୍, କାର, ଅଟୋରେ ଯାଇ ନିର୍ଭୟରେ ବସନ୍ତି ଯେ ଚାଳକ ତାଙ୍କୁ ତାଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦେବ। ଦେହ ଖରାପ ସମୟରେ ମଧ୍ୟ ଲୋକେ ଡାକ୍ତରଙ୍କ ଉପରେ ବିଶ୍ୱାସ ରଖନ୍ତି ଏବଂ ଡାକ୍ତର ଯାହା ଔଷଧ ଦିଅନ୍ତି ଦେହ ଭଲ ହୋଇଯିବ ବୋଲି ସେ ଔଷଧକୁ ଖାଇଥା'ନ୍ତି। ଅସ୍ତ୍ରୋପଚାର ସମୟରେ ମଧ୍ୟ ଡାକ୍ତରଙ୍କ ଉପରେ ବିଶ୍ୱାସ ରଖି ନିଜ ଶରୀରକୁ ଡାକ୍ତରଙ୍କ ନିକଟରେ ସମର୍ପି ଦେଇଥା'ନ୍ତି। କିନ୍ତୁ ଆଧ୍ୟାତ୍ମିକ କ୍ଷେତ୍ରରେ କାହିଁକି ଆମର ବିଶ୍ୱାସ ଦୋହଲି ଯାଉଛି।

ପ୍ରକୃତରେ ଦେଖିବାକୁ ଗଲେ ଆଧ୍ୟାତ୍ମିକତା ସହିତ ମଣିଷର ନିଗୂଢ଼ ସମ୍ପର୍କ ସୃଷ୍ଟି ପ୍ରାରମ୍ଭରୁ ରହି ଆସିଛି ଯେ ଈଶ୍ୱର ଅଛନ୍ତି, ତାଙ୍କର ଅଫୁରନ୍ତ ଶକ୍ତି ଅଛି, ଅଲୌକିକତା ଅଛି ଏବଂ ମଣିଷ ଯାହା ନ କରିପାରିବ ତାହା କେବଳ ଈଶ୍ୱର ହିଁ କରିପାରିବେ। ଏଇ ଈଶ୍ୱର ବିଶ୍ୱାସ ପରମ୍ପରା ଆଜି ପର୍ଯ୍ୟନ୍ତ ଗଡ଼ି ଆସୁଛି ଓ ଆସୁଥିବ ମଧ୍ୟ। ହୁଏତ ବିଜ୍ଞାନର ଅଗ୍ରଗତି ଫଳରେ ଲୋକମାନଙ୍କଠାରେ ଈଶ୍ୱର ବିଶ୍ୱାସ ଟିକେ କମିଯାଇଛି ସତ, କିନ୍ତୁ ରହିଛି। କାହିଁକି ନା ବିଜ୍ଞାନର ସମସ୍ତ ଶକ୍ତି ଯେତେବେଳେ ପରାଭୂତ ହୁଏ, ସେତିକି ବେଳେ ଆଧ୍ୟାତ୍ମିକତା ଆରମ୍ଭ ହୁଏ ଏବଂ ଯାହା ଦିନ ଦିନ, ମାସ ମାସ ଓ ବର୍ଷ ବର୍ଷ ଧରି ସକଳ ପ୍ରକାର ପ୍ରଚେଷ୍ଟ ସତ୍ତ୍ୱେ ସମ୍ଭବ ହୋଇ ନଥାଏ, ତାହା ନିମିଷ ମାତ୍ରକେ ସମ୍ଭବ ହୋଇଥାଏ। ତାହା ହିଁ ହେଉଛି ଈଶ୍ୱର କୃପା ବା ତାଙ୍କର ଅଲୌକିକତା। ସେଥିପାଇଁ କୁହାଯାଇଛି 'ଦି ଏଣ୍ଟ ଅଫ୍ ସାଇନ୍ସ ଇଜ୍ ସ୍ପିରିଚୁଆଲିଟି' ଅର୍ଥାତ ବିଜ୍ଞାନର ଯେଉଁଠି ଶେଷ ସେଇଠି ଆଧ୍ୟାତ୍ମିକତାର ଆରମ୍ଭ। ଈଶ୍ୱର ଯେ ଅଛନ୍ତି କେବଳ ସେଇ ବିଶ୍ୱାସରେ ଆଜି ସମାଜରେ ଈଶ୍ୱରଙ୍କ ପ୍ରୀତ୍ୟାର୍ଥେ ବିବିଧ କାର୍ଯ୍ୟମାନ କରାଯାଉଛି। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଇତ୍ୟାଦି ନିର୍ମାଣ କରାଯାଉଛି ଏବଂ ସେଥିପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଉଛି। ଏ ହେଲା ଈଶ୍ୱର ବିଶ୍ୱାସ କଥା, କିନ୍ତୁ ବିଶ୍ୱାସ ଅଛି ଓ ରହିବ ମଧ୍ୟ। ବିଶ୍ୱାସ ବିନା ମଣିଷର ସ୍ଥିତି ଅସମ୍ଭବ, ପ୍ରାପ୍ତି ଅସମ୍ଭବ, ପରିପୂର୍ଣ୍ଣତା ମଧ୍ୟ ଅସମ୍ଭବ। ସେଥିପାଇଁ ଏକ ସୁନ୍ଦର କଥା ଅଛି:

ଯେଉଁଠି ବିଶ୍ୱାସ ଅଛି ସେଠି ଭଲପାଇବା ବା ପ୍ରେମ ଅଛି। ଯେଉଁଠି ପ୍ରେମ ଅଛି ସେଠି ଶାନ୍ତି ଅଛି। ଯେଉଁଠି ଶାନ୍ତି ଅଛି ସେଠି ସତ୍ୟ ଅଛି। ଯେଉଁଠି ସତ୍ୟ ଅଛି ସେଠି ଆନନ୍ଦ ଅଛି। ଯେଉଁଠି ଆନନ୍ଦ ଅଛି ସେଠି ଭଗବାନ ଅଛନ୍ତି।

ଏ ଦୁର୍ଲ୍ଲଭ ମଣିଷ ଜନ୍ମର ଲକ୍ଷ୍ୟ ହେଉଛି ସେ ଯେଉଁଠାରୁ ଆସିଥିଲା ପରିଶେଷରେ ସେଇଠାରେ ଯାଇ ପହଞ୍ଚିବ। ତେଣୁ ସେ ଭଗବାନଙ୍କଠାରୁ ଆସିଥିଲା। ପୁଣି ଭଗବାନଙ୍କ ନିକଟରେ ପହଞ୍ଚିବ। ତଦନୁଯାୟୀ ତା'ର ଜୀବନ ଯାତ୍ରାକୁ ବିଶ୍ୱାସନୁଯାଇ ପରିଚାଳିତ କରିବା ଉଚିତ। ■

ଶୁଷ୍କ ମାଟିର ସୁନା

ଡି ଶୁଭମ୍
ଭୁବନେଶ୍ୱର,
ମୋ: ୯୪୩୮୪୬୭୦୭୯

ଏକଦା ଯେଉଁ ପୁଷ୍ଟିଶସ୍ୟକୁ ଲୋକେ ବଜାରରୁ ଘରକୁ ଆଣୁନଥିଲେ ଆଜି ତା' ପାଇଁ ଏକ ଦିଗନ୍ତ ବିସ୍ତାରୀ କାର୍ଯ୍ୟପନ୍ଥା ଓଡ଼ିଶା ସରାକରଙ୍କ ଦ୍ୱାରା କରାଯାଇଛି। ମୋଟ ଉପରେ କହିବାକୁ ଗଲେ ପୁଷ୍ଟିଶସ୍ୟର ସଫଳତାର ଗାଥା ଏବେ କେବଳ ରାଜ୍ୟ ନୁହେଁ ସାରା ବିଶ୍ୱରେ ଗୁଞ୍ଜରିତ ହେଉଛି। ମାଣ୍ଡିଆ କ'ଣ ଓ ଏହାର ଉପକାରିତା କ'ଣ, ଏକଥା ଆଜି ଲୋକମାନଙ୍କୁ ବୁଝାଇବାର ଆବଶ୍ୟକତା ନାହିଁ। ତଥାପି ମାଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ଆଜି ଅନେକ ଜଣ ଜାଣିନାହାନ୍ତି। କାରଣ ଆଗରୁ ମନ ଭିତରେ ରହିଯାଇଥିବା ସେହି ପାରମ୍ପରିକ ଗରିବଙ୍କ ଖାଦ୍ୟର କଥାକୁ ଲୋକେ ଏବେ ବି ଗ୍ରହଣ କରୁନାହାନ୍ତି। ତଥାପି ସମୟ ବଦଳିଛି। ଲୋକଙ୍କ ମଧ୍ୟରେ ମାଣ୍ଡିଆକୁ ନେଇ ଭଲପାଇବା ବି ବଢ଼ିଛି। ଏ ଭଲପାଇବା କେବଳ ପ୍ରାପ୍ତ ବୟସ୍କଙ୍କ ପାଇଁ ନୁହେଁ, ବରଂ ପିଲାଠାରୁ ଯୁବକ ଯାଏଁ ସବୁରି ମନରେ ଏଥିପାଇଁ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ରାଜ୍ୟ ସରକାରଙ୍କ ଏ ଦୂରଦୃଷ୍ଟିସମ୍ପନ୍ନ ମିଶନ ଏବେ ସଫଳତାର ପାଦଦେଶରେ।

ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଚାଷୀ ଓ ଚାଷର କଲ୍ୟାଣ ଦିଗରେ ଗୁରୁତ୍ୱ ଦେଇଆସୁଛନ୍ତି। ରାଜ୍ୟରେ ଚାଷୀଙ୍କ ଉନ୍ନତି ଦିଗରେ ଏବେ ଅନେକ ମିଶନ କାର୍ଯ୍ୟ କରୁଛି। ଫସଲ ବିବିଧୀକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କାଳିଆ, ବଳରାମ, ଗୋ ସୁଗମ, ଆମ କୃଷି ପରି ଅନେକ କିଛି ଏବେ କୃଷି ଓ କୃଷକର ବିକାଶ ଦିଗରେ କାର୍ଯ୍ୟରତ। ଏହାରି ଭିତରେ ମିଲେଟ ମିଶନର ଭାଗିଦାରିତା ବି କିଛି କମ୍ ନୁହେଁ। ଖୁବ କମ ସମୟ ମଧ୍ୟରେ ମାଣ୍ଡିଆ ପାଇଁ ଲୋକଙ୍କ ଭଲ ପାଇବାକୁ ଦ୍ୱିଗୁଣିତ କରିବାରେ 'ମିଲେଟ ମିଶନ'ର କାର୍ଯ୍ୟ ବେଶ ପ୍ରଶଂସନୀୟ। ମା', ମିଲେଟ ଓ ମିଶନ ଶକ୍ତି ଏବେ ରାଜ୍ୟରେ ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ମା'ମାନଙ୍କର ମିଲେଟ ପ୍ରକ୍ରିୟାକରଣ ହେଉ ଅବା ମିଲେଟ ଶକ୍ତି କାଫେ କିମ୍ବା ମାଣ୍ଡିଆ ଚାଷରେ ମହିଳା ସଶକ୍ତୀକରଣ - ଏସବୁ ଏବେ ସାରା ବିଶ୍ୱ ପାଇଁ ଗୋଟିଏ ଗୋଟିଏ ଉଦାହରଣ ହୋଇଛି। କେବଳ ପୁଷ୍ଟିଶସ୍ୟରେ ସୀମିତ ନରହି ମାଣ୍ଡିଆ ଆଜି ଏକ ବିପ୍ଳବ ସୃଷ୍ଟି କରିଛି। ଗତ ନଭେମ୍ବର ୯-୧୦ରେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିଲା ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ। ପ୍ରଥମ ରାଜ୍ୟ ଭାବରେ ସାରା ଭାରତରେ ଓଡ଼ିଶା ଏହି ସମ୍ମିଳିନୀ ଆୟୋଜନ କରି ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ଭାରତ ସହ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗ ଦେଇ ଏହାକୁ ଏକ ନୂଆ ଦିଗ ପ୍ରଦାନ କରିଛନ୍ତି। ସାରା ବିଶ୍ୱ ଏଇ ଦୁଇ ଦିନରେ ଓଡ଼ିଶା ମିଲେଟ୍ସର ଗାଥା ଶୁଣିଲା। ଶୁଷ୍କ ମାଟିର ସୁନା ମାଣ୍ଡିଆ ସମସ୍ତଙ୍କ ହୃଦୟରେ ସ୍ଥାନ ପାଇ ସାରିଛି। ଆପଣ ଜାଣି ଖୁସି ହେବେ ଓଡ଼ିଶା ପ୍ରଥମ ରାଜ୍ୟ ଭାବରେ 'ମାଣ୍ଡିଆ ଦିବସ' ନଭେମ୍ବର ୧୦କୁ ପାଳନ କରୁଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଣ୍ଡିଆକୁ ନେଇ ନୂଆ ପରକଳ୍ପନାଠାରୁ ଆରମ୍ଭ କରି ଯୁବ ଉଦ୍ୟୋଗୀଙ୍କ ମିଲେଟ୍ସ ଷ୍ଟାର୍ଟଅପ ଆଉ ତା'ସହ ବିଶେଷଜ୍ଞମାନଙ୍କ ବୈଷୟିକ କର୍ମଶାଳା ଏ ଦୁଇ ଦିନର ସମ୍ମିଳନୀକୁ ସଫଳତା ଦେଇଛି- ଏହା ନିଃସନ୍ଦେହ। ଯେଉଁ ଲୋକମାନେ ଦିନେ ଚାଇନିଜ ଫାଷ୍ଟଫୁଡ୍‌କୁ ନିଜର ସାଥୀ ଭାବେ ବାଛି ନେଇଥିଲେ ଆଜି ସେମାନଙ୍କ ଖାଦ୍ୟ ପ୍ଲେଟରେ ମାଣ୍ଡିଆ ପରଷାଯାଉଛି। ଏହା ହିଁ ତ ପରିବର୍ତ୍ତନ। ଏକଥାକୁ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ। ରାଜ୍ୟ ସରକାରଙ୍କ ଏ ଦିଗରେ ବଳିଷ୍ଠ ଭୂମିକା ଆଜି ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆକୁ ଆଣିପାରିଛି। ଏକଥା ସତ ଯେ ଲୋକ ମାଣ୍ଡିଆକୁ ଗ୍ରହଣ କରିବାକୁ ସମୟ ନେବେ। କିନ୍ତୁ ସେସମୟ ଆଉ ଦୂର ନୁହେଁ। ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ବି ଲୋକ ଆଜି ଦୋକାନରୁ ମାଣ୍ଡିଆ ଖୋଜି ଘରକୁ ନେଉଛନ୍ତି। ଏ ବିପ୍ଳବର ଆରମ୍ଭ ମାତ୍ର। ମାଣ୍ଡିଆ ନିଶ୍ଚିତ ଭାବରେ ଲୋକଙ୍କ ପାଖରେ ଆଦର ସାଉଁଟିବ, ଏଥିରେ ଦ୍ୱିମତ ନାହିଁ। ■



ଗାର୍ହସ୍ଥ୍ୟ ପ୍ରେମର ମୌଳିକ ଗାଥା: ଲକ୍ଷ୍ମୀ ପୁରାଣ

ଡ. ପ୍ରଫୁଲ୍ଲ କୁମାର ସାହୁ,
ଭଦ୍ରକ, ମୋ: ୬୩୭୧୬୪୨୪୬୪

ମହାଲକ୍ଷ୍ମୀ ଶସ୍ୟର ଦେବୀ। ଅନ୍ନ ଓ ଆନନ୍ଦର ପ୍ରତୀକ। ସେ ସଚରାଚର ଧରିତ୍ରୀର ମା'। ତାଙ୍କ କୃପାରେ ଶସ୍ୟ ସମ୍ପଦରେ ପୂରିଉଠେ ପୃଥିବୀ। ମା' ଲକ୍ଷ୍ମୀଙ୍କର ପ୍ରିୟ ମାସ ହେଉଛି ମାର୍ଗଶୀର ଓ ପ୍ରିୟବାର ହେଉଛି ଗୁରୁବାର। ସେଥିପାଇଁ ମାର୍ଗଶୀର ଆସିଲେ ଚଳଚଞ୍ଚଳ ହୋଇଉଠେ ଉତ୍କଳର ପୁରପଲ୍ଲୀ। ଏତିକି ବେଳେ ଚାଷୀର ଅମଳ କ୍ଷେତରୁ ଖଳାକୁ ଆସେ ଓ ଖଳାରୁ ଯାଇ ଅମାରରେ ସାଇତା ହୋଇ ରହେ ବର୍ଷକ ପାଇଁ। ବର୍ଷସାରା କମାଣିକୁ ମାପିବା ପାଇଁ ମାଣକୁ ମାପକ ଭାବରେ ବ୍ୟବହାର କରେ ଚାଷୀ। ମାଣ ତା' ପାଇଁ ମହାଲକ୍ଷ୍ମୀଙ୍କ ପ୍ରତୀକ। ମାଣ ଦେହରେ ସିନ୍ଦୂର ଚନ୍ଦନ ଓ ହଳଦୀ ବୋଳିଦିଏ ଏବଂ ତାକୁ ସୁସଜ୍ଜିତ ଖଟୁଳିରେ ରଖି ପୂଜାକରେ ପ୍ରତିଟି ଓଡ଼ିଆ। ଏହି ଖଟୁଳି ହେଉଛି ମା' ଲକ୍ଷ୍ମୀଙ୍କ ପୂଜା ମଣ୍ଡପ। ମା'ଙ୍କ ପୂଜା ପାଇଁ ଲୋଡ଼ାପଡ଼େନି ବ୍ରାହ୍ମଣ କି ପୁରୋହିତ। ଆବଶ୍ୟକ ହୁଏନି ବେଦପାଠ ଓ ମନ୍ତ୍ର ଧ୍ୱନି। ମା' କେବଳ ବାନ୍ଧିହୋଇ ପଡ଼ନ୍ତି ଭକ୍ତିରେ, ଭାବରେ, ପ୍ରେମ ଓ ଅନୁରକ୍ତିରେ। ପ୍ରତିଟି ଓଡ଼ିଆଣୀ ସାଜେ ପୂଜାରିଣୀ। ଘରର ଚଟାଣ, କାନ୍ଥ ଓ ଏରୁଣ୍ଡିରେ ପକାଏ ଚିତା। ପଦ୍ମଫୁଲ ଉପରେ ଲକ୍ଷ୍ମୀପାଦ ଆଙ୍କେ ଏବଂ ଅମାର କାନ୍ଥରେ ଝୁଲେଇ ଦିଏ ଧାନ କେଣ୍ଡାର ବେଣୀ। ପୂଜା ମଣ୍ଡପ ପାଖରେ ବସି ଭକ୍ତି ଓ ଶ୍ରଦ୍ଧାରେ ପଢ଼େ ଲକ୍ଷ୍ମୀପୁରାଣ।

ପଞ୍ଚସଖା ସାହିତ୍ୟର ଅଗ୍ରପୂଜ୍ୟ ସନ୍ଥ ବଳରାମ ଦାସ। 'ଲକ୍ଷ୍ମୀ ପୁରାଣ' ତାଙ୍କର ସର୍ବଶ୍ରେଷ୍ଠ କୃତି। ଏହି କ୍ଷୁଦ୍ର ପୁସ୍ତିକାଟିକୁ ପୁରାଣ କୁହାଯାଏ ସତ, ମାତ୍ର ଏହା କିଛି ଉଦ୍ଭଟ କଳ୍ପନାର କଥା ବା ଅବାସ୍ତବ ଜୀବନଗାଥା ନୁହେଁ; ବରଂ ଖାଣ୍ଟି ଓଡ଼ିଆ ଘରର ବିଶ୍ୱସ୍ତ ଅନୁଭୂତିର ଚିତ୍ର। ଓଡ଼ିଆ ଜାତିର ପରିଚିତି। କୃଷି ସଭ୍ୟତାର ଶସ୍ୟ ଦେବୀଙ୍କୁ ନେଇ ସମକାଳୀନ ସାମାଜିକ, ସାଂସ୍କୃତିକ ଓ ଧର୍ମୀୟ ଭିତ୍ତି ଉପରେ ସେ ଏମିତି କାହାଣୀଟିଏ ଗଢ଼ି ଦେଇଛନ୍ତି, ଯାହା ପାରିବାରିକ ଜୀବନକୁ ବାନ୍ଧି ରଖିଛି ଏକ ଭାବନିଷ୍ଠ ଆଚାର ବିଚାର, ଶ୍ରଦ୍ଧା ଓ ସଂପ୍ରୀତିର ବନ୍ଧନ ଭିତରେ। ଓଡ଼ିଶାରେ ପୂର୍ବରୁ ପାଳନ ହେଉଥିବା ଓଷାବ୍ରତ ମଧ୍ୟରୁ ଅନେକ ଏବେ ଅବଲୁପ୍ତ। କିନ୍ତୁ ସମାଜ ଜୀବନ ଯେତେ ଆଗକୁ ଗଲେବି ଆଦୌ ଊଣା ପଡ଼ିନି ପାଞ୍ଚଶହ ବର୍ଷ ପୂର୍ବରୁ ଲେଖାଯାଇଥିବା ଲକ୍ଷ୍ମୀପୁରାଣର ଲୋକପ୍ରିୟତା।

ଲକ୍ଷ୍ମୀପୁରାଣର କାହାଣି ଏମିତି - ସେଦିନ ମାର୍ଗଶୀର ମାସ ଗୁରୁବାର। ସକାଳେ ଉଠି ନଗ୍ର ପରିଭ୍ରମଣରେ ବାହାରିଛନ୍ତି ମା'ଲକ୍ଷ୍ମୀ। ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା। ପ୍ରଦୂଷିତ ପରିବେଶ। କିନ୍ତୁ ଚଣ୍ଡାଳସାହିରେ ପହଞ୍ଚି ଏହାର ବ୍ୟତିକ୍ରମ ଦେଖିଲେ, ଶ୍ରୀୟା ନାମକ ଚଣ୍ଡାଳୁଣୀ ଘର ଓ ଅଗଣାରେ। ସେ ସକାଳୁ ଗୋବର ପାଣିରେ ଘର ଲିପାପୋଛା କରି ମାଣବସା ପୂଜା ଆରମ୍ଭ କରିସାରିଥିଲା ଶୁଦ୍ଧପୂତ ଭାବରେ। ଚାରିଆଡ଼େ ଅସ୍ୱଚ୍ଛ ପରିବେଶ ମଧ୍ୟରେ ତାଙ୍କୁ ଆଶ୍ୱସ୍ତ କରିଛି ଶ୍ରୀୟା ଚଣ୍ଡାଳୁଣୀର ପରିମଳ ସଚେତନତା ଓ ଭକ୍ତିଭାବ। ଶ୍ରୀୟାକୁ ଆଶିଷ ପ୍ରଦାନ କରି ସେ ଶ୍ରୀମନ୍ଦିର ଫେରିବାବେଳେ ତାଙ୍କୁ ଦେଖିପାରି ଖୁବ୍ କ୍ଷୁବ୍ଧ ହୋଇ ଉଠିଥିଲେ ଦେଢ଼ଶୁର ବଳରାମ।

କବି ବଳରାମ ଦାସ ଥିଲେ ଜାତି ପ୍ରଥାର ଘୋର ବିରୋଧୀ। ତେଣୁ ଲକ୍ଷ୍ମୀପୁରାଣ ମାଧ୍ୟମରେ ସେ ତିଆରି କରିବାକୁ ଚାହିଁଛନ୍ତି ଏକ ଜାତିହୀନ ସମାଜ ଗଠନର ପୃଷ୍ଠଭୂମି। ଆଦିମାତା ମହାଲକ୍ଷ୍ମୀଙ୍କ ପାଖରେ ନାହିଁ ଜାତି-ଅଜାତି, ଧନୀ-ଦରିଦ୍ର ଓ ପାଠୁଆ- ଅପାଠୁଆର ଫରକ। ଯେଉଁଠି ଶୁଦ୍ଧତା ସେଠାରେ ସେ ବିରାଜମାନ କରନ୍ତି ପ୍ରସନ୍ନ ଚିତ୍ତରେ। ତେଣୁ ଜାତିପ୍ରଥାକୁ ବିରୋଧ କରୁଥିବା କବି ତାଙ୍କୁ ସଚେତନ ଭାବରେ ନେଇ ପହଞ୍ଚେଇ ଦେଇଛନ୍ତି

ଚଣ୍ଡାଳ ସାହିରେ। କିନ୍ତୁ କବିଙ୍କର ଏହି ସଂସ୍କାରବାଦୀ ଅଭିମୁଖ୍ୟ ଠାରୁ ସମ୍ପୂର୍ଣ୍ଣ ପୃଥକ ଥିଲା ବ୍ରାହ୍ମଣବାଦୀ ଠାକୁର ବଳରାମଙ୍କ ବିଚାର। ସେ ଥିଲେ ଉଚ୍ଚବର୍ଗର ପ୍ରତୀକ। ତାଙ୍କ ଦୃଷ୍ଟିରେ ନାରୀ ହେଉଛି ପୁରୁଷ ପାଦର ପାଣ୍ଢୋଇ। ତେଣୁ ଭାଇବୋହୂର ଏତାଦୃଶ ଆଚରଣରେ ସେ କ୍ଷୁବ୍ଧ ହୋଇ ତିରସ୍କାର କରିବା ସହିତ ତାଙ୍କୁ ଶ୍ରୀମନ୍ଦିର ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜଗନ୍ନାଥଙ୍କ ଜରିଆରେ। ସାନଭାଇ ଜଗନ୍ନାଥଙ୍କୁ ପରାମର୍ଶ ଦେଇ କହିଛନ୍ତି - "ଭାରିଯା ଅଟଇ ସିନା ପାଦର ପାଣ୍ଢୋଇ, ଭାଇଥିଲେ କୋଟି ଭାର୍ଯ୍ୟା ମିଳି ଯେ ପାରଇ।"

ଦେଢ଼ଶୁରଙ୍କ ଭର୍ତ୍ସନା ଓ କିଂକର୍ତ୍ତବ୍ୟବିମୂଢ଼ ସ୍ୱାମୀଙ୍କ ନିର୍ଦ୍ଦେଶ ପାଇବା ପରେ ଶ୍ରୀମନ୍ଦିର ଛାଡ଼ି ଚାଲିଯବାକୁ ବାଧ୍ୟ ହୋଇଛନ୍ତି ଲକ୍ଷ୍ମୀ। କିନ୍ତୁ ସାଧାରଣ ନାରୀଟିଏ ପରି ପିତ୍ରାଳୟ ଯିବା ପରିବର୍ତ୍ତେ ନିଜର ସ୍ୱାଭିମାନ ରକ୍ଷା ପାଇଁ ଅବତୀର୍ଣ୍ଣା ହୋଇଛନ୍ତି ଏକ ପ୍ରତିବାଦିନୀ ଭୂମିକାରେ। ସମଗ୍ର ନାରୀଜାତିର ସୁରକ୍ଷା ଓ ସ୍ୱାଭିମାନକୁ ଦୃଷ୍ଟରେ ରଖି ନିଜର ଆତ୍ମଶକ୍ତି ବଳରେ ତିଆରି କରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କ ଅନୁପସ୍ଥିତିରେ ବିପର୍ଯ୍ୟସ୍ତ ହୋଇଛି ଜଗନ୍ନାଥ ବଳଭଦ୍ରଙ୍କର ସ୍ଥିତି ଓ ଗତି। ଅବସ୍ଥାଚକ୍ରରେ ପଡ଼ି ସେମାନେ ଲୋଡ଼ିବାକୁ ବାଧ୍ୟ ହୋଇଛନ୍ତି ଲକ୍ଷ୍ମୀଙ୍କର ସହାୟତା। ସେଥିପାଇଁ କୁହାଯାଏ 'ଲକ୍ଷ୍ମୀପୁରାଣ' ହେଉଛି ନାରୀ ସଶକ୍ତୀକରଣର ଏକ ଦର୍ପିତ ଦର୍ପଣ।

ପ୍ରତ୍ୟେକ ପରିବାର ହେଉଛି ଏକ ଏକ ଶ୍ରୀମନ୍ଦିର ଏବଂ ପ୍ରତ୍ୟେକ ଗୃହିଣୀ ସେ ମନ୍ଦିରର ଲକ୍ଷ୍ମୀ। ସେ ଘରର ସୌନ୍ଦର୍ଯ୍ୟ ଓ ସମୃଦ୍ଧିର କାରଣ। ତା'ର ହାତରନ୍ଧା ଖାଦ୍ୟ ଓ ପରଷାରେ ପ୍ରତ୍ୟେକଙ୍କ ପେଟ ପୂରେ ଏବଂ ସମସ୍ତଙ୍କ ଅହଂକାରକୁ ସେ ନିୟନ୍ତ୍ରଣ କରେ ନିଜର ପ୍ରେମ, ପବିତ୍ରତା, ଉଦାରତା ଓ କର୍ତ୍ତବ୍ୟନିଷ୍ଠା ବଳରେ। ପରିବାରର ସେ ସର୍ବମୟ କର୍ତ୍ତା। ତାଙ୍କୁ ହେୟଜ୍ଞାନ ଓ ହତାଦର କଲେ କେମିତି ଦୁର୍ଦ୍ଦଶା ଭୋଗିବାକୁ ପଡ଼େ, ତା'ର ସର୍ବକାଳୀନ ଦୃଷ୍ଟାନ୍ତ ହେଉଛି ଜଗନ୍ନାଥ ବଳଭଦ୍ରଙ୍କର ଲକ୍ଷ୍ମୀଛଡ଼ା ଅବସ୍ଥା। କାହାଣୀର ପ୍ରତିଟି ପର୍ଯ୍ୟାୟରେ ରହିଛି ସୁସ୍ଥ, ସୁନ୍ଦର ସମାଜ ଗଠନ ନିମନ୍ତେ ଅନେକ ଉପାଦେୟ ବାର୍ତ୍ତା। ଏଥିରେ କବି ପୁରୁଷର ଅହଂକାରକୁ ଯେମିତି ଆଘାତ ଦେଇଛନ୍ତି, ସେମିତି ନାରୀକୁ ବି ଶିଖେଇଛନ୍ତି ଗାର୍ହସ୍ଥ୍ୟ ଧର୍ମର ଆଚାର ସଂହିତା। ପରିବାର ଭିତରେ ନାରୀର ଅଧିକାର ସ୍ୱତଃସିଦ୍ଧ ହେଲେ ହେଁ ପୁରୁଷର ବିନା ଅନୁମତିରେ ଘରୁ ଗୋଡ଼ କାଢ଼ିବା କେବେ ନାରୀ ସ୍ୱାଧୀନତା ନୁହେଁ, ବରଂ ସ୍ୱେଚ୍ଛାଚାରିତା। ତେଣୁ ନଗ୍ର ପରିଭ୍ରମଣରେ ଯିବା ପୂର୍ବରୁ ସ୍ୱାମୀଙ୍କ ଅନୁମତି ଭିକ୍ଷା କରି ଲକ୍ଷ୍ମୀ କହିଥିଲେ - "ଆଜି ବାରରେ ମୋର ବ୍ରତ ପଡ଼ିଲା ଗୋସାଇଁ, ତୁମେ ଆଜ୍ଞା ଦେଲେ ନଗ୍ରେ ବୁଲିଯିବି ମୁହିଁ।"

ଲକ୍ଷ୍ମୀପୁରାଣରେ ନାରୀଶକ୍ତିର ଜିତାପଟ ହୋଇଛି ବୋଲି ଭାବି ଅନେକ ଖୁସି ପ୍ରକଟ କରନ୍ତି ସତ, କିନ୍ତୁ ଗବେଷଣୀୟ ଦୃଷ୍ଟିଭଙ୍ଗୀରେ ଏହା ସମ୍ପୂର୍ଣ୍ଣ ଭିନ୍ନ। କାହାଣୀରେ ଦମ୍ପତି କହିଲେ କେବଳ ଲକ୍ଷ୍ମୀ ଓ ଜଗନ୍ନାଥ। ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡ଼ନ୍ତୁ -ଏକଥା କେବେ ଜଗନ୍ନାଥ ଚାହିଁନାହାନ୍ତି ଏବଂ ବଡ଼ଭାଇ ପ୍ରତ୍ୟକ୍ଷରେ ଦେଖିନଥିଲେ, ସେ କେବେ ବି ପ୍ରଘଟ କରିନଥା'ନ୍ତେ - ଲକ୍ଷ୍ମୀ ଚଣ୍ଡାଳ ସାହିରେ ବୁଲିବା କଥା। ସୁତରାଂ ଯେଉଁଠି ବିବାଦ ନାହିଁ ସେଠାରେ ହାରଜିତ୍‌ର ପ୍ରଶ୍ନ ଉଠିବ କେମିତି? ଲକ୍ଷ୍ମୀ ପ୍ରତିବାଦିନୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସତ, କିନ୍ତୁ ପୁରୁଷକୁ ଅବମାନନା ବା ଅତିକ୍ରମ କରିଯିବା ପାଇଁ ନୁହେଁ, ବରଂ ପାରିବାରିକ ସହାବସ୍ଥାନକୁ ଅଧିକ ସୁଦୃଢ଼ କରିବା ପାଇଁ। ଶ୍ରୀମନ୍ଦିର ଛାଡ଼ି ଚାଲିଯିବା ପରେ ବି ସେ ସର୍ବଦା ଭାଳି ହୋଇଛନ୍ତି ଜଗନ୍ନାଥଙ୍କ କଥା। ଜଗନ୍ନାଥ ବଳଭଦ୍ର ଭୋକ ଉପାସରେ ଯେତିକି କଷ୍ଟ ପାଇଛନ୍ତି, ତା' ଠାରୁ ବେଶି କଷ୍ଟ ଅନୁଭବ କରିଛନ୍ତି ସେ ନିଜେ। ତା' ନହେଲେ ସ୍ୱାମୀ ଓ ଦେଢ଼ଶୁରଙ୍କ ଦୁର୍ଦ୍ଦଶା ଦେଖି ସେ କେବେ ଧିକ୍‌କାର କରିନଥା'ନ୍ତେ ନିଜକୁ। ବିଶେଷକରି ନିଜ ଘର ସମ୍ମୁଖରେ ଯେତେବେଳେ ସେ ଜଗନ୍ନାଥଙ୍କ ତୁଣ୍ଡରୁ ବେଦଧ୍ୱନି ଶୁଣିଛନ୍ତି - ସେତେବେଳେ ଏତେ ବିହ୍ୱଳ ହୋଇ ଯାଇଛନ୍ତି ଯେ ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଛି 'ନିସ୍ତରିଲି ନିସ୍ତରିଲି' ବୋଲି। ତାଙ୍କ ସମ୍ମୁଖରେ ଜଗନ୍ନାଥ ଉଭାହେଲା ମାତ୍ରେ ତାଙ୍କୁ ଲାଗିଛି ସତେଯେମିତି ତାଙ୍କ ଦେହରୁ ଧୋଇଗଲା ସାତ ଜନ୍ମର ପାପ। କବି ଲେଖନୀରେ ଖୁବ୍ କମନୀୟ ସେ ଭେଟାଭେଟିର ଦୃଶ୍ୟ। ଜଣଙ୍କର ଆଡ଼ ଚାହାଣୀ ତ ଆଉ ଜଣଙ୍କର ପୂର୍ଣ୍ଣ ନିରବତା। ଏହା ହିଁ ଗଭୀର ପ୍ରେମର ସୂଚନା। ଆତ୍ମ ସମର୍ପଣ ଭାବର ସଙ୍କେତ। ଅର୍ଥାତ ଏହା କିଛି ପ୍ରତିବାଦ ନୁହେଁ, ପ୍ରୀତି। ଦାମ୍ପତ୍ୟ କଳହ ନୁହେଁ, ଏକ ରସୋତୀର୍ଣ୍ଣ ପ୍ରେମଚିତ୍ର। ପାରିବାରିକ ସହାବସ୍ଥାନର ଏକ ପ୍ରୀତିପଦ ପରିମଣ୍ଡଳ।

ଲକ୍ଷ୍ମୀପୁରାଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଜଗନ୍ନାଥ ସଂସ୍କୃତିକୁ ସାର୍ବଜନୀନ କରିବାର ପ୍ରୟାସ। ଜଗନ୍ନାଥ ସମସ୍ତଙ୍କର। ପ୍ରତ୍ୟେକଙ୍କର ରହିଛି ତାଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିବାର ଅଧିକାର। ଏହି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଶ୍ରୀମନ୍ଦିର ଦ୍ୱାର ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଖୋଲା ରହିବା ଦରକାର। ମହାପ୍ରଭୁଙ୍କ ପାଖରୁ ଏହି ପ୍ରତିଶ୍ରୁତି ଟିକକ ଆଦାୟ କରିନେଇଛନ୍ତି ମହାଲକ୍ଷ୍ମୀ। ଉପରୋକ୍ତ ପ୍ରେକ୍ଷାପଟ୍ଟରେ ବିଚାର କଲେ ଲକ୍ଷ୍ମୀପୁରାଣ ସମାଜ ସଂସ୍କାରର ବାର୍ତ୍ତା ବହନ କରିବା ସହିତ ଓଡ଼ିଶାର ଘରେ ଘରେ ବାଣ୍ଟିଛି ନୈତିକତାର ନିର୍ମାଲ୍ୟ। ମାଣବସା ବ୍ରତ ତା'ର ଏକ ପ୍ରତିବିମ୍ବନ। ■